# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୮/୨୦୨୩ (୧୮ ପୃଷ୍ଠା) Bhubaneswar, Tuesday, July 18/2023 Page 18 ₹ 7.00

୪୯ଶ ଭାଗ ୨୩୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 233 ମୂଲ୍ୟ ₹୭/-






KP GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP GROUP
Quality Since 1965
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at:
You Tube

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୮/୨୦୨୩ | Bhubaneswar, Tuesday, July 18/2023 | ପୃଷ୍ଠା-୧





# ଏକତା ଆଣିବ ବିଜୟ

## ମହାମେଳିରେ ୨୬ ବିରୋଧୀ ଦଳ

**ବେଙ୍ଗାଲୁରୁ/ନୂଆଦିଲ୍ଲୀ, ୧୭।୭**

କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ଭାଜପା)କୁ ୨୦୨୪ ଲୋକ ସଭା ନିର୍ବାଚନରେ ହରାଇବା ଲକ୍ଷ୍ୟ ନେଇ ରଣନୀତି ପ୍ରସ୍ତୁତି ସକାଶେ ସୋମବାର କର୍ନାଟକ ରାଜଧାନୀ ବେଙ୍ଗାଲୁରୁରେ ଏକତ୍ରିତ ହୋଇଛନ୍ତି ୨୬ ଅଣଭାଜପା ଦଳ। ମୁଖ୍ୟ ରାସ୍ତାଗୁଡ଼ିକରେ ଲାଗିଛି ବଡ଼ ବଡ଼ ହୋର୍ଡିଂ। ସେଗୁଡ଼ିକରେ ଲେଖାଅଛି ୟୁନାଇଟେଡ୍ ୱି ଷ୍ଟାଣ୍ଡ୍...। ଫଟୋ ରହିଛି ସବୁ ବଡ଼ ବିରୋଧୀ ନେତାଙ୍କର। ଏହି ଅବସରରେ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କହିଛନ୍ତି, ଆସନ୍ତା ଲୋକ ସଭା ନିର୍ବାଚନରେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ) ଜିତିବ। ଏକତା ଆମକୁ ବିଜୟ ଦେବ। ଭାଜପାର ପତନ କର୍ନାଟକରୁ ଆରମ୍ଭ ହୋଇଯାଇଛି, ଯେଉଁଠି ଗତ ମେ'ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଭାଜପା ହାରିଯାଇଥିଲା।

ବିରୋଧୀ ବୈଠକରେ ଯୋଗଦେଇଥିବା ବରିଷ୍ଠ କଂଗ୍ରେସ ନେତା ସିଦ୍ଧାରାମାୟାଙ୍କ ମତରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ବଢ଼ିଲା ଏବଂ ଅର୍ଥନୀତି ନଷ୍ଟ ହୋଇଗଲା। କୃଷକ, ଦଳିତ ଓ ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କ ପାଇଁ ବଞ୍ଚିବା କଷ୍ଟକର ହୋଇଗଲାଣି। ସାମ୍ପ୍ରଦାୟିକତା ଯୋଗୁ ଲୋକେ ଅଶାନ୍ତିରେ ଜୀବନ ବିତାଉଛନ୍ତି। ସାଧାରଣ ଜନତା ଆତଙ୍କିତ ହୋଇଯାଇଛନ୍ତି। ଏହା ହେଉଛି ଭାଜପାର ଉପହାର। ୨ ଦିନ ଧରି ଚାଲିବାକୁ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ୨୬ ସମଭାବାପନ୍ନ ଦଳ ଏକାଠି ହୋଇଛନ୍ତି। ୨୦୨୪ ନିର୍ବାଚନ ପାଇଁ ମେଣ୍ଟର ନାମକରଣ ଏବଂ ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମ (ସିଏମ୍‌ପି) ପାଇଁ ଚିଠା ପ୍ରସ୍ତୁତି ସକାଶେ ଏକ ସବ୍-କମିଟି ଗଠନ କରିବା ହେଉଛି ବୈଠକର ଉଦ୍ଦେଶ୍ୟ। ସେହିପରି ନିର୍ବାଚନବେଳେ ପ୍ରତ୍ୟେକ ଲୋକ ସଭା ଆସନରେ ଭାଜପା ବିରୋଧରେ ବିପକ୍ଷରୁ ଜଣେ ଲେଖାଏ ମିଳିତ ପ୍ରାର୍ଥୀ ଦେବା ଏବଂ ରାଜ୍ୟଗୁଡ଼ିକରେ ଆସନ ଭାଗବଣ୍ଟା ଉପରେ ମଧ୍ୟ ଆଲୋଚନା ଚାଲିଛି।

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜୁନ୍ ୨୩ରେ ବିହାରରେ ବିରୋଧୀଙ୍କ ଏକ ବୈଠକ ଡାକିଥିଲେ। ସେଥିରେ ୧୫ ଦଳର ନେତା ଯୋଗଦେଇଥିଲେ। ଏହାର ମାସେ ନ ପୂରୁଣୁ ବେଙ୍ଗାଲୁରୁରେ ଚାଲିଥିବା ବୈଠକରେ ଅଧିକ ୧୬ଟି ଦଳର ନେତାମାନେ ସାମିଲ ହେବା ବିରୋଧୀଙ୍କ କ୍ରମବର୍ଦ୍ଧିଷ୍ଣୁ ଶକ୍ତିକୁ ଦର୍ଶାଉଛି। ସୋମବାର କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ବିପକ୍ଷ ନେତାମାନଙ୍କୁ ନୈଶଭୋଜିରେ ☞ପୃଷ୍ଠା-୨

# 'ମରିବୁ ପଛେ ଆମ ସ୍କୁଲ ଛାଡ଼ିବୁ ନାହିଁ'

### ବିଦ୍ୟାଳୟ ମିଶ୍ରଣକୁ ବିରୋଧ

- ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା
- ୭ ଛାତ୍ରୀ ଅଚେତ, ହସ୍ପିଟାଲରେ ଭର୍ତ୍ତି

**ଭୁବନେଶ୍ୱର, ୧୭।୭ (ଅନୁରାଧା ମହାରଣା)**

ଆମ ସ୍କୁଲ୍‌ରେ ଆମେ ପଢ଼ିବୁ। ଅନ୍ୟ ସ୍କୁଲକୁ ଯିବୁ ନାହିଁ। ମରିବୁ ପଛେ କାହାକୁ ଆମ ସ୍କୁଲ ଛାଡ଼ିବୁ ନାହିଁ। ଏମିତି କିଛି ସ୍ଲୋଗାନ ଦେଇ ଭୁବନେଶ୍ୱର ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସୋମବାର ସ୍କୁଲ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରମାଦେବୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ରମାଦେବୀ ଜୁନିୟର କଲେଜ ଅଲଗା ହୋଇ ୟୁନିଟ୍-୯ ବାଳିକା ବିଦ୍ୟାଳୟକୁ ସ୍ଥାନାନ୍ତର ହେବାକୁ ଯାଉଛି। ଏଥିପାଇଁ ଉକ୍ତ ବାଳିକା ଉଚ୍ଚ ବିଦ୍ୟାଳୟକୁ ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ବିରୋଧ କରି ଛାତ୍ରୀ, ଅଭିଭାବକ ଏବଂ ପୁରାତନ ଛାତ୍ରୀମାନେ ବିରୋଧ ପ୍ରଦର୍ଶନ କରିଛନ୍ତି। ସ୍ଥିତି ଏପରି ହୋଇଥିଲା ଯେ, ୭ଜଣ ଛାତ୍ରୀ ଅଚେତ ହୋଇଯାଇଥିଲେ। ବିଳମ୍ବରେ ବ୍ଲକ ଶିକ୍ଷାଧିକାରୀ ସ୍କୁଲରେ ପହଞ୍ଚି ଆଲୋଚନା କରିବା ପରେ ପିଲାମାନେ ବିକ୍ଷୋଭକୁ ସାମୟିକ ସ୍ଥଗିତ ରଖିଛନ୍ତି।

ସୋମବାର ସକାଳ ପ୍ରାୟ ୯ଟା ହେବ। ଛାତ୍ରୀମାନେ ବହିବସ୍ତାନି ବଦଳରେ ହାତରେ ପ୍ଲାକାର୍ଡ ଧରି ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟ ଆଗରେ ପହଞ୍ଚିଥିଲେ। ବହୁ ଛାତ୍ରୀଙ୍କ ସହ ସେମାନଙ୍କ ଅଭିଭାବକମାନେ ମଧ୍ୟ ରହିଥିଲେ। ବିଦ୍ୟାଳୟ ଫାଟକରେ ତାଲା ପକାଇ ସମ୍ମୁଖରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। 'ଆମେ ଅନ୍ୟ ବିଦ୍ୟାଳୟ ଯିବୁନି' କହି ଛାତ୍ରୀମାନେ ଜିଦ୍‌ରେ ଅଡ଼ି ବସିଥିଲେ। ଫଳରେ ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ସ୍ନୋ ପାଉଡର



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ଜୁଲାଇ, ୨୦୨୩

**ଆଜିର ମନ୍ତବ୍ୟ**
ଭାରତର ସାମ୍ବିଧାନିକ ଗଣତନ୍ତ୍ରକୁ କଳଙ୍କିତ କରିବା ପାଇଁ ଅନର୍ଥକାରୀ ଶକ୍ତି ହାନିକାରକ ଡିଜାଇନ୍ ସହ ଉଦ୍ୟମ ଚଳାଇଛନ୍ତି। ଏଭଳି ଉଦ୍ୟମକୁ ଅକାମୀ କରିବା ପାଇଁ ଆଣ୍ଟିଡଟ୍ ପ୍ରସ୍ତୁତ କରିବାକୁ ହେବ।
– ଜଗଦୀପ୍ ଧନକର, ଉପରାଷ୍ଟ୍ରପତି



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଳ ନିନ୍ଦନ୍ତି ରୋଗିଣା**
**ଚୋର ନିନ୍ଦନ୍ତି ଚନ୍ଦ୍ରମା**
**ଭୂମି ନିନ୍ଦନ୍ତି ଅକର୍ମା।**

ରୋଗଣା ବ୍ୟକ୍ତିଙ୍କ ପାଟିକୁ ପାଣି ଭଲ ଲାଗିନଥାଏ। ଚନ୍ଦ୍ରକିରଣରେ ଚୋରକୁ ଚୋରି କରିବାରେ ଅସୁବିଧା ରହିଥିବା ଭଳି ଅଳସୁଆ ବ୍ୟକ୍ତି ଭୂମି ଚାଷ କରିବାକୁ ଅକର୍ମଣ୍ୟ ମନେକରିଥାଏ। ଉପରବର୍ଣ୍ଣିତ ବ୍ୟକ୍ତିମାନଙ୍କୁ ଏସବୁ କଷ୍ଟବୋଧ ହେଉଥିବାରୁ ମନେମନେ ବିରକ୍ତଭାବ ପ୍ରକାଶ କରୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜୀବ ଥିବାବେଳେ ମୁହିଁ ବଳିଆ**
**ଜୀବ ଗଲାବେଳେ ସାହା ବଳିଆ।।**

ଜୀବ ଦଶାରେ ମଣିଷ ନିଜକୁ ଅତ୍ୟନ୍ତ ଶକ୍ତିଶାଳୀ ବୋଲି ମନେ କରିଥାଏ। କିନ୍ତୁ ସେ ଯେତେବେଳେ ମୃତ୍ୟୁର ସନ୍ନିକଟ ହୁଏ, ସେତେବେଳେ ଭଗବାନଙ୍କୁ ସହାୟ ହେବା ପାଇଁ ନିବେଦନ ଜଣାଏ। ଭଗବାନ ହିଁ ମଣିଷର ମୃତ୍ୟୁକାଳୀନ ସହାୟକ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ଏବେଠାରୁ ହାତୀ ବେକରେ ବନ୍ଧାଯିବ ରେଡିଓ କଲାର




# ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ: ୫ ଦିନ ବର୍ଷା

**ଭୁବନେଶ୍ୱର,୧୭।୭(ଅନିଲ ଦାସ)**

ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୫ ଦିନ ଧରି ସାରା ରାଜ୍ୟରେ ପ୍ରବଳ ବର୍ଷା ହେବ। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ୧୮ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, ଗଜପତି, ଗଞ୍ଜାମ ଏବଂ ପୁରୀ ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାକୁ ଏଲୋ୍ୱାର୍ନିଂ ଜାରି କରାଯାଇଛି। ୧୯ ତାରିଖରେ ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, ଗଞ୍ଜାମ, ଗଜପତି, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କେନ୍ଦୁଝର ଓ ମୟୂରଭଞ୍ଜ, ୨୦ରେ ଗଞ୍ଜାମ, ପୁରୀ, ଗଜପତି, କନ୍ଧମାଳ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ, ଗଜପତି, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ବରଗଡ ଓ କନ୍ଧମାଳ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୨୪ରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବା ନେଇ ଆକଳନ କରାଯାଇଛି। ଏହି ସମୟରେ ଘୂର୍ଣ୍ଣିବଳୟ ଯୋଗୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିବ। ଫଳରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ସମ୍ବଲପୁର ୧୨୭.୮, ବରଗଡ ୧୨୮.୪, ଚାନ୍ଦବାଲିରେ ୫୧ ପ୍ରତିଶତ ବର୍ଷା ହୋଇଥିବା ବେଳେ ଅନୁଗୋଳ ୩୬, ହୀରାକୁଦ ୫୭, ତାଳଚେର ୬୨, ବଲାଙ୍ଗୀର ୪୧.୩, ଫୁଲବାଣୀ ୩୦, ସୋନପୁର ୬୩, ବୌଦ୍ଧ ୭୩, ପାରଳାଖେମୁଣ୍ଡି ୪୨.୪, ଦେବଗଡରେ ୪୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଟ୍ରେନ୍ ଯାତ୍ରୀ ସ୍ୱତଃ ବୀମାଭୁକ୍ତ ହେବେ

**ନୂଆଦିଲ୍ଲୀ, ୧୭।୭:** ଆଇଆର୍‌ସିଟିସି ପୋର୍ଟାଲରେ ଟ୍ରେନ୍ ଟିକେଟ ବୁକିଂ କରୁଥିବା ଯାତ୍ରୀମାନେ ଏଣିକି ସ୍ୱତଃ ୧୦ ଲକ୍ଷ ଟଙ୍କାର ବୀମାଭୁକ୍ତ ହେବେ। ଇଣ୍ଡିଆନ ରେଲ୍‌ୱେ କ୍ୟାଟରିଂ ଆଣ୍ଡ ଟ୍ୟୁରିଜମ୍ କର୍ପୋରେଶନ ଲି:(ଆଇଆର୍‌ସିଟିସି) ବୀମା ଯୋଜନାରେ ପରିବର୍ତ୍ତନ କରିଛନ୍ତି। କୌଣସି ଯାତ୍ରୀ ବୀମାଭୁକ୍ତ ହେବାକୁ ଚାହୁଁ ନ ଥିଲେ ଉପଯୁକ୍ତ ବଟନ୍ କ୍ଲିକ୍ କରି ଏଥିରୁ ବାଦ୍ ପଡ଼ିପାରିବେ। ବଡ଼ କଥା ହେଲା ୧୦ ଲକ୍ଷ ଟଙ୍କା ବ୍ୟକ୍ତିଗତ ଦୁର୍ଘଟଣା ବୀମାଭୁକ୍ତ ହେବା ପାଇଁ ମାତ୍ର ୩୫ ପଇସା ପ୍ରିମିୟମ ଦେବାକୁ ପଡ଼ିବ। ଟ୍ରେନ୍ ଯାତ୍ରା ବେଳେ ଦୁର୍ଘଟଣା ଯୋଗୁ ମୃତ୍ୟୁ କିମ୍ବା ଅଙ୍ଗହାନୀ ଅଥବା ଚିକିତ୍ସା ଖର୍ଚ୍ଚ ଉକ୍ତ ବୀମା ଅନ୍ତର୍ଭୁକ୍ତ। ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲି: ଏବଂ ଲିବର୍ଟି ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲି: ଏହି ବୀମା ପ୍ରଦାନ କରିବେ।

# ଭାରତର ଜି–୨୦ ଅଧ୍ୟକ୍ଷତା ଉପରେ ଷଷ୍ଠ ସମନ୍ୱୟ କମିଟି ବୈଠକ

**ଭୁବନେଶ୍ୱର, ୧୭।୭ (ବନ୍ଦନା ସେଠୀ)**

ଭାରତର ଜି–୨୦ ଅଧ୍ୟକ୍ଷତା ଉପରେ ଷଷ୍ଠ ସମନ୍ୱୟ କମିଟି ବୈଠକ ସୋମବାର ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଅନ୍ତର୍ଜାତୀୟ ପ୍ରଦର୍ଶନୀ ଏବଂ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର ସେପ୍ଟେମ୍ବର ୯ ଓ ୧୦ ତାରିଖରେ ହେବାକୁ ଥିବା ଜି–୨୦ ସମ୍ମିଳନୀ ସହ ଜଡିତ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏହି ପରିପ୍ରେକ୍ଷୀରେ ସମ୍ମିଳନୀ ସ୍ଥଳରେ ପ୍ରୋଟୋକଲ୍, ସୁରକ୍ଷା, ବିମାନବନ୍ଦର ସହିତ ସମନ୍ୱୟ, ଗଣମାଧ୍ୟମ, ଭିତ୍ତିଭୂମି ନବୀକରଣ, ଦିଲ୍ଲୀ ଏବଂ ପଡୋଶୀ ରାଜ୍ୟଗୁଡିକର ସ୍ଥିତି ଆଦି ସମସ୍ତ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। କମିଟି ସଦସ୍ୟମାନେ ବିଭିନ୍ନ ବୈଠକ ପାଇଁ ପ୍ରସ୍ତାବିତ ସ୍ଥାନଗୁଡିକ ପରିଦର୍ଶନ କରି ସମସ୍ତ ସୂଚନା ଉପସ୍ଥାପନ କରିଥିଲେ। କମିଟି ଆଗାମୀ ଜି–୨୦ ଶିଖର ସମ୍ମିଳନୀ ପାଇଁ ବିଭିନ୍ନ ପ୍ରସ୍ତୁତି ଦିଗରେ କାର୍ଯ୍ୟପାଇଁ ମାର୍ଗଦର୍ଶନ ଏବଂ ନିର୍ଦ୍ଦେଶନାମା ପ୍ରଦାନ କରିଥିବାବେଳେ ଆସନ୍ତା ୨ସପ୍ତାହ ମଧ୍ୟରେ ପୁନଃ ସମୀକ୍ଷା କରାଯିବ। ଭାରତର ଜି–୨୦ ଅଧ୍ୟକ୍ଷତା ପାଇଁ ଏ ପର୍ଯ୍ୟନ୍ତ ଦେଶର ୫୫ଟି ସ୍ଥାନରେ ୧୭୯ଟି ବୈଠକ ଆୟୋଜିତ ହୋଇଛି। ୨୦୨୩ ଜୁଲାଇ ଏବଂ ଅଗଷ୍ଟରେ ଅନେକ ମନ୍ତ୍ରିସ୍ତରୀୟ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଇତି ମଧ୍ୟରେ ସମନ୍ୱୟ କମିଟିର ୫ଟି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଏନ୍‌ଏସ୍‌ଏ ଅଜିତ୍ ଡୋଭାଲ, ଦିଲ୍ଲୀ ଲ୍ୟୁଟନାଣ୍ଟ ଗଭର୍ନର ଭି.କେ. ସାକ୍‌ସେନା, କ୍ୟାବିନେଟ ସଚିବ ରାଜୀବ ଗୌବା ପ୍ରମୁଖ ଉପସ୍ଥିତ ଥିଲେ।


ଡ. ପି.କେ. ମିଶ୍ର

# ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୫.୪୩ ଲକ୍ଷ ଦେଲା ବିଏମ୍‌ସି

**ଭୁବନେଶ୍ୱର, ୧୭।୭(ସୁନିତ୍ ମିଶ୍ର)**




ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫ ଲକ୍ଷ ୪୩ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ବିଏମସି ମେୟର ସୁଲୋଚନା ଦାସ, ଡେପୁଟୀ ମେୟର ମଞ୍ଜୁଲତା କହଁରଙ୍କ ସହ ବିଏମ୍‌ସିର ବିଭିନ୍ନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଥିବା ବିରଞ୍ଚି ନାରାୟଣ ମହାସୁପକାର, ମହାମାୟା ସ୍ୱାଇଁ, ମିହିର କୁମାର ରାଉତ, ପ୍ରେମାନନ୍ଦ ଜେନା ଓ କର୍ପୋରେଟର ଅଜିତ୍ କୁମାର ବେହେରା ଏବଂ ସନ୍ତୋଷ ସିଂଙ୍କ ସମେତ ଅନ୍ୟ କର୍ପୋରେଟରମାନେ ସୋମବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସାକ୍ଷାତ କରି ଏହି ସହାୟତା ରାଶି ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଏହି ସହାୟତା ପ୍ରଦାନ ପରିପ୍ରେକ୍ଷୀରେ ମେୟର ଦାସ କହିଛନ୍ତି ଯେ, ବାଲେଶ୍ୱର ବାହାନଗା ବଜାର ଠାରେ ଘଟିଯାଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣା ସମସ୍ତଙ୍କୁ ମର୍ମାହତ କରିଛି। ଦୁର୍ଘଟଣାଗ୍ରସ୍ତ ତଥା ମୃତକଙ୍କ ପରିବାରଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହାୟତା ଘୋଷଣା କରିବା ସହ ରିଲିଫ ଓ ଥଇଥାନ ବ୍ୟବସ୍ଥା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବିଏମ୍‌ସି ତରଫରୁ ସମସ୍ତ କର୍ପୋରେଟର ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ଦୁର୍ଘଟଣା ପ୍ରଭାବିତଙ୍କ ପରିବାରଙ୍କୁ ଏହି କଷ୍ଟକର ସମୟରେ ସମସ୍ତେ ସହଯୋଗର ହାତ ବଢ଼ାଇବା ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଛନ୍ତି।

# ତାମିଲନାଡୁରେ ଦାଦନ ଶ୍ରମିକ ମୃତ

**କୋଷାଗୁମୁଡ଼ା,୧୭।୭(ପ୍ରସାଦ ବିଷୋୟୀ)**

ଗାଁରେ ମିଳିଲାନି କାମ। ତେଣୁ ୪ମାସ ହେଲା ସ୍ତ୍ରୀ ଓ ମା'ଙ୍କୁ ଛାଡ଼ି ତାମିଲନାଡୁ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବଡ଼ ଆଟିଗାଁ ପଞ୍ଚାୟତ ସଦର ଗାଁର କୃଷ୍ଣ ହରିଜନ(୨୨)। ସେଠାରେ ରବିବାର କୃଷ୍ଣଙ୍କର ମୃତ୍ୟୁ ଘଟିଛି। ଏହି ଖବରପାଇ ତାଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ୪ ମାସ ପୂର୍ବେ କୃଷ୍ଣ ସାଙ୍ଗସାଥୀଙ୍କ ସହ ତାମିଲନାଡୁ ଯାଇଥିଲେ। ସେ ତ୍ରିପୁରା ଜିଲା ଅବିନାଶୀର ଏକ ଘରୋଇ ମିଲରେ ବସ୍ତା ସିଲେଇ କାମ କରୁଥିଲେ। ୩ଦିନ ପୂର୍ବେ ହଠାତ କୃଷ୍ଣ ଅସୁସ୍ଥ ହୋଇ ପଡ଼ିଥିଲେ। ପାଖରେ ଥିବା ସାଙ୍ଗମାନେ ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ କୃଷ୍ଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ପରିବାର ଗରିବଶ୍ରେଣୀର ହୋଇଥିବାରୁ ମୃତଦେହକୁ ଗ୍ରାମକୁ ଫେରାଇ ଆଣିବା ନେଇ ଗ୍ରାମବାସୀ ଜିଲା ପ୍ରଶାସନକୁ ଅବଗତ କରିଛନ୍ତି। ଏ ନେଇ ଜିଲା ଶ୍ରମ ଅଧିକାରୀ ଆର୍.କେ. ବେହେରାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ଅଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅତିରିକ୍ତ ଶ୍ରମ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇ ଥିବା କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଏକତା ଆଣିବ...



ଆପ୍ୟାୟିତ କରିଛନ୍ତି। ବୈଠକରେ ସୋନିଆଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ କୁମାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଦ୍ରାବିଡ ମୁନେତ୍ରା କାଝାଗାମ୍ (ଡିଏମ୍‌କେ) ମୁଖ୍ୟ ଏମ୍.କେ. ଷ୍ଟାଲିନ୍ ଏବଂ କେତେକ ଆଞ୍ଚଳିକ ଦଳର ନେତାମାନେ ଯୋଗଦେଇନ୍ତି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ମଙ୍ଗଳବାର ବୈଠକରେ ଉପସ୍ଥିତ ରହିବେ। ବୈଠକକୁ ଆସିଥିବା ଅନ୍ୟ ନେତାମାନେ ହେଲେ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍ଏମ୍) ନେତା ହେମନ୍ତ ସୋରେନ୍, ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଓ ତାଙ୍କ ପୁଅ ତଥା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଠାକ୍‌ରେ, ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ, ଜମ୍ମୁ–କଶ୍ମୀରର ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା (ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ), ତାଙ୍କ ପୁଅ ଓମାର ଅବ୍‌ଦୁଲ୍ଲା ଏବଂ ମେହବୁବା ମୁଫ୍‌ତି (ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି ଅଧ୍ୟକ୍ଷା)ଙ୍କ ସମେତ ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ସିପିଆଇ ନେତା ଡି. ରାଜା ଓ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ମୁଖ୍ୟ ଜୟନ୍ତ ଚୌଧରୀଙ୍କୁ ମଧ୍ୟ ବୈଠକରେ ଭବ୍ୟ ସ୍ୱାଗତ କରାଯାଇଛି।

ଏହା ପୂର୍ବରୁ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମଣିପୁର ହିଂସା ଓ ମହାରାଷ୍ଟ୍ରର ସଦ୍ୟ ରାଜନୈତିକ ସଙ୍କଟକୁ ନେଇ ଭାଜପାକୁ ଟାର୍ଗେଟ କରାଯାଇଥିଲା। ବିରୋଧୀ ଏକତା ଦେଖି ଭାଜପା ଏବଂ ମୋଦି ଭୟଭୀତ ହୋଇଯାଇଥିବାରୁ ମଙ୍ଗଳବାର ଦିଲ୍ଲୀରେ ଏନ୍‌ଡିଏ ବୈଠକ ଡକାଯାଇଥିବା କଂଗ୍ରେସ ସମାଲୋଚନା କରିଥିଲା। ବିରୋଧୀଙ୍କ ଏହି ବୈଠକ ଭାରତୀୟ ରାଜନୀତି ପାଇଁ ଗେମ୍ ଚେଞ୍ଜର ହେବ। ବିରୋଧୀଙ୍କୁ ପରାଜିତ କରିବା କଥା କହୁଥିବା ଭାଜପା ଏବେ ଏକୁଟିଆ ହୋଇଯାଇଛି। ଭୂତ ପାଲଟିଯାଇଥିବା ଏନ୍‌ଡିଏରେ ନୂଆ ଜୀବନ ଭରିବା ପାଇଁ ଭାଜପା ଉଦ୍ୟମ କରୁଛି। ଅନ୍ୟପକ୍ଷେ ଭାଜପା କହିଛି, ବେଙ୍ଗାଲୁରୁ ବୈଠକ କ୍ଷମତାଲୋଭୀ ଓ ସୁବିଧାବାଦୀମାନଙ୍କ ମେଳି। ଏଭଳି ମେଣ୍ଟ ଦେଶର ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ସମାଲୋଚନା କରିଛନ୍ତି।

### ସୋନିଆ ଧରିବେ ମେଣ୍ଟ ମଙ୍ଗ

- ମେଣ୍ଟର ନାମ, ସାଧାରଣ କାର୍ଯ୍ୟସୂଚୀ ନେଇ ମଙ୍ଗଳବାର ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚାଲିବାକୁ ଥିବା ବୈଠକରେ ପୁଣି ଆଲୋଚନା ହେବ। ଦଳଗୁଡ଼ିକୁ ନୂଆ ନାମ ପ୍ରସ୍ତାବ ଦେବାକୁ କୁହାଯାଇଛି।
- ଉପାର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ନୂଆ ମେଣ୍ଟର ମଙ୍ଗ ଧରିପାରନ୍ତି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଏହାର ଆବାହକ କରାଯାଇପାରେ।
- ବିରୋଧୀ ମେଣ୍ଟର ଟ୍ୟାଗ୍‌ଲାଇନ୍ 'ୟୁନାଇଟେଡ୍ ୱି ଷ୍ଟାଣ୍ଡ' ରଖାଯାଇଥିଲେ ହେଁ ପଶ୍ଚିମବଙ୍ଗ, ପଞ୍ଜାବ ଓ ଉତ୍ତର ପ୍ରଦେଶରେ ଆସନ ବୁଝାମଣା ଆହ୍ୱାନପୂର୍ଣ୍ଣ ହେବ ବୋଲି କଂଗ୍ରେସ ସ୍ୱୀକାର କରିଛି।
- ସମଭାବାପନ୍ନ ଦଳଗୁଡ଼ିକ ମିଳିତ ଭାବେ ସାମାଜିକ ନ୍ୟାୟ, ସମାବେଶୀ ବିକାଶ ଓ ଜାତୀୟ କଲ୍ୟାଣ ପାଇଁ ଏକ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବେ। ଭାରତୀୟମାନଙ୍କୁ ଏକଚ୍ଛତ୍ରବାଦୀ ଓ ଘୃଣାର ଜନବିରୋଧୀ ରାଜନୀତି, ବିଭାଜନ, ଆର୍ଥିକ ଅସମାନତା ଏବଂ ଲୁଟ୍‌ରୁ ମୁକ୍ତ କରିବା ପାଇଁ ଏକାଠି ହୋଇଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି।
- ୨ ବର୍ଷର ବ୍ୟବଧାନ ପରେ ବେଙ୍ଗାଲୁରୁର ତାଜ୍ ୱେଷ୍ଟ ଏଣ୍ଡ୍ ହୋଟେଲରେ ପରସ୍ପରକୁ ଭେଟିଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ଏକାଠି ୨୦ ମିନିଟ୍ ବିତାଇଥିଲେ। ଉଭୟେ ଉଭୟଙ୍କ ସ୍ୱାସ୍ଥ୍ୟ କଥା ପଚାରି ବୁଝିଥିଲେ।

## 'ମରିବୁ ପଛେ...

ବିଦ୍ୟାଳୟ ଭିତରକୁ ଯାଇପାରି ନ ଥିଲେ। ପିଲାଙ୍କର ଏକମାତ୍ର ଦାବି ରହିଥିଲା, ସେମାନେ ନିଜ ସ୍କୁଲ ଛାଡ଼ି ଅନ୍ୟତ୍ର ପଢ଼ିବାକୁ ଯିବେ ନାହିଁ। ୧୯୬୭ରେ ସ୍ଥାପିତ ଏହି ବିଦ୍ୟାଳୟରେ ଅନ୍ୟ ଶିକ୍ଷାନୁଷ୍ଠାନ ମିଶ୍ରଣ କରାଯାଉ, ମାତ୍ର ସେମାନଙ୍କୁ ଉକ୍ତ ବିଦ୍ୟାଳୟରେ ପାଠପଢ଼ିବାରୁ ବଞ୍ଚିତ କରା ନ ଯାଉ। ବାଳିକା ଉଚ୍ଚ ବିଦ୍ୟାଳୟରେ ବାଳିକାମାନେ ସ୍ୱଚ୍ଛନ୍ଦରେ ଚଳପ୍ରଚଳ କରିବା ସହ ଗୁଣାତ୍ମକ ଶିକ୍ଷା ପାଇପାରୁଛନ୍ତି। ମାତ୍ର ୟୁନିଟ୍–୯ ବାଳକ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ ହେବା ଫଳରେ ସେମାନେ ପାଉଥିବା ଅନେକ ସୁବିଧାରୁ ବଞ୍ଚିତ ହେବେ ବୋଲି ଛାତ୍ରୀମାନେ କହିଛନ୍ତି। ତେବେ ବିଦ୍ୟାଳୟ ଆଗରେ ଏଭଳି ଭିନ୍ନ ଦୃଶ୍ୟ ରାସ୍ତାରେ ଯାଉଥିବା ଲୋକଙ୍କୁ ସେଠାକୁ ଟାଣି ନେଇଥିଲା। ଛାତ୍ରୀଙ୍କ ଦାବି ଓ ଆନ୍ଦୋଳନକୁ ବହୁ ସମର୍ଥନ ମିଳିଥିଲା। ଫଳରେ ସମୟ ଗଡ଼ିବା ସହ ବିରୋଧର ସ୍ୱର ଆହୁରି ତେଜିଥିଲା। ଗୁଳୁଗୁଳିରେ ଆନ୍ଦୋଳନରତ ଅନେକ ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୭ଜଣ ଛାତ୍ରୀଙ୍କୁ ଆମ୍ବୁଲାନ୍ସ, ପ୍ରେସ୍ ଗାଡି ଓ ସ୍କୁଟିରେ କ୍ୟାପିଟାଲ ହସ୍‌ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ୫ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବାବେଳେ ୨ଜଣଙ୍କୁ ଆଡ୍‌ମିଶନ କରାଯାଇଥିଲା। ସୁସ୍ଥ ହେବା ପରେ ଉଭୟ ସନ୍ଧ୍ୟାରେ ଘରକୁ ଫେରିଥିବା ଜଣାପଡ଼ିଛି। ତେବେ ପରିସ୍ଥିତି ଅଣାୟତ୍ତ ହେବା ପରେ ବ୍ଲକ୍ ଶିକ୍ଷାଧିକାରିଣୀ(ବିଇଓ) ପ୍ରଜ୍ଞାପାରମିତା ଜେନା ଘଟଣାସ୍ଥଳରେ ପହଞ୍ଚି ପିଲାଙ୍କୁ ବୁଝାଶୁଝା କରିଥିଲେ। ପରେ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିଲା। ଅନ୍ୟପଟେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟବ୍ରତ ପରିଡ଼ାଙ୍କ ସମେତ ଅନ୍ୟମାନେ ବିଇଓଙ୍କ ସହ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଆଲୋଚନା ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ହରିଚନ୍ଦନ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ତେବେ ଆସନ୍ତା ୪ରୁ ୫ଦିନ ମଧ୍ୟରେ ଏଦିଗରେ ପୁନର୍ବିଚାର କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ବିଇଓ ଆଶ୍ୱାସନା ଦେଇଛନ୍ତି। କିନ୍ତୁ ଏହି ନିଷ୍ପତ୍ତି ଛାତ୍ରୀଙ୍କ ହିତରେ ନ ଆସିଲେ ପୁଣିଥରେ ଛାତ୍ରୀ ଓ ଅଭିଭାବକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଖବରପାଇ ଜଟଣୀ ବିଧାୟକ ସୁର ରାଉତରାୟ, ସ୍ଥାନୀୟ କର୍ପୋରେଟର ଅପରୂପ ନାରାୟଣ ରାଉତ ପହଞ୍ଚି ଛାତ୍ରୀଙ୍କୁ ବୁଝାଶୁଝା କରିଥିବାବେଳେ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ତଥା ପୁରାତନ ଛାତ୍ରୀ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ପୋଲିସ ମଧ୍ୟ ଉପସ୍ଥିତ ରହିଥିଲା।

ଅନ୍ୟପଟେ ପରୀକ୍ଷା ଆଉ ଅଳ୍ପଦିନ ରହିଥିବାବେଳେ ପିଲାମାନେ ପାଠପଢ଼ା ପରିବର୍ତ୍ତେ ଆନ୍ଦୋଳନକୁ ଓହ୍ଲାଇବା ପ୍ରସଙ୍ଗକୁ ନେଇ ଶିକ୍ଷାବିତ୍‌ଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ବିଦ୍ୟାଳୟ ମିଶ୍ରଣକୁ ବିଭିନ୍ନ ମହଲରେ ବିରୋଧ କରାଯାଉଥିବାବେଳେ ପିଲାମାନେ ଏହାଦ୍ୱାରା ମାନସିକ ଚାପରେ ରହିବେ ବୋଲି ମତ ପ୍ରକାଶ ପାଇଛି।



ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଉଥିବା ଛାତ୍ରୀମାନେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜି ବୁଧାଦିତ୍ୟ ସହ ସ୍ୱଗୃହୀ ଚତୁର୍ଥ ଚନ୍ଦ୍ର ଆପଣଙ୍କୁ ଜନ ସମାଜରେ ଜହ୍ନମାମୁ ସଦୃଶ ଲୋକପ୍ରିୟତା ପ୍ରଦାନ କରିବ। ପ୍ରତିଟି କ୍ଷେତ୍ରରେ ଛାନିଆ ହେବା ଠିକ୍ ହେବନାହିଁ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଓ କାମ ହାସଲ କରିବେ। ଦ୍ୱିଜା ନକ୍ଷତ୍ର କେତେକ ସାରଗର୍ଭକ ପରାମର୍ଶ ଦେଇ ବନ୍ଧୁମାନଙ୍କ ପ୍ରିୟଭାଜନ ହେବେ।

**ବୃଷ**
ଶୁକ୍ର ମଙ୍ଗଳ ଯୋଗରୁ ପ୍ରତିଟି ପ୍ରତିବନ୍ଧକ ଦୃଢ଼ତାର ସହ ସାମ୍ନା କରିବେ। ସାମାଜିକ ସ୍ତରରେ କିମ୍ବା ଆନୁଷ୍ଠାନିକ କାମରେ ଯୋଗଦେଇ ପ୍ରଶଂସିତ ହେବେ। ନିଜ ମତ ସାବ୍ୟସ୍ତ କରିବାକୁ ଯାଇ ପାରିବାରିକ କ୍ଷେତ୍ରରେ ସମାଲୋଚିତ ହୋଇପାରନ୍ତି। ପ୍ରଶାସନ, ସାମ୍ବାଦିକତା, ଆଇନ, କଳା, ସାହିତ୍ୟରେ ଉନ୍ନତି କରିବେ।

**ମିଥୁନ**
ସ୍ୱାର୍ଥତ୍ୟାଗ ଓ ସେବା ମନୋଭାବ ଗ୍ରହଣକରି ଜନ ହିତକର କାମରେ ନିଜକୁ ନିୟୋଜିତ କରିପାରନ୍ତି। ତଥାପି ଆରଦ୍ରା ନକ୍ଷତ୍ର ସକାଶେ କେତେକ ସାଧାରଣ କଥାରେ ପ୍ରତିଦ୍ୱନ୍ଦ୍ୱୀ, ଦୋଷାରୋପକରି ସମସ୍ୟା ବଢ଼ାଇ ଦେଇପାରନ୍ତି। ପୂର୍ବ ଯୋଜନା ଅନୁଯାୟୀ କର୍ମରେ ନିଯୁକ୍ତ ହେବେ ଓ ସଫଳତା ମଧ୍ୟ ପାଇବେ।

**କର୍କଟ**
୩ଟି ଗ୍ରହ ରାଶିସ୍ଥ ହେତୁ ଆଜିର ପ୍ରତ୍ୟେକ କାମ ଅସ୍ଥିରତା ମଧ୍ୟରେ ଗତି କରିପାରେ। ସକାଳୁ କର୍ମାରମ୍ଭ ପ୍ରୀତିପଦ ହେବ ଓ ମନୋବଳ ବୃଦ୍ଧି ପାଇ ଉତ୍ସୁକତା ଦେଖାଦେବ। ସାମାଜିକ ସ୍ତରରେ ଦକ୍ଷତା ଓ ସଙ୍କୋଚତା ହେତୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ସିଂହ**
ବାଟରେ ବନ୍ଧୁଙ୍କ ସାକ୍ଷାତରୁ ଉପକୃତ ହୋଇପାରନ୍ତି। ମଘା ନକ୍ଷତ୍ର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ସାହାଯ୍ୟ କରିବାକୁ ଯାଇ ପର ପାଇଁ ନିଜେ ହଇରାଣରେ ପଡ଼ିବା ସୂଚନା ରହିଛି। ପାରିବାରିକ କ୍ଷେତ୍ରରେ ମାନସିକ ଅସ୍ଥିରତା କାରଣରୁ ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**କନ୍ୟା**
ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ ହେବ। ବାରମ୍ବାର କାନକୁହା କଥା ଶୁଣି ଅତି ପ୍ରିୟଲୋକଟିର ମନୋଭାବ ବଦଳିଯାଇପାରେ। ବ୍ୟବସାୟରେ ସମସ୍ୟା ଗୁରୁତର ଆକାର ଧାରଣ କରିବ ଓ କ୍ଷତିରେ ପଡ଼ିପାରନ୍ତି। ଚିତ୍ରା ନକ୍ଷତ୍ର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆନନ୍ଦିତ ରହିବେ।

**ତୁଳା**
ବିଗତ ଦିନଗୁଡ଼ିକରେ ସୃଷ୍ଟି ହୋଇଥିବା ସମସ୍ୟା ଆଜି ହଠାତ୍ ସମାଧାନ ହେବ। ଆନୁଷ୍ଠାନିକ କାର୍ଯ୍ୟରେ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ, କିନ୍ତୁ କିଛି ଅସୁବିଧା ହେବନାହିଁ। ସ୍ୱାତୀ ନକ୍ଷତ୍ର ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ବିଛା**
ଆଜିର କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନକରି ଉଚ୍ଚ ପ୍ରଶଂସିତ ହେବେ। ଜ୍ୟେଷ୍ଠା ନକ୍ଷତ୍ର କଳା, ସାହିତ୍ୟ ଓ ସଙ୍ଗୀତ, ଆଲୋଚନା, ଧର୍ମଚର୍ଚ୍ଚାରେ ସୁନାମ ଅର୍ଜନ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବାରେ ଆନୁଷଙ୍ଗିକ ସହଯୋଗ ମିଳିବ।

**ଧନୁ**
ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତି ଗ୍ରହଣ କରିବାକୁ ବାଧ୍ୟ ହେବେ। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହୋଇପାରନ୍ତି। କଚେରି ମାମଲାରେ ବନ୍ଧୁମାନଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ପୂର୍ବାଷାଢ଼ା ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ କ୍ଷତି ଆଶଙ୍କା ରହିଛି।

**ମକର**
ଆଜିର ଦିନଚର୍ଯ୍ୟାରେ ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ କଳା, ସାହିତ୍ୟ, ସାମ୍ବାଦିକତାରେ ସୁନାମ ଅର୍ଜନ କରିବେ। କେତେକ କ୍ଷେତ୍ରରେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି କାରଣରୁ ଆଶ୍ୱସ୍ତି ଅନୁଭବ କରିବେ। ଶ୍ରବଣା ନକ୍ଷତ୍ର ଭୁଲ୍ ବୁଝାମଣାରୁ ସନ୍ଦେହର ସରବ୍ୟ ହେବେ।

**କୁମ୍ଭ**
କେତେକ କ୍ଷେତ୍ରରେ ନିଜର ମତ ବଦଳାଇ ସମାଲୋଚିତ ହେବେ। ଶୃଙ୍ଖଳା ରକ୍ଷା କରିବା ପାଇଁ ବନ୍ଧୁମାନଙ୍କ ସାହାଯ୍ୟ ଦରକାର ହୋଇପାରେ। ଶତଭିଷା ନକ୍ଷତ୍ର ସାମାଜିକ କ୍ଷେତ୍ରରେ ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ। କିନ୍ତୁ ପ୍ରଶାସନିକ ସ୍ତରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହୋଇପାରିବେ।

**ମୀନ**
ନିଜର ଇଚ୍ଛା କୁ ଜଳାଞ୍ଜଳି ଦେଇ ଆକସ୍ମିକ ଭାବରେ ଅନ୍ୟର କାମରେ ବାହାରକୁ ଯିବାକୁ ପଡ଼ିପାରେ। ଅତୀତ କଥା ଚିନ୍ତାକରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ସକାଳୁ ସକାଳୁ ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ରେବତୀ ନକ୍ଷତ୍ର ବନ୍ଧୁଙ୍କ ନିକଟରୁ ଜନନାଶୌଚ ଖବର ପାଇପାରନ୍ତି।

ଆଜି ଶ୍ରାବଣ(ମଳ)ଶୁକ୍ଳପକ୍ଷ ପ୍ରତିପଦା ମଙ୍ଗଳବାର, ମଳମାସ ଆରମ୍ଭ, ଜୁଲାଇ ୧୮ ତାରିଖ, ମଣ୍ଡେଲା ଦିବସ। ରାଶି ନକ୍ଷତ୍ର –ପୁଷ୍ୟା/କର୍କଟ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୮।୩୬ ଗତେ, ଘ.୧୦।୩୪ ମଧ୍ୟେ, ଘ.୦୧।୧୧ ଗତେ, ଘ. ୦୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୩।୦୮ ଗତେ, ଘ.୦୪।୪୬ ମଧ୍ୟେ ରାହୁକାଳ।

**ଅନୁପ୍ରବେଶ ଉଦ୍ୟମ ପଣ୍ଡ: ୨ ଆତଙ୍କବାଦୀ ନିହତ**

ପୁଞ୍ଛ: ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖାରେ ଆତଙ୍କବାଦୀମାନଙ୍କ ଏକ ବଡ଼ ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷା ବଳ ପଣ୍ଡ କରିଦେଇଛନ୍ତି। ଯବାନଙ୍କ ଗୁଳିରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଘଟଣାସ୍ଥଳରୁ ଜଣକ ମୃତଦେହ ମିଳିଥିବାବେଳେ ଅନ୍ୟ ଜଣଙ୍କୁ ଗୁଳିମାଡ଼ ପରେ ସେ ପୁଞ୍ଛ ନଦୀରେ ଖସିପଡ଼ିଥିଲେ। ସେନା ଏବଂ ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ ରବିବାର ରାତିରେ ଜିଲାର କ୍ରିଷ୍ଣା ଘାଟି ସେକ୍ଟରରେ ମିଳିତ ଅଭିଯାନ ବେଳେ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ହୋଇଥିବା ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି। ପୁଞ୍ଛ ନଦୀ ନିକଟ ଏଲ୍‌ଓସିର ଭାରତ ପାର୍ଶ୍ୱରେ ସନ୍ଦିଗ୍ଧ ଗତିବିଧିକୁ ଲକ୍ଷ୍ୟ କରି ସେନା ଓ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

# ବନ୍ଧାହେଲେ ନକଲି ଡାକ୍ତର

**ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ)/ ଦିଗପହଣ୍ଡି(ଅଶେଷନାଥ ମିଶ୍ର) ୧୭।୭**

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ପୋଲିସ ଜଣେ ନକଲି ଡାକ୍ତରଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅନ୍ତର୍ଗତ ହିନ୍ଦୋଳ ରୋଡ୍‌ର ଶୁଭ୍ରଜିତ ପଣ୍ଡା (୨୯)। ଶୁଭ୍ରଜିତ୍ କଟକ ନୂଆବଜାରସ୍ଥିତ ଏକ ଭଡ଼ା ଘରେ ରହି ରାଣୀହାଟସ୍ଥିତ ବେଷ୍ଟ ପଲିକ୍ଲିନିକ୍‌ରେ ନିଜକୁ ଡାକ୍ତର ପରିଚୟ ଦେଇ ଚିକିତ୍ସା କରୁଥିଲେ। ମାସକୁ ଦୁଇ ଦିନ ସେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଡେଙ୍ଗାଉସ୍ତା ଛକରେ ଥିବା କ୍ଲିନିକ ଓ ସେଠାରୁ ଆସିକାର ଏକ କ୍ଲିନିକ୍‌କୁ ମଧ୍ୟ ରୋଗୀ ଦେଖିବାକୁ ଯାଉଥିଲେ। ଉଭୟ ଭଡ଼ାଘର ଏବଂ କ୍ଲିନିକ୍‌ରେ ପୋଲିସ ଚଢ଼ାଉ କରି ଡାକ୍ତର ଶୁଭ୍ରଜିତ ଦର୍ଶାଯାଇଥିବା ଲେଟରପ୍ୟାଡ, ଭିଜିଟିଂକାର୍ଡ, ଫ୍ଲେକ୍ସ ବ୍ୟାନର୍, ଜାଲ ଡାକ୍ତରୀ ଯୋଗ୍ୟତା ସମ୍ପର୍କିତ ନଥିପତ୍ର, ଆଧାରକାର୍ଡ, ଗୋଟିଏ କାର୍ (ଓଡି ୦୨ସିଏଫ୍ ୮୩୦୮), ଷ୍ଟେଥୋସ୍କୋପ୍,


ଗିରଫ ନକଲି ଡାକ୍ତର ଶୁଭ୍ରଜିତ ପଣ୍ଡା।

ସିରିଞ୍ଜ ଓ ମେଡିସିନ୍ ଜବତ କରିଛି। ଶୁଭ୍ରଜିତ ଜଣେ ମାଇକ୍ରୋ ବାୟୋଲୋଜି ଛାତ୍ର ଭାବେ ହାଇଦ୍ରାବାଦରେ ଏମ୍‌ଏସ୍‌ସି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଅଧିକ ଟଙ୍କା ରୋଜଗାର ପାଇଁ ଏଭଳି ନକଲି ଡାକ୍ତର ସାଜିଥିଲେ ବୋଲି ସୋମବାର ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍. ସୂଚନା ଦେଇଛନ୍ତି।

ଏସ୍‌ପି ଆହୁରି କହିଛନ୍ତି ଯେ, ଶୁଭ୍ରଜିତ ଜର୍ମାନୀରୁ ଡାକ୍ତରୀ (ଅର୍ଥୋପେଡିକ୍ ଓ

- **ଡେଙ୍ଗାଉସ୍ତା, ଆସିକା ଓ କଟକରେ ଦେଖୁଥିଲେ ରୋଗୀ**
- **ଜାଲ ସାର୍ଟିଫିକେଟ୍, କାର୍, ମେଡିକାଲ ସାମଗ୍ରୀ ଜବତ**

ସ୍ପାଇନାଲ୍ ସର୍ଜରି ବିଶେଷଜ୍ଞ ଭାବେ) ଯୋଗ୍ୟତା ଅର୍ଜନ କରିଥିବା ପ୍ରେସ୍କ୍ରିପସନ୍ ଏବଂ ନିଜ ଲେଟରପ୍ୟାଡ୍‌ରେ ଉଲ୍ଲେଖ କରୁଥିଲେ। କିନ୍ତୁ ତାଙ୍କ ପାଖରେ ଓଡ଼ିଶା ମେଡିକାଲ୍ ରେଜିଷ୍ଟ୍ରେସନ୍ ଆକ୍ଟ ମୁତାବକ ଜଣେ ଯୋଗ୍ୟତାସମ୍ପନ୍ନ ଡାକ୍ତର ଭାବେ କୌଣସି ପଞ୍ଜୀକୃତ ନମ୍ବର ନ ଥିଲା। ଡେଙ୍ଗାଉସ୍ତା ଛକରେ ଥିବା ବବୁଲ ମେଡିସିନ୍ ଷ୍ଟୋର୍ ଦ୍ୱାରା ପରିଚାଳିତ କ୍ଲିନିକ୍‌ରେ ନିଜର ଜାଲ ଡାକ୍ତରୀ ଯୋଗ୍ୟତା ପ୍ରମାଣପତ୍ର ଦେଖାଇ ଚିକିତ୍ସା କରୁଥିଲେ। ଛଣମେରୀ ଅଞ୍ଚଳର ସୀମାଞ୍ଚଳ ସାହୁ ତାଙ୍କ ବଡ଼ ମା'ଙ୍କ କଚଟି ଭାଙ୍ଗି ଯାଇଥିବାରୁ ସେଠାକୁ ଚିକିତ୍ସା ପାଇଁ ଯାଇଥିଲେ। ନକଲି ଡାକ୍ତର ଜଣକ ତାଙ୍କୁ ଯେଉଁ ଔଷଧ ଲେଖିଥିଲେ ତାହାକୁ ଖାଇବା ଦ୍ୱାରା ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା। ତେଣୁ ସୀମାଞ୍ଚଳ ତାଙ୍କ ବଡ଼ମା'ଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ଆଣିବା ସହ ଏ ନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୫୭/୨୩ରେ ମାମଲା ରୁଜୁ କରି ତଦନ୍ତ କରିବା ପରେ ନକଲି ଡାକ୍ତର ଶୁଭ୍ରଜିତଙ୍କୁ ଗିରଫ କରିଥିଲା। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ୨୦୨୦ ଫେବୃୟାରୀରେ ଶୁଭ୍ରଜିତ୍ ଡାକ୍ତର ପରିଚୟ ଦେଇ ହାଇଦ୍ରାବାଦରେ ଚିକିତ୍ସା କରୁଥିବା ନେଇ ଡବ୍ଲ୍ୟୁଏଚ୍‌ଓ ସଦସ୍ୟ ଏବଂ ଗାନ୍ଧୀ ମେଡିକାଲ କଲେଜର ଡାକ୍ତରଙ୍କ ଅଭିଯୋଗ ପ୍ରକାରେ ସେଠାକାର ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୫ଦିନ ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିବା ପରେ କୋର୍ଟରୁ ତାଙ୍କୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ଦେଢ଼ବର୍ଷ ପରେ ଶୁଭ୍ରଜିତ ପୁଣି ନକଲି ଡାକ୍ତର ସାଜି ରୋଗୀ ଦେଖୁଥିଲେ ବୋଲି ଏସ୍‌ପି କହିଛନ୍ତି।

# ଶିଶୁପୁତ୍ରକୁ କୂଅକୁ ଫିଙ୍ଗି ଡେଇଁଲେ ମହିଳା

**ପୁଅ ମୃତ, ମା' ଗୁରୁତର**

**ନରସିଂହପୁର, ୧୭।୭ (ନିରଞ୍ଜନ ଦେବ କୁମାର)**

ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ମହିଳା ତାଙ୍କ ୯ ମାସର ଶିଶୁପୁତ୍ରକୁ କୂଅରେ ଫିଙ୍ଗି ନିଜେ ଡେଇଁ ପଡ଼ିବା ଘଟଣା ଦେଖିବାକୁ ମିଳିଛି କଟକ ଜିଲା ନରସିଂହପୁର ବ୍ଲକ ବାଲିସାହି ପଞ୍ଚାୟତର କମାରସାହିରେ। ଏଥିରେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ମହିଳା ଗୁରୁତର ହୋଇପଡ଼ିଛନ୍ତି। ସୋମବାର ଘଟିଥିବା ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, କମାରସାହିର ଘନଶ୍ୟାମ ଦାସ ୨ ବର୍ଷ ତଳେ ରମା ଦାସଙ୍କୁ ବିବାହ କରିଥିଲେ। ଘନଶ୍ୟାମ ଅନୁଗୋଳ ଜିଲାର ଏକ କମ୍ପାନୀରେ ଶ୍ରମିକ ଭାବରେ କାମ କରନ୍ତି। ପ୍ରାୟ ୯ ମାସ ତଳେ ତାଙ୍କର ଶିଶୁପୁତ୍ର (ସୂରଜ) ଜନ୍ମ ହୋଇଥିଲା। ୪/୫ ଦିନ ତଳେ ଘନଶ୍ୟାମ ଘରକୁ ଆସି ନିଜ କର୍ମସ୍ଥଳୀ ଅନୁଗୋଳକୁ ଚାଲିଯାଇଥିଲେ। କିନ୍ତୁ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ କଳହ ହୋଇଥିଲା। ସୋମବାର ଅପରାହ୍ଣ ସାଢେ ୪ଟାବେଳେ ରମା ତାଙ୍କ ଶିଶୁପୁତ୍ରକୁ ଆଣି ବାଡ଼ି ପଛପଟେ ଥିବା କୂଅ ଭିତରକୁ ଫିଙ୍ଗି ନିଜେ ମଧ୍ୟ ଡେଇଁ ପଡ଼ିଥିଲେ। ଶିଶୁପୁତ୍ରର କାନ୍ଦ ଶୁଣି ପରିବାର ଓ ସାହି ପଡିଶା ଲୋକେ ଆସି ଦେଖିବା ବେଳକୁ କୂଅରେ ଉଭୟ ମା' ଓ ପୁଅ ଭାସୁଥିଲେ। ତୁରନ୍ତ ସେମାନେ ନରସିଂହପୁର ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। କିନ୍ତୁ ଗ୍ରାମବାସୀଙ୍କ ଉଦ୍ୟମକ୍ରମେ ମା'ପୁଅଙ୍କୁ ଉଦ୍ଧାର କରାଯାଇଥିଲା। ସେତେବେଳକୁ ଶିଶୁପୁତ୍ରର ମୃତ୍ୟୁ ଘଟିସାରିଥିବାବେଳେ ରମାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ତେବେ ପୋଲିସ ଭୟରେ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇ ନ ଥିଲେ। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ପାରିବାରିକ କଳହରୁ ଏଭଳି ଦୁଃଖଦ ଘଟଣା ଘଟିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି।

# ୩ ସନ୍ତାନ ଜନନୀଙ୍କ ୱାର୍ଡ ସଭ୍ୟ ପଦ ରଦ୍ଦ କଲେ କୋର୍ଟ

**କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ ପାଟଣା(ବୀର କିଶୋର ଦାଶ), ୧୭।୭**

୩ ସନ୍ତାନ ଥିବା କାରଣରୁ କେନ୍ଦୁଝର ଜିଲା ପାଟଣା ବ୍ଲକ କଣ୍ଟିଆପଡ଼ା ପଞ୍ଚାୟତ ମାନପୁର ଗ୍ରାମ ୱାର୍ଡନଂ.୨ର ୱାର୍ଡ ସଭ୍ୟା ଚମ୍ପାବତୀ ମହାନ୍ତଙ୍କ ସଭ୍ୟ ପଦକୁ କେନ୍ଦୁଝର ସିଭିଲ୍ ଜଜ୍ ଜୁନିଅର ଡିଭିଜନ ଅସିଦ୍ଧ ଘୋଷଣା କରିଛନ୍ତି। ଏଥିସହ ଉକ୍ତ ୱାର୍ଡରେ ସାନି ନିର୍ବାଚନ ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨ ଝିଅ ଓ ୧ ପୁଅ ଥିବା ସତ୍ତ୍ୱେ ଚମ୍ପାବତୀ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଜିତିଥିଲେ। ତାଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବା ପାଇଁ ତାଙ୍କ ସହ ପ୍ରତିଦ୍ୱନ୍ଦିତା କରି ପରାଜିତ ହୋଇଥିବା ସୁଶିଳା ବାଘୁଆ ସେତେବେଳେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସମସ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତି କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ଚମ୍ପାବତୀଙ୍କଠାରୁ ସୁଶୀଳା ବାଘୁଆ ସେତେବେଳେ ୫୦ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ।

# ଘୋଷଣା ହେଲା, ଉଡ଼ିଲା ନାହିଁ

**ଯାତ୍ରୀ ନିରାଶ**

**ଝାରସୁଗୁଡ଼ା-ବେଙ୍ଗାଲୁରୁ ବିମାନ ସେବା**

**ସମ୍ବଲପୁର, ୧୭।୭ (ଶୁଭାଶିଷ ପାଢ଼ୀ)**

ପୁଣି ନିରାଶ ହୋଇଛନ୍ତି ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନବନ୍ଦର ଉପରେ ନିର୍ଭର କରୁଥିବା ଯାତ୍ରୀ। ବିମାନ ସେବା ୧୧ମାସ ବନ୍ଦ ହେବା ପରେ ଜୁଲାଇ ୧ ତାରିଖଠାରୁ ଝାରସୁଗୁଡ଼ା-ବେଙ୍ଗାଲୁରୁକୁ ପୁଣି ବିମାନ ଉଡ଼ାଣ କରିବା ସହ ଚେନ୍ନାଇକୁ ନୂତନ ଭାବେ ସ୍ପାଇସ୍‌ଜେଟ୍ ଏୟାରଲାଇନ୍ସ ଚଳାଚଳ କରିବ ବୋଲି ବିଭାଗ ପକ୍ଷରୁ ଘୋଷଣା ହୋଇଥିଲା। ଏହାକୁ ନେଇ ପଶ୍ଚିମ ଓଡ଼ିଶାବାସୀଙ୍କ ସମେତ ପଡ଼ୋଶୀ ରାଜ୍ୟର ସୀମାନ୍ତ ଅଞ୍ଚଳବାସୀ ବେଶ୍ ଉତ୍ସାହିତ ହୋଇଥିଲେ। ହେଲେ ଏବେ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ବର୍ତ୍ତମାନ ସୁଦ୍ଧା ବିମାନ ଉଡ଼ିପାରି ନାହିଁ। ପରବର୍ତ୍ତୀ ଧାର୍ଯ୍ୟ ସମୟ ଜୁଲାଇ ୧୯ରେ ମଧ୍ୟ ବିମାନ ଚଳାଚଳ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ବିମାନ ଟିକେଟ କୌଣସି ସାଇଟ୍‌ରେ ଉପଲବ୍ଧ ହେଉନାହିଁ।

ସୂଚନାଯୋଗ୍ୟ, ୨୦୧୮ ସେପ୍ଟେମ୍ବର ୨୨ରେ ଝାରସୁଗୁଡ଼ା ଭିଏସ୍‌ଏସ୍ ବିମାନବନ୍ଦର ଲୋକାର୍ପଣ ହୋଇଥିଲା। କେତେକ ପ୍ରମୁଖ ସହରକୁ ପ୍ରଥମେ ବିମାନ ଉଡ଼ାଣ ଆରମ୍ଭ ହୋଇଥିଲା। କିଛିମାସ ଚାଲିବା ପରେ ୨୦୨୨ ଅଗଷ୍ଟ ୨୦ରୁ ବେଙ୍ଗାଲୁରୁକୁ ବିମାନ ଚଳାଚଳ ବନ୍ଦ ହୋଇଯାଇଥିଲା। ସେହିଦିନଠାରୁ ପୁଣି ପଶ୍ଚିମ ଓଡ଼ିଶାର ବିମାନଯାତ୍ରୀମାନଙ୍କ ପାଇଁ ସମସ୍ୟା ଦେଖାଦେଇଥିଲା। ବେଙ୍ଗାଲୁରୁ ଆଇଟି ସିଟି ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ବହୁ ଛାତ୍ରୀଛାତ୍ର ଓ ବୃତ୍ତିଧାରୀ ବିମାନ ସେବା ଉପରେ ନିର୍ଭର କରୁଥିଲେ। ହେଲେ ଏହି


ଝାରସୁଗୁଡ଼ା ଏୟାରପୋର୍ଟ।

ସେବା ବନ୍ଦହେବା ପରେ ସେମାନେ ଟ୍ରେନ୍‌ରେ ଯିବାଆସିବା କରିବାକୁ ବାଧ୍ୟ ହୋଇଥିଲେ। ଏପରିସ୍ଥଳେ ଭିଏସ୍‌ଏସ୍ ବିମାନବନ୍ଦରରୁ ବେଙ୍ଗାଲୁରୁକୁ ବିମାନ ସଂଯୋଗ ଖବର ବିମାନଯାତ୍ରୀଙ୍କ ପାଇଁ ନୂଆ ଆଶା ଦେଇଥିଲା। ବେଙ୍ଗାଲୁରୁର ଏକ ଘରୋଇ ସଫ୍ଟୱେର ଫାର୍ମରେ କାର୍ଯ୍ୟ କରୁଥିବା ଆଇଟି ଇଞ୍ଜିନିୟର ଦୀପକ ସ୍ୱାଇଁ କହିଛନ୍ତି, ବିମାନ ସେବା ଜାରି ରହୁ ବୋଲି ଯାତ୍ରୀମାନେ ଆଶାକରନ୍ତି। ସ୍ପାଇସ୍‌ଜେଟ୍ ଏୟାରଲାଇନ୍ସ ଦିଲ୍ଲୀ ଓ ହାଇଦ୍ରାବାଦ ବ୍ୟତୀତ ଅନ୍ୟ ସହରକୁ ବିମାନ ସଂଯୋଗ ଯୋଗାଇବା ପାଇଁ ଦାବି ହୋଇଆସୁଛି। ବିମାନ ଉଡ଼ାଣ ନିୟମିତ ହେଲେ ଯାତ୍ରୀ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ଅନ୍ୟ ବିମାନ କମ୍ପାନୀଙ୍କୁ ମଧ୍ୟ ଏହି ରୁଟ୍‌ରେ ଚଳାଇବାକୁ ସୁବିଧା କରାଯାଉ ବୋଲି ସେ ପ୍ରସ୍ତାବ ଦେଇଛନ୍ତି। ସେହିପରି ନିୟମିତ ଯାତ୍ରା କରୁଥିବା ଯାତ୍ରୀ ସଞ୍ଜୟ ପାଣିଗ୍ରାହୀ କହିଛନ୍ତି, ୨୦୨୩ ଜୁଲାଇରେ ବିମାନ ସେବା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ବୁକିଂ ଖୋଲାଯାଇ ନାହିଁ। ତଥାପି ଆମେ ଆଶା କରୁଛୁ ଯେ ଏହି ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ବିମାନସେବା ଶୀଘ୍ର ଆରମ୍ଭ ହେବ।

ଏ ସମ୍ପର୍କରେ ଝାରସୁଗୁଡ଼ା ବିମାନବନ୍ଦର ନିର୍ଦ୍ଦେଶକ ସନ୍ଦୀପ କୁମାର ତିୱାରୀ କହିଛନ୍ତି, କୋଲକାତା, ବିଶାଖାପାଟଣା, ବେଙ୍ଗାଲୁରୁ ଓ ଚେନ୍ନାଇ ପାଇଁ ସ୍ପାଇସ୍‌ଜେଟ ଏୟାରଲାଇନ୍ସ ନୂତନ ବିମାନସେବା ଆରମ୍ଭ କରିବ। କୋଲକାତାଠାରୁ ବିମାନ ଉଡ଼ାଣ କରି ଝାରସୁଗୁଡ଼ାରେ ସକାଳ ୧୧:୪୦ରେ ପହଞ୍ଚିବ। ପୁଣି ରାତି ୧୨ଟା୧୦ରେ ଏହା ବିଶାଖାପାଟଣା ଅଭିମୁଖେ ଯାତ୍ରା କରିବ। ଏହା ବେଙ୍ଗାଲୁରୁ ସହ ସଂଯୋଗ ହେବ, ଯାହା ସପ୍ତାହରେ ୪ଦିନ ଚାଲିବ। ଏହା ଚେନ୍ନାଇ ସହ ମଧ୍ୟ ସଂଯୋଗ ହେବ, ଯାହା ସପ୍ତାହରେ ୩ ଦିନ ଚାଲିବ। ସେହିପରି ବିମାନ ଭାଇଜାଗ୍‌ରୁ ଆସି ରାତି ୮ଟା୨୫ରେ ଝାରସୁଗୁଡ଼ାରେ ପହଞ୍ଚିବ। ରାତି ୮ଟା ୫୫ରେ ପୁଣି ଏହା କୋଲକାତା ଅଭିମୁଖେ ଯାତ୍ରା କରିବା ପ୍ରସ୍ତାବ ରହିଛି। ସ୍ଲଟ୍ ଦିଆଯାଇଛି। ଟିକେଟ କାଟିବା ପାଇଁ ବିଭାଗ ପକ୍ଷରୁ ଅନୁମତି ଆସିଲେ ଖୁବ୍‌ଶୀଘ୍ର ଏହି ସେବା ଆରମ୍ଭ ହେବ।

# ୨୫ରୁ ୩ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି

**ଭୁବନେଶ୍ୱର, ୧୭।୭(ସୁନିତ୍ ମିଶ୍ର)**

- **ଗସ୍ତକୁ ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ବୈଠକ**
- **ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣରେ ତ୍ରୁଟି ନ କରିବାକୁ ତାଗିଦ**

ଆସନ୍ତା ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗଦେବାକୁ ଥିବା ପରିପ୍ରେକ୍ଷୀରେ ସୋମବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ରାଷ୍ଟ୍ରପତିଙ୍କ ଓଡ଼ିଶାରେ ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି। ସବୁ କାର୍ଯ୍ୟକ୍ରମ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହକୁ ସୁନିଶ୍ଚିତ କରିବା ପାଇଁ ଶକ୍ତି ବିଭାଗ, ଟିପିସିଓଡିଏଲ୍, ଟିପିଏନଓଡିଏଲ୍‌କୁ ଭଲଭାବେ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ କାର୍ଯ୍ୟକ୍ରମ ସ୍ଥଳକୁ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଯାଞ୍ଚ ନିମନ୍ତେ ସମ୍ପୃକ୍ତ ଅଭିଜ୍ଞ ନିର୍ବାହୀ ଯନ୍ତ୍ରୀମାନେ ଉପସ୍ଥିତ ରହିବେ। ଯଥେଷ୍ଟ ସଂଖ୍ୟକ ଜେନେରେଟର ମହଜୁଦ ରଖିବା ସହ ସେସବୁର କାର୍ଯ୍ୟକ୍ଷମ ବ୍ୟବସ୍ଥାକୁ ସୁନିଶ୍ଚିତ କରାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଦିଆଯାଇପାରେ ଗତଥର ରାଷ୍ଟ୍ରପତି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଭାଷଣ ଦେବା ସମୟରେ ବିଦ୍ୟୁତ୍ କଟିଯାଇଥିଲା, ଏଥିଲାଗି ସରକାରଙ୍କୁ ଚାରିଆଡୁ ଭର୍ତ୍ସନାର ଶିକାର ହେବାକୁ ପଡ଼ିଥିଲା। ଏଥର ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ସମୟରେ ଯେପରି କୌଣସି ସମସ୍ୟା ନ ଉପୁଜେ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ମୁଖ୍ୟ


ଦ୍ରୌପଦୀ ମୁର୍ମୁ

ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ ବାଲା ରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କିତ ପ୍ରସ୍ତୁତି ସମ୍ପର୍କରେ ତଥ୍ୟ ରଖି କହିଛନ୍ତି ଯେ, ରାଷ୍ଟ୍ରପତି ୨୫ ତାରିଖରେ ରାଜଭବନଠାରେ ଓଡ଼ିଶାର ଆପଦଗ୍ରସ୍ତ ଜନଜାତି ଗୋଷ୍ଠୀ(ପିଭିଟିଜି) ପ୍ରତିନିଧିଙ୍କ ସହିତ ସାକ୍ଷାତ୍ ଆଲୋଚନା କରିବେ। ୨୬ରେ କଟକର ଚଣ୍ଡୀ ମନ୍ଦିର, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ବାସଭବନ ଏବଂ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିବେ। ଏହିଦିନ କଟକ ଉଚ୍ଚ ନ୍ୟାୟାଳୟର ୭୫ତମ ପ୍ରତିଷ୍ଠା ଦିବସର ପୂର୍ତ୍ତି ଉତ୍ସବ, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, କଟକର ସମାବର୍ତ୍ତନ ଉତ୍ସବ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲର ବାର୍ଷିକୋତ୍ସବରେ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୨୭ରେ ଭୁବନେଶ୍ୱର ତମାଣ୍ଡୋର ଦଶବାଟିଆଠାରେ ବ୍ରହ୍ମାକୁମାରୀ କେନ୍ଦ୍ର ଲାଇଟ ହାଉସ୍ କମ୍ପ୍ଲେକ୍ସର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବେ। ସେହିପରି ୨୭ରେ ରାଷ୍ଟ୍ରପତି ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ଲାଟିନମ୍ ଜୁବିଲିରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲେ ହେଁ ଶେଷ ମୁହୂର୍ତ୍ତରେ କଲେଜ କର୍ତ୍ତୃପକ୍ଷ ଓ ଜୟନ୍ତୀ କମିଟି ପକ୍ଷରୁ ଏହି ଉତ୍ସବ ଘୁଞ୍ଚିବା ନେଇ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

ବୈଠକରେ ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଭୁବନେଶ୍ୱର-କଟକ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତଙ୍କ ସମେତ ରାଜ୍ୟ ପ୍ରଶାସନର ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଭଦ୍ରକ କଲେଜ ପ୍ଲାଟିନମ୍ ଜୁବିଲି ଘୁଞ୍ଚିବା ନେଇ ନିଷ୍ପତ୍ତି

**ଭଦ୍ରକ, ୧୭।୭ (ସନାତନ ରାଉତ)**

ଆସନ୍ତା ୨୭ ତାରିଖରେ ଭଦ୍ରକ କଲେଜର ପ୍ଲାଟିନମ୍ ଜୁବିଲି ଉତ୍ସବ ହେବାକୁ ଥିବାବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ପାଣିପାଗ ବିଭାଗର ଆକଳନ ଅନୁସାରେ ୨୭ ତାରିଖରେ ବର୍ଷା ସମ୍ଭାବନା ଥିବାରୁ କଲେଜ କର୍ତ୍ତୃପକ୍ଷ ଓ ଜୟନ୍ତୀ କମିଟି ପକ୍ଷରୁ ବୈଠକ କରାଯାଇ କାର୍ଯ୍ୟକ୍ରମକୁ ଘୁଞ୍ଚାଇ ଦିଆଯାଇଛି। ୨ ଦିନ ତଳେ ବର୍ଷାରେ ଭଦ୍ରକ ସହରର ଅଧିକାଂଶ ରାସ୍ତାଘାଟ ଜଳମଗ୍ନ ହେବା ସହ ନେହେରୁ ଷ୍ଟାଡିୟମ ପରିସରରେ ପାଣି ଜମିଥିଲା। ରାଷ୍ଟ୍ରପତିଙ୍କ ହେଲିକପ୍ଟର ନେହେରୁ ଷ୍ଟାଡିୟମ୍‌ରେ ଅବତରଣ ପାଇଁ ବ୍ୟବସ୍ଥା କରାଯାଇଥିଲା। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରଶାସନ ଓ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମାତ୍ର ପ୍ରତିକୂଳ ପାଗକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।

ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଶୈଳେନ୍ଦ୍ର ମହାପାତ୍ର, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ୍, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଅଜୟ ନାୟକ, ଭାଜପା ନେତା ଡା. ପ୍ରଦୀପ ନାୟକ, ବଦ୍ରି ନାରାୟଣ ଧଳ, କଂଗ୍ରେସ ନେତା ନଳିନୀକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ପ୍ଲାଟିନମ୍ ଜୁବିଲି ସମାରୋହକୁ କିଛିଦିନ ଘୁଞ୍ଚାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ନଭେମ୍ବରରୁ ଡିସେମ୍ବର ଭିତରେ ଉତ୍ସବ କରାଯିବା ପାଇଁ ଯୋଜନା ରହିଛି। ପରେ କଲେଜ ଅଧ୍ୟକ୍ଷ ଡ. ସୁବୋଧ ଚନ୍ଦ୍ର ମିଶ୍ର ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇବା ସହ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ଚିଠି ପଠାଇବା ପାଇଁ କମିଟି ପକ୍ଷରୁ କୁହାଯାଇଥିଲା।

# ଭୁବନେଶ୍ୱରରେ ଏନ୍‌ସିବି ନୂଆ କାର୍ଯ୍ୟାଳୟ

**ନବନିର୍ମିତ ବିଲ୍ଡିଂକୁ ଉଦ୍‌ଘାଟନ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ**

**ଭୁବନେଶ୍ୱର, ୧୭।୭(ସତ୍ୟଜିତ୍ ରାଉତ):** ଭୁବନେଶ୍ୱରରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ନୂଆ କାର୍ଯ୍ୟାଳୟ ଖୋଲିଛି। ଚନ୍ଦ୍ରଶେଖରପୁର ଶୈଳଶ୍ରୀବିହାରସ୍ଥିତ ଏହି ନବନିର୍ମିତ କୋଠାକୁ ସୋମବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଭର୍ଚୁଆଲ୍‌ରେ ଉଦ୍‌ଘାଟନ କରିଛନ୍ତି। ଏଥିସହ ଏନ୍‌ସିବିର ଓଡ଼ିଶା ମୁଖ୍ୟାଳୟ ବା ଭୁବନେଶ୍ୱର ଜୋନାଲ ୟୁନିଟ୍ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ ହୋଇଛି। ୨୦୧୨ରୁ ଭୁବନେଶ୍ୱରରେ ଏନ୍‌ସିବିର ସବ୍-ଜୋନ୍ କାର୍ଯ୍ୟାଳୟ ଭାବେ ଏହା କୋଲକାତା ଜୋନ୍ ଅଧୀନରେ କାର୍ଯ୍ୟ କରୁଥିଲା। ଏବେ ଏହା ନବୀକରଣ ହୋଇ ଏକ ସ୍ୱତନ୍ତ୍ର ଜୋନ୍ ହୋଇଛି। ଏହି ଜୋନ୍‌ର କାର୍ଯ୍ୟ ପରିଧି ରାଜ୍ୟବ୍ୟାପୀ ରହିବ ବୋଲି ଏନ୍‌ସିବି ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ଏହି ଜୋନାଲ୍ ୟୁନିଟ୍‌ରେ ଜଣେ ଆସିଷ୍ଟାଣ୍ଟ ଡାଇରେକ୍ଟର, ଜଣେ ସୁପରିଣ୍ଟେଣ୍ଡେଣ୍ଟ, ଇଣ୍ଟେଲିଜେନ୍ସ ଅଫିସର, ସିପୋଇ, ହାବିଲଦାର ଓ ଡ୍ରାଇଭରଙ୍କ ସମେତ ୧୪ଜଣ ଅଧିକାରୀ ରହିଛନ୍ତି। ଆଗାମୀ ଦିନରେ କର୍ମଚାରୀଙ୍କ ସଂଖ୍ୟା ପ୍ରାୟ ୧୦୦ ଜଣଙ୍କୁ ବୃଦ୍ଧି କରାଯିବ ବୋଲି ସୂଚନା ମିଳିଛି। କୋଲକାତା ଜୋନ୍‌ର ଜୋନାଲ୍ ଡାଇରେକ୍ଟର ରାକେଶ ଚନ୍ଦ୍ର ଶୁକ୍ଳା ଓଡ଼ିଶା ଜୋନ୍ ଦାୟିତ୍ୱରେ ଅଛନ୍ତି। ଖୁବ୍‌ଶୀଘ୍ର ଜଣେ ନୂଆ ଅଧିକାରୀଙ୍କୁ ଜୋନାଲ ଡାଇରେକ୍ଟର ଭାବେ ଦାୟିତ୍ୱ ଦିଆଯିବ। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାକେଶ ଚନ୍ଦ୍ର ଶୁକ୍ଳା କହିଲେ, ଭୁବନେଶ୍ୱରରେ ସ୍ଥାୟୀ କାର୍ଯ୍ୟାଳୟ ହେବାପରେ ଏଠାରେ ଏନ୍‌ସିବି ଅଧିକ ମଜଭୁତ ହେଇଛି। ଏନ୍‌ସିବି ବିଭିନ୍ନ ନିଶା ନିବାରଣ ଉପରେ କାର୍ଯ୍ୟ କରୁଛି। ନିଶା ବେପାରୀଙ୍କୁ ଧରିବା ପାଇଁ ରାଜ୍ୟ ପୋଲିସର ବିଭିନ୍ନ ଉଇଙ୍ଗ୍ ସହ ଏନ୍‌ସିବି ଟିମ୍ କାର୍ଯ୍ୟ କରୁଛି। ଏପରିକି ନିଶା କାରବାର ରୋକିବାକୁ ଏନ୍‌ସିବି ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ନିଶା ବେପାରୀଙ୍କ ବିଷୟରେ ସୂଚନା ଦେବାକୁ ସେ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ସୂଚନାଦାତାଙ୍କୁ ଉପଯୁକ୍ତ ପୁରସ୍କାର ଦିଆଯିବ ବୋଲି ମଧ୍ୟ ସେ କହିଛନ୍ତି।



ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ଜୁଲାଇ, ୨୦୨୩

ଯେଉଁ ସଙ୍ଗୀତ ତୁମ ଚେତନାକୁ ନିମ୍ନଗାମୀ କରେ– ମନରେ କାମନା ବାସନା ଜାଗ୍ରତ କରେ– ଏବଂ ନିମ୍ନପ୍ରବୃତ୍ତିଗୁଡ଼ିକୁ ଉତ୍ତେଜିତ କରେ– ସେପରି ସଙ୍ଗୀତର ଉଦ୍ଦେଶ୍ୟ ମହତ୍ ନୁହେଁ ଏବଂ ସେପରି ସଙ୍ଗୀତ ଶୁଣିବା ଉଚିତ ନୁହେଁ। –ଶ୍ରୀମା



# ସ୍ନୋ ପାଉଡରର

ପିଲାଦିନରୁ ସ୍ନୋ ପାଉଡର ବିଷୟରେ ସମସ୍ତେ ଶୁଣିଥାନ୍ତି। ଭାରତ କେବଳ ନୁହେଁ, ସମଗ୍ର ବିଶ୍ୱର ଗ୍ରାମାଞ୍ଚଳଠାରୁ ଆରମ୍ଭକରି ସହରାଞ୍ଚଳ ପର୍ଯ୍ୟନ୍ତ ସବୁଆଡ଼େ, ବିଶେଷକରି ମହିଳାମାନଙ୍କ ପାଇଁ, ବିଭିନ୍ନ ପ୍ରକାର କ୍ରିମ୍,ସ୍ନୋ, ପାଉଡର, ଅତର, ଲିପ୍‌ଷ୍ଟିକ, ନେଲ୍‌ପଲିସ ଭଳି ବିଭିନ୍ନ ସାମଗ୍ରୀ ପ୍ରବଳ ମାତ୍ରାରେ ବ୍ୟବହୃତ ହୋଇଆସୁଛି। ସେହିସବୁ ଉତ୍ପାଦ ସହ ଏବେ ବୟସ ଲୁଚାଇବା ପାଇଁ ଆହୁରି ଅନେକ କସ୍‌ମେଟିକ(ପ୍ରସାଧନ ସାମଗ୍ରୀ) ଏବଂ ଔଷଧ ପ୍ରତ୍ୟେକ ଦିନ ଉଦ୍ଭାବନ ହେଉଛି। ଯୌବନ ଫେରାଇ ଆଣିବା ପାଇଁ ବ୍ୟକ୍ତିବିଶେଷମାନେ ଅନେକ ମିଲିଅନ ଡଲାର ଖର୍ଚ୍ଚ କରିବାକୁ ପଛାଉନାହାନ୍ତି। ତେବେ ଏହି ସୌନ୍ଦର୍ଯ୍ୟ ରକ୍ଷାକାରୀ ଶିଳ୍ପ ପଛରେ ଅନେକ ଅସୁନ୍ଦର ଏବଂ ବିକଟାଳ କାହାଣୀ ଲୁଚି ରହିଛି।

ମଣିଷର ପ୍ରସାଧନ ସାମଗ୍ରୀ ଚାହିଦା ବଢ଼ିବାରେ ଲାଗିଛି। ଏହାକୁ ଲକ୍ଷ୍ୟକରି ପ୍ରସାଧନ ଶିଳ୍ପ ନୂଆ ଉତ୍ପାଦ ଭେଟି ଦେଉଛି। ଏଗୁଡ଼ିକ ମଧ୍ୟରେ ଏବେ ଆମେରିକାର ହାର୍ଭାର୍ଡ ମେଡିକାଲ ସ୍କୁଲର ବୈଜ୍ଞାନିକଙ୍କ ଦ୍ୱାରା ପ୍ରସ୍ତୁତ କେମିକାଲ କକ୍‌ଟେଲ ସ୍ୱତନ୍ତ୍ର ଓ ଚର୍ଚ୍ଚାର ବିଷୟ ହୋଇଛି। କାରଣ ଏହା ମଣିଷକୁ ଆଉ ବୁଢ଼ା ଅବସ୍ଥାରେ ପହଞ୍ଚିବାକୁ ଦେବ ନାହିଁ। ୫ରୁ ୭ଟି କେମିକାଲ ମିଶ୍ରଣରେ ପ୍ରସ୍ତୁତ ଉକ୍ତ କକ୍‌ଟେଲ ମଣିଷକୁ ପୁନର୍ବାର ଯୁବାବସ୍ଥାକୁ ନେଇଆସିବ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି। କକ୍‌ଟେଲ୍‌ର ପରୀକ୍ଷଣ ମୂଷା ଓ ମାଙ୍କଡ଼ ଶରୀରରେ ସଫଳ ହୋଇଥିବା ସ୍ପଷ୍ଟ କରାଯାଇଛି ଏବଂ ଏ ସମ୍ପର୍କିତ ରିପୋର୍ଟ ମେଡିକାଲ ଜର୍ନାଲ ଏଜିଂରେ ପ୍ରକାଶ ପାଇଛି। ବୈଜ୍ଞାନିକ ଡେଭିଡ୍ ସିନ୍‌କ୍ଲେର ଉକ୍ତ ଗବେଷଣାତ୍ମକ ତଥ୍ୟ ଟୁଇଟରରେ ଶେୟାର କରିବା ପରେ ଏହା ଉପରେ ଅନେକ ସକାରାତ୍ମକ ମତ ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଇଛି। କହିବାକୁ ଗଲେ ଏବକାର ୫୦୦ ବିଲିଅନ ଡଲାରରୁ ଅଧିକ ପ୍ରସାଧନ ଶିଳ୍ପର ଇତିହାସକୁ ଦେଖିଲେ ବୈଜ୍ଞାନିକଙ୍କ ଯୁକ୍ତି ପରିପ୍ରେକ୍ଷୀରେ ମଣିଷ ଖୁସି ହୋଇପାରେ। କିନ୍ତୁ ଆଜି ପର୍ଯ୍ୟନ୍ତ ଯେଉଁସବୁ ପ୍ରସାଧନ ବିକାଶ କରାଯାଇଛି ତା'ମଧ୍ୟରୁ ଅନେକ ପଛରେ ଏକ ନକାରାତ୍ମକ ଦିଗ ଲୁଚି ରହିଥିବା ପ୍ରାୟତଃ ଅନେକଙ୍କୁ ଜଣାନାହିଁ। ପ୍ରସାଧନ ଶିଳ୍ପ ସହ ପ୍ରାଣୀ ସମ୍ପୃକ୍ତି ଓ କ୍ଷତି ପରିମାଣ ଅତ୍ୟଧିକ। କୌଣସି ନୂତନ କେମିକାଲଯୁକ୍ତ ପ୍ରସାଧନ ବିକାଶ ପରେ ତାହାକୁ ପ୍ରାଣୀ ମୁଖ୍ୟତଃ ମୂଷା, କୁକୁର, ବିଲେଇ, ମାଙ୍କଡ଼, ଠେକୁଆ, ମାଛ ଓ ପକ୍ଷୀମାନଙ୍କ ଶରୀରରେ ପରୀକ୍ଷା କରାଯାଇଥାଏ। ଏମାନଙ୍କ ମଧ୍ୟରୁ ଅଧିକାଂଶ ଶାରୀରିକ ସ୍ତରରେ ପ୍ରଭାବିତ ହେବା ସହ ଅନେକଙ୍କର ମୃତ୍ୟୁ ହୋଇଥାଏ। ଆନିମଲ ଟେଷ୍ଟିଂ ଷ୍ଟାଟିଷ୍ଟିକ୍ସ ରିପୋର୍ଟ ଅନୁଯାୟୀ ପାଖାପାଖି ୮୮% ଟପ୍ ବିୟୁଟି ବ୍ରାଣ୍ଡ ପ୍ରାଣୀମାନଙ୍କ ଉପରେ ନୂତନ ଉତ୍ପାଦର ପରୀକ୍ଷଣ ସକାଶେ ପାଣ୍ଠି ବ୍ୟବସ୍ଥା କରିଛନ୍ତି। ଉକ୍ତ ପରୀକ୍ଷଣରେ ବହୁ ପ୍ରାଣୀ ଭୀଷଣ ପ୍ରଭାବିତ ହେଉଛନ୍ତି। ପେଟାର ଏକ ଆକଳନ ମୁତାବକ ଏଥିରେ ପ୍ରତିବର୍ଷ ପାଖାପାଖି ୫ ଲକ୍ଷ ପ୍ରାଣୀ ପ୍ରଭାବିତ ହୁଅନ୍ତି କିମ୍ବା ମୃତ୍ୟୁମୁଖରେ ପଡ଼ନ୍ତି।

ପ୍ରସାଧନ ଶିଳ୍ପ ବିକାଶରେ ଆମେରିକା ଆଗରେ ଥିବାବେଳେ ତା' ପଛକୁ ଅଛନ୍ତି ଚାଇନା ଏବଂ ଜାପାନ । ଏହାର ମୋଟ୍ ବଜାରର ପାଖାପାଖି ୪୫% ଏମାନଙ୍କ ହାତରେ ଅଛି। ଗୋଟିଏ ପଟେ ଜଳବାୟୁ ପରିବର୍ତ୍ତନ ଯୋଗୁ ସୃଷ୍ଟି ହେଉଥିବା ପ୍ରତିକୂଳ ପରିବେଶ ଓ ବନାଗ୍ନିରେ ବହୁ ପ୍ରାଣୀ ବିଲୁପ୍ତହେବାକୁ ବସିଥିବାବେଳେ ପ୍ରସାଧନ ଶିଳ୍ପର ଚଢ଼କ ପ୍ରାଣୀ ବିନାଶର ପଥକୁ ଆହୁରି ଉନ୍ମୁକ୍ତ କରିଚାଲିଛି। ତେବେ ଏହି ଶିଳ୍ପର କ୍ଷତିକାରକ ପ୍ରଭାବ ଏତିକିରେ ଅଟକି ନାହିଁ । ଏଥିରେ ସୃଷ୍ଟି ହେଉଥିବା ପ୍ଲାଷ୍ଟିକ ବର୍ଜ୍ୟ ମଧ୍ୟ ପରିବେଶଗତ ସମସ୍ୟାର କାରଣ ପାଲଟିଛି। ବାୟୁ, ଜଳ ପ୍ରଦୂଷଣରେ ଏହାର ଭୂମିକା ରହୁଥିବାବେଳେ ଶସ୍ୟ ଉତ୍ପାଦ ହ୍ରାସ ଓ ଜଳଚର ଜୀବଙ୍କ ମୃତ୍ୟୁ ହେଉଛି। ପ୍ରତିବର୍ଷ ପ୍ରସାଧନ ଶିଳ୍ପର ପ୍ଲାଷ୍ଟିକ ବର୍ଜ୍ୟ ପରିମାଣ ବଢ଼ିବାରେ ଲାଗିଛି ଓ ୨୦୫୦ ସୁଦ୍ଧା ଏହାର ପରିମାଣ ବାର୍ଷିକ ୧୨,୦୦୦ ମେଟ୍ରିକ ଟନ୍‌ରେ ପହଞ୍ଚିବ ବୋଲି ବୈଜ୍ଞାନିକମାନଙ୍କ ମତ। ଜୀବନଶୈଳୀରେ ପ୍ରସାଧନ ସାମଗ୍ରୀର ଚାହିଦାକୁ ଲକ୍ଷ୍ୟକରି ପ୍ରସାଧନ ଶିଳ୍ପ ଏକ ବିକଶିତ ସ୍ତରରେ ପହଞ୍ଚିଲାଣି। ଏ କ୍ଷେତ୍ରରେ ପ୍ରାଣୀ ଶରୀରରେ ପରୀକ୍ଷଣ କିମ୍ବା ପ୍ଲାଷ୍ଟିକ ପ୍ୟାକେଜିଂ ପଦ୍ଧତିରେ ପରିବର୍ତ୍ତନ ଜରୁରୀ ହୋଇପଡ଼ିଛି। ନଚେତ୍ ପ୍ରାଣୀ ଓ ପରିବେଶକୁ ଅଣଦେଖା କରି ଧାଉଁଥିବା ସୌନ୍ଦର୍ଯ୍ୟ ପାଗଳ ମଣିଷ ପୃଥିବୀର ଅଶେଷ କ୍ଷତି ଘଟାଇବ।

**ଜୀବନଶୈଳୀରେ ପ୍ରସାଧନ ସାମଗ୍ରୀର ଚାହିଦାକୁ ଲକ୍ଷ୍ୟକରି ପ୍ରସାଧନ ଶିଳ୍ପ ଏକ ବିକଶିତ ସ୍ତରରେ ପହଞ୍ଚିଲାଣି। ଏ କ୍ଷେତ୍ରରେ ପ୍ରାଣୀ ଶରୀରରେ ପରୀକ୍ଷଣ କିମ୍ବା ପ୍ଲାଷ୍ଟିକ ପ୍ୟାକେଜିଂ ପଦ୍ଧତିରେ ପରିବର୍ତ୍ତନ ଜରୁରୀ ହୋଇପଡ଼ିଛି। ନଚେତ୍ ପ୍ରାଣୀ ଓ ପରିବେଶକୁ ଅଣଦେଖା କରି ଧାଉଁଥିବା ସୌନ୍ଦର୍ଯ୍ୟ ପାଗଳ ମଣିଷ ପୃଥିବୀର ଅଶେଷ କ୍ଷତି ଘଟାଇବ।**

# ଆର୍ଟିକିଲ ୩୪୦



ଅଧ୍ୟାପକ ଗୋପବନ୍ଧୁ

ଆମ ପାଇଁ କ୍ଷୋଭର ବିଷୟ ଯେ, ଯେଉଁ ନିୟାମକ ପୁସ୍ତକ ଅନୁଯାୟୀ ଦେଶରେ ଶାସନ ବ୍ୟବସ୍ଥା ପରିଚାଳିତ ହେଉଛି, ଯାହାକୁ ଆମେ ସମ୍ବିଧାନ କହୁଛୁ, ତାହା ଆମ ଶିକ୍ଷା ପାଠ୍ୟକ୍ରମରେ ବାଧ୍ୟତାମୂଳକ ବିଷୟ ନୁହେଁ। କେବଳ ରାଜନୀତି ବିଜ୍ଞାନର ଉଚ୍ଚ ପାଠ୍ୟକ୍ରମରେ କିଛି ଏ ବିଷୟରେ ଆଲୋଚନା ରହିଛି। ତେଣୁ ଭାରତୀୟ ନାଗରିକ ହୋଇ ବି ଅନେକେ ଆମ ସମ୍ବିଧାନର ବିଭିନ୍ନ ଧାରା ଓ ଉପଧାରା ବିଷୟରେ ଅଜ୍ଞ । ଆମ ସମ୍ବିଧାନ ଏକ ପ୍ରଗତିଶୀଳ ଗ୍ରନ୍ଥ, ଯାହା ଏକ ସମତାଭିତ୍ତିକ ସମାଜର ପରିକଳ୍ପନା କରିଛି। ସେଇଥିପାଇଁ ଆର୍ଟିକିଲ ବା ଧାରା ୩୪୧ ଅନୁଯାୟୀ ଅନୁସୂଚିତ ଜାତି(ଏସ୍‌ସି)ଙ୍କ ବିକାଶ ପାଇଁ ଓ ଧାରା ୩୪୨ ଅନୁଯାୟୀ ଅନୁସୂଚିତ ଜନଜାତି (ଏସ୍‌ଟି)ଙ୍କ ବିକାଶ ପାଇଁ ସଂଖ୍ୟାନୁପାତିକ ସଂରକ୍ଷଣ ବିଭିନ୍ନ କ୍ଷେତ୍ରରେ କରାଯାଇଛି। ଏହି ଦୁଇ ଧାରା ସମ୍ବନ୍ଧରେ କିଛି ଲୋକ ଅବଗତ ଅଛନ୍ତି। ତଥାପି ଏହି ଧାରାର ଅନ୍ତର୍ଗତ ଅନେକ ହିତାଧିକାରୀ ଏଯାଏଁ ଏ ବିଷୟରେ ଅବଗତ ନୁହନ୍ତି। ଏ ବିଷୟରେ ଜାଣିବାକୁ ଆଗ୍ରହୀ ମଧ୍ୟ ନୁହନ୍ତି।

ସମତାଭିତ୍ତିକ ସମାଜ ଗଠନ ପାଇଁ ସମ୍ବିଧାନରେ ଅନ୍ୟ ଏକ ଧାରା ରହିଛି, ତାହା ହେଉଛି ୩୪୦; ଯାହାକି ଏବେ ବହୁଳଭାବେ ଆଲୋଚନାର ପରିସରକୁ ଆସୁଛି। ଦେଶରେ ଥିବା ଅନ୍ୟାନ୍ୟ ପଛୁଆବର୍ଗ (ଓବିସି)ଙ୍କ ବିକାଶ ପାଇଁ ଏହି ଧାରା ଉଦ୍ଦିଷ୍ଟ। ଏହି ଧାରା ଅନୁଯାୟୀ ରାଷ୍ଟ୍ର ଓବିସିଙ୍କ ବିକାଶ ପାଇଁ ଉଦ୍ୟମ କରିବାକୁ ବାଧ୍ୟ। ଏମାନଙ୍କ ଅବସ୍ଥା ସମ୍ବନ୍ଧରେ ଅନୁଧ୍ୟାନ ପାଇଁ ସରକାର କମିଶନ ବସାଇ ପାରିବେ ଓ କମିଶନଙ୍କ ସୁପାରିସ ମୁତାବକ ପଦକ୍ଷେପ ନେଇପାରିବେ। ଏହି ଧାରାକୁ ସମ୍ବିଧାନ ପ୍ରଣୟନ ସଭାରେ ୧୬ ଜୁନ, ୧୯୪୯ ମସିହାରେ କାକା କାଲେଲକର ଉପସ୍ଥାପନ କରିଥିଲେ। ଏହା ପଛରେ ଡ୍ରାଫ୍ଟିଂ କମିଟିର ଚେୟାରମେନ ଡ. ବି.ଆର. ଆମ୍ବେଡକରଙ୍କ ଦୃଢ଼ ସମର୍ଥନ ଥିଲା। କାରଣ ସେ ଚାହିଁଥିଲେ ଓବିସିଙ୍କୁ ଏସ୍‌ଟି ଓ ଏସ୍‌ସି ତୁଲ୍ୟ ସମାନୁପାତିକ ସଂରକ୍ଷଣ ସୁବିଧା ପାଇବା ପାଇଁ ସାମ୍ବିଧାନିକ ସ୍ୱୀକୃତି ଦେବା ପାଇଁ। କିନ୍ତୁ ଦୁଃଖର କଥା, ଅଳ୍ପ କେତେଜଣଙ୍କୁ ଛାଡ଼ିଦେଲେ ସେ ସମୟର ସଂଖ୍ୟାଧିକ ଓବିସି ନେତା ତାଙ୍କୁ ସହଯୋଗର ହାତ ବଢ଼ାଇ ନଥିଲେ। ତଥାପି ସେ ଭବିଷ୍ୟତ ପାଇଁ ଏହି ଧାରାକୁ ସମ୍ବିଧାନରେ ସ୍ଥାନିତ କରିଯାଇଛନ୍ତି। ସେ ଜାଣିଥିଲେ ଆଜି ନ ହେଲେ ବି କାଲି ଓବିସିମାନେ ଏହାର ଆବଶ୍ୟକତାକୁ ବୁଝିବେ, ଯାହାକି ଏବେ ସେମାନେ ବୁଝିବା ଆରମ୍ଭ କଲେଣି।

ସ୍ୱାଧୀନତା ପରେ ଓବିସି ସମାଜ ତାଙ୍କ ବିକାଶ ପାଇଁ ସଂରକ୍ଷଣର ଆବଶ୍ୟକତାକୁ ବୁଝିଲେ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କଲେ। ଧାରା ୩୪୦ ଅନୁଯାୟୀ ୧୯୫୩ରେ ତତ୍କାଳୀନ କେନ୍ଦ୍ର ସରକାର ଓବିସିଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ଅବସ୍ଥାର ଅନୁଧ୍ୟାନ ପାଇଁ କାକା କାଲେଲକରଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇଥିଲେ। ଏହି କମିଶନ ୧୯୫୫ରେ ତା'ର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲା। ସେ ସମୟର ସରକାର ଏହି କମିଶନଙ୍କ ସୁପାରିସକୁ ଗ୍ରହଣ କରିନଥିଲେ। ପୁଣି ଏହି ଧାରା ଅନୁସାରେ ୧୯୭୯ ମସିହାରେ ଜନତା ପାର୍ଟି ସରକାର ଶ୍ରୀ ବି.ପି. ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇଥିଲେ। ଏହି କମିଶନ ୧୯୮୦ରେ ତାଙ୍କ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲା। ସେତେବେଳକୁ ଜନତା ପାର୍ଟି ସରକାର କ୍ଷମତାରୁ ବିଦାୟ ନେଇ ସାରିଥିଲା। ପରବର୍ତ୍ତୀ ସରକାର ଏହି କମିଶନର ରିପୋର୍ଟକୁ କାର୍ଯ୍ୟକାରୀ କଲେ ନାହିଁ। ଏହି ରିପୋର୍ଟର ଆଂଶିକ କାର୍ଯ୍ୟକାରିତା ପାଇଁ ୧୯୯୦ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି. ପି. ସିଂ ଘୋଷଣା କରିଥିଲେ ଓ ୧୯୯୨ ରେ ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ଚାକିରିରେ ୨୭% ସଂରକ୍ଷଣ କାର୍ଯ୍ୟକାରୀ ହେଲା। ୨୦୦୬ ରେ ତତ୍କାଳୀନ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ଅର୍ଜୁନ ସିଂ ଶିକ୍ଷାରେ ୨୭% ସଂରକ୍ଷଣ ସୁବିଧା ପ୍ରଦାନ କଲେ।



ଧାରା ୩୪୦ ଅନୁଯାୟୀ ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିମାନେ ସାମ୍ବିଧାନିକ ସ୍ୱୀକୃତି ପାଇଛନ୍ତି ସଂରକ୍ଷଣ ସୁବିଧା ପାଇବା ପାଇଁ। କିନ୍ତୁ ଏହି ବର୍ଗର ପ୍ରାୟ ୯୯% ଲୋକ ଏହି ଧାରା ସମ୍ବନ୍ଧରେ ଅବଗତ ନୁହନ୍ତି କି ଏହି ଧାରାର ଗୁରୁତ୍ୱ ବୁଝନ୍ତି ନାହିଁ। ଉକ୍ତ ଧାରା ସେମାନଙ୍କ ସର୍ବାଙ୍ଗୀନ ବିକାଶ ସହିତ ଜଡ଼ିତ ବୋଲି ସେମାନେ ଜାଣନ୍ତି ନାହିଁ। କେବଳ ସଂରକ୍ଷଣ ନୁହେଁ, ଏହା ସହିତ ଅନ୍ୟାନ୍ୟ ବିକାଶମୂଳକ ପଦକ୍ଷେପ ପାଇଁ ମଧ୍ୟ ଏହି ଧାରା ସରକାରଙ୍କୁ ପ୍ରେରିତ କରେ। ଏହା ସହିତ ବର୍ଗୀୟ ଚେତନାକୁ ମଧ୍ୟ ଏହି ଧାରା ଉଜ୍ଜୀବିତ କରେ। ଦେଶରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ବ୍ୟତୀତ ଅନ୍ୟ ଏକ ଅନଗ୍ରସର ବର୍ଗ ରହିଛି ତାହା ହେଉଛି ଓବିସି, ସେ ବିଷୟକୁ ଏହି ଧାରା ସ୍ୱୀକୃତି ଦେଇଛି। ଦେଶରେ ଅର୍ଦ୍ଧେକରୁ ଅଧିକ ହେଉଛନ୍ତି ଓବିସିର ଲୋକ। ଏମାନଙ୍କ ବିକାଶ ଦେଶର ବିକାଶକୁ ବହୁଗୁଣିତ କରିବ। ଏହି ବିଶାଳ ଜନସମୁଦାୟ ଧାରା ୩୪୦କୁ ନ ବୁଝିବା ଯୋଗୁ ତାଙ୍କ ମଧ୍ୟରେ ଗୋଷ୍ଠୀଗତ ଚେତନା ଆସିପାରି ନାହିଁ। ଏମାନଙ୍କ ମଧ୍ୟରେ ଅନ୍ୟମାନଙ୍କ ପରି ଜାତି ଚେତନା ତ ରହିଛି, କିନ୍ତୁ ଓବିସି ସମ୍ବନ୍ଧୀୟ ଗୋଷ୍ଠୀଗତ ଚେତନା ସେତେ ମାତ୍ରାରେ ଏମାନଙ୍କ ମଧ୍ୟରେ ନାହିଁ। ଫଳରେ ଏମାନେ ଧାରା ୩୪୦ ଦେଇଥିବା ସାମ୍ବିଧାନିକ ଅଧିକାର ବିଷୟରେ ସଚେତନ ନୁହନ୍ତି। ଏହି ଧାରା ମୁତାବକ ମଣ୍ଡଳ କମିଶନ ବସିଥିଲା ଓ ମଣ୍ଡଳ କମିଶନର ରିପୋର୍ଟ ମୁତାବକ ଓବିସିମାନେ ଆଜି ଶିକ୍ଷା ଓ ଚାକିରିରେ ୨୭% ସଂରକ୍ଷଣ ସୁବିଧା ପାଉଛନ୍ତି। ଏହି ଧାରା କ'ଣ ଓ କେଉଁମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ ଏବଂ ମଣ୍ଡଳ କମିଶନ ରିପୋର୍ଟ କାହା ପାଇଁ ସେ ବିଷୟରେ ଓବିସିମାନେ ଅବଗତ ନ ଥିବା ଯୋଗୁ ମଣ୍ଡଳ ବିରୋଧୀ ଆନ୍ଦୋଳନରେ ମାତିଥିଲେ ଓ ଗୁଳିଖାଇ ମରିଥିଲେ। ଏ ସମ୍ବନ୍ଧରେ ଏମାନେ ସଚେତନ ଥିଲେ ସେ ସମୟରେ ବିରୋଧୀ ଆନ୍ଦୋଳନ ଏତେ ତୀବ୍ର ହୋଇ ନ ଥା'ନ୍ତା ଓ ଏହାକୁ କାର୍ଯ୍ୟକାରୀ କରିବାର ଘୋଷଣା କରିଥିବା ସରକାରର ପତନ ହୋଇ ନ ଥା'ନ୍ତା। ସେ ସମୟରେ ଅନେକ ଓବିସି ଯୁବକ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବାର କାମ କରିଥିଲେ।

ଏବେ କିଛି ସଚେତନ ସଙ୍ଗଠନ ଓ ବ୍ୟକ୍ତିବିଶେଷ ଓବିସିଙ୍କୁ ଏସ୍‌ଟି–ଏସ୍‌ସି ତୁଲ୍ୟ ରାଜନୀତିରେ ସମସ୍ତ ସୋପାନରେ ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ ଦାବି ଉଠାଉଛନ୍ତି। ଆଉ ଦଳେ ପାଦେ ଆଗେଇ ଯାଇ କହୁଛନ୍ତି, ଦେଶରେ ଓବିସିଙ୍କ ସଂଖ୍ୟା ଯଦି ୫୨%, ତେବେ ଏମାନଙ୍କୁ ମଧ୍ୟ ଏସ୍‌ଟି–ଏସ୍‌ସି ତୁଲ୍ୟ ସମସ୍ତ କ୍ଷେତ୍ରରେ ଜନସଂଖ୍ୟା ଅନୁଯାୟୀ ୫୨% ସଂରକ୍ଷଣ ସୁବିଧା ମିଳୁ। ଓଡ଼ିଶାରେ ଏହି ଧାରାର ପ୍ରୟୋଗ ଅତ୍ୟନ୍ତ ଦୁର୍ବଳ। ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଓବିସିଙ୍କୁ କୌଣସି ସଂରକ୍ଷଣ ସୁବିଧା ମିଳୁନାହିଁ। ଚାକିରି କ୍ଷେତ୍ରରେ ମାତ୍ର ୧୧.୨୫% ସଂରକ୍ଷଣ ମିଳୁଛି। ରାଜ୍ୟରେ ଓବିସିମାନେ ସର୍ବାଧିକ ଉପେକ୍ଷିତ ଓ ଦେଶରେ ବୋଧହୁଏ ପ୍ରଥମ। ଯଦି କେବେ ଓବିସିଙ୍କୁ ଆହୁରି ଅଧିକ ସୁବିଧା ମିଳେ ଓ ତାଙ୍କ ବିକାଶ ପାଇଁ କିଛି ନୂଆ ଯୋଜନା କାର୍ଯ୍ୟକାରୀ ହୁଏ, ତେବେ ତାହା ଧାରା ୩୪୦ ଅନୁଯାୟୀ ହେବ। ଏହି ଧାରା ଅନୁସାରେ ଭାରପ୍ରାପ୍ତ କମିଶନର ରିପୋର୍ଟ ଉପରେ ଏହା ହୋଇପାରିବ। ଗଣତନ୍ତ୍ରରେ ଆନ୍ଦୋଳନ ଜରିଆରେ ଚାପ ସୃଷ୍ଟି ଅନିବାର୍ଯ୍ୟ ବିଷୟ। ଓବିସି ସମାଜ ଯେତେ ସଂଗଠିତ ହେବ, ଯେତେ ସଚେତନ ହେବ ନିଜ ସମାନ ଅଧିକାର ସମ୍ବନ୍ଧରେ ଓ ଯେତେ ଆନ୍ଦୋଳନମୁଖୀ ହେବ, ସେତେ ଅଧିକାର ପ୍ରାପ୍ତିର ସମ୍ଭାବନା ଅଧିକ ହେବ। ଏ ଦିଗରେ ପ୍ରୟାସ ମଧ୍ୟ ଜରୁରୀ।

ସାମ୍ପ୍ରତିକ ଅବସ୍ଥାରେ ଧାରା ୩୪୦ର ଗୁରୁତ୍ୱ ବଢ଼ି ଚାଲିଛି। ଦେଶରେ ତଥା ରାଜ୍ୟରେ ଓବିସି ସମାଜ ଯେତେ ଜାଗ୍ରତ ହେବ, ଏହି ଧାରାର ପ୍ରାସଙ୍ଗିକତା ସେତେ ଅଧିକ ହେବ। ଦେଶର ଅର୍ଦ୍ଧାଧିକ ଲୋକଙ୍କ ବିକାଶ ପାଇଁ ଯେଉଁ ଧାରା ରହିଛି, ତାକୁ ଏତେ ସାଧାରଣ ଭାବେ ନିଆଯାଇ ପାରିବ ନାହିଁ। ଆଗାମୀ ଦିନରେ ଏହି ଧାରାର ପ୍ରୟୋଗ ସମ୍ଭାବନା ଆହୁରି ବ୍ୟାପକ ହେବା ନିଶ୍ଚିତ।

**ଦର୍ଶନ ବିଭାଗ (ଅବସରପ୍ରାପ୍ତ)**
**ବାରିପଦା, ମୟୂରଭଞ୍ଜ**
**ମୋ: ୭୦୦୮୯୭୬୧୮୦**

## ଏଇ ଭାରତରେ

କୃଷକ ଓ ଉପଭୋକ୍ତାଙ୍କ ମଧ୍ୟରେ ମଧ୍ୟସ୍ଥ ବେଶି ଲାଭ କରିଥାନ୍ତି। ଏଭଳି ସମସ୍ୟା ଦୂର ଲାଗି ମହାରାଷ୍ଟ୍ରର ଅଙ୍କିତ ଘାର୍ଗେ ଏବଂ ଜୟ ସିଦ୍ଧପୁରା ବିନା କମିଶନରେ କୃଷକମାନଙ୍କ ଆୟ ୨ଗୁଣ କରିପାରିଛନ୍ତି। ଅଙ୍କିତ କମ୍ପ୍ୟୁଟର ଇଞ୍ଜିନିୟରିଂରେ ଡିଗ୍ରୀ ହାସଲକରି ପୁଣେରେ ଚାକିରି କରିଥିଲେ। କିନ୍ତୁ ସେ ଚାକିରି ଛାଡ଼ି ୨୦୧୭ରେ କୃଷକମାନଙ୍କ ପାଇଁ ଏକ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରିଥିଲେ। ପରେ ଇଣ୍ଡିଆନ ଫାର୍ମର ଏଣ୍ଟରପ୍ରେନ୍ୟୁର (ଆଇଏଫ୍‌ଇ) ଗଠନକରି ତା' ମାଧ୍ୟମରେ କୃଷକଙ୍କଠାରୁ ଉତ୍ପାଦ ସଂଗ୍ରହକରି ବିକ୍ରି କରୁଛନ୍ତି। ଉତ୍ପାଦନ ମୂଲ୍ୟ ବ୍ୟତୀତ କେବଳ ପ୍ୟାକେଜିଂ ବାବଦରେ ୧୦ଟଙ୍କା ନେଉଛନ୍ତି। ଏବେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ୨.୫ ଲକ୍ଷ ସବ୍‌ସ୍କ୍ରାଇବର ଯୋଡ଼ିହୋଇ ଥିବାବେଳେ ଇ–ମାର୍କେଟିଂ ବ୍ୟବସ୍ଥାରେ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରୁ ୨୦ ଜଣ ଚାଷୀ ସାମିଲ ହୋଇଗଲେଣି। ଅଙ୍କିତ ଓ ଜୟ କୃଷକମାନଙ୍କଠାରୁ ୨୫ ପ୍ରକାର ଉତ୍ପାଦ ସଂଗ୍ରହକରି ସତରାସ୍ଥିତ ଷ୍ଟୋରରେ ଗଚ୍ଛିତ ରଖୁଛନ୍ତି। ପରେ ଏହାକୁ ପ୍ୟାକିଂକରି ଖାଉଟିଙ୍କ ନିକଟରେ ପହଞ୍ଚାଉଛନ୍ତି। ଏବେ ଏହି ବ୍ୟବସ୍ଥାରେ ଗୁଜରାଟ, କେରଳ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ଆସାମର କୃଷକମାନଙ୍କୁ ସାମିଲକରିବାକୁ ସେମାନେ ଲକ୍ଷ୍ୟ ରଖିଛନ୍ତି।

# ଧର୍ମ ମାଧ୍ୟମରେ ପରିବେଶ ସୁରକ୍ଷା



ଈପ୍ସିତା ମହାନ୍ତି

ଧର୍ମ ଏବଂ ପରିବେଶର ସମ୍ପର୍କ ଅତି ନିବିଡ଼। ଦୁନିଆର ସବୁ ଧର୍ମ ପ୍ରକୃତି ସୁରକ୍ଷାର ଶିକ୍ଷା ଦିଅନ୍ତି। ବାଇବେଲରେ ପରିବେଶ ସଂରକ୍ଷଣ କଥା କୁହାଯାଇଛି। ପରିବେଶ ବଞ୍ଚାଅ ବୋଲି ଇସ୍‌ଲାମ ଧର୍ମ ଶିକ୍ଷା ଦିଏ। ଏଥିରେ ଅତ୍ୟଧିକ ଉପଭୋଗକୁ କେବଳ ବାରଣ କରାଯାଇନାହିଁ ବରଂ ବିଭିନ୍ନ ପ୍ରାକୃତିକ ଜିନିଷର ଅପଚୟକୁ ବଡ଼ ପାପ ଭାବେ ବିବେଚନା କରାଯାଇଛି। ହିନ୍ଦୁଧର୍ମ ପ୍ରକୃତି ଉପାସନାକୁ ଗୁରୁତ୍ୱ ଦିଏ। ଏହା ବ୍ୟତୀତ ହିନ୍ଦୁ, ବୌଦ୍ଧ, ଜୈନ, ଶିଖ୍ ଆଦି ଧର୍ମ ପ୍ରକୃତି ସହ ସମସ୍ତ ଜୀବଜନ୍ତୁଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇଛି। 'ଜୀବେ ଦୟା' ଏସବୁ ଧର୍ମର ମୂଳମନ୍ତ୍ର।

ବେଦ, ଉପନିଷଦ, ଭାଗବତ, ଗୀତାରେ ପ୍ରକୃତି ସୁରକ୍ଷା ସମ୍ବନ୍ଧୀୟ କର୍ତ୍ତବ୍ୟ ବିଷୟରେ ଉଲ୍ଲେଖ ରହିଛି। ଭାରତୀୟ ଧର୍ମର ଧର୍ମଗୁରୁ ତଥା ପଣ୍ଡିତମାନେ ଶହ ଶହ ବର୍ଷ ଧରି ଜଳ, ଜଙ୍ଗଲ ଏବଂ ଭୂସମ୍ପଦର ସଂରକ୍ଷଣ ତଥା ପରିଚାଳନାକୁ ପ୍ରୋତ୍ସାହିତ କରି ଆସିଛନ୍ତି। ପ୍ରଶ୍ନ ହେଉଛି ନିଜ ସାଂସ୍କୃତିକ ଏବଂ ଧାର୍ମିକ ଐତିହ୍ୟକୁ ଆମେ କ'ଣ ସତରେ ଅନୁସରଣ କରନ୍ତି ? ବିଶ୍ୱତାପନ ଏବଂ ବିଭିନ୍ନ ପ୍ରଜାତି ବିଲୁପ୍ତ ଘଟିବା ଭଳି ସଙ୍କଟ ଉପରେ ଧାର୍ମିକ ନେତା, ସଙ୍ଗଠକ ଓ ସଙ୍ଗଠନଗୁଡ଼ିକ କିଭଳି ପ୍ରତିକ୍ରିୟା ପ୍ରକାଶ କରନ୍ତି ? ପରିବେଶ ସମସ୍ୟାଜନିତ ବିଷୟରେ ନିଜ ଅନୁଗାମୀମାନଙ୍କ ଆଗରେ ସେମାନେ କି ବାର୍ତ୍ତା ରଖୁଛନ୍ତି ? ଏଗୁଡ଼ିକ ହେଉଛି ସେହି ପ୍ରଶ୍ନ ଯାହା ଗତ ଦିନରେ ଗଙ୍ଗା କୂଳରେ ଥିବା ସହରଗୁଡ଼ିକର ଭ୍ରମଣରେ ଯାଇଥିବା ସମୟରେ ଏ ଲେଖିକା ଅନୁସନ୍ଧାନ କରିଥିଲା। ଯେଉଁଥିରୁ ଗଙ୍ଗା ପ୍ରଦୂଷଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ଉପରେ ଆସ୍ଥା ଆଧାରିତ ସଙ୍ଗଠନଗୁଡ଼ିକର ସହଭାଗିତା ସମ୍ପର୍କରେ ଅନେକ କିଛି ସୂଚନା ମିଳିଛି। ଏହି ଅବଧିରେ ପ୍ରାୟ ସବୁ ଧର୍ମର ନେତାଙ୍କୁ ଭେଟିବାର ଅବସର ମିଳିଥିଲା। ପାଖାପାଖି ଦେଢ଼ଶହ ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, ଗୁରୁଦ୍ୱାର ଏବଂ ଆଶ୍ରମ ଉପରେ ଏକ ନିଜସ୍ୱ ସର୍ବେକ୍ଷଣ କରାଯାଇଥିଲା। କହିରଖେ, ଏହା ଏକ ଅଖିଳ ଭାରତୀୟ ସର୍ବେକ୍ଷଣ ନୁହେଁ କିମ୍ବା ସମଗ୍ର ଦେଶ ପାଇଁ ପ୍ରଯୁଜ୍ୟ ନୁହେଁ। କାରଣ ଏଭଳି ଅଧ୍ୟୟନ ଦେଶର ଅନ୍ୟ ସ୍ଥାନରେ ଭିନ୍ନ ଧରଣର ଫଳ ଦେଇପାରେ।

ଆମ ଦେଶର ପବିତ୍ର ନଦୀଙ୍କ ତାଲିକାରେ ଗଙ୍ଗା ସର୍ବାଗ୍ରେ ରହିବ। ଏ ଦୃଷ୍ଟିରୁ ଗଙ୍ଗା କୂଳରେ ଗଢ଼ି ଉଠିଥିବା ସହରର ଧର୍ମୀୟ ନେତାଙ୍କ ଧାରଣା ମହତ୍ତ୍ୱପୂର୍ଣ୍ଣ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥାଏ। ପରିବେଶୀୟ ସମସ୍ୟାର ସମାଧାନ ଦିଗରେ ଏଠାକାର ଧର୍ମୀୟ ସଙ୍ଗଠନର ସହଯୋଗ ଜରୁରୀ। ଏହି ପ୍ରୟାସରେ ସେମାନଙ୍କୁ ଜଡ଼ିତ କରାଗଲେ ସମାଧାନର ପଥ ସୁଗମ ହୋଇପାରିବ। ଅଧ୍ୟୟନ କହୁଛି, ପରିବେଶ ବିଷୟରେ ଧାର୍ମିକ ନେତାମାନେ ପ୍ରାୟତଃ ଏକମତ ହୋଇଥାନ୍ତି। ସବୁ ଧର୍ମର ନେତା ଏହାକୁ ସ୍ୱଚ୍ଛତା ଏବଂ ସବୁଜିମା ଦୃଷ୍ଟିରେ ଦେଖନ୍ତି। ଏମାନଙ୍କ ପାଇଁ



ପରିବେଶ ସୁରକ୍ଷାର ଅର୍ଥ ହେଉଛି ନିଜ ଚତୁଃପାର୍ଶ୍ୱକୁ ସଫା ରଖିବା ଏବଂ ଗଛ ଲଗାଇବା। କିନ୍ତୁ ବାୟୁ ପ୍ରଦୂଷଣ, ଜୈବ ବିବିଧତା ନଷ୍ଟ, ପ୍ଲାଷ୍ଟିକ ପ୍ରଦୂଷଣ ଏପରିକି ନଦୀ ପ୍ରଦୂଷଣ ଭଳି ସମସ୍ୟା ଉପରେ ଏମାନଙ୍କଠାରେ ସଚେତନତାର ଅଭାବ ରହିଛି। ଅନେକ ଧର୍ମୀୟ ନେତା ଗଙ୍ଗାରେ ନୈବେଦ୍ୟ ଏବଂ ପୂଜା ସାମଗ୍ରୀର ବିସର୍ଜନକୁ ଏକ ପ୍ରଦୂଷଣକାରୀ କାର୍ଯ୍ୟକଳାପ ଭାବରେ ଦେଖନ୍ତି ନାହିଁ।

ଦ୍ୱିତୀୟରେ ପରିବେଶ ସୁରକ୍ଷା ଦିଗରେ ଆସ୍ଥା ଆଧାରିତ ସଙ୍ଗଠନଗୁଡ଼ିକର ଭାଗୀଦାରିତା ଅତି ନ୍ୟୂନ ବୋଲି ଜଣାପଡ଼ିଛି। କେବଳ କିଛି ବଡ଼ ବଡ଼ ଧାର୍ମିକ ସଙ୍ଗଠନ ପରିବେଶର ସୁରକ୍ଷା ଦିଗରେ କାମ କରୁଛନ୍ତି। କିନ୍ତୁ ଏମାନଙ୍କ ଲକ୍ଷ୍ୟ ବୃକ୍ଷରୋପଣ, ଜୈବିକ ଚାଷ ଏବଂ ବର୍ଜ୍ୟବସ୍ତୁ ହ୍ରାସ ମଧ୍ୟରେ ସୀମିତ। କିଛି ସଙ୍ଗଠନ ଗଙ୍ଗା ସୁରକ୍ଷା ପାଇଁ କାମ କରୁଛନ୍ତି ସତ, କିନ୍ତୁ ଅଧିକାଂଶ କେବଳ ଘାଟ ସଫେଇ ହିଁ କରନ୍ତି। ଏଭଳି ସଙ୍ଗଠନ ପରିବେଶ ପ୍ରସଙ୍ଗରେ କାମ କରନ୍ତି ନାହିଁ, କାରଣ ସେମାନେ ଏହାକୁ ଅଭିଯାନର ଅଂଶ ଭାବରେ ଦେଖନ୍ତି ନାହିଁ। ସେମାନଙ୍କ ମତରେ ପରିବେଶକୁ ସୁରକ୍ଷା ଦେବା ସରକାରଙ୍କ କାମ। ପରିବେଶ ସୁରକ୍ଷା କ୍ଷେତ୍ରରେ ସେମାନେ ନିଜ ପାଇଁ କୌଣସି ଗୁରୁତ୍ୱପୂର୍ଣ୍ଣ ଭୂମିକା କଳ୍ପନା କରିପାରନ୍ତି ନାହିଁ। ତୃତୀୟ କଥାଟି ଅତ୍ୟନ୍ତ ଚିନ୍ତାଜନକ। ଜଳବାୟୁ ସଙ୍କଟ ଏବଂ ଏହାର କାରଣ ବାବଦରେ ଖୁବ୍ କମ୍ ଲୋକ ଅବଗତ। ଯେଉଁ ଧାର୍ମିକ ନେତାମାନଙ୍କ ପାଖରେ ବିଶ୍ୱତାପନ ସମ୍ବନ୍ଧରେ ଧାରଣା ରହିଛି ସେମାନେ ଏହାକୁ 'ଭଗବାନଙ୍କ କାର୍ଯ୍ୟ', 'ଜଗତର ଅନ୍ତ' ଏବଂ 'ମାନବଙ୍କ ପାପର କର୍ମ' ଭଳି ଶବ୍ଦରେ ପରିଭାଷିତ କରିଛନ୍ତି। ଏହି ସଙ୍କଟର ସମାଧାନ ପାଇଁ ଲୋକଙ୍କ କ୍ଷମତା ଉପରେ ସେମାନଙ୍କର ଭରସା ନାହିଁ। କିନ୍ତୁ ପରିବେଶର ସୁରକ୍ଷା ଦିଗରେ ସାମୂହିକ ଯୋଗଦାନର ଆବଶ୍ୟକତା ଏବଂ ଭୂମିକା ବିଷୟରେ ଅବଗତ କରାଯିବାରୁ ସେମାନେ ଏହାକୁ ଅସ୍ୱୀକାର କରି ନ ଥିଲେ। ବରଂ ସମ୍ମତି ପ୍ରଦାନ ସ୍ୱରୂପ ସମ୍ବଳ ତଥା ସଂସାଧନ ପାଇଁ ଦାବି କରିଥିଲେ। ପ୍ରଶ୍ନ ହେଉଛି, ପରିବେଶ ପ୍ରସଙ୍ଗରେ ସଚେତନତା ସୃଷ୍ଟି କରିବା ଏବଂ ଜନସାଧାରଣଙ୍କ ସହ ଯୋଡ଼ିହେବା ପାଇଁ ଆମେ କିପରି ଧାର୍ମିକ ନେତା ଏବଂ ସଙ୍ଗଠନଗୁଡ଼ିକୁ ଜଡ଼ିତ କରିବା ?

ଏହା ସତ୍ୟ ଯେ ଆମେ ଏକ ଧର୍ମୀୟ ଦୁନିଆରେ ବସବାସ କରୁଛନ୍ତି। ଏ ଦୃଷ୍ଟିରୁ ଧର୍ମୀୟ ନେତା ଏବଂ ସଙ୍ଗଠନଗୁଡିକ ପରିବେଶ ସଂରକ୍ଷଣର ମୂଲ୍ୟ ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ପରିବେଶ ସମସ୍ୟା ଉପରେ ସଚେତନତା ଏବଂ ଦକ୍ଷତା ବୃଦ୍ଧି ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ବିଭିନ୍ନ ଧାର୍ମିକ ସଙ୍ଗଠନକୁ ଜଡ଼ିତ କରାଗଲେ ତାହା ଲାଭଦାୟକ ହେବ। ସମ୍ବଳ ସହ ସଂସାଧନ ଯୋଗାଇଦେଲେ ସେମାନେ ଭକ୍ତମାନଙ୍କୁ ପରିବେଶ ପାଇଁ ଉତ୍ତରଦାୟୀ କରିପାରିବେ। ଆଜିର ପରିବେଶ ସମସ୍ୟା, ବିଶେଷକରି ଜଳବାୟୁ ସଙ୍କଟ ଏତେ ଗମ୍ଭୀର ରୂପ ଧାରଣ କରିଛି ଯେ ଧର୍ମଗୁଡ଼ିକୁ ବର୍ତ୍ତମାନ ଏକତ୍ର କାମ କରିବାର ଆବଶ୍ୟକତା ରହିଛି। ବାସ୍ତବିକ ପରିବେଶୀୟ ସମସ୍ୟାରୁ ମୁକୁଳିବା ପାଇଁ ଆମକୁ ଧର୍ମୀୟ ଶକ୍ତିର ଲାଭ ଉଠାଇବାକୁ ପଡ଼ିବ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜୁଲାଇ ୧୯୯୮

- ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କ ଉପରେ ଆଧାରିତ ଏକ ମରାଠୀ ମଞ୍ଚନାଟକ ପ୍ରଦର୍ଶନକୁ ନିଷିଦ୍ଧ କରିବା ଲାଗି ମହାରାଷ୍ଟ୍ର ସରକାରଙ୍କୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ।
- ଲୋକସଭାରେ ଅର୍ଥମନ୍ତ୍ରୀ ଯଶୱନ୍ତ ସିଂ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ କ୍ଷେତ୍ରରେ ୨୬୩ କୋଟି ଟଙ୍କାର ରିହାତି ଘୋଷଣା କରିଛନ୍ତି।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | 1 | | | | | 8 |
| 7 | 2 | | | 8 | | 4 | | |
| | | 4 | | | | | 1 | 7 |
| | | | 9 | 4 | | 8 | | |
| | | 7 | | | 5 | 2 | | |
| | | 5 | | | | 6 | | 4 |
| 9 | | | 8 | | | 3 | | |
| | | | 2 | | | | | |
| | | | | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 4 | 5 | 9 | 7 | 2 | 6 | 1 |
| 2 | 9 | 7 | 8 | 6 | 1 | 3 | 5 | 4 |
| 5 | 1 | 6 | 2 | 3 | 4 | 9 | 7 | 8 |
| 9 | 2 | 1 | 4 | 5 | 8 | 7 | 3 | 6 |
| 4 | 5 | 3 | 9 | 7 | 6 | 8 | 1 | 2 |
| 7 | 6 | 8 | 3 | 1 | 2 | 4 | 9 | 5 |
| 3 | 4 | 9 | 6 | 8 | 5 | 1 | 2 | 7 |
| 1 | 8 | 5 | 7 | 2 | 9 | 6 | 4 | 3 |
| 6 | 7 | 2 | 1 | 4 | 3 | 5 | 8 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବୃତ୍ତିରେ କଳଙ୍କ

ମହାଶୟ,

ସୋସିଆଲ ମିଡିଆ ମାଧ୍ୟମରେ ଅନେକ ଖବର ବିନା ସାମ୍ବାଦିକରେ ପରିବେଷଣ କରାଯାଉଛି। ମନେ ରଖିବାକୁ ହେବ ଯେ,ଖବର ପରିବେଷଣ କରିବା ଯେତିକି ସୁବିଧା ତାକୁ ଉଚିତ ଭାବେ ଏଡିଟିଂ କରିବା ସେତିକି କଷ୍ଟ। ସର୍ବୋପରି ଏକ ନିରପେକ୍ଷ ତଦନ୍ତ ଆଧାରରେ ରିପୋର୍ଟ ପ୍ରସ୍ତୁତ କରି ଖବର ଦେବା ଆହୁରି କଷ୍ଟକର। ଜଣେ ସାମ୍ବାଦିକଙ୍କ ଖବର ପରିବେଷଣ ସମାଜକୁ ବିଗାଡି ଦେଇପାରେ କିମ୍ବା ଏକ ଭୟଙ୍କର ପରିସ୍ଥିତିରୁ ରକ୍ଷା କରିପାରେ। ସବୁ ଦେଶରେ ଛୋଟ ବଡ଼ ହୋଇ ଅନେକ ଖବରକାଗଜ ଅଛି, କିନ୍ତୁ ତା' ଭିତରୁ କେବଳ କିଛି ଲୋକପ୍ରିୟ ଖବରକାଗଜକୁ ଛାଡ଼ିଦେଲେ ଅନ୍ୟଗୁଡ଼ିକର କୌଣସି ଗରୁତ୍ୱ ନ ଥାଏ। ଆମ ଦେଶରେ ମଧ୍ୟ ସେହି ଅବସ୍ଥା। ଯେହେତୁ ଆମ ଦେଶରେ ଖବରକାଗଜ ମୁଦ୍ରଣ ପରେ ତାହାକୁ ଯାଞ୍ଚ କରିବାର ନିୟମ ନାହିଁ, ତେଣୁ ବେଳେ ବେଳେ ଛୋଟ ଖବରକାଗଜର ଖବର ଦ୍ୱାରା ସମାଜ ପ୍ରଭାବିତ । ଖବରକାଗଜର ଉତ୍ତମ ସମ୍ପାଦନା ଜଣେ ସାମ୍ବାଦିକଙ୍କ ଉପରେ ନିର୍ଭର କରେ। ଆଜିକାଲି ଏହି ବୃତ୍ତିରେ କଳଙ୍କ ଲାଗି ଯାଉଛି ।

**– ପ୍ରଦୀପ୍ତ କୁମାର କର, ସୂର୍ଯ୍ୟ ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସକଳ ପ୍ରଦୀପ ନିଭିଗଲା ଆଜି ପୁରେ
ବିଜୟ ଶଙ୍ଖ ନ ଉଠିଲା ବାଜି ଦୂରେ
କାହା ଆଗମନ ପାଇଁ
ଆଶାହୀନ ତୁ ରେ !
ଚକିତ ନୟନେ ରହୁ ଚଉପାଶେ ଚାହିଁ
ପଥ କାହିଁ ? ପଥ କାହିଁ ?

(ପଥ କାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**୧୪ ବର୍ଷୀୟାଙ୍କୁ ନାବାଳକଙ୍କ ଗଣବଳାତ୍କାର**

ରାଞ୍ଚି: ଝାଡ଼ଖଣ୍ଡର ବୋକାରୋରେ ୩ ନାବାଳକ ଜଣେ ୧୪ ବର୍ଷୀୟା ବାଳିକାଙ୍କ ଘରେ ପଶି ତାଙ୍କୁ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ପଞ୍ଚମ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ର। ପୋଲିସ ସେମାନଙ୍କୁ ଧରି ବାଳସୁଧାର ଗୃହକୁ ପଠାଇଦେଇଛି। ପୀଡ଼ିତାଙ୍କ ବଡ଼ ଭଉଣୀଙ୍କ ଅଭିଯୋଗକ୍ରମେ ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ବଡ଼ ଭଉଣୀ କାମ ପାଇଁ ବାହାରକୁ ଯାଇଥିବାବେଳେ ନାବାଳିକା ଘରେ ଏକାକୀ ଥିଲେ। ଏହି ସମୟରେ ୩ ନାବାଳକ ସେମାନଙ୍କ ଘରେ ପଶି ଅପରାଧ ଘଟାଇଥିଲେ। ବଡ଼ ଭଉଣୀ ଫେରିଲା ବେଳକୁ ଘର ଭିତର ପଟୁ ବନ୍ଦ ଥିଲା। ଝରକା ଦେଇ ଚାହିଁବାରୁ ୩ ପିଲା ତାଙ୍କ ସାନ ଭଉଣୀଙ୍କୁ ବଳାତ୍କାର କରୁଥିବା ଦେଖିବାକୁ ପାଇଥିଲେ।

# ଅସହ୍ୟ ହେଲାଣି ମହଙ୍ଗା ମାଡ଼

## ଦର ନିୟନ୍ତ୍ରଣ କରୁଛନ୍ତି କର୍ପୋରେଟ୍ ସଂସ୍ଥା: ବ୍ୟବସାୟୀ ସଂଘ

■ ଡାଲି, ଚାଉଳ, ଜିରା, ଲଙ୍କା ଅମୂଲ ମୂଲ

■ ବଜାର ଉପରେ ସରକାରୀ ନିୟନ୍ତ୍ରଣ ନାହିଁ

**ଭୁବନେଶ୍ୱର,୧୭।୭(ଅନିଲ ଦାସ)**

ଗତ କିଛି ମାସ ହେବ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦର ହୁ ହୁ ହୋଇ ବଢ଼ିଚାଲିଛି। ପ୍ରାୟ ଅଧିକାଂଶ ସାମଗ୍ରୀ ଦର କିଲୋ ପ୍ରତି ୫୦ରୁ ୧୦୦ ଟଙ୍କା ବୃଦ୍ଧି ହୋଇଛି। ବର୍ଷା ଯୋଗୁ ପନିପରିବା ଫସଲ ଦର ବୃଦ୍ଧି କୁହାଯାଉଥିବା ବେଳେ ଡାଲି, ଚାଉଳ, ଜିରା, ଲଙ୍କା, ସୋରିଷ, ଅଦା, ରସୁଣ ଦର ମଧ୍ୟ ଆକାଶ ଛୁଆଁ ହୋଇଛି। ଏସବୁର ଦରବୃଦ୍ଧି ମଧ୍ୟବିତ୍ତ ଓ ଗରିବବର୍ଗଙ୍କୁ ବହୁ କଷ୍ଟ ଦେଉଛି। କର୍ପୋରେଟ ହାତକୁ ରିଟେଲ ମାର୍କେଟ ଟେକିଦେବା ଏବଂ ସରକାରଙ୍କ ଦୂରଦୃଷ୍ଟି ଅଭାବ ଖାଉଟିଙ୍କ ମୁଣ୍ଡରେ ଚଡ଼କ ପକାଇଛି ବୋଲି ବ୍ୟବସାୟୀ ମହାସଂଘ ଅଭିଯୋଗ କରିଛି।

ଗତ ୨/୩ମାସ ମଧ୍ୟରେ ଚାଉଳ କୁଇଣ୍ଟାଲ ପିଛା ଦର ୭୦୦ରୁ ୮୦୦ ଟଙ୍କା ବଢ଼ିଗଲାଣି। ଅର୍ଥାତ୍ ଯେଉଁ ଚାଉଳ କିଲୋ ପିଛା ୨୫ ଟଙ୍କାରେ ମିଳୁଥିଲା, ଏବେ ତାହା ୩୨ରୁ ୩୫ ଟଙ୍କାରେ ପହଞ୍ଚିଲାଣି। ଚାଉଳ ଦର ଗତ ୧୦ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ସେହିପରି ୧୦୦ରୁ ୧୧୦ ଟଙ୍କାରେ ମିଳୁଥିବା ହରଡ଼ ଡାଲି ଏବେ ୧୮୦ ଛୁଇଁଲାଣି। ମୁଗ, ବୁଟ ଓ ବିରିଡାଲି ମଧ୍ୟ ସମତାଳରେ ବଢ଼ିଚାଲିଛି। କେବଳ ସେତିକି ନୁହେଁ, ତରକାରି ସୁଆଦ ପାଇଁ ବ୍ୟବହୃତ ଜିରା, ଗୋଲମରିଚ, ପାନମଧୁରି, ଗୁଜୁରାତି ଦର ମଧ୍ୟ ଏବେ ଅମୂଲ ମୂଲ ହୋଇଛି। ୨ ମାସ ପୂର୍ବରୁ ଜିରା କିଲୋ ଅଢ଼େଇ ଶହରୁ ୩ଶହ ଟଙ୍କାରେ ମିଳୁଥିବା ବେଳେ ଏବେ ୭୦୦ ଛୁଇଁଲାଣି। ସେହିପରି ଅଦା ୨୦୦ ଟଙ୍କାରୁ ତଳକୁ ଖସୁ ନ ଥିବାବେଳେ ରସୁଣ କିଲୋ ମଧ୍ୟ ୧୫୦ ଉପରେ ରହିଛି। ସେହିପରି ଗହମଜାତ ସାମଗ୍ରୀ ଅଟା, ସୁଜି, ମଇଦା ମୂଲ୍ୟ ମଧ୍ୟ ଉପରମୁହାଁ ହେବାରେ ଲାଗିଛି। ଅନ୍ୟପକ୍ଷରେ ପନିପରିବା ବଜାରରେ ଦର ସାମାନ୍ୟ ତଳମୁହାଁ ହୋଇଛି। କିନ୍ତୁ ଟମାଟୋ ୧୦୦ ଟଙ୍କା ଉପରେ ବିକ୍ରି ହେଉଥିବାବେଳେ ବାଇଗଣ, କଲରା, ପୋଟଳ, ଜହ୍ନି ଓ ଝୁଡ଼ଙ୍ଗ, କାକୁଡି କିଲୋ ୫୦ ତଳକୁ ନାହିଁ। ସେହିପରି କଞ୍ଚାଲଙ୍କା ୨୦୦ ଟଙ୍କା ଉପରେ ବିକ୍ରି ହେଉଥିବା ବେଳେ ବିନ୍ସ ଦେଢ଼ଶହ ଟଙ୍କାରେ ବିକ୍ରି ହେଉଛି। ଭୁବନେଶ୍ୱର ୧ ନମ୍ବର ହାଟ ହେଉ କି କଟକ ଛତ୍ରବଜାର ସବୁଠି ଅଧିକ ଦରରେ ପନିପରିବା ବିକ୍ରି ହେଉଛି।

ବଳକା ଚାଉଳ ରାଜ୍ୟ ଓଡ଼ିଶା ଏବେ ଚଢ଼ା ଦରବୃଦ୍ଧି କଷଟିରେ କଷି ହେଉଛି। ସରକାର ରାଜ୍ୟର ପ୍ରାୟ ୨୬ ଲକ୍ଷ କୁଇଣ୍ଟାଲ ବଳକା ଚାଉଳକୁ ବିକିବାକୁ କେନ୍ଦ୍ର ସରକାରଙ୍କ ପଛରେ ଗୋଡ଼ାଇଥିବା ବେଳେ ରାଜ୍ୟରେ ଦରବୃଦ୍ଧି ସାଧାରଣ ଖାଉଟିଙ୍କଠାରୁ ଆରମ୍ଭ କରି ବ୍ୟବସାୟୀଙ୍କୁ ଚିନ୍ତାରେ ପକାଇଛି।

ମିଳିଥିବା ସୂଚନା ଅନୁସାରେ ଗତ ଦୁଇଦଶନ୍ଧି ତଳେ ଓଡ଼ିଶାରେ ପ୍ରାୟ ୫୦ ଲକ୍ଷ ମେଟ୍ରିକ ଟନ ଚାଉଳ ଉତ୍ପାଦନ ହେଉଥିଲା ବେଳେ ୨୦୨୨ ସୁଦ୍ଧା ଏହା ୧୧୫ ଲକ୍ଷ ମେଟ୍ରିକ ଟନରେ ପହଞ୍ଚିଛି। ଏହା ସତ୍ତ୍ୱେ ଦର ବୃଦ୍ଧିକୁ ନେଇ ଖାଉଟି ଚିନ୍ତାରେ ପଡ଼ିଛନ୍ତି। ରାଶନକାର୍ଡଧାରୀଙ୍କୁ ସରକାର ୧ ଟଙ୍କାରେ ଚାଉଳ ଯୋଗାଇ ଦେଉଥିବା ବେଳେ ମଧ୍ୟବିତ୍ତ ପରିବାରବର୍ଗ ଉଚ୍ଚାଦରରେ ଚାଉଳ କିଣିବାକୁ ବାଧ୍ୟ ହେଉଛନ୍ତି। ରାଜ୍ୟ ବ୍ୟବସାୟୀ ସଂଘ କହିଛି, ବିଭିନ୍ନ ଖୁଚୁରା ବଜାର ଉପରେ କର୍ପୋରେଟ ହାଉସ୍‌ର ନିୟନ୍ତ୍ରଣ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଉତ୍ପାଦନ ଆରମ୍ଭରୁ ବଡ଼ବଡ଼ ମଲ ଓ ଷ୍ଟୋରଗୁଡ଼ିକ ଅତ୍ୟାବଶ୍ୟକ ସାମଗ୍ରୀ କିଣି ମହଜୁଦ୍ କରି ରଖୁଥିବାରୁ ବଜାରରେ ଅଭାବ ପଡୁଛି। ତିରୋଟ ସମୟରେ ସେମାନେ ଲାଭବାନ ହେଉଥିବା ବେଳେ ଗରିବ ଓ ମଧ୍ୟବିତ୍ତ ଲୋକେ ମହଙ୍ଗା ମାଡ଼ରେ ସନ୍ତୁଳି ହେଉଛନ୍ତି। ରାଜ୍ୟ ବ୍ୟବସାୟୀ ସଂଘ ସାଧାରଣ ସମ୍ପାଦକ ସୁଧାକରଣ ପଣ୍ଡା କହିଛନ୍ତି, ଖୁଚୁରା ବଜାରରେ ବିଦେଶୀ ପୁଞ୍ଜି ନିବେଶକୁ ଅନୁମତି ଦେବା ପରେ ଏଭଳି ପରିସ୍ଥିତି ହୋଇଛି। ବଡ଼ ବଡ଼ ମଲ୍ କରିଥିବା କର୍ପୋରେଟ ସଂସ୍ଥା ବଜାରକୁ ନିୟନ୍ତ୍ରଣ କରୁଛନ୍ତି। ସରକାର ଅସହାୟ ହୋଇଛନ୍ତି। ଯେତେବେଳେ ଦର ଯାହା ହେବ ଖାଉଟି ନେବାକୁ ବାଧ୍ୟ ହେବେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ମୁକ୍ତ ବଜାର ଉପରେ ସରକାରଙ୍କର ନିୟନ୍ତ୍ରଣ ନାହିଁ। ସରକାର କେବଳ ବ୍ୟବସାୟୀଙ୍କୁ ତାଗିଦ୍ କରିପାରିବେ। ଉତ୍ପାଦନ ହ୍ରାସ ପାଇଥିବାରୁ ଦର ବଢୁଛି। ନୂଆ ଫସଲ ଆସିଲେ ଦର କମିଯିବ। ଭୁବନେଶ୍ୱରର ତେଜରାତି ବ୍ୟବସାୟୀ ବାବୁଲି ସାହୁ କହିଛନ୍ତି, କେବଳ ତେଲକୁ ଛାଡ଼ି ଦେଲେ ସବୁ ଦର ଉପରମୁହାଁ ରହିଛି। ଅଧିକ ଦରରେ କିଣିବାକୁ ପଡୁଥିବାରୁ ଗ୍ରାହକଙ୍କ ଚାହିଦା ମୁତାବକ ମାଲ ବିକ୍ରି ହେଉ ନାହିଁ। ସରକାର ଏହା ଉପରେ ଧ୍ୟାନ ଦେବା ଦରକାର। ପରିବା ବ୍ୟବସାୟୀ ସୁନାକର ଖୁଣ୍ଟିଆ କହିଛନ୍ତି, ଦର ଉଚ୍ଚାରେ କିଣିଥିବାରୁ ବାଧ୍ୟ ହୋଇ ଅଧିକ ଦରରେ ବିକିବାକୁ ପଡୁଛି। ନୂଆ ଫସଲ ବଜାରକୁ ଆସିଗଲେ ପରିବା ଦର କମିବ।

# ରାଜ୍ୟ କୃଷି ବିପଣନ ବୋର୍ଡକୁ ସ୍କଚ୍-୨୦୨୩ ପୁରସ୍କାର

**ଭୁବନେଶ୍ୱର,୧୭।୭(ଅନିଲଦାସ):** ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡକୁ ସ୍କଚ୍-୨୦୨୩ ପୁରସ୍କାର ମିଳିଛି। କୃଷିରେ ରୌପ୍ୟ ବର୍ଗରେ ଇ-ନାମ୍ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ସମବାୟ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ଓଡ଼ିଶା ରାଜ୍ୟ କୃଷି ବିପଣନ (ଓଏସ୍ଏଏମ୍)ବୋର୍ଡ ରାଜ୍ୟର ସମସ୍ତ ୬୬ ନିୟନ୍ତ୍ରିତ ବଜାର କମିଟି ସହ ଇ-ନାମ୍ ପ୍ଲାଟଫର୍ମରେ ସ୍ଥାନିତ ହୋଇଛି। ଇ-ନାମ୍ ହେଉଛି ଏକ ପାନ୍ ଇଣ୍ଡିଆ ଅନ୍‌ଲାଇନ୍ ପ୍ଲାଟଫର୍ମ। ଏହା କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ବିକଶିତ ହୋଇଛି। ଏହା କୃଷିଜାତ ଦ୍ରବ୍ୟର ସମସ୍ତ କ୍ରେତା ଏବଂ ବିକ୍ରେତାଙ୍କୁ ଏପିଏମ୍‌ସି (କୃଷି ଉତ୍ପାଦନ ବିପଣନ କମିଟି)/ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି)ସହ ଯୋଡ଼ିଛି। ରାଜ୍ୟର ସମସ୍ତ ୬୬ଟି ଆର୍‌ଏମ୍‌ସିକୁ ଇ-ନାମ୍ ପୋର୍ଟାଲରେ ସଫଳତାର ସହ ଅପ୍‌ଲୋଡିଂ କରାଯାଇଛି। ଓଡ଼ିଶା ଦେଶର ଅନେକ କୃଷିଭିତ୍ତିକ ଉନ୍ନତ ରାଜ୍ୟକୁ ବହୁ ପଛରେ ପକାଇ ସମସ୍ତ ଆର୍‌ଏମ୍‌ସି ଅଧୀନରେ ଏହାର କୃଷି ବଜାର ୧୦୦% ସଫଳତା ହାସଲ କରିଛି।

ରାଜ୍ୟରେ କାର୍ଯ୍ୟ କରୁଥିବା ସମସ୍ତ କ୍ଷୁଦ୍ର ଏବଂ ମଧ୍ୟମ ବଜାରକୁ ଏହି ଇଲେକ୍‌ଟ୍ରୋନିକ ପ୍ଲାଟଫର୍ମ ସହିତ ଯୋଡ଼ିବା ଏବଂ ଦୂରଦୂରାନ୍ତ ଅଞ୍ଚଳରେ ରହୁଥିବା କ୍ଷୁଦ୍ର/ନାମମାତ୍ର ଚାଷୀମାନେ କିଭଳି ସେମାନଙ୍କ ଉତ୍ପାଦିତ କୃଷିଜାତ ଦ୍ରବ୍ୟକୁ ଅନ୍‌ଲାଇନ୍ ବଜାର ବ୍ୟବସ୍ଥାରେ କାରବାର କରି ଲାଭ ଉଠାଇପାରିବେ ସେଥିପାଇଁ ଉଦ୍ୟମ ଜାରି ରହିଛି। ଏହି ପୁରସ୍କାର ପାଇଁ ମନ୍ତ୍ରୀ ଓଏସ୍ଏଏମ୍ ବୋର୍ଡକୁ ଅଭିନନ୍ଦନ ଜଣାଇଛନ୍ତି।

# କୂଅ ସଫା ବେଳେ ଶ୍ୱାସରୁଦ୍ଧ ହୋଇ ଶ୍ରମିକଙ୍କ ମୃତ୍ୟୁ

**ହିଞ୍ଜିଳିକାଟୁ(ଦ୍ୱିତୀକୃଷ୍ଣ ପଣ୍ଡା)/ପୁରୁଷୋତ୍ତମପୁର(ସୀମାଞ୍ଚଳ ମିଶ୍ର),୧୭।୭**

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ଶିଖରପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ କୂଅସଫା କରିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୁଷୋତ୍ତମପୁର ଥାନା ଭାଟକୁମରଡା ଗ୍ରାମର ମଙ୍ଗୁଲୁ ସ୍ୱାଇଁ (୫୫)। ହିଞ୍ଜିଳି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

ପ୍ରକାଶ ଯେ, ମଙ୍ଗୁଲୁ ରବିବାର ଶିଖରପୁର ଗ୍ରାମକୁ କୂଅ ସଫା କରିବାକୁ ଯାଇଥିଲେ। ସେ କୂଅରେ ପଶି ଦୀର୍ଘ ସମୟ ପର୍ଯ୍ୟନ୍ତ ବାହାରି ନ ଥିଲେ। ଖବରପାଇ ପୁରୁଷୋତ୍ତମପୁର ଓ ଛତ୍ରପୁର ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ପ୍ରାୟ ୪ ଘଣ୍ଟା ଧରି କୂଅରେ ପଶି ରାତିରେ ମଙ୍ଗୁଲୁଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ମୋଟର ଲଗାଇ କୂଅ ସଫା କରୁଥିବାରୁ କିରୋସିନ ଗନ୍ଧ ଓ ଧୂଆଁରେ ଶ୍ୱାସରୁଦ୍ଧ ହୋଇ ମଙ୍ଗୁଲୁଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି ବୋଲି ପୁରୁଷୋତ୍ତମପୁର ଅଗ୍ନିଶମ ଅଧିକାରୀ ଆଲୋକ କୁମାର ଦଳେଇ କହିଛନ୍ତି। ହିଞ୍ଜିଳି ପୋଲିସ ଏକ ଅପମୃତ୍ୟୁ ମାମଲା (୧୧/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ‘ସାଇନ୍ ଇଣ୍ଡିଆ ଆଗ୍ରୋ’ର ୩ ନିର୍ଦ୍ଦେଶକଙ୍କୁ ୩ ବର୍ଷ ଲେଖାଏ ଜେଲ

**ବାଲେଶ୍ୱର, ୧୭।୭(ମାନସ ବିଶ୍ୱାଳ)**

**ଚିଟ୍‌ଫଣ୍ଡ ଠକେଇ**

ଚିଟ୍‌ଫଣ୍ଡ ଠକେଇ ମାମଲାର ବିଚାର କରି ସୋମବାର ବାଲେଶ୍ୱର ସ୍ୱତନ୍ତ୍ର ଓପିଆଇଡି(ଓଡ଼ିଶା ପ୍ରୋଟେକ୍ସନ୍ ଅଫ୍ ଇଣ୍ଟରେଷ୍ଟ ଅଫ୍ ଡିପୋଜିଟର) କୋର୍ଟ ‘ସାଇନ୍ ଇଣ୍ଡିଆ ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍’ର ୩ ନିର୍ଦ୍ଦେଶକଙ୍କୁ ୩ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ସେମାନଙ୍କୁ ୧ଲକ୍ଷ ୨୧ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି।

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଛକରେ ଏହି ଚିଟ୍‌ଫଣ୍ଡ କମ୍ପାନୀ ଖୋଲି ବିଭିନ୍ନ ଲୋଭନୀୟ ଯୋଜନା ମାଧ୍ୟମରେ ଲୋକଙ୍କଠାରୁ ଅର୍ଥ ଶୋଷଣ କରୁଥିବା ଗତ ୨୦୧୩ ମେ’ ୧୦ ତାରିଖରେ ବେତନଟୀ ପୋଲିସ ପକ୍ଷରୁ ଅଭିଯୋଗ ହୋଇଥିଲା। ଏନେଇ ବେତନଟୀ ଥାନାରେ ମାମଲା (ନଂ. ୮୪/୨୦୧୩) ଧାରା ୪୨୦, ୪୦୬, ୪୬୭, ୪୬୮, ୪୭୧ ଆଇପିସି, ୧୨୦(ବି), ୪ ଓ ୫ ପିସିଏମ୍‌ସି ଆକ୍ଟ ରୁଜୁ କରାଯାଇଥିଲା। ଉକ୍ତ ମାମଲା ବାଲେଶ୍ୱର ଓପିଆଇଡି କୋର୍ଟରେ ବିଚାରାଧୀନ ଥିଲା। ସ୍ୱତନ୍ତ୍ର ଓପିଆଇଡି କୋର୍ଟ ଜଜ୍ ବିଶ୍ୱଜିତ ଦାସ ୭ ସାକ୍ଷ୍ୟ ଓ ୪୮ ଦସ୍ତାବିଜକୁ ଭିତ୍ତିକରି ଉକ୍ତ ସଂସ୍ଥାର ୩ ନିର୍ଦ୍ଦେଶକ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଟିକାୟତପୁର ଗ୍ରାମର ବିଜୟ କୁମାର ଜେନା (୩୮), ବୈଶିଙ୍ଗା ଥାନା ପଥରସାହି ଗ୍ରାମର କାଦୁ ମାରାଣ୍ଡି (୩୬) ଓ କୁଳିଙ୍ଗା ଥାନା ତେନ୍ତୁଳିଡିଙ୍ଗା ଗ୍ରାମର ସୋମନାଥ ନାୟକ (୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରିଥିଲେ।

# ୧୭ ଘଣ୍ଟା ପରେ ମୃତଦେହ ମିଳିଲା

**ଜଗତ୍‌ସିଂହପୁର, ୧୭।୭ (ପ୍ରମୋଦ କୁମାର ନାୟକ)**

**ଦେବୀ ନଦୀରେ ନାବାଳକ କାଉଡ଼ିଆ ବୁଡ଼ିଯିବା ଘଟଣା**

**ଧସା ବାଲିରେ ଫସିଯାଇଥିଲେ ନାବାଳକ**

ଜଗତ୍‌ସିଂହପୁର ଜିଲା ଆଳିପିଙ୍ଗଳ ନିକଟ ଦେବୀ ନଦୀର ଅପରପାର୍ଶ୍ୱ କେତକେଶ୍ୱର ଘାଟରେ ରବିବାର ଅପରାହ୍ନରେ ତିର୍ତ୍ତୋଲ ଥାନା ବିଦ୍ୟାଧରପୁର ଗ୍ରାମର ରମେଶ ପ୍ରଧାନଙ୍କ ପୁଅଭୋଳା ପ୍ରଧାନ(୧୪) ବୁଡ଼ିଯାଇଥିଲେ। ସ୍ଥାନୀୟ ଜନସାଧାରଣ ଓ ଅଗ୍ନିଶମ ବାହିନୀ କର୍ମଚାରୀ ବହୁ ଖୋଜାଖୋଜି କରି ମଧ୍ୟ ଭୋଳାଙ୍କୁ ପାଇ ନ ଥିଲେ। ୧୭ ଘଣ୍ଟା ପରେ ତାଙ୍କ ମୃତଦେହ ବୁଡ଼ିଯାଇଥିବା ସ୍ଥାନରୁ ମିଳିଛି। ଓଡ୍ରାଫ ଟିମ୍ ପକ୍ଷରୁ ପାଣିରେ ବୁଡି ଖୋଜାଖୋଜି କରାଯାଇ ତାଙ୍କ ମୃତଦେହ ବାହାର କରାଯାଇଛି। ଭୋଳା ବୁଡ଼ିଗଲାପରେ ଆଉ ଉପରକୁ ଉଠି ନ ଥିଲେ। ନଦୀରେ ବର୍ଷା ଜଳ ଥିଲେ ସୁଦ୍ଧା ଅଧିକ ପାଣି ନ ଥିଲା। କିନ୍ତୁ କେହି ଭୋଳା ବୁଡ଼ି ସ୍ଥାନରେ ଭଲଭାବେ ଖୋଜିବାକୁ ଚେଷ୍ଟା କରି ନ ଥିଲେ। କୁହାଯାଉଛି ଏହି ସ୍ଥାନରେ ବାଲିଘାଟ ଥିବାରୁ ମେଶିନ୍ ସାହାଯ୍ୟରେ ବିଭିନ୍ନ ସ୍ଥାନରେ ବେଆଇନ ବାଲି ଉତ୍ତୋଳନ ଯୋଗୁ ପୋଖରୀର ଭ୍ରମ ସୃଷ୍ଟି କରିଥିଲା। ବର୍ଷା ଜଳ ପ୍ରବାହ ସମୟରେ ବାଲି ଖାଲଆଡକୁ ମାଡ଼ି ହାଲକା ଆବରଣ ସୃଷ୍ଟି କରିଥିଲା। ଏହି ଧସା ବାଲିରେ ଭୋଳାଙ୍କ ଗୋଡ଼ ପଡ଼ିବା କ୍ଷଣି ଫସିଯାଇଥିଲା। ଫଳରେ ତାଙ୍କ ମୃତ୍ୟୁ ଘଟିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଓ ପରିବାରରେ ଶୋକର ଛାୟା ଖେଳିଯାଇଛି।

ସୂଚନାଯୋଗ୍ୟ, ଭୋଳାଙ୍କ ସମେତ ତାଙ୍କ ଗାଁର ଅନ୍ୟ ୪ ଜଣ ଗୋରେଖନାଥ ପୀଠରେ ଜଳାଭିଷେକ ପାଇଁ ଗତ ରବିବାର କେତକେଶ୍ୱର ଘାଟରୁ ପାଣି ଉଠାଇବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଭୋଗ ଆଣିବାକୁ ଯାଇଥିବାବେଳେ ଅନ୍ୟ ୩ ଜଣ ନଦୀରେ ସ୍ନାନ କରିବାକୁ ଯାଇଥିଲେ। କିନ୍ତୁ ବାଲିଘାଟ ଦ୍ୱାରା କରାଯାଇଥିବା ଖାଲରେ ପଶିଯିବାରୁ ଅଗୁଆରେ ପଡ଼ିଥିଲେ। ଉପସ୍ଥିତ ଅନ୍ୟ କାଉଡ଼ିଆମାନେ ୩ ଜଣଙ୍କୁ ଉଦ୍ଧାର କରିବାକୁ ସମର୍ଥ ହୋଇଥିବାବେଳେ ଭୋଳା ପାଣିରେ ବୁଡ଼ିଯାଇଥିଲେ। ଅପରପକ୍ଷେ ଉଦ୍ଧାର ୩ ଜଣଙ୍କ ମଧ୍ୟରୁ ନାବାଳକ ରାଜେଶ ପ୍ରଧାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।



## ବିଫଳତା ପରେ ବି ଢୁଚୁଳି ଆଶା

# ହାତୀ ବେକରେ ପୁଣି ରେଡିଓ କଲାର

■ପାଇଲଟ ପ୍ରକଳ୍ପ ଭାବେ ୩ ହାତୀ ବେକରେ ଲାଗିବ

■ଯୋଜନାକୁ ନେଇ ପ୍ରଶ୍ନ ଉଠାଇଲେ ବନ୍ୟପ୍ରାଣୀ ବିଶେଷଜ୍ଞ

ଭୁବନେଶ୍ୱର, ୧୭।୭ (ବନ୍ଦନା ସେଠୀ)



ରାଜ୍ୟରେ ହାତୀ ମୃତ୍ୟୁ ଓ ହାତୀ-ମଣିଷ ଲଢେଇ ରୋକିବାକୁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ବିଶେଷକରି ଉତ୍ପାତ କରୁଥିବା ବା ଜନବସତିକୁ ଚାଲି ଆସୁଥିବା ଦୁଷ୍ଟ ହାତୀଙ୍କ ବେକରେ ରେଡିଓ କଲାରିଂ ପାଇଁ ପୁଣି ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ବେଙ୍ଗାଲୁରୁର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସର ଏସିଆନ୍ ନେଚର କଞ୍ଜରଭେଶନ ଫାଉଣ୍ଡେଶନ ସହ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା ବନ୍ୟପ୍ରାଣୀ ପିସିସିଏଫ୍ ସୁଶୀଲ କୁମାର ପୋପ୍‌ଲି ସୂଚନା ଦେଇଛନ୍ତି। ପୂର୍ବରୁ ଚନ୍ଦକାରେ ହେବାକୁ ଥିବା ରେଡିଓ କଲାରିଂ ପାଇଁ ଏହି ସଂସ୍ଥା ସହିତ ଚୁକ୍ତି ସ୍ୱାକ୍ଷରିତ ହୋଇଥିବାବେଳେ ଏବେ ତାହାକୁ ରିଭାଇଜ୍ କରାଯାଇଛି। ପ୍ରାରମ୍ଭିକ ଭାବେ ପାଇଲଟ ପ୍ରକଳ୍ପ ଭାବେ ୩ଟି ହାତୀ ବେକରେ ରେଡିଓ କଲାରିଂ ଲଗାଯିବ। ମାଈ କିମ୍ବା ଦନ୍ତା ହାତୀଠାରେ ରେଡିଓ କଲାରିଂ ହେବ। ଫଳରେ ହାତୀର ଚଳପ୍ରଚଳ ନେଇ ରିଅଲ ଟାଇମ ତଥ୍ୟ ହାସଲ ହୋଇପାରିବ। ଯଦି ସେମାନେ ନିଜ କରିଡ଼ରରୁ ବାହାରକୁ ଯାଉଛନ୍ତି, ସେମାନଙ୍କୁ ଟ୍ରାକ କରି ବାଟକୁ ଅଣାଯିବ ଓ ହାତୀଙ୍କ ଗତିବିଧି ନେଇ ସ୍ଥାନୀୟ ଲୋକଙ୍କୁ ସତର୍କ କରାଯାଇପାରିବ। ବର୍ଷା ଦିନ ସରିବା ପରେ ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ପୋପ୍‌ଲି କହିଛନ୍ତି। ତେବେ ବନ ବିଭାଗର ଏହି ଯୋଜନାର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ୨୦୨୧ରେ ଚନ୍ଦକା ଅଭୟାରଣ୍ୟରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଥିଲା। ମାତ୍ର ବିଭିନ୍ନ କାରଣରୁ ଏଥିରେ ସଫଳତା ମିଳିପାରି ନ ଥିଲା। ସେହିପରି ଖୋର୍ଦ୍ଧା ଜିଲାରେ ମଧ୍ୟ ବିଭିନ୍ନ କାରଣ ପାଇଁ ଏହାକୁ କାର୍ଯ୍ୟକାରୀ କରାଯାଇ ପାରି ନ ଥିଲା। କେବଳ ଓଡ଼ିଶା ନୁହେଁ, ୨୦୧୮ ଅକ୍ଟୋବରରେ ଛତିଶଗଡରେ ଆରମ୍ଭ ହୋଇଥିବା ହାତୀଙ୍କ ରେଡ଼ିଓ କଲାରିଂ ମନିଟରିଂ ସଫଳ ହୋଇପାରି ନାହିଁ। ଅନ୍ୟ ରାଜ୍ୟଗୁଡିକରେ ଏହି ଯୋଜନା ଫେଲ୍ ମାରୁଥିବାବେଳେ ଏହି ବ୍ୟୟବହୁଳ ପ୍ରକ୍ରିୟାକୁ ଓଡ଼ିଶାରେ କାହିଁକି ଆପଣା ଯାଉଛି ସେ ନେଇ କେତେଜଣ ବନ୍ୟପ୍ରାଣୀ ବିଶେଷଜ୍ଞ ପ୍ରଶ୍ନ ଉଠାଇଛନ୍ତି।

ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ରେଡିଓ କଲାରିଂ ପ୍ରକ୍ରିୟା ଅତ୍ୟନ୍ତ ବ୍ୟୟ ସାପେକ୍ଷ। ଗୋଟିଏ ରେଡିଓ କଲାରର ଦାମ୍ ପ୍ରାୟ ୨ଲକ୍ଷ ଟଙ୍କା ହୋଇଥିବାବେଳେ ଏହାର ସାଟେଲାଇଟ୍ ଟ୍ରାକିଂ ଓ ମନିଟରିଂ କରିବାକୁ ବର୍ଷକୁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ତେଣୁ ଏହି ପ୍ରକ୍ରିୟାକୁ ଠିକ୍ ଭାବେ ଆପଣାଇବା ସହିତ ଟ୍ରାକିଂ କରିବା ଆବଶ୍ୟକ। ହାତୀ ଏକ ଚତୁର ଜୀବ ହୋଇଥିବାରୁ ସେମାନେ ବେକରେ ଲାଗିଥିବା ରେଡିଓ କଲାରିଂକୁ ଶୁଣ୍ଢରେ ଭିଡି ବାହାର କରିଦେବାର ନଜିର ପୂର୍ବରୁ ରହିଛି। ତେଣୁ ଯୋଜନାର ସଫଳତାକୁ ନେଇ ସନ୍ଦେହ ଲାଗୁଛି। ଅପରପକ୍ଷେ ଜଙ୍ଗଲ ମଧ୍ୟରେ ଫୁଟ୍ ପାଟ୍ରୋଲିଂ କରି ମନିଟରିଂ କରିବା ପାଇଁ ବିଭାଗ ପକ୍ଷରୁ ପ୍ରାୟ ୧ହଜାର ଲୋକ ନିୟୋଜିତ ଅଛନ୍ତି। ମାତ୍ର ସେମାନେ ଠିକ୍ ଭାବେ କାମ କରୁ ନ ଥିବାରୁ ଆମକୁ ଟେକ୍ନୋଲୋଜିର ସାହାରା ନେବାକୁ ପଡୁଛି ବୋଲି ବିଶ୍ୱଜିତ୍ କହିଛନ୍ତି। ସେହିପରି ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, କେରଳ, କର୍ଣାଟକ, ତାମିଲନାଡୁରେ ଅଧିକ ହାତୀ ଦେଖାଯାଇଥାନ୍ତି। ସେଠାରେ ହାତୀଙ୍କଠାରେ ଏଭଳି ରେଡିଓ କଲାରିଂ କରାଯାଉ ନ ଥିବାବେଳେ ଓଡ଼ିଶାରେ କ'ଣ ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସେହିଭଳି ସୁରେଶ ଚନ୍ଦ୍ର ମିଶ୍ର, ଶରତ ପଟ୍ଟନାୟକ, କମଳ ଲୋଚନ ପୁରୋହିତଙ୍କ ଭଳି ଅଭିଜ୍ଞ ବନ ସଂରକ୍ଷକ, ଅଧିକାରୀ ଥିବାସତ୍ତ୍ୱେ ରେଡିଓ କଲାରିଂ କରିବା ପାଇଁ ବାହାର ରାଜ୍ୟ ସହିତ ଏମ୍‌ଓୟୁ କରିବାର କୌଣସି ଯଥାର୍ଥ ନାହିଁ। ବନବିଭାଗ ଆମ ରାଜ୍ୟର ଦକ୍ଷ ବନ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରୁ। ଆମ ସମ୍ବଳ ଓ ନିଜ ଲୋକଙ୍କୁ ନେଇ କମ୍ ଖର୍ଚ୍ଚରେ କାମ କରାଯାଉ ବୋଲି ଶୁଭେନ୍ଦୁ କହିଛନ୍ତି। ଅପରପକ୍ଷେ ହାତୀ ବେକରେ ରେଡିଓ କଲାରିଂ ଦ୍ୱାରା ସେପ୍ଟି ସେମିଆ ହେବାର ଆଶଙ୍କା ଥିବା ପୂର୍ବତନ ପିସିସିଏଫ୍ ବିଜୟ କେତନ ପଟ୍ଟନାୟକ କହିଛନ୍ତି। ରେଡିଓ କଲାରିଂ ଲାଗିଥିବା ବାଘ ବେକରେ ବର୍ଷା ପାଣି ପଡି ତାହା ସେପ୍ଟିକ୍ ହୋଇଯିବା ଫଳରେ ତା'ର ମୃତ୍ୟୁ ହୋଇଥିବା ଖବର ନିକଟରେ ଜଣାପଡିଥିଲା। ତେଣୁ ହାତୀଙ୍କ କ୍ଷେତ୍ରରେ ଯେ ଏହା ନ ହେବ ତାହା କୁହାଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ରେଡିଓ କଲାରିଂରୁ ବାହାରୁଥିବା ଫ୍ରିକ୍ୱେନ୍ସିକୁ ଟ୍ରାକ୍ କରି ଶିକାରୀମାନେ ହାତୀ ନିକଟରେ ପହଞ୍ଚି ମାରିଦେବା ଘଟଣାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ ବୋଲି ପଟ୍ଟନାୟକ ଆଶଙ୍କା ବ୍ୟକ୍ତ କରିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ ରଘୁନାଥ ମହାନ୍ତିଙ୍କ ୧୧୩ତମ ଜୟନ୍ତୀ, ୟୁନିଟ୍- ୯ ସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା।
- କସ୍ତୁରବା ନାରୀ ମହଲର କୁମାର ଉତ୍ସବ, ମହଲ ପରିସର, ସକାଳ ୯ଟା।
- 'ହେ ଚକାନୟନ' ଶୀର୍ଷକ ଏକ ମନୋଜ୍ଞ ଭକ୍ତି ସଙ୍ଗୀତ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଶ୍ରୀମଦ୍ ଭାଗବତ କଥାମୃତ, ଡି. ଏଲ୍ କଲୋନୀ, ମା' ଭୁବନେଶ୍ୱରୀ ମନ୍ଦିର ପରିସର, ସନ୍ଧ୍ୟା ୭ଟା ୩୦।

# ୟୁଟ୍ୟୁବ୍ ଦେଖି ସୋଲାର ଅଟୋ ତିଆରି କଲେ ଶ୍ରୀକାନ୍ତ






ଭୁବନେଶ୍ୱର, ୧୭।୭ (ଅଭିଜିତ୍ ଦାସ)

ପ୍ରଦୂଷଣ ହ୍ରାସ ଲାଗି ଏବେ ବ୍ୟାଟେରୀ ଚାଳିତ ବା ଇ-ଯାନବାହନର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ହେଲେ ଏବେ ରାଜଧାନୀ ରାସ୍ତାରେ ଗଡୁଥିବା ଏକ ସୋଲାର ଅଟୋ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଜଣେ ଅଷ୍ଟମ ପଢୁଆ ଯୁବକ ୟୁଟ୍ୟୁବ୍ ଦେଖି ଏହାକୁ ତିଆରି କରିଥିବା ଜଣାପଡିଛି। ସେ ଏହାକୁ ନିଜେ ଚଳାଇ ପରିବାର ପ୍ରତିପୋଷଣ କରିବା ସହ ପରିବେଶ ସୁରକ୍ଷା ସହ ବିଦ୍ୟୁତ୍ ସଂରକ୍ଷଣ ନେଇ ସଚେତନ କରୁଥିବାରୁ ଏବେ ସବୁଠି ତାଙ୍କୁ ପ୍ରଶଂସା ମିଳୁଛି। ୩୫ ବର୍ଷୀୟ ଶ୍ରୀକାନ୍ତ ହେଉଛନ୍ତି ପେଶାରେ ଜଣେ ଅଟୋ ଚାଳକ। ପରିବାର କହିଲେ ସ୍ତ୍ରୀ, ୨ଝିଅ ଓ ଗୋଟିଏ ପୁଅ। ସେ ଦୀର୍ଘ ୨୩ ବର୍ଷ ଧରି ରାଜଧାନୀରେ ଅଟୋ ଚଳାଉଥିଲେ। କରୋନା ସମୟରେ ବେପାର ବନ୍ଦ ହୋଇଯିବାରୁ ନିଜ ଗାଁ ନୟାଗଡକୁ ପଳାଇଥିଲେ। ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଫେରି ନୟାପଲ୍ଲୀରେ ରହିବା ସହ ଏକ ବ୍ୟାଟେରୀ ଚାଳିତ ଅଟୋ କିଣି ଚଳାଉଛନ୍ତି। ବିଜୁଳି ଦର ବଢୁଥିବାରୁ ଶ୍ରୀକାନ୍ତ କିପରି କମ୍ ଖର୍ଚ୍ଚରେ ଓ ବିନା ପ୍ରଦୂଷଣରେ ଅଟୋ ଚଳାଇବେ ସେଥିପାଇଁ ୟୁଟ୍ୟୁବ୍ ଭିଡିଓ ଜରିଆରେ ନିଜ ଅଟୋକୁ ସୌରଚାଳିତ କରିବାକୁ ଲାଗି ପଡିଲେ। ତାଙ୍କ କହିବା ଅନୁଯାୟୀ, ଏଥିପାଇଁ ତାଙ୍କୁ ୨ରୁ ୩ ମାସ ଲାଗି ଥିଲା। ସୌର ପ୍ୟାନେଲ, ପ୍ୟାନେଲ ବକ୍ସ, ବ୍ୟାଟେରୀ ଆଦି ସାମଗ୍ରୀ ଓଡିଶା ବାହାରୁ ଅନଲାଇନ୍ ମାଧ୍ୟମରେ କିଣିଥିଲେ। ତେବେ ଏଥିରେ ୧୧ ବର୍ଷିୟା ଝିଅ ଶ୍ରଦ୍ଧାଞ୍ଜଳି ବାପାଙ୍କୁ ସାହାଯ୍ୟ କରିଥିବାବେଳେ ସମୁଦାୟ ୫୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା।

## ପୂର୍ବତଟ ରେଳପଥର ନୂଆ ପ୍ରମୁଖ ସୁରକ୍ଷା ଆୟୁକ୍ତ



ଆଲୋକ ବୋହରା

ଭୁବନେଶ୍ୱର, ୧୭।୭ (ଅଭିଜିତ୍ ଦାସ)

ପୂର୍ବତଟ ରେଳପଥର ନୂତନ ପ୍ରମୁଖ ସୁରକ୍ଷା ଆୟୁକ୍ତ (ପିସିଏସ୍‌ସି) ଭାବେ ଆଲୋକ ବୋହରା ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୯୭ ବ୍ୟାଚ୍‌ର ଭାରତୀୟ ରେଳ ସୁରକ୍ଷା ବଳ ସେବା ଅଧିକାରୀ ଆଲୋକ ଏହାପୂର୍ବରୁ ମୁମ୍ବାଇ ରେଳବାଇ ବିକାଶ କର୍ପୋରେଶନ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଥିଲେ। ରେଳ ସୁରକ୍ଷା ବଳ (ଆର୍‌ପିଏଫ୍)ର ଡାଇରେକ୍ଟର ଜେନେରାଲ ସମେତ ବିଭିନ୍ନ ପଦବୀରେ କାର୍ଯ୍ୟ କରିଥିବାବେଳେ ସେ ୨୦୧୮ ମସିହାରେ ଭାରତୀୟ ପୋଲିସ ସେବା ପଦକ ଓ ୨୦୦୫ରେ ରେଳ ବିଭାଗ ପକ୍ଷରୁ ଅନେକଥର ସମ୍ମାନିତ ହୋଇଛନ୍ତି।

## ଦେବ୍ରାଜ ଲେଙ୍କାଙ୍କୁ 'ତପସ୍ୟା ଶାଶ୍ୱତ ପୁରସ୍କାର'

### ସୂର୍ଯ୍ୟ ମିଶ୍ରଙ୍କୁ ପ୍ରଥମ ତପସ୍ୟା ଫାଉଣ୍ଡେଶନ ଫେଲୋଶିପ

**ଭୁବନେଶ୍ୱର, ୧୭।୭ (ଶର୍ମିଷ୍ଠା ପାଣିଗ୍ରାହୀ):** ତପସ୍ୟା ଫାଉଣ୍ଡେଶନ ପକ୍ଷରୁ ୨୦୨୨ ମସିହା ପାଇଁ ଓଡ଼ିଆ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି। ବର୍ଷୀୟାନ ସାହିତ୍ୟିକ ଦେବ୍ରାଜ ଲେଙ୍କାଙ୍କୁ 'ତପସ୍ୟା ଶାଶ୍ୱତ ପୁରସ୍କାର', ନିଗମାନନ୍ଦ ଷଡ଼ଙ୍ଗୀ ଓ ରଞ୍ଜନା ପାଢୀଙ୍କୁ ଯୁଗ୍ମ ଭାବେ 'ତପସ୍ୟା ସୃଜନ ପୁରସ୍କାର' ଏବଂ ତରୁଣ ଲେଖକ ଯୀଶୁକ୍ରିଷ୍ଣ ଦାସଙ୍କୁ 'ତପସ୍ୟା ସମ୍ଭାବନା ପୁରସ୍କାର'ରେ ସମ୍ମାନିତ କରାଯିବ। ଏହାବ୍ୟତୀତ ଏଥର ନୂତନ ଭାବେ ଏକ ଫେଲୋସିପ ପ୍ରବର୍ତ୍ତନ କରାଯାଇଛି। ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ରଙ୍କୁ ଏହି ଫେଲୋସିପ ପ୍ରଦାନ କରାଯିବ। ଏ ନେଇ ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ଜୁଲି ମିଶ୍ର ସୋମବାର ସୂଚନା ଦେଇଛନ୍ତି। ସାହିତ୍ୟିକମାନଙ୍କୁ ପୁରସ୍କାର ବାବଦରେ ଯଥାକ୍ରମେ ୫୦ ହଜାର, ୩୦ ହଜାର ଓ ୨୦ ହଜାର ଟଙ୍କା, ମାନପତ୍ର, ଫଳକ ଓ ଉପାୟନ ପ୍ରଦାନ କରାଯିବ। ସେହିପରି ସୂର୍ଯ୍ୟ ମିଶ୍ରଙ୍କୁ 'ଭାରତୀୟ ଭକ୍ତି କବିତା' ଶୀର୍ଷକ ପ୍ରକଳ୍ପରେ ଗବେଷଣା କରିବା ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ଫାଉଣ୍ଡେସନ ଅର୍ଥରେ ଏହି ପ୍ରକଳ୍ପର ପୁସ୍ତକ ପ୍ରକାଶ କରାଯିବ ବୋଲି ସୂଚନା ଦିଆଯାଇଛି।

# ପୁନଃ ସତ୍ୟପାଠ ଦାଖଲ କଲା ସ୍ୱାସ୍ଥ୍ୟ ବିଭାଗ

## ହାଇକୋର୍ଟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ମାମଲା

କଟକ, ୧୭।୭ (କାର୍ତ୍ତିକ ସାହୁ)

ରାଜ୍ୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁନଃ ସତ୍ୟପାଠ ସୋମବାର ଦାଖଲ କରାଯାଇଛି। ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଉକ୍ତ ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ଜରୁରିକାଳୀନ ଆମ୍ବୁଲାନ୍ସ ସେବା ଓ ଗର୍ଭବତୀଙ୍କୁ ଜନନୀ ଏକ୍ସପ୍ରେସ ମାଧ୍ୟମରେ ଡାକ୍ତରଖାନାକୁ ନେବାର ବ୍ୟବସ୍ଥା ହୋଇଛି। ରାଜ୍ୟରେ ୬୬୮୮ଟି ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର, ୧୨୩୬ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ୧୧୩ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ୩୦୬ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲାଯିବା ସହ ପ୍ରତ୍ୟେକ କେନ୍ଦ୍ରକୁ ୬ଶଯ୍ୟା ବିଶିଷ୍ଟ କରିବାକୁ ଯୋଜନା କରାଯାଉଛି। ରାଜ୍ୟରେ ମୋଟ ୩୭୫ଟି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ରହିଥିବା ବେଳେ ୩୦ ଶଯ୍ୟା ବିଶିଷ୍ଟ ଆଉ ୨୦ଟି ସିଏଚ୍‌ସି ବୃଦ୍ଧି କରାଯିବା ଲାଗି ଯୋଜନା ହୋଇଛି। ଜିଲା ହସ୍ପିଟାଲଗୁଡିକରେ ସିଟିସ୍କାନ ଓ ମେଡିକାଲ କଲେଜରେ ଏମ୍‌ଆରଆଇ ସେବା ଯୋଗାଇ ଦିଆଯାଉଛି। ୭ଟି ଜିଲା ହସ୍ପିଟାଲରେ ଏମ୍‌ଆର୍‌ଆଇ ସେବା ଯୋଗାଇ ଦିଆଯିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ଓଡ଼ିଶାର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ କାୟାକଳ୍ପ ସମ୍ମାନ ପ୍ରଦାନ କରାଯାଉଛି। ସେହିପରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନେକ ଯୋଜନା ହାତକୁ ନିଆଯାଇଛି। ପ୍ରତ୍ୟେକ ଲୋକଙ୍କ ଜୀବନ ରକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ଲାଗି ବାତାବରଣ ସୃଷ୍ଟି କରାଯିବା ସହିତ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଥିବା ସ୍ୱାସ୍ଥ୍ୟ ସଚିବ ସତ୍ୟପାଠରେ ଦର୍ଶାଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ଜୁଲାଇ ୨୭କୁ ଧାର୍ଯ୍ୟ ହୋଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ସ୍ୱାସ୍ଥ୍ୟସେବା ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ନେଇ ଆବେଦନକାରୀ ତଥା ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତି ହାଇକୋର୍ଟରେ ଏହି ମାମଲା ରୁଜୁ କରିଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କ'ଣ ସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି, ସେନେଇ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ ସମସ୍ତ ତଥ୍ୟ ନ ଥିଲା। ଫଳରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଗ୍ରହଣ କରାଯାଉଥିବା ପ୍ରଦକ୍ଷେପ, ପଦ ଫାଙ୍କାପଡ଼ିବା, ନୂତନ ଯୋଜନା ସଂକ୍ରାନ୍ତରେ ରୋଡ ମ୍ୟାପ ପ୍ରସ୍ତୁତ କରି ପୁନଃ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ନିଜେ ତାଙ୍କ ପାଇଁ ଏହି ମାମଲା ପରିଚାଳନା କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରକାଶ



@ ପୀତବାସ



@ ମୋନାଲି



@ ହୃଷୀକେଶ



@ ପୂଜା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ସ୍ଥାୟୀ ନିଯୁକ୍ତି ଦାବିରେ ଅଲ୍ ଓଡ଼ିଶା ଗ୍ରାଜୁଏଟ୍ କଣ୍ଟ୍ରାକ୍ଟୁଆଲ ଆଇସିଡିଏସ୍ ସୁପରଭାଇଜର ଆସୋସିଏଶନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ-ମନୋରଞ୍ଜନ ମିଶ୍ର)



ଦ୍ୱିତୀୟ ସୋମବାର ଗଡ଼ଗଡ଼ିଆ ଘାଟ ମହାନଦୀ ତଟରୁ ଜଳ ନେଇ ବିଭିନ୍ନ ଶୈବପୀଠ ଯିବା ପରେ ସୋମବାର ନଦୀ ତଟ ପରିସରରେ ପଡିରହିଥିବା ଅଳିଆ। (ଫଟୋ-ରାଜକିଶୋର ମହାନ୍ତି)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୭।୨୦୨୩

| | |
|---|---|
| ୪,୯୪,୬୩୭ ଟଙ୍କା | |
| ସୁନା | ୩.୫୮୦ ଗ୍ରାମ୍ |
| ରୁପା | ୭.୬୪୦ ଗ୍ରାମ୍ |

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି ନୀତି

ପୁରୀ, ୧୭।୭ ଅଜିତ ମହାନ୍ତି): ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି ଅବସରରେ ସୋମବାର ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଦକ୍ଷିଣାୟନ ନୀତି ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ। ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ଓ ଭୋଗମଣ୍ଡପ ପରେ ମଇଲମ ହୋଇ ମହାସ୍ନାନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ଶ୍ରୀବିଗ୍ରହମାନଙ୍କ ଯାତ୍ରାଙ୍ଗୀ ମହାସ୍ନାନ ନୀତି କରାଯାଇଥିଲା। ଘଟୁଆରୀ ଘରୁ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ସେବକ ଘଣ୍ଟ, ଛତା, କାହାଳୀ ପଟୁଆରରେ ମହାପ୍ରଭୁଙ୍କ ସର୍ବାଙ୍ଗ ନୀତି ନିମନ୍ତେ ଚନ୍ଦନ ବିଜେ କରାଇ ସିଂହାସନରେ ରଖିଥିଲେ। ଠାକୁରମାନଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ସମ୍ପନ୍ନ ଓ ନୂଆ ବୋଇରାଣି ଲୁଗା ଲାଗି କରାଯାଇଥିଲା। ଛ' ମୂର୍ତ୍ତି ଅଳଙ୍କାର ଲାଗି କରାଯାଇ ଶ୍ରୀବିଗ୍ରହମାନଙ୍କ ବେଶ ବଢ଼ିଥିଲା। ତଳିଛ, ପ୍ରଧାନୀ ହାତ ପୈଠ ମଧ୍ୟରେ ମଧ୍ୟାହ୍ନ ଧୂପ ଛେକ ଆସିଥିଲା। ପରେ ମହାପ୍ରଭୁଙ୍କ ବାଡ଼ରେ ମୁଦିରସ୍ତ ସେବକ ପ୍ରସାଦ ଲାଗି କରିଥିଲେ। ପ୍ରସାଦ ଲାଗି ପରେ ମଧ୍ୟାହ୍ନ ଧୂପ ପୂଜା ବସି ଟେରା ପଡ଼ିଲା ପରେ ମହାପ୍ରଭୁଙ୍କ ବାଡ଼ରୁ ପୂଜାପଣ୍ଡା, ପତ୍ରିବଡୁ ଏବଂ ସୁଆରବଡୁ ବାହାରକୁ ଆସି ମନ୍ଦିର ମଧ୍ୟରେ ୮ଟି ସ୍ଥାନରେ ଅନ୍ନବଳି ଦେଇଥିଲେ। ଏହାପରେ ଭିତରକୁ ଯାଇ ପୂଜା ସମ୍ପନ୍ନ କରିଥିଲେ। ପାଣି ପଡ଼ିଲା ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ଦ୍ୱାଦଶ ଯାତ୍ରା ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

### ଲଜ୍‌ରୁ ପ୍ରେମୀଯୁଗଳ ଧରାପଡ଼ିଲେ

ନିମାପଡ଼ା,୧୭।୭(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ପୋଲିସ ପୁରୀ ଗୋପାଳବଲ୍ଲଭ ରୋଡ଼ ଅଞ୍ଚଳର ଏକ ଲଜ୍‌ରେ ଚଢ଼ାଉ କରି ସୋମବାର ପ୍ରେମୀ ଯୁଗଳଙ୍କୁ ଧରିଛି। ପୋଲିସ ଅପହରଣ ଦଫାରେ ୨୪୧/୨୩ରେ ଏକ ମାମଲା ରୁଜୁ କରି ଦୁହିଁଙ୍କୁ ପଚରାଉଚରା କରୁଛି। ଏଥିସହ ସେମାନଙ୍କଠାରୁ ୨ ମୋବାଇଲ ଜବତ କରିଛି। ନିମାପଡ଼ା ଥାନା ଅଞ୍ଚଳର ୧୬ ବର୍ଷୀୟା କଲେଜ ଛାତ୍ରୀ ଓ ଗଞ୍ଜାମର ୨୮ ବର୍ଷୀୟ ଯୁବକଙ୍କ ଡାକ୍ତରୀମାଇନା ପାଇଁ ମଙ୍ଗଳବାର ଡାକ୍ତରଖାନାକୁ ପଠାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ କହିଛନ୍ତି। ନାବାଳିକା କୁଆଡ଼େ ପଳାଇଯାଇଥିବା ତାଙ୍କ ମା' ଗତ ୧୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ନାବାଳିକା ଟଙ୍କା ନେଇ କଲେଜ ଡ୍ରେସ କିଣିବାକୁ କହି ଗତ ୧୩ ତାରିଖରେ ଘରୁ ଯାଇ ଆଉ ଫେରି ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ଫେସବୁକ୍ ଚାର୍ଟିଂ ଜରିଆରେ ଗତ ୨ ମାସ ହେଲା ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିବା ଯୁବକ ଜଣକ ପଚରାଉଚରା ସମୟରେ ପ୍ରକାଶ କରିଛନ୍ତି।

# ରତ୍ନଚିତାରେ ଝଟକିଲେ ମହାପ୍ରଭୁ

ପୁରୀ, ୧୭।୭(ଅଜିତ ମହାନ୍ତି):



### ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା ନୀତି



ଶ୍ରୀମନ୍ଦିରରେ ସୋମବାର ଚିତାଲାଗି ଅମାବାସ୍ୟା ନୀତି ସମ୍ପନ୍ନ ହୋଇଛି। ପ୍ରାତଃକାଳରେ ମହାପ୍ରଭୁଙ୍କ ଦ୍ୱାରଫିଟା ନୀତି ଓ ମଙ୍ଗଳ ଆରତି ପରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ସକାଳ ଧୂପ, ଭୋଗମଣ୍ଡପ ଓ ଅନ୍ୟାନ୍ୟ ନୀତି ସରିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଦଇତାପତି ସେବକମାନେ ଚିତାଲାଗି ପାଇଁ ଗର୍ଭଗୃହରେ ପ୍ରବେଶ କରିଥିଲେ। ଏହି ନୀତି ପୂର୍ବରୁ ଭଣ୍ଡାରଘରୁ ତିନି ଠାକୁରଙ୍କୁ ଲାଗିହେଉଥିବା ୩ଟି ରତ୍ନ ଚିତା ଓ ପାଟରା ଯୋଗାଇଥିବା ପାଟଫିଟା ଡୋର ଜମା କରାଯାଇଥିଲା। ସକାଳ ଧୂପ ପୂଜା ବସିଥିବା ସମୟରେ ରତ୍ନଚିତା ୩ଟିକୁ ଭଣ୍ଡାର ମେକାପ ଆଣି ବେହେରଣ ନିକଟରେ ଦେଉଳକରଣଙ୍କ ମାର୍ଫତରେ ଦେଇଥିଲେ। ମନ୍ଦିର ବଣିଆ ଚିତା ମାଜି ସଫା କରିବା ପରେ ଏହାକୁ ପାରମ୍ପରିକ ନୀତିରେ ପଞ୍ଚାମୃତ କରାଯାଇଥିଲା। ସକାଳଧୂପ ଓ ଭୋଗ ମଣ୍ଡପ ପରେ ପୁଷ୍ପାଳକ ତିନିବାଡ଼ରୁ ଝୋବାକଣ୍ଠି ଅଳଙ୍କାର ମଇଲମ କରି ପାଳିଆ ମେକାପଙ୍କୁ ପ୍ରଦାନ କରିଥିଲେ। ମଇଲମ ପରେ ଶ୍ରୀଦେବୀ ଭୂଦେବୀଙ୍କୁ ଖଟଶେଯ ଘରେ ବିଜେ କରିଥିଲେ। ପାଳିଆ ଖୁଣ୍ଟିଆ ଡାକ ମାରିବାରୁ ତିନିବାଡ଼ର ବାଡଗ୍ରାହୀ ଦଇତାମାନେ ପତିମହାପାତ୍ର ବେହେରଣ ଦ୍ୱାର ଦେଇ ଗର୍ଭଗୃହକୁ ପ୍ରବେଶ କରିଥିଲେ। ବାଡ଼ଗ୍ରାହୀ ଦଇତାପତି ମହାପାତ୍ର ରତ୍ନସିଂହାସନ ଉପରେ ଦେଶ ପାଇଁ ଉଦ୍ଦିଷ୍ଟ କାଠଘୋଡ଼ା ଉପରେ ଚଢ଼ି ପାଟରା ଦେଇଥିବା ପାଟଡୋରରେ ଉକ୍ତ ଚିତାକୁ ବାନ୍ଧି ଶ୍ରୀଜୀଉମାନଙ୍କ ଶ୍ରୀମୁଖରେ ଲାଗି କରାଇଥିଲେ। ଏହି ପାଟଡୋର ଓ ଚିତାକୁ ଶ୍ରୀଜୀଉମାନଙ୍କ ଶ୍ରୀମୁଖରେ ସୁରକ୍ଷିତ ପାଇଁ ଲଗାଇବା ପାଇଁ ସୁଦୁସୁଆର ଦେଇଥିବା ଓଷ ଲଗାଇ ସଂଯୋଗ କରିଥିଲେ। ଶ୍ରୀବଳଭଦ୍ରଙ୍କ ଶ୍ରୀମୁଖରେ ସବୁଜ ରଙ୍ଗର ପାନ୍ନାଚିତା, ଶ୍ରୀଜଗନ୍ନାଥଙ୍କ ଶ୍ରୀମୁଖରେ ଉଜ୍ୱଳ ବ୍ରହ୍ମଜ୍ୟୋତି ଖଚିତ ହୀରାଚିତା ଦେବୀ ସୁଭଦ୍ରାଙ୍କ ଶ୍ରୀମୁଖରେ ମାଣିକ୍ୟ ଖଚିତ ଚିତା ଲଗାଯାଇଥିଲା। ଦଇତାମାନେ ଚିତାଲାଗି ସାରି ଗର୍ଭଗୃହରୁ ଫେରିବା ପରେ ପାଳିଆ ମେକାପ ରତ୍ନସିଂହାସନ ମାଜଣା କରିଥିଲେ। ଏହାପରେ ମହାପ୍ରଭୁଙ୍କ ମହାସ୍ନାନ ହୋଇ ଭୂଦେବୀ ଶ୍ରୀଦେବୀ ରତ୍ନସିଂହାସନରେ ବିଜେ କରିବା ପରେ ବେଶ ବଢିଥିଲା। ମାଳଫୁଲ ଲାଗି ବେଶ ବଢ଼ିବା ପରେ ମହାପ୍ରଭୁଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇଥିଲା। ଏହାପରେ ମୁଦିରସ୍ତ, ପତିମହାପାତ୍ର ଏବଂ ପୂଜାପଣ୍ଡା ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ସୁଭଦ୍ରାଙ୍କୁ ବନ୍ଦାପନା କରିଥିଲେ। ଏହାପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଏହା ବ୍ୟତୀତ ପୁରୀ ସହରରେ ଘରେ ଘରେ ଚିତାଲାଗି ଅମାବାସ୍ୟା ପାଳିତ ହୋଇଛି। ପ୍ରତି ଘରେ ନଡ଼ିଆ ଚାଉଳ ବଟାଯାଇ ମାଟିପଲମରେ ଚିତଉ ପିଠା କରି ଠାକୁରଙ୍କୁ ଅର୍ପଣ କରାଯାଇଥିଲା। ବର୍ଷାଦିନେ ଗେଣ୍ଡା, କୋଚିଆଙ୍କ ଉପଦ୍ରବରୁ ଚାଷବାସ ସମୟରେ ଘରଲୋକଙ୍କୁ ରକ୍ଷା କରିବା ପାଇଁ ମାଟି ମା' ଉଦ୍ଦେଶ୍ୟରେ ଏହି ପର୍ବ ପାଳନ କରାଯାଏ। ବିଲ, ପୋଖରୀ ଓ ବାରିରେ ଅପରାହ୍ଣରେ ଚିତଉ ପିଠା ଭୋଗ ଲଗାଇ ସହରବାସୀ ଅର୍ପଣ କରିଥିଲେ।



ପୁରୀ: ଶ୍ରାବଣ ଅମାବାସ୍ୟା ତିଥି ସୋମବାର ଅବସରରେ ସାଗର ବିଜେ ନୀତି ପାଇଁ ଅମାବାସ୍ୟା ନାରାୟଣଙ୍କୁ ମହୋଦଧିକୁ ନିଆଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ଅଲାରନାଥଙ୍କୁ ସୁବର୍ଣ୍ଣ ଚିତା ଲାଗି

ବ୍ରହ୍ମଗିରି, ୧୭।୭ (ସ୍ୱାଧୀନ ଚମ୍ପତିରାୟ):



ପବିତ୍ର ଶ୍ରାବଣ ମାସ ଚିତାଲାଗି ଅମାବାସ୍ୟା ତିଥିରେ ଶ୍ରୀଅଲାରନାଥ ଦେବଙ୍କୁ ଲାଗି ହୋଇଛି ସୁବର୍ଣ୍ଣ ଚିତା। ଏହି ତିଥିରେ ଶ୍ରୀଜୀଉଙ୍କୁ ସ୍ୱତନ୍ତ୍ର ଭୋଗ ଚିତଉ ପିଠା ଲାଗି କରାଯାଇଛି। ଶ୍ରୀ ଜୀଉଙ୍କର ଚିତାଲାଗି ବେଶ ଦର୍ଶନ ପାଇଁ ଭକ୍ତମାନଙ୍କର ଭିଡ଼ ଲାଗିରହିଥିଲା। ସୋମବାର ସାଢେ ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ବିଭିନ୍ନ ନୀତି ବଢିବା ପରେ ସାହାଣମେଲା ହୋଇ ସର୍ବସାଧାରଣ ଦର୍ଶନ ହୋଇଥିଲା। ଅନ୍ୟାନ୍ୟ ନୀତି ବଢିବା ପରେ ସକାଳ ଧୂପ ଓ ଦ୍ୱିପ୍ରହର ଧୂପ ହୋଇଥିଲା। ଅପରାହ୍ନ ୩ଟାରେ ଶ୍ରୀଜୀଉଙ୍କୁ ସୁବର୍ଣ୍ଣ ଚିତା ଲାଗି କରାଯିବା ସହିତ ବିଭିନ୍ନ ଆଭୂଷଣରେ ସୁସଜ୍ଜିତ କରାଯାଇଥିଲା। ଶ୍ରୀ ଅଲାରନାଥ ପୀଠରେ ଅନୁଷ୍ଠିତ ହେଉଥିବା ସମସ୍ତ ପର୍ବପର୍ବାଣି ମଧ୍ୟରେ ଚିତାଲାଗି ପର୍ବ ସ୍ୱତନ୍ତ୍ର। ପ୍ରଭୁଙ୍କର ଏହି ବେଶ ଦେଖିବା ପାଇଁ ଦିନ ସାରା ଭିଡ଼ ଲାଗିରହିଥିବା ଦେଖିବାକୁ ମିଳିଥିଲା। ପ୍ରଭୁଙ୍କ ନିକଟରେ ଭୋଗ ଲାଗି ହୋଇଥିବା ଚିତଉ ପିଠା, ଖିରି ଭୋଗ ପାଇବା ପାଇଁ ଭକ୍ତମାନେ ବହୁ ସମୟ ଅପେକ୍ଷା କରି ରହିଥିଲେ। ସନ୍ଧ୍ୟାରେ ଭାଗବତ ପାଠ କରାଯାଇ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

## ସାକ୍ଷୀଗୋପୀନାଥ ଦେବଙ୍କ ଚିତାଲାଗି

ସାକ୍ଷୀଗୋପାଳ, ୧୭।୭(ଭରତ ରାଉତ)

ସାକ୍ଷୀଗୋପୀନାଥ ଦେବଙ୍କ ଚିତାଲାଗି ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ପର୍ବ ପାଳନ ପାଇଁ ଭଣ୍ଡାର ମେକାପ ଠାକୁରଙ୍କ ଭଣ୍ଡାର ଘରୁ ସୁନାଚିତା କାଢ଼ିଥିଲେ। ଦ୍ୱିପ୍ରହର ଧୂପ ପରେ ଠାକୁରଙ୍କୁ ନୂତନ ବସ୍ତ୍ର ପରିଧାନ କରାଯିବା ସହ ତୁଳସୀ ଓ ଚନ୍ଦନ ଲାଗି କରାଯାଇଥିଲା। ପୂଜାପଣ୍ଡା ସେବକମାନେ ଠାକୁରଙ୍କୁ ସୁନା ଚିତା ଲାଗି କରାଇଥିଲେ। ସେହିପରି ଗ୍ରାମରେ ଥିବା ମଠ, ମନ୍ଦିରଗୁଡ଼ିକରେ ମଧ୍ୟ ଚିତାଲାଗି ପର୍ବ ପାଳିତ ହୋଇଯାଇଛି। ଓଡ଼ିଆ ମତ ଅନୁଯାୟୀ ଶ୍ରାବଣ ମାସ ଅମାବାସ୍ୟାରେ ନଦୀ, କେନାଲରେ ପାଣି ଆସିବା ସହିତ ଧାନ କ୍ଷେତରେ ପୋକ, ଜୋକ ଓ ଗେଣ୍ଡା ରହିଥାନ୍ତି ସେମାନେ ଫସଲ ନଷ୍ଟ କରି ଦେଇଥାନ୍ତି। ସେଥି ଯୋଗୁ ଚାଷୀ ପରିବାରମାନେ ଚିତଉ ପିଠା କରି ବିଲରେ ପୂଜା କରିବା ସହ ନଦୀରେ ପକାଇ ଗେଣ୍ଡାଙ୍କର ଶରଣ ନେଇଥାନ୍ତି ବୋଲି ଅଗ୍ରଣୀ ଚାଷୀ ଗୋଲକ ପ୍ରଧାନ କହିଛନ୍ତି। ଚିତଉ ପିଠା କରାଯାଇ ପ୍ରଥମେ ଐଶାନ୍ୟ ଓ ଘରର କୂଳ ଦେବତାଙ୍କୁ ଭୋଗ ଲାଗିବା ପରେ ପିଠା ଗେଣ୍ଡାକୁ ପ୍ରଦାନ କରାଯିବାର ପରମ୍ପରା ପ୍ରଥା ଏବେ ବି ବଞ୍ଚି ରହିଛି।



ଶ୍ରାବଣ ଦ୍ୱିତୀୟ ସୋମବାର ଓ ସଂକ୍ରାନ୍ତି ଅବସରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଗହଳି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଜନସେବା କେନ୍ଦ୍ରରେ ଅଗ୍ନିକାଣ୍ଡ, ଦେଢ଼ ଲକ୍ଷ ଟଙ୍କାର ସାମଗ୍ରୀ ଭସ୍ମୀଭୂତ

ନିମାପଡ଼ା, ୧୭।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଭିଲ୍ଲି ଗ୍ରାମ ପଞ୍ଚାୟତପ ଭିଲିଦେଉଳ ଗ୍ରାମ ନିକଟ ଏକ ଜନସେବା କେନ୍ଦ୍ରରେ ଶନିବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ଜନସେବା କେନ୍ଦ୍ରର ୨ଟି କମ୍ପ୍ୟୁଟର, ୨ଟି ପ୍ରିଣ୍ଟର, ୨ ଲାପଟପ, ୨ ଇପିଏସ୍, ଲାମିନେଶନ ମେଶିନ, ଟେବୁଲ ଚେୟାର ସମେତ ଦେଢ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ସାମଗ୍ରୀ, ଆସବାବପତ୍ର ନିଆଁରେ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ କେହି ଦୁର୍ବୃତ୍ତ ଈର୍ଷାନ୍ୱିତ ହୋଇ ସେବାକେନ୍ଦ୍ରର ଝରକା ଭାଙ୍ଗି ପେଟ୍ରୋଲ ପକାଇ ଜନସେବା କେନ୍ଦ୍ରରେ ନିଆଁ ଲଗାଇ ଦେଇଥିବା ଜନସେବା କେନ୍ଦ୍ର ମାଲିକଙ୍କ ଭାଇ ମୁକେଶ ମହାରଣା ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୨୪୬/୨୩ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅଗ୍ନିକାଣ୍ଡ ଘଟାଇଥିବା ଦୁର୍ବୃତ୍ତଙ୍କୁ ଧରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେବାକେନ୍ଦ୍ରର ମାଲିକ ଓ ଗ୍ରାମବାସୀ ପୋଲିସ ନିକଟରେ ଦାବି କରିଛନ୍ତି।

## ସଫଳତା ପାଇଁ ମନମୋହନଙ୍କୁ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧନା ଅବସରରେ ମନମୋହନ ଭଞ୍ଜ ଓ ଅନ୍ୟମାନେ ।

ପୁରୀ, ୧୭।୭(ଅଜିତ ମହାନ୍ତି):

### ଅନ୍ତର୍ଜାତୀୟ ଟାଏକୋଣ୍ଡୋ ମାଷ୍ଟର କୋର୍ସ

ପୁରୀ ଜିଲାର ଉଦୀୟମାନ ଟାଏକୋଣ୍ଡୋ କ୍ରୀଡ଼ାବିତ୍ ଭାବେ ମନମୋହନ ଭଞ୍ଜ ପରିଚିତ। ଓଡ଼ିଶା ତଥା ପୁରୀ ଜିଲାରୁ ମନମୋହନ ଏକମାତ୍ର ଟାଏକୋଣ୍ଡୋ କ୍ରୀଡ଼ାବିତ୍ ଭାବେ ବିଶ୍ୱ ଟାଏକୋଣ୍ଡୋ ମୁଖ୍ୟାଳୟ ଦକ୍ଷିଣକୋରିଆର ସିଓଲସ୍ଥିତ କୁକିୱନଠାରେ ଜୁଲାଇ ୬ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ମାଷ୍ଟର କୋର୍ସ ଏବଂ ଅନ୍ତର୍ଜାତୀୟ ପୁମ୍ ଓ ଡାନ୍ ବ୍ଲାକବେଲ୍ଟ ପରୀକ୍ଷକ କୋର୍ସରେ ସଫଳତା ହାସଲ କରିଛନ୍ତି। ବର୍ତ୍ତମାନ ସେ ଓଡ଼ିଶା ଟାଏକୋଣ୍ଡୋ ସଂଘ ଓ ପୁରୀ ଜିଲା ସଂଘର ସାଧାରଣ ସମ୍ପାଦକ ରହିଛନ୍ତି। ଏହି କୋର୍ସ କରିବାରେ ଜିଲାର ପ୍ରଥମ କ୍ରୀଡ଼ାବିତ୍ ମନମୋହନ ଓଡ଼ିଶା ପାଇଁ ବଡ଼ ଗର୍ବ ଓ ଗୌରବ ଆଣିଛନ୍ତି। ମନମୋହନଙ୍କ ଏହି ସଫଳତା ପାଇଁ ରାଜ୍ୟର ଟାଏକୋଣ୍ଡୋ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଖୁସି ଆଣିଛି। ସୋମବାର ମନମୋହନ ପୁରୀରେ ପହଞ୍ଚିବା ପରେ ତାଙ୍କୁ କ୍ରୀଡ଼ାପ୍ରେମୀଙ୍କ ସମେତ ବିଭିନ୍ନ ମହଲରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

## ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

କଣାସ, ୧୭।୭(ବିଭୂତି ଭୂଷଣ ତ୍ରିପାଠୀ)

### କଣାସ ଥାନା ଅଧିକାରୀଙ୍କ ସହାୟତାରେ ମୃତଦେହ ଗାଁକୁ ଫେରିଲା

କଣାସ ଥାନା ଅଧୀନ ଗଡ଼ବଡ଼ପୁଟ ପଞ୍ଚାୟତ ବାଦଲପୁର ଗ୍ରାମର ବାସୁଦେବ ରାଉତରାୟଙ୍କ ପୁଅ ବୈକୁଣ୍ଠ ରାଉତରାୟ(୨୯)ଙ୍କ ରବିବାର ବେଙ୍ଗାଲୁରୁରେ ମୃତ୍ୟୁ ଘଟିଛି। ସେ ଦୀର୍ଘ ୧୫ବର୍ଷ ହେଲା ଏକ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ି ତାଙ୍କ ମୃତ୍ୟୁ ହୋଇଛି। କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀଙ୍କ ପ୍ରଚେଷ୍ଟାରେ ସୋମବାର ବୈକୁଣ୍ଠଙ୍କ ମୃତଦେହ ଉଡାଜାହାଜ ଯୋଗେ ଗାଁକୁ ଫେରିଛି। ଖବରନେବାରେ ଜଣାପଡ଼ିଛି, ବୈକୁଣ୍ଠ ବେଙ୍ଗାଲୁରୁରେ ଟିପର୍ସ ଆଣ୍ଡ ଟ୍ରିଲରସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀରେ ୱେଲଡିଂ କାର୍ଯ୍ୟ କରୁଥିଲେ। ଶନିବାର କାର୍ଯ୍ୟ କରୁଥିବା ସମୟରେ ହଠାତ୍ ଅସୁସ୍ଥ ହୋଇ ତାଙ୍କର ମୃତ୍ୟୁ ହୋଇଥିଲା। ଆଟିବେଲ୍ ଥାନା ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ବୈକୁଣ୍ଠଙ୍କ ମା'-ବାପାଙ୍କୁ ଏ ବାବଦରେ ଜଣାଇଥିଲେ। ବାପା ବାସୁଦେବ ରାଉତରାୟ କଣାସ ଥାନା ଆଇଆଇସି ରାଜେଶ ତ୍ରିପାଠୀଙ୍କୁ ପୁଅର ମୃତଦେହ ଗାଁକୁ ଫେରାଇ ଆଣିବାକୁ ଅନୁରୋଧ କରିଥିଲେ। ଆଇଆଇସି ତ୍ରିପାଠୀ ବେଙ୍ଗାଲୁରୁର ଆଟିବେଲ୍ ଥାନାର ଅଧିକାରୀଙ୍କ ସହିତ ଯୋଗାଯୋଗ କରି ସେଠାରେ କିଛି ତ୍ରିପାଠୀଙ୍କ ସମ୍ପର୍କୀୟଙ୍କ ସହାୟତାରେ ବୈକୁଣ୍ଠଙ୍କ ମୃତଦେହକୁ ଉଡ଼ାଜାହାଜ ଯୋଗେ ଭୁବନେଶ୍ୱର ଅଣାଯାଇଛି।

## ରାସ୍ତାରେ ଭାସୁଛି ଡ୍ରେନ୍ ପାଣି

ପୁରୀ, ୧୭।୭(ଅଜିତ ମହାନ୍ତି)

ଦୋଳମଣ୍ଡପ ସାହି ହାବେଳି ଗଳିରେ ତଳସାହିର ସ୍ୱେରେଜ ପାଇଁ ବିଶ୍ୱମ୍ବର ବିଦ୍ୟାପୀଠର ପଡ଼ିଆ ଦେଇ ଚିତ୍ରକାର ସାହି ମୁଖ୍ୟ ଧାରାରେ ସଂଯୋଗ ହୋଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅନୁମତି ପରେ ଜିଲା ପ୍ରଶାସନ ସ୍ୱେରେଜ ବିଭାଗକୁ ଦାୟିତ୍ୱ ଦେଇଥିଲେ। ତଦନୁଯାୟୀ କାର୍ଯ୍ୟ ଚାଲିଥିଲା। ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷ ବର୍ତ୍ତମାନ ସ୍ୱେରେଜ ଚାମ୍ବର ବନ୍ଦ କରି ତାହା ଉପରେ ଏକ ଗଡ଼ାଣିଆ ମଣ୍ଡପ ନିର୍ମାଣ କରିଛନ୍ତି। ଏଥିଯୋଗୁ ଚାମ୍ବର ଜାମ୍ ହେବା ସହ ତଳସାହି ରାସ୍ତାରେ ଡ୍ରେନ୍ ପାଣି ଭାସୁଛି। ତଳସାହିରେ ରହୁଥିବା ୫୦ ପରିବାର ହଇରାଣ ହେଉଛନ୍ତି। ସାହିରେ ପୋକଜୋକଙ୍କ ଉପଦ୍ରବ ସାଙ୍ଗକୁ ଦୁର୍ଗନ୍ଧ ଯୋଗୁ ରହିହେଉନାହିଁ। ଏପରିକି

### ସ୍ୱେରେଜ ଚାମ୍ବର ବନ୍ଦ, ଲୋକେ ହଇରାଣ

ସାହିରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ସ୍ୱେରେଜ ସମସ୍ୟା ଦୂର ପାଇଁ ଦୁଇଟି ନୂଆ ଚାମ୍ବର ନିର୍ମାଣ ହେବା ଆବଶ୍ୟକ। ନୂଆ ତୋଟା ଯାଗାର ବାଡ଼ ସୀମା ଦେଇ ମୋଚି ସାହି ଛକ ସହିତ ତାହାକୁ ସଂଯୋଗ କରାଯାଇପାରେ। ଏ ନେଇ ପ୍ରଶାସନକୁ ବାରମ୍ବାର ଅବଗତ କରାଗଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଥିଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ନିବେଦନ କରିଛନ୍ତି।




ରାସ୍ତାକୁ ବୋହି ଆସିଥିବା ଡ୍ରେନ ପାଣି ।

## ବସ୍ ଧକ୍କାରେ ଗୋଶାଳା ମୁଖ୍ୟ ପରିଚାଳକ ମୃତ

ପିପିଲି, ୧୭।୭(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)






ପୁରୀ-ଭୁବନେଶ୍ୱର ୩୧୬ନଂ. ଜାତୀୟ ରାଜପଥର ପିପିଲି ଟୋଲପ୍ଲାଜା ନିକଟରେ ସୋମବାର ମଧ୍ୟାହ୍ନ ସାଢେ ୧୨ଟା ସମୟରେ ଶାରଳା ବସ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସତ୍ୟବାଦୀ ଥାନା ଅଧୀନ ଅଲଗୁମ ପଞ୍ଚାୟତର ଚୁରାଳି ଗ୍ରାମର ମହେଶ୍ୱର ପ୍ରଧାନ(୫୮)। ସେ ପଟ୍ଟନାୟିକିଆ ଛକ ନିକଟ ଗୋଶାଳାର ମୁଖ୍ୟ ପରିଚାଳକ ବୋଲି ଜଣାପଡ଼ିଛି। ଏନେଇ ପୋଲିସ ୩୩୦/୨୩ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ମହେଶ୍ୱର ଭୁବନେଶ୍ୱରରୁ ବାଇକ୍ ଯୋଗେ ଘରକୁ ଯାଉଥିଲେ। ପିପିଲି ଟୋଲପ୍ଲାଜା ନିକଟ ଓରକଳ ଗ୍ରାମ ଛକ ନିକଟରେ ଭୁବନେଶ୍ୱରରୁ ଆସୁଥିବା ଶାରଳା ବସ୍(ନଂ. ଓଆର୍ ୧୩ ବି ୯୮୮୧) ତାଙ୍କୁ ପଛପଟୁ ପିଟିଥିଲା। ଫଳରେ ସେ ରାସ୍ତା ଉପରକୁ ଛିଟିକି ପଡ଼ିବା ବେଳେ ବସ୍‌ର ଚକା ତାଙ୍କ ମୁଣ୍ଡ ଉପରେ ଚଢିଯାଇଥିଲା। ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପିପିଲି ଡାକ୍ତରଖାନା ନେଇଥିବାବେଳେ ସେଠାରେ ଡାକ୍ତର ମହେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମହେଶ୍ୱରଙ୍କ ପୁତୁରା ସୁଜିତ ପ୍ରଧାନଙ୍କ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ଘଟଣା ଘଟାଇଥିବା ବସ୍‌କୁ ପୋଲିସ ଜବତ କରିବା ସହ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଥିବା ଏସ୍‌ଆଇ ସନ୍ଦିପ ଦାସ କହିଛନ୍ତି। ତେବେ ମହେଶ୍ୱର ସୁସଂଗଠକ ଭାବେ ଯୁବକ ଅବସ୍ଥାରୁ ସାକ୍ଷୀଗୋପାଳ ମନ୍ଦିର ଟ୍ରଷ୍ଟି ଦାୟିତ୍ୱ ତୁଲାଇଥିବାବେଳେ ଭାଜପାର ପୁରୀ ଜିଲା ସମ୍ପାଦକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ ସଦସ୍ୟ ହୋଇ ସର୍ବଦା ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ୨୦୧୨ରେ ପଟ୍ଟନାୟିକିଆ ଛକସ୍ଥିତ ଗୋବିନ୍ଦ ଜୀଉ ଗୋଶାଳା ଟ୍ରଷ୍ଟ କରି ଗୋ-ସେବା କରିଆସୁଥିଲେ। ୨୦୨୩ରୁ ପୁରୀ ଜିଲାର ବିଭିନ୍ନ ଗ୍ରାମରେ ପରିବେଶ ସୁରକ୍ଷା ନିମନ୍ତେ ତାରାରୋପଣ ଓ ଗୋ-ସୁରକ୍ଷା ଅଭିଯାନ ପାଇଁ ସ୍ଥାନୀୟ ଲୋକଙ୍କୁ ପ୍ରେରଣା କରୁଥିଲେ। ମହେଶ୍ୱରଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବିଦ୍ୟାଳୟ ମିଶ୍ରଣକୁ ଜୋର୍‌ଦାର୍ ବିରୋଧ

## ବାଳକ ଉଚ୍ଚ ବିଦ୍ୟାଳୟରେ ବି ଅସନ୍ତୋଷ

## ଭିତ୍ତିଭୂମି ନ ପରଖି ନିଷ୍ପତ୍ତି ଅଭିଯୋଗ

ଭୁବନେଶ୍ୱର,୧୭।୭
(ଅନୁରାଧା ମହାରଣା)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରୁ ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଜୁନିଅର କଲେଜକୁ ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବା ଓ ଏହି ବାଳିକା ଉଚ୍ଚ ବିଦ୍ୟାଳୟକୁ ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ ପାଇଁ ବାରମ୍ବାର ଉଦ୍ୟମ କରାଯାଉଛି। ସେହିପରି ବାରମ୍ବାର ବିରୋଧ ହେଉଥିବାବେଳେ ଏବେ ଏହା ଆନ୍ଦୋଳନର ରୂପ ନେଇଛି। ସୋମବାର ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀ ଓ ଅଭିଭାବକ ଧାରଣା ଦେଇଥିବାବେଳେ ସେପଟେ ବାଳକ ଉଚ୍ଚ ବିଦ୍ୟାଳୟରେ ମଧ ଅସନ୍ତୋଷ ପ୍ରକାଶ ପାଇଲାଣି। ତେବେ ଏପରି ନିଷ୍ପତ୍ତି ଓ ବିରୋଧ କାହିଁକି ତାହାକୁ ନେଇ ଆଲୋଚନା ଜୋର୍ ଧରିଥିବାବେଳେ ବିଶେଷକରି ମିଶ୍ରଣ ହେବାକୁଥିବା ଦୁଇ ଉଚ୍ଚ ବିଦ୍ୟାଳୟର ସ୍ଥିତି ତଥା ଭିତ୍ତିଭୂମି ତର୍ଜମାର ଆବଶ୍ୟକତା ରହିଛି। ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟଟି ପ୍ରଥମେ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ଚାଲୁଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସ୍ଥାନୀୟ ଅଞ୍ଚଳର ଦୁଇଟି ପ୍ରାଥମିକ ବିଦ୍ୟାଳୟକୁ ଉକ୍ତ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। ଫଳରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୭୫୦ରୁ ଅଧିକ ରହୁଛି। ଅନ୍ୟପଟେ ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟ ମିଶ୍ରଣ ହେଲେ ଏଠାରେ ବିଦ୍ୟାର୍ଥୀଙ୍କ ସଂଖ୍ୟା ପ୍ରାୟ ୧୨ଶହରେ ପହଞ୍ଚିବ। ତେବେ ବିଦ୍ୟାଳୟ ମିଶ୍ରଣ ବିଜ୍ଞପ୍ତିରେ ଶିକ୍ଷକ ନିଯୁକ୍ତି ନେଇ ସ୍ୱଷ୍ଟତା ନ ଥିବାରୁ ଏହା ଚିନ୍ତାର ବିଷୟ ପାଲଟିଛି। ବାଳିକା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକ ସିଧାସଳଖ ଏଠାରେ ନିଯୁକ୍ତି ପାଇବେ ନା ଅନ୍ୟ ବିଦ୍ୟାଳୟରେ ନିଯୁକ୍ତି ପାଇବେ, ସେନେଇ ଉଭୟ ବିଦ୍ୟାଳୟ କର୍ତ୍ତୃପକ୍ଷ ଚିନ୍ତାରେ ପଡ଼ିଛନ୍ତି। ବାଳକ ବିଦ୍ୟାଳୟରେ ୨୦୨୦ରେ ୨୯ଜଣ ଶିକ୍ଷୟିତ୍ରୀଶିକ୍ଷକ ଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୧୭କୁ ଖସି ଆସିଛି। ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ସ୍ଥିତି ଅନୁସାରେ ଆହୁରି ୧୮ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି।

**ପିଲାଙ୍କ ଅଭିଯୋଗ ସରକାରଙ୍କୁ ଜଣାଇବି**

ମୁଁ ଏଠାକୁ ପ୍ରତିନିଧି ଭାବେ ଆସି ଛାତ୍ରୀଙ୍କ ସହ ଆଲୋଚନା କରିଛି। ତେବେ ବର୍ତ୍ତମାନ ପାଠପଢ଼ା ସମୟ, ପିଲା ପାଠ ପଢ଼ିବା ଉଚିତ। ପିଲାଙ୍କ ଅଭିଯୋଗକୁ ସରକାରଙ୍କୁ ଜଣାଇବି। ତେବେ ସ୍କୁଲ ଏଠି ରହିବ କି ନାହିଁ, ତାହା ବର୍ତ୍ତମାନ କହିପାରିବି ନାହିଁ।

– ପ୍ରଜ୍ଞା ପାରମିତା ଜେନା, ବ୍ଲକ୍ ଶିକ୍ଷାଧିକାରିଣୀ

ସଭାପତି ସୂର୍ଯ୍ୟ ନାରାୟଣ ଦାଶ କହିଛନ୍ତି। ତେଣୁ ମିଶ୍ରଣ ପୂର୍ବରୁ ନୂଆ ଶ୍ରେଣୀ ଗୃହ ନିର୍ମାଣ କରାଯିବାର ଆବଶ୍ୟକତା ରହିଛି। ଯଦି ମିଶ୍ରଣ କରାଯିବାର ଥିଲା ଗ୍ରୀଷ୍ମଛୁଟିରେ ଆନୁଷଙ୍ଗିକ ବନ୍ଦୋବସ୍ତ କରାଯାଇପାରିଥା'ନ୍ତା। ବର୍ତ୍ତମାନ ପିଲାଙ୍କର ପାଠପଢ଼ା ନିଶ୍ଚିତ ଭାବେ ପ୍ରଭାବିତ ହେବ। ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ସହ ବିଦ୍ୟାଳୟ ପରିବେଶ ପରିଷ୍କାର ପାଇଁ ଅଧିକ ସଂଖ୍ୟକ କର୍ମଚାରୀ ଓ ଶୌଚାଳୟ ମଧ ଦରକାର। ବିଦ୍ୟାଳୟ



ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଇଓ ପ୍ରଜ୍ଞା ପାରମିତା ଜେନା ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ହରିଚନ୍ଦନ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟବ୍ରତ ପରିଡ଼ାଙ୍କ ସହ ଆଲୋଚନା କରୁଛନ୍ତି।

ଅନ୍ୟାନ୍ୟ ବିଷୟ ସହ କ୍ରୀଡା ଶିକ୍ଷକ ଓ ହିନ୍ଦୀ ଶିକ୍ଷକ ମଧ ନାହାନ୍ତି। ଆସନ୍ତା ମାସରେ ପରୀକ୍ଷା ହେବାକୁ ଥିବାବେଳେ ହିନ୍ଦୀ ଖାତା କିଏ ଦେଖିବେ ତାହାକୁ ନେଇ ଛାତ୍ରୀଛାତ୍ର ଚିନ୍ତାରେ ପଡ଼ିଛନ୍ତି। ସେହିପରି ବିଦ୍ୟାଳୟକୁ ସ୍ଥାନୀୟ ଅଞ୍ଚଳର ୩ଟି ଅଙ୍ଗନୱାଡ଼ି କେନ୍ଦ୍ର ମଧ ସ୍ଥାନାନ୍ତରିତ ହୋଇଆସିଛି। ସୁକ ବିହାର ଓ ଶନିବିହାର ଅଙ୍ଗନାୱାଡି କେନ୍ଦ୍ର, ଆନନ୍ଦ ବଜାର ବସ୍ତି ଅଙ୍ଗନୱାଡ଼ି କେନ୍ଦ୍ର ଓ ଆର୍. କେ. ଲକ୍ଷ୍ମୀ ନାରାୟଣ-୧ ଅଙ୍ଗନୱାଡ଼ି କେନ୍ଦ୍ର ବାଳକ ବିଦ୍ୟାଳୟ ପରିସରରେ ରହିଛି। ଫଳରେ ଦିନକୁ ଦିନ ବିଦ୍ୟାଳୟ ପରିସର ଭିଡ଼ ହୋଇଯାଉଛି। ତେବେ ବିଦ୍ୟାଳୟ ମିଶ୍ରଣ ହେଲେ ବିଭିନ୍ନ ସମସ୍ୟା ସୃଷ୍ଟି ହେବ ବୋଲି ବିଦ୍ୟାଳୟ ପରିଚାଳନା କମିଟିର ରୂପାନ୍ତରିତ ହେବା ପରେ ବାଳିକା ଉଚ୍ଚ ବିଦ୍ୟାଳୟକୁ ଆସିଥିବା ଅତ୍ୟାଧୁନିକ ସାମଗ୍ରୀ ମଧ ସ୍ଥାନାନ୍ତରିତ ହେବା ଉଚିତ। ପ୍ରଧାନ ଶିକ୍ଷକ ବିଜୟ ବେହେରା କହିଛନ୍ତି, ବିଦ୍ୟାଳୟ ଯଦି ମିଶ୍ରଣ ହୁଏ ତେବେ ଦୁଇଟି ପର୍ଯ୍ୟାୟରେ କ୍ଲାସ୍ କରିବାକୁ ପଡ଼ିବ। ସକାଳ ୬ଟାରୁ ୧୧ଟା ଓ ୧୧ଟାରୁ ୫ଟା। ତେବେ ପ୍ରଧାନ ଶିକ୍ଷକ ଦୈନିକ କାର୍ଯ୍ୟକାଳ କେତେ ରହିବ ତାହା ଜଣାନାହିଁ। ଅନ୍ୟପଟେ ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନିଜ ବିଦ୍ୟାଳୟର ଛାତ୍ରୀମାନଙ୍କୁ ଆନ୍ଦୋଳନ ନ କରି କ୍ଲାସ୍ କରିବାକୁ ପରାମର୍ଶ ଦେଇଛନ୍ତି। ଆନ୍ଦୋଳନ ନୁହେଁ, ବରଂ ଆଲୋଚନା ମାଧ୍ୟମରେ ଦାବି ହାସଲ କରାଯାଇପାରିବ ବୋଲି ସେ କହିଛନ୍ତି।




ବାଳକ ଉଚ୍ଚ ବିଦ୍ୟାଳୟ ସହ ମିଶ୍ରଣକୁ ବିରୋଧ କରି ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ: ବିକାଶ ନାୟକ)

### ସରକାର ରମାଦେବୀ ଜୁନିୟର କଲେଜକୁ ଅନ୍ୟତ୍ର ଜାଗା ଦିଅନ୍ତୁ



ରମାଦେବୀ ବିଶ୍ୱବିଦ୍ୟାଳୟର ଉନ୍ନତୀକରଣ କରାଯାଉ। ମାତ୍ର ଦୀର୍ଘବର୍ଷ ଧରି ରାଜଧାନୀର ମର୍ଯ୍ୟାଦା ବଢ଼ାଇଆସୁଥିବା ୟୁନିଟ୍-୯ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତରଣ କରା ନ ଯାଉ। ଯଦି ସରକାର ରମାଦେବୀ କଲେଜକୁ ଏତେ ଭଲ ପାଉଛନ୍ତି, ତା'ହେଲେ ଜୁନିୟର କଲେଜ ପାଇଁ ଆଉ କେଉଁଠି ଜାଗା ଦିଅନ୍ତୁ। କିନ୍ତୁ ଏଠାରୁ ବାଳିକା ବିଦ୍ୟାଳୟ ଉଠିବ ନାହିଁ।

–ସୁରେଶଚନ୍ଦ୍ର ରାଉତରାୟ, ଜଟଣୀ ବିଧାୟକ

### ନିଷ୍ପତ୍ତି ନ ବଦଳିଲେ ଅନେକ ଛାତ୍ରୀ ଅଧାରୁ ପାଠ ଛାଡ଼ିବେ



ଗୁଣାତ୍ମକଶିକ୍ଷା ଓ ଉନ୍ନତ ଭିତ୍ତିଭୂମି ଲାଗି ପ୍ରତିବର୍ଷ ମାଟ୍ରିକ ବୋର୍ଡ ପରୀକ୍ଷାରେ ୟୁନିଟ୍-୯ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଭଲ ରେଜଲ୍ଟ କରିଥାନ୍ତି। ତେବେ ଏହି ସ୍କୁଲକୁ ଅପ୍‌ଗ୍ରେଡ୍ କରିବାକୁ ପୂର୍ବରୁ ନିଷ୍ପତ୍ତି ହୋଇଥିବାବେଳେ ଏବେ ଏହାକୁ ରମାଦେବୀ ବିଶ୍ୱବିଦ୍ୟାଳୟ ହାତକୁ ଟେକି ଦେବା ପଛରେ ନିଶ୍ଚୟ କିଛି କ୍ଷମତାଶାଳୀ ବ୍ୟକ୍ତିଙ୍କ ସ୍ୱାର୍ଥ ରହିଛି। ଗଣଶିକ୍ଷା ବିଭାଗ ନିଷ୍ପତ୍ତିରେ ପରିବର୍ତ୍ତନ ନ କଲେ ଅନେକ ଛାତ୍ରୀ ଅଧାରୁ ପାଠପଢ଼ା ଛାଡ଼ିବେ।

–ସତ୍ୟବ୍ରତ ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି

### ଆମ ଶିକ୍ଷାନୁଷ୍ଠାନ ଛଡ଼ାଇ ନେବାକୁ ଦେବୁ ନାହିଁ



ଆମ ବିଦ୍ୟାଳୟ ହାଇସ୍କୁଲ ୟୁନିଟ୍-୯ ହାଇସ୍କୁଲ ସହ ମିଶ୍ରଣ ହେବା ଦ୍ୱାରା ଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେବ। ଆମ ବିଦ୍ୟାଳୟର ନାରୀଶିକ୍ଷାର ପ୍ରାଣକେନ୍ଦ୍ର। ଦଶମ ବୋର୍ଡ ପରୀକ୍ଷାରେ ଆମ ପିଲାମାନେ ୟୁନିଟ୍-୯ ହାଇସ୍କୁଲ ତୁଳନାରେ ଭଲ ନମ୍ବର ରଖୁଛନ୍ତି। ଏକାଧିକ ଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖୁଛନ୍ତି। ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଜମି ଦେବାକୁ ଯାଇ ଆମଠାରୁ ଆମ ଶିକ୍ଷାନୁଷ୍ଠାନ ଛଡ଼ାଇ ନେବାକୁ ଦେବୁ ନାହିଁ।

–ଯମୁନା ପ୍ରଧାନ, ଦଶମ ଶ୍ରେଣୀ ଛାତ୍ରୀ

### ବିଦ୍ୟାଳୟ ମିଶ୍ରଣ ପାଇଁ ବାଧ କରାଯାଉଛି କାହିଁକି?



ସରକାର ଯଦି ରମାଦେବୀକୁ ବିଶ୍ୱର ସବୁଠୁ ଭଲ ବିଶ୍ୱବିଦ୍ୟାଳୟ କରିବାକୁ ଚାହୁଁଛନ୍ତି, ସେମିତି ଆମେ ବି ଆମ ବିଦ୍ୟାଳୟକୁ ଶ୍ରେଷ୍ଠ କରିବାକୁ ଚାହୁଁଛୁ। ସେମାନେ ଆମ ସ୍ୱପ୍ନ ଭାଙ୍ଗି ସେମାନଙ୍କ ସ୍ୱପ୍ନ ସାକାର କରିବା କ'ଣ ଉଚିତ? ଯଦି ଯୁକ୍ତ୨ ପାଇଁ ସ୍ଥାନର ଅଭାବ ଅଛି, ସେମାନେ ନିଜକୁ ଉତ୍କଳ ବିଶ୍ୱବିଦ୍ୟାଳୟ ସହ ମିଶ୍ରଣ କରିବେ କି? ତେବେ ଆମ ବିଦ୍ୟାଳୟକୁ ଅନ୍ୟ ବିଦ୍ୟାଳୟରେ ମିଶ୍ରଣ ପାଇଁ ବାଧ କରାଯାଉଛି କାହିଁକି?

–ଶିଳ୍ପା ଦାସ, ଛାତ୍ରୀ

### ଆମ ବିଦ୍ୟାଳୟରେ ଯୁକ୍ତ୨ ଖୋଲାଯାଉ



ଆମ ବିଦ୍ୟାଳୟରେ ଯୁକ୍ତ୨ ଖୋଲାଯାଇପାରିବ। ମାତ୍ର ସେପରି ବ୍ୟବସ୍ଥା ନ କରି ସିଧାସଳଖ ରମାଦେବୀ ବିଶ୍ୱବିଦ୍ୟାଳକୁ ହସ୍ତାନ୍ତର କରିବାର କ'ଣ ଆବଶ୍ୟକତା ରହିଛି? ସହରରେ ଯଦି ବାଳିକା ଉଚ୍ଚ ବିଦ୍ୟାଳୟର ଆବଶ୍ୟକତା ନାହିଁ ତେବେ ଏହି ବିଦ୍ୟାଳୟ କାହିଁକି ନିର୍ମାଣ କରାଯାଇଥିଲା, ଏତେଦିନ କାହିଁକି ଚାଲିଥିଲା? ଏହି ପ୍ରଶ୍ନର ଉତ୍ତର କିଏ ଦେଇ ପାରିବେ କି?

– ଭକ୍ତି ଆରାଧନା ପୁହାଣ, ଦଶମ ଶ୍ରେଣୀ ଛାତ୍ରୀ

### ଆମେ କ'ଣ ସହିପାରିବୁ?



ଏହି ବିଦ୍ୟାଳୟ ହେଉଛି ଆମର ଦ୍ୱିତୀୟ ଘର। ଆମ ଘର ଯଦି ଆମ ଆଖି ଆଗରେ ଆଉ କାହାକୁ ଦିଆଯାଏ, ଆମେ କେମିତି ସହ୍ୟ କରିବୁ? ଏହି ସ୍କୁଲକୁ ପ୍ରାୟ ୧୦ରୁ ୧୨କିମି ଦୂରରୁ ଛାତ୍ରୀମାନେ ପଢ଼ିବାକୁ ଆସୁଛନ୍ତି। ଆମେ ୪ ବର୍ଷ ହେଲା ଏହି ବିଦ୍ୟାଳୟରେ ପଢ଼ିଆସୁଛୁ। ନିଜ ହାତରେ ଗଛ ଲଗାଇ ଆମ ବଗିଚା ସଜାଇଛୁ। ନୂଆ କଲେଜ ପାଇଁ ଯେତେବେଳେ ସେସବୁକୁ ନଷ୍ଟ କରିଦିଆଯିବ, ଆମେ କ'ଣ ସହିପାରିବୁ?

– ନିଶା ନୀହାରିକା ବିଶ୍ୱାଳ, ଛାତ୍ରୀ





ଧାରଣାସ୍ଥଳରେ ଅସୁସ୍ଥ ଛାତ୍ରୀମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଉଛି।







ଅସୁସ୍ଥ ଛାତ୍ରୀଙ୍କୁ ସ୍କୁଟି, କାର୍‌ରେ ହସ୍ପିଟାଲ ନିଆଯାଉଛି। ବିଇଓଙ୍କ ସମ୍ମୁଖରେ ଜଣେ ଛାତ୍ରୀ ମୂର୍ଚ୍ଛା ଯାଇଛନ୍ତି।



ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଯୋଗୁ ଶିକ୍ଷୟିତ୍ରୀମାନେ ସ୍କୁଲ ବାହାରେ ରହିଛନ୍ତି।



ଜଟଣୀ ବିଧାୟକ ସୁରେଶ ରାଉତରାୟ ଓ ଅନ୍ୟମାନେ ଛାତ୍ରୀମାନଙ୍କୁ ବୁଝାଉଛନ୍ତି।

# ଚିତଉ ଉତ୍ସବରେ ଚିତଉ ପିଠା ପ୍ରଦର୍ଶନ



'ଭାବନା ଓଡ଼ିଆଣୀ ସମିତି ପକ୍ଷରୁ ସୂଚନା ଭବନରେ ଆୟୋଜିତ ଉତ୍ସବରେ ମହିଳାମାନେ ଚିତଉ ପିଠା ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର,୧୭।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ଚିତାଲାଗି ଅମାବାସ୍ୟା ଅବସରରେ ସୋମବାର ସୂଚନା ଭବନରେ ଚିତଉ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଓଡ଼ିଆଣୀମାନେ ନିଜେ ପ୍ରସ୍ତୁତ କରିଥିବା ଚିତଉ ପିଠାର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ପରିଦର୍ଶକମାନେ ଚିତଉ ପିଠା ଖାଇ ମଜା ନେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କସ୍ତୁରିକା ପଟ୍ଟନାୟକ, ସଂଭାବନାର ସଂପାଦକ ଦେବ ପ୍ରସାଦ ପରିଜା, ତ୍ରୁଷ୍ଟି ସ୍ମୃତି ମହାନ୍ତି, ୨୦୨୩ର ଶ୍ରେଷ୍ଠ ଓଡ଼ିଆଣୀ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ, ଓଡ଼ିଆଣୀ ବାସନ୍ତୀ ପଟ୍ଟନାୟକ, ମୀନା ପାଣିଗ୍ରାହୀ, ବେବିରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବ ଓ ପ୍ରତିଯୋଗିତାରେ ମୀନାକ୍ଷୀ ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ବିଜୟଲକ୍ଷ୍ମୀ ପତି, ସୁପ୍ରିୟା ମହାନ୍ତି, ଜୟଶ୍ରୀ ମିଶ୍ର ପ୍ରମୁଖ ଓଡ଼ିଆଣୀମାନେ ଅଂଶଗ୍ରହଣ କରିଥିଲେ। ତେବେ ପ୍ରଥମ ସ୍ଥାନରେ ସନ୍ଧ୍ୟାରାଣୀ ରଥ, ଦ୍ୱିତୀୟରେ ପଦ୍ମାଳୟା ଶତପଥୀ ଏବଂ ପ୍ରେମଲତା ମିଶ୍ର ଓ ବେବିରାଣୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସୌଦାମିନୀ ମହାନ୍ତି, ବୈଜୟନ୍ତୀ ଦାସ ଓ ମଧୁସ୍ମିତା ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ପୁରସ୍କାର ମିଳିଥିଲା। ବିଚାରକ ଭାବେ ଡ. ସୁଶାନ୍ତ କୁମାର ଚଇନି ଯୋଗଦେଇଥିଲେ।

# ପରିପୂର୍ଣ୍ଣା ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୧୭।୭(ଶର୍ମିଷ୍ଠା ପାଣିଗ୍ରାହୀ): ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ତରଫରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା ଓଡ଼ିଶୀ ନୃତ୍ୟ ଉତ୍ସବ 'ପରିପୂର୍ଣ୍ଣା' ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଦୂରଦର୍ଶନ କେନ୍ଦ୍ର ସମାଚାର ପ୍ରସାରଣର ପୂର୍ବତନ ମୁଖ୍ୟ ଗୋପାଳ କୃଷ୍ଣ ମହାପାତ୍ର ଓ ପରିଚୟ ଫାଉଣ୍ଡେଶନର ଅଧ୍ୟକ୍ଷା ରୋଜାଲିନ ପାଟ୍ଟଶାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିସାରାଣୀ ଦାସ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ସମ୍ପାଦିକା ବିପାଞ୍ଚି ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଶିଳ୍ପୀ ଅଙ୍କିତା, କୃତ୍ତିକା, ଉପାସନା,ତନୁସ୍କା, ପ୍ରିୟଙ୍କା ଓ ନିମିଷା ଏକକ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ମୂର୍ଚ୍ଛନା ମହାନ୍ତି, ରାଗିଣୀ ଦାସ ଓ ଡ.ଆଶିଷ ମହାପାତ୍ର ପରିଚାଳନା କରିଥିବାବେଳେ ଡ. ମୃତ୍ୟୁଞ୍ଜୟ ରଥ ଉପସ୍ଥାପନା କରିଥିଲେ।



# ମଦର୍ସ ପବ୍ଲିକ୍ ସ୍କୁଲ୍‌ରେ 'ଗ୍ଲୋରୀ ଡେ'

## ଦଶମ, ଦ୍ୱାଦଶ ମେଧାବୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୭।୭ (ଅନୁରାଧା ମହାରଣା)

ୟୁନିଟ୍-୧ସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ ପକ୍ଷରୁ 'ଗ୍ଲୋରୀ ଡେ' ଅନୁଷ୍ଠିତ ହୋଇଯାଇଛି। ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଆଇଏଏସ୍ ଅଧିକାରୀ ପ୍ରଣିତା ଦାସ ଓ ସୌମ୍ୟ ରଞ୍ଜନ ଦାସ, ବିଦ୍ୟାଳୟ ଅଧ୍ୟକ୍ଷା ତଥା ପରାମର୍ଶଦାତା ପଲି ପଟ୍ଟନାୟକ, ନିର୍ଦ୍ଦେଶକ ଶ୍ରୀଜିତ୍ ପଟ୍ଟନାୟକ, ଉପାଧ୍ୟକ୍ଷ ଟିଆର୍ ଆଶା, ପ୍ରଧାନଶିକ୍ଷକ ସନ୍ତୋଷୀ ମହାପାତ୍ର, ଏକାଡେମିକ୍ ସୁପର୍‌ଭାଇଜର ଅମ୍ରିତା ଚୌଧୁରୀ, ଏକପର୍ଣ୍ଣା ଚାଟାର୍ଜୀ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ୩ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଏଆଇଏସ୍‌ଏସ୍‌ସିଇ ୨୦୨୨୦୨୩ ପରୀକ୍ଷାରେ ୯୮ ପ୍ରତିଶତ ମାର୍କ ରଖି ପ୍ରଥମ ସ୍ଥାନ ହାସଲ କରିଥିବା ସୀତାଂଶୁ ମହାପାତ୍ର ଓ ୯୭.୮୦ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ଥିବା ସୂର୍ଯ୍ୟଜ୍ୟୋତି ମହାପାତ୍ର ଓ ୯୭.୬୦ ପ୍ରତିଶତ ମାର୍କ ରଖି ସ୍କୁଲର ତୃତୀୟ ସ୍ଥାନରେ ଥିବା ଅର୍ଣ୍ଣବ ଜେନା। ସ୍ୱର୍ଗତ ଶିଶିର ଜେନା ଓ ସ୍ୱର୍ଗତ ଦାଶରଥୀ ଜେନାଙ୍କ ସ୍ମୃତିରେ ସୀତାଂଶୁ ଓ ଅର୍ଣ୍ଣବଙ୍କୁ ପୁରସ୍କୃତ କରାଯିବା ସହ ୧୦ ହଜାର ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯାଇଛି। ଏହାବ୍ୟତୀତ ସ୍ୱର୍ଗତ ପ୍ରସନ୍ନ ଜେନାଙ୍କ ସ୍ମୃତିରେ ତିସ୍ୟା ମହାନ୍ତିଙ୍କୁ ୨୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିସହ ବିଗତ ବର୍ଷଗୁଡିକରେ ବିଦ୍ୟାଳୟର ସ୍ମରଣୀୟ କାର୍ଯ୍ୟକ୍ରମ ଓ ସଫଳତାର ଝଲକକୁ ନେଇ ଏକ ଫିଲ୍ମ ପ୍ରଦର୍ଶିତ ହୋଇଥିଲା।



## ସଂକ୍ଷେପରେ

### ଡ୍ରଗ୍ସ ବେପାରୀ ସୋମନାଥଙ୍କୁ ଗୁଳିକରି ହତ୍ୟା ଘଟଣା, ଆଉ ୨ ଗିରଫ

#### ଗିରଫ ସଂଖ୍ୟା ୧୦ରେ ପହଞ୍ଚିଲା

**ଖୋର୍ଦ୍ଧା,୧୭।୭(ପ୍ରଭାତ ପାଣିଗ୍ରାହୀ):** ଡ୍ରଗ୍ସ ବେପାରୀ ସୋମନାଥ ଭୁଜବଳ ଓରଫ ପାକୁ ହତ୍ୟାକାଣ୍ଡ ମାମଲାରେ ଖୋର୍ଦ୍ଧା ଟାଉନ ପୋଲିସ ସୋମବାର ଆଉ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭାଲିଆବାଡିର ଆଶିଷ ପ୍ରଧାନ ଓ ଉପରସାହିର ସଂଗ୍ରାମ ପ୍ରଧାନ ଓରଫ ଚନ୍ଦନ। ଗତ ୧୪ତାରିଖରେ ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଡ୍ରଗ୍ସ ବେପାରୀ ଭାଲିଆବଡି ଅଞ୍ଚଳର ସଞ୍ଜୟ ପ୍ରଧାନ ଓରଫ ସଞ୍ଜୁଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା ପୋଲିସ। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ନେଇ ପୂର୍ବରୁ ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ତେବେ ଗିରଫ ସଂଖ୍ୟା ୧୦ରେ ପହଞ୍ଚିଛି। ଏବେବି ଏହି ଘଟଣାରେ ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ସୂଚନାଥାଉ କି, ଗତ ଜୁନ ୭ ରାତି ପ୍ରାୟ ସାଢେ ୯ଟାରେ ପାକୁ ସାମନ୍ତରାପୁର ଠେଙ୍ଗାହାଟ ଛକରେ ଛିଡ଼ା ହୋଇ ମୋବାଇଲରେ କଥା ହେଉଥିଲା। ଅଭିଯୁକ୍ତମାନେ ପିକ୍‌ଅପ ଓ ବୋଲେରୋରେ ଆସି ସେଠାରେ ପହଞ୍ଚିଥିଲେ। ଏହା ପରେ ଅଭିଯୁକ୍ତମାନେ ପାକୁଙ୍କୁ ଗୁଳିମାଡ଼ କରିଥିଲେ। ୪ଟି ଲକ୍ଷ୍ୟଚ୍ୟୁତ ହୋଇଥିବା ବେଳେ ୪ଟି ଗୁଳି ପାକୁଙ୍କ ଡାହଣ ହାତ ପାପୁଲି, ତଳିପେଟ ଓ ପିଠିରେ ବାଜିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖୋର୍ଦ୍ଧା ପରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଜୁନ ୯ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଦୁଃଖିଶ୍ୟାମ ଥିଲେ ନିଷ୍ଠାପର ପ୍ରଧାନ ଶିକ୍ଷକ

**ବେଗୁନିଆ,୧୭।୭(ହରପ୍ରସନ୍ନ ପଣ୍ଡା):** ବେଗୁନିଆ ବ୍ଲକ ଅନ୍ତର୍ଗତ କୁରାଢ଼ିଲୋ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଃଖିଶ୍ୟାମ ଜେନାଙ୍କ ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଦିନିଆରି, ଗୋଡ଼ିପୋଖରୀ, କୁରାଢ଼ିଲୋ, ଭୋଗଡ଼ା ଆଦି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ। ବେଗୁନିଆ ବ୍ଲକ ଶିକ୍ଷା ବିଭାଗରେ ଜଣେ ନିଷ୍ଠାପର ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ନିଜର ପରିଚୟ ସୃଷ୍ଟି କରିଥିଲେ। ଚାକିରିରୁ ଅବସର ନେବା ପରେ ଧାର୍ମିକ କାର୍ଯ୍ୟକ୍ରମରେ ନିଜକୁ ସମର୍ପିତ କରିଥିଲେ। ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ, ବରିଷ୍ଠ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ, ସରପଞ୍ଚ ଲାବଣ୍ୟ ଜୟସିଂହ, ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ବେହେରା, ଶିକ୍ଷାବିତ୍ ଡ. ଗଣେଶ୍ୱର ସ୍ୱାଇଁ, ପ୍ରବଚକ କୈଳାସ ଚନ୍ଦ୍ର ପଣ୍ଡା, ବ୍ଲକ ଓଷ୍ଟାର ସଭାପତି ଗଣେଶ୍ୱର ମିଶ୍ର, ସାମାଜିକ କର୍ମୀ ଚିନ୍ତାମଣି ଲେଙ୍କା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ବର୍ଷା ହେଲେ ଗଳୁଛି ପାଣି

**ନିରାକାରପୁର,୧୭।୭ (ମାନସ ଚନ୍ଦ୍ର ପଟ୍ଟନାୟକ)**


ଘର ଉପରେ ଅନାବନା ଗଛଲତା ମାଡ଼ିଯାଇଛି।


ଜମି ରହିଥିବା ଅଳିଆ।

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ରାଜସ୍ୱଙ୍କ କାର୍ଯ୍ୟାଳୟ ଦୀର୍ଘଦିନ ହେବ ଅବ୍ୟବସ୍ଥାରେ ରହିଛି। କାର୍ଯ୍ୟାଳୟର ଅଜବେଷ୍ଟସର ବହୁ ସ୍ଥାନରେ ଫାଟ ହେବାରୁ ବର୍ଷା ହେଲେ ପାଣି ଗଳି ଘର ଭିତରେ ଜମୁଛି। ଏପରିକି ଘର ଚତୁଃପାର୍ଶ୍ୱରେ ହୁଙ୍କା ସୃଷ୍ଟି ହୋଇଛି। ଆବଶ୍ୟକ ଅନୁଯାୟୀ କାଗଜପତ୍ର ରଖିବା ପାଇଁ ଆଲମିରା ନାହିଁ। ତଦାରଖ ଅଭାବରୁ ଏହାର ସୁରକ୍ଷା ପାଚେରିରେ ଅନାବନା ଗଛ ଉଠିଥିବା ଦେଖିବାକୁ ମିଳିଛି। ବିଶେଷକରି ଏଠାରେ ପାନୀୟଜଳର ସୁବିଧା ନ ଥିବାରୁ ଏଠାକୁ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ବସିବା ପାଇଁ ମଧ୍ୟ କୌଣସି ସୁବିଧା ନାହିଁ। ଅନ୍ୟପକ୍ଷରେ ଉକ୍ତ କାର୍ଯ୍ୟାଳୟରେ ଖାଲିଥିବା ପଦବୀ ପୂରଣ ହେଉ ନ ଥିବାରୁ କାର୍ଯ୍ୟ ବିଳମ୍ବ ହେଉଛି। ତୁରନ୍ତ ଖାଲିପଡ଼ିଥିବା ପଦବୀ ପୂରଣ ପାଇଁ ଦାବି ହେଉଛି।

ସୂଚନାଥାଉକି, ଏହି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ନିରାକାରପୁର, ଲେଣ୍ଡୋ, ଡିଆ, ରାମେଶ୍ୱର ଓ ବଡ଼ପୋଖରିଆ ପଞ୍ଚାୟତର ୪୯ ରାଜସ୍ୱ ମୌଜା ରହିଛି। ହେଲେ କାର୍ଯ୍ୟାଳୟଟି ଶୋଚନୀୟ ଅବସ୍ଥାରେ ପଡିରହିଛି। ବାରମ୍ବାର ଅଭିଯୋଗ ପରେ ନିକଟରେ କାର୍ଯ୍ୟାଳୟର କିଛି ଆଜବେଷ୍ଟସ କଢ଼ାଯାଇ ଛାତ ପକାଯିବା ସହ ଆଉ ଗୋଟିଏ ବଖରା ହୋଇଛି। ହେଲେ ଏଥିରୁ ବର୍ଷାଦିନେ ପାଣି ଝରିବା ସହିତ ନୂଆ ବଖରାରେ କର୍ମଚାରୀ ଭୟରେ ବସୁନାହାନ୍ତି। ଏଠାରେ ଥିବା ଶୌଚାଳୟ କଥା ନ କହିଲେ ଭଲ। ଏ ସମ୍ପର୍କରେ ଆର୍‌ଆଇ ମମତା ବେହେରା କୁହନ୍ତି, କାର୍ଯ୍ୟାଳୟର ବିଭିନ୍ନ ଅସୁବିଧା ନେଇ ସ୍ଥାନୀୟ ତହସିଲଦାର ଜନ୍ମେଜୟ ସାହୁଙ୍କୁ ଅବଗତ କରାଇଥିଲି। ଏହାପରେ ତହସିଲଦାର ସାହୁ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଶୌଚାଳୟର ମରାମତି କରାଯାଇଛି। ପରବର୍ତ୍ତୀ ସମୟରେ କାର୍ଯ୍ୟାଳୟ ଘରଗୁଡ଼ିକର ମରାମତି ଲାଗି ପଦକ୍ଷେପ ନିଆଯିବାକୁ ତହସିଲଦାର କହିଛନ୍ତି ବୋଲି ଆର୍‌ଆଇ ବେହେରା ସୂଚନା ଦେଇଛନ୍ତି।

**ନିରାକାରପୁର ଆର୍‌ଆଇ କାର୍ଯ୍ୟାଳୟ**
- ପାଚେରିରେ ଲତା ମାଡ଼ିଗଲାଣି
- ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି


ଜଟଣୀ: ବୁଢ଼ାପଡ଼ା ଗ୍ରାମସ୍ଥିତ ସୋମନାଥ ମନ୍ଦିରରେ ଜଳଲାଗି କରିବା ପାଇଁ ସୋମବାର କାଉଡ଼ିଆମାନେ ଅପେକ୍ଷା କରିଛନ୍ତି।

## ଜଳଲାଗି କଲେ କାଉଡ଼ିଆ

**ଖୋର୍ଦ୍ଧା (ପ୍ରଭାତ ପାଣିଗ୍ରାହୀ)/ ଜଟଣୀ (ରବୀନ୍ଦ୍ର ନାଥ ମହାକୁଡ଼)/ ନିରାକାରପୁର, ୧୭।୭ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଶ୍ରାବଣ ମାସ ଦ୍ୱିତୀୟ ସୋମବାର ପାଇଁ ଖୋର୍ଦ୍ଧା ଜିଲାର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ରହିଥିଲା। ଭୋରୁ ମନ୍ଦିର ଦ୍ୱାର ଫିଟାଯିବା ସହ ଠାକୁରଙ୍କ ବିଭିନ୍ନ ନୀତି ସମ୍ପନ୍ନ ପରେ ଧାଡ଼ିରେ ଛିଡ଼ା ହୋଇଥିବା କାଉଡ଼ିଆମାନେ ଜଳଲାଗି କରିଥିଲେ। ଗୁରୁଜଙ୍ଗର ଧବଳେଶ୍ୱର, ଲୋକେଶ୍ୱର, ବାଘମାରୀ ହଟ୍ଟକେଶ୍ୱର ଦେବ, ଗୋଡା ଲୋକନାଥ, ଟାଙ୍ଗୀର ଚଣ୍ଡେଶ୍ୱର, ହରିପୁରଶାସନର ପଶ୍ଚିମାଶମ୍ଭୁ, ଡିଆ ପଞ୍ଚାୟତର କପିଳେଶ୍ୱର ଦେବ, ବାଙ୍କୋଇ ତାରେଶ୍ୱର ଦେବ, ଜଟଣୀ ବ୍ଲକ ବୁଢ଼ାପଡ଼ା ଗ୍ରାମସ୍ଥିତ ସୋମନାଥ ଦେବଙ୍କ ପୀଠରେ କାଉଡ଼ିଆମାନେ ଧାଡ଼ିରେ ଯାଇ ଜଳଲାଗି କରିଥିଲେ। ଓଁ ନମଃ ଶିବାୟ ଓ ହର ହର ମହାଦେବରେ କମ୍ପିଥିଲା ଶୈବପୀଠ। ଶୃଙ୍ଖଳିତ ଦର୍ଶନ ଓ ଜଳଲାଗି କରିବା ପାଇଁ ମନ୍ଦିର ପରିଚାଳନା କମିଟି ଏବଂ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

## ରଜକ ସମାଜର କର୍ମକର୍ତ୍ତା ଚୟନ

**ପୁରୁଣା ଭୁବନେଶ୍ୱର,୧୭।୭ (ସୁବାସ ଚନ୍ଦ୍ର ପ୍ରଧାନ)**

ରୂପାଲି ଛକସ୍ଥିତ ଭାରତ ସଞ୍ଚାର ନିଗମ ପାର୍ଶ୍ୱରେ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀଙ୍କ ଆବାହକତ୍ୱରେ ରଜକ ସମାଜର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତିଭାବେ ଅନନ୍ତ ପ୍ରସାଦ ସେଠୀ, କାର୍ଯ୍ୟକାରୀ ସଭାପତି ବଂଶୀଧର ସେଠୀ, ଉପ-ସଭାପତି ମିହିର ରଞ୍ଜନ ସେଠୀ ଓ ନାରାୟଣ ସେଠୀ, ସାଧାରଣ ସମ୍ପାଦକ ରୋହିତ କୁମାର ସେଠୀ, ଯୁଗ୍ମ ସମ୍ପାଦକ ଦେବରାଜ ସେଠୀ, କୋଷାଧକ୍ଷ-ରବିନାରାୟଣ ସେଠୀ, ଅଡିଟର ପ୍ରହ୍ଲାଦ ସେଠୀ, ସମ୍ପାଦକ ଅମୀୟ ସେଠୀ ଓ ବିଭୁତି ସେଠୀଙ୍କ ସହିତ ସଭ୍ୟ ୧୧ଜଣ ମନୋନୀତ ହୋଇଛନ୍ତି।

# ରେଲ୍‌ୱେ ଷ୍ଟେଶନ ରାସ୍ତା ଶୋଚନୀୟ



**ବୋଲଗଡ଼,୧୭।୭(ଦେବବ୍ରତ ହୋତା)**

ବୋଲଗଡ଼ ରେଲ୍‌ୱେ ଷ୍ଟେଶନ ଓ ମା' ଭୂଇଁଆଣୀ ପୀଠ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ତେବେ ଏହାକୁ ପକ୍କା ରାସ୍ତା ନିର୍ମାଣ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବିକରିଆସୁଥିଲେ ମଧ୍ୟ ସୁଫଳ ମିଳିପାରୁନାହିଁ । ଫଳରେ ଯାତାୟାତରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ରହିଛି ମା' ଭୂଇଁଆଣୀଙ୍କ ପୀଠ ଓ ରେଲ୍‌ୱେ ଷ୍ଟେଶନ। ଏହି ରାସ୍ତା ପାର୍ଶ୍ୱରେ ମଧ୍ୟ ବୋଲଗଡ଼ ଅଗ୍ନିଶମ କେନ୍ଦ୍ର ରହିଛି। ପ୍ରାକୃତିକ ଶୋଭାରାଜି ପାହାଡ଼ ପାଦଦେଶରେ ରହିଥିବା ଭୂଇଁଆଣୀଙ୍କ ପୀଠରେ ବର୍ଷସାରା ବିଭିନ୍ନ କାର୍ଯ୍ୟକ୍ରମ ହୋଇଥାଏ। ତେବେ ଏଭଳି ଗୁରୁତ୍ୱପୂର୍ଣ୍ଣ ୩ଟି ସ୍ଥାନକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲେ ମଧ୍ୟ ପକ୍କାରାସ୍ତା ନିର୍ମାଣ କରାଯାଉନାହିଁ। ବର୍ଷାଦିନେ ରାସ୍ତା କାଦୁଅ ହେବା ସହ କେଉଁଠାରେ ଖାଲଖମା ହୋଇ ବର୍ଷାଜଳ ଜମିରହୁଛି। ଫଳରେ ଯାତାୟାତ କରିବାରେ ଲୋକେ ହଇରାଣ ହେଉଛନ୍ତି। ଉକ୍ତ ରାସ୍ତାକୁ ପକ୍କା କରିବା ପାଇଁ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ ଓ ସମିତିସଭ୍ୟା ନିର୍ମଳା ପ୍ରଧାନ ବ୍ଲକ ଏବଂ ଜିଲା ପ୍ରଶାସନ ନିକଟରେ ଦାବିକରିଆସୁଥିଲେ ମଧ୍ୟ ଅଦ୍ୟାବଧି ସୁଫଳ ମିଳିପାରିନାହିଁ। ତେବେ ଏହି ରାସ୍ତାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍କାରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

**ପକ୍କା ରାସ୍ତା ନିର୍ମାଣ ପାଇଁ ଦାବି**

## ହିମାଂଶୁଙ୍କୁ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ପୁସ୍ତକ ପୁରସ୍କାର



ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କଠାରୁ ବିଜ୍ଞାନ ଲେଖକ ହିମାଂଶୁ ଶେଖର ଫତେସିଂହ ପୁରସ୍କାର ଗ୍ରହଣ କରୁଛନ୍ତି।

**ଖୋର୍ଦ୍ଧା,୧୭।୭(ପ୍ରଭାତ ପାଣିଗ୍ରାହୀ)**

ସୁପରିଚିତ ବିଜ୍ଞାନ ଲେଖକ ହିମାଂଶୁ ଶେଖର ଫତେସିଂହଙ୍କୁ ୨୦୨୦ ମସିହା ପାଇଁ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ପୁସ୍ତକ ପୁରସ୍କାର ପ୍ରଦାନ କରାଯାଇଛି। ନିକଟରେ ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ଆୟୋଜିତ ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରି ବିଭାଗ ସଚିବ ଚିତ୍ରା ଅରୁମୁଗମ୍, ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ପ୍ରଫେସର ବିଭୂତି ଭୂଷଣ ମିଶ୍ର, ସଚିବ ପ୍ରଫେସର ଆଶିଷ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମହାକାଶ ବିଜ୍ଞାନ କ୍ଷେତ୍ରରେ ସଂଘଟିତ ୨୨ଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଉପରେ ରଚିତ ପୁସ୍ତକ 'ମହାକାଶରେ ପୃଥିବୀରେ ପ୍ରଥମ' ପାଇଁ ସେ ଏହି ପୁରସ୍କାର ହାସଲ କରିଛନ୍ତି। ପୁରସ୍କାରସ୍ୱରୂପ ତାଙ୍କୁ ଉପଢୌକନ, ପ୍ରଶସ୍ତି ପତ୍ର, ଅଙ୍ଗବସ୍ତ୍ର ସମେତ ୨୫ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରେ କାର୍ଯ୍ୟରତ ୧୫ ଜଣ ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଗୁରୁଜଙ୍ଗ ହାଉସିଂବୋର୍ଡର ବାସିନ୍ଦା ଫତେସିଂହଙ୍କ ଏଯାବତ୍ ୪୦ ଖଣ୍ଡ ବିଜ୍ଞାନ ପୁସ୍ତକ ପ୍ରକାଶିତ ହୋଇଥିବାବେଳେ ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ଶତାଧିକ ବିଜ୍ଞାନ ପ୍ରବନ୍ଧ ପ୍ରକାଶ ପାଇଛି। ସେ ସଂସାର ଲେଖକ ସମ୍ମାନ, ପ୍ରକୃତିବନ୍ଧୁ ଭଳି ବହୁ ପୁରସ୍କାର ହାସଲ କରିଛନ୍ତି। ସେ ମଧ୍ୟ ଫେଲୋଶିପ୍ ପାଇ ସୁଇଜରଲାଣ୍ଡ, ବେନିନ୍ ଓ ଇଣ୍ଡୋନେସିଆ ପରି ରାଷ୍ଟ୍ରରେ ଆୟୋଜିତ ବିଜ୍ଞାନ ସମ୍ମିଳନୀରେ ଯୋଗଦାନ କରିଛନ୍ତି।

# ୪୯ ଅଭିଯୋଗରୁ ୫ ସମାଧାନ

**ଜଟଣୀ,୧୭।୭(ରବୀନ୍ଦ୍ର ନାଥ ମହାକୁଡ଼)**

ଜଟଣୀ ବ୍ଲକ ସଭାଗୃହରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ବିଡିଓ ସରୋଜ କୁମାର ରାଉତ, ଉପଜିଲାପାଳ ଦେବବ୍ରତ ସାହୁ, ତହସିଲଦାର ରୁମାନା ଜାଫ୍ରିଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକ ଏବଂ ପୌରାଞ୍ଚଳର ବିଭିନ୍ନ ସମସ୍ୟା ଓ ଅଭିଯୋଗ ନିମନ୍ତେ ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ ଏବଂ ପୌରାଧକ୍ଷ ଅନନ୍ତ ବେହେରା ଯୋଗଦେଇଥିଲେ। ଶିବିରରେ ବିଭିନ୍ନ ସମସ୍ୟା ସଂକ୍ରାନ୍ତୀୟ ମୋଟ୍ ୪୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୧ଟି ବ୍ୟକ୍ତିଗତ ରହିଥିବା ବେଳେ ୩ଟି ସାମୂହିକ ଅଭିଯୋଗ ଥିଲା। ତତ୍କାଳ ୫ଟି ଅଭିଯୋଗର ସମାଧାନ କରାଯାଇଥିଲା। ଉକ୍ତ ଶିବିରକୁ ଆସିଥିବା କେତେଜଣ ଅଭିଯୋଗକାରୀ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଆସୁଥିଲେ ମଧ୍ୟ ସେମାନଙ୍କ ଅଭିଯୋଗର ସମାଧାନ ପ୍ରଶାସନ ପକ୍ଷରୁ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଶାନ୍ତିଶୃଙ୍ଖଳା ସହ ଶିବିର ଶେଷ ହୋଇଥିଲା।



ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

## 'ସବୁଜ ପୃଥିବୀ ସୃଷ୍ଟି ପାଇଁ ଆହ୍ୱାନ'

**ବେଗୁନିଆ,୧୭।୭(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୫ତମ ସ୍ୱନକ୍ଷତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଚାରାରୋପଣ ଓ ପରିବେଶ ସମ୍ପର୍କରେ ସଚେତନତାଭିତ୍ତିକ ପାଲା ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଉପସଭାନେତ୍ରୀ ରାଜଶ୍ରୀ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଶିକ୍ଷାବିତ୍ ଲୋକନାଥ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିଶୁ ବିକାଶ ସମିତିର ଖୋର୍ଦ୍ଧା ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ମୁଖ୍ୟ ବକ୍ତା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପରିବେଶବିତ୍ ରାଜକିଶୋର ପାଣିଗ୍ରାହୀ, ଖୋର୍ଦ୍ଧା ସଙ୍କୁଳ ପ୍ରମୁଖ ନଳିନୀକାନ୍ତ ପଣ୍ଡା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ସବୁଜ ପୃଥିବୀ ସୃଷ୍ଟି ପାଇଁ ଆହ୍ୱାନ ଦିଆଯାଇଥିଲା। ସୁସ୍ଥ ପରିବେଶ ସୃଷ୍ଟି କରିବାକୁ ହେଲେ ଚାରାଟିଏ ଲଗାଇ ତା'ର ଯତ୍ନ ନେବା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପାଲାଗାୟକ ବିଶ୍ୱନାଥ ପଣ୍ଡା ଓ ସାଥୀ କଳାକାରଙ୍କ ଦ୍ୱାରା ପରିବେଶ ସୁରକ୍ଷା ବାର୍ତ୍ତା ନେଇ ସଚେତନତାଭିତ୍ତିକ ପାଲା ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୱତ୍ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀ, କୋଷାଧକ୍ଷ ପ୍ରସନ୍ନ କୁମାର ମହାପାତ୍ର, ବିଦ୍ୱତ୍ ପରିଷଦ ସଭାପତି ଶ୍ରୀକାନ୍ତ ବାହିନୀପତି, ସଦସ୍ୟ ସରୋଜ କୁମାର ମହାପାତ୍ର ଏବଂ ସିଦ୍ଧେଶ୍ୱର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ, ଲୋକେ ହଇରାଣ

**ଖୋର୍ଦ୍ଧା,୧୭।୭ (ପ୍ରଭାତ ପାଣିଗ୍ରାହୀ)**




ଖୋର୍ଦ୍ଧା ସହରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ନୂଆବସଷ୍ଟାଣ୍ଡଠାରୁ ଟ୍ରାଫିକ ଛକ, ନୂଆ ବସଷ୍ଟାଣ୍ଡ ଠାରୁ ପଲ୍ଲା ଛକ, ଖୋର୍ଦ୍ଧା-ନୟାଗଡ ରାସ୍ତା ମୁକୁନ୍ଦପ୍ରସାଦ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ମୁଣ୍ଡବ୍ୟଥା ବଢ଼ାଇଛି। ସକାଳ ୮ରୁ ରାତି ୮ଟା ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ରହିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ପେଟ୍ରୋଲ ପମ୍ପଠାରୁ ମାରୱାଡି ପଟି ରାସ୍ତା ସଙ୍କୁଚିତ ହୋଇ ରହିଛି। ଅନ୍ୟପଟେ ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ୍ ପାର୍କିଂ ଏବଂ ଦୋକାନ ବଜାର ଏବଂ କେବିନ ରହି ରାସ୍ତାକୁ ସଙ୍କୁଚିତ କରୁଛି। ରାସ୍ତା ଅବରୋଧ, ଡ୍ରେନ ଉପରେ ଦୋକାନ ବଜାର, ଉଠାଦୋକାନ ଯୋଗୁ ଦିନକୁ ଦିନ ସହର ସଙ୍କୁଚିତ ହେବାକୁ ଲାଗିଛି। ରାଜନୈତିକ ଇଚ୍ଛାଶକ୍ତି ଏବଂ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଖୋର୍ଦ୍ଧା ସହରକୁ କେବିନ ମୁକ୍ତ ଅଭିଯାନ ସରକାରୀ କାଗଜକଲମରେ ସୀମିତ ହୋଇରହିଛି। ଏ ସମ୍ପର୍କରେ ଏସ୍‌ପି ସିଦ୍ଧାର୍ଥ କଟାରିଆ କହିଛନ୍ତି, ସହରରେ ଟ୍ରାଫିକ ସମସ୍ୟା ସୁଧାର ଆଣିବା ଲାଗି ଚେଷ୍ଟା ଜାରି ରହିଛି। ସବୁ ଛକରେ ଟ୍ରାଫିକ କନ୍‌ଷ୍ଟେବଲ, ହୋମଗାର୍ଡଙ୍କୁ ମୁତୟନ କରାଯାଇଛି। ଜାତୀୟ ରାଜପଥରେ କାମ ଜାରି ରହିଥିବାରୁ କେତେକ ସ୍ଥାନରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଏଥିରେ ସୁଧାର ଆଣିବା ଲାଗି ଜନତାଙ୍କ ସହଯୋଗ ଆବଶ୍ୟକ। ରାସ୍ତା ଉପରେ ଅଯଥା ବାଇକ୍ ପାର୍କିଂ କରନ୍ତୁ ନାହିଁ। ଟ୍ରାଫିକ ନିୟମ ମାନିବାକୁ ପରାମର୍ଶ ଦେଇଛନ୍ତି।

### ରାସ୍ତାରେ ପାର୍କିଂ ସମସ୍ୟା ବଢ଼ାଉଛି

ଏହି ରାସ୍ତା ଦେଇ ନୟାଗଡରୁ ଭୁବନେଶ୍ୱରକୁ ଦୈନିକ ଶତାଧିକ ଘରୋଇ ବସ ଯାତାୟାତ କରୁଛି। ଯାତ୍ରୀ ଉଠାଇବା ଏବଂ ଓହ୍ଲାଇବା ଲାଗି ବସଗୁଡିକ ଖୋର୍ଦ୍ଧା କ୍ଲବ, ପୁରୁଣା ବସଷ୍ଟାଣ୍ଡ ନିକଟରେ ଅଟକି ରହୁଛନ୍ତି। ପୁରୁଣାବସଷ୍ଟାଣ୍ଡରେ ହଳଦିଆ, ଗଡମାଣିତ୍ରୀ, ଜଟଣୀ ଆଦି ଅଞ୍ଚଳକୁ ମିନି ବସ, କ୍ୟାଣ୍ଟର ଚଳାଚଳ କରୁଛି। ଏହି ବସଗୁଡିକ ମଧ୍ୟ ଯାତ୍ରୀଙ୍କୁ ଅପେକ୍ଷା କରି ରହୁଛନ୍ତି। ଅନ୍ୟପଟେ ମୁଖ୍ୟ ଡାକଘର ନିକଟ ଗଳି ଗୁରୁଜଙ୍ଗ, ଠାରୁ କେରଙ୍ଗ, ହଳଦିଆ, ଟାଙ୍ଗିଆପଡାକୁ ଯିବା ଲାଗି ଏକମାତ୍ର ରାସ୍ତା ରହିଛି। ରାସ୍ତାରେ ପାର୍କିଂ ଯୋଗୁ ବହୁ ସମୟରେ ଟ୍ରାଫିକ ସମସ୍ୟା ଦେଖାଦେଉଛି।

### ପଲ୍ଲାଛକ ସ୍ଥିତି ଅଣାୟତ

ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରହିଛି ୧୬ ନମ୍ବର ଜାତୀୟ ରାଜପଥ। ସହରର ପ୍ରବେଶ ପଥ ହୋଇଥିବାରୁ ବ୍ରହ୍ମପୁର ପଟୁ ନୟାଗଡ, ବଲାଙ୍ଗିର ଯିବା ଲାଗି ଆସୁଥିବା ଘରୋଇ ବସ, ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ଯାତାୟାତ କରିଥାଏ। ପଲ୍ଲା ତୋଟାପଡା ଦେଇ ଇସ୍କନ ମନ୍ଦିର ଛକ ଦେଇ ଭାରିଯାନ, ମାଲବାହୀ ଟ୍ରକ ସହରରେ ପ୍ରବେଶ କରୁଛି। ନୂଆ ବସଷ୍ଟାଣ୍ଡ ଦେଇ ଟିଏଲସି ବାଇପାସ ଦେଇ ଯିବା ସମୟରେ ପଲ୍ଲା ଛକ ଠାରୁ ନୂଆବସଷ୍ଟାଣ୍ଡ ମଧ୍ୟରେ ନାହିଁ ନ ଥିବା ଭିଡ ଜମୁଛି। ଏପରିକି ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।

### ରାସ୍ତାରେ ହେଉଛି ବାଇକ୍ ପାର୍କିଂ

କୋର୍ଟ ଛକ ହାବେଳି ପଡିଆ ଏବଂ ନୂଆବସଷ୍ଟାଣ୍ଡରେ ରାସ୍ତା ଉପରେ ସକାଳ ଠାରୁ ରାତି ପର୍ଯ୍ୟନ୍ତ ବାଇକ ପାର୍କିଂ ହୋଇ ରହୁଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ବ୍ୟାଙ୍କ ଛକଠାରୁ ନୂଆବସଷ୍ଟାଣ୍ଡ ମଧ୍ୟରେ ଗୋଟିଏ ପାର୍ଶ୍ୱରେ ବହୁତଳ ଶପିଂ ମଲ, ଘରୋଇ ବ୍ୟାଙ୍କ, ବିଭିନ୍ନ ଦୋକାନ ରହିଛି। ଫଳରେ ଏଠାରେ ଜନଗହଳି ରହୁଛି। ଦିନକୁ ଦିନ ଖୋର୍ଦ୍ଧା ସହରରେ ଟ୍ରାଫିକ ବିପର୍ଯ୍ୟସ୍ତ ହେବାରେ ଲାଗିଛି।

### ଅଟକୁଛି ଆମ୍ବୁଲାନ୍ସ

କୌଣସି ପର୍ବପର୍ବାଣୀ ପଡିଲେ ପ୍ରତି ୧୦ରୁ ୧୫ମିନିଟ୍ ବ୍ୟବଧାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଅନେକ ସମୟରେ ମେଡିକାଲକୁ ଗୁରୁତର ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ଏହି ଜାମରେ ଫସି ରହୁଥିବା ଦେଖିବାକୁ ମିଳୁଛି। ଉଭୟ ପାର୍ଶ୍ୱ ଦୋକାନ ଆଗରେ ବାଇକ ପାର୍କିଂ ଯୋଗୁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏହି ରାସ୍ତାରେ ମେଡିକାଲ, ବନ ବିଭାଗ କାର୍ଯ୍ୟାଳୟ, ଘରୋଇ ଶିକ୍ଷାନୁଷ୍ଠାନ, ୨ଟି ଶପିଂ ମଲ, ଔଷଧ ଦୋକାନ, ପେଟ୍ରୋଲ ପମ୍ପ, ସିଡିଏମଓଙ୍କ କାର୍ଯ୍ୟାଳୟ, ମୁଖ୍ୟ ଡାକଘର, ଶତାଧିକ କେବିନ ଘେରି ରହିଛି। ରାସ୍ତା ଉପରେ ରହିଥିବା କ୍ୟାବିନ ହଟାଇବା ଲାଗି ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ।

**ସଂକ୍ଷେପରେ**

## ସାଧାରଣ ବଣ୍ଟନ ସାମଗ୍ରୀ ଓଜନରେ ଠକେଇ

**କଟକ ସଦର,୧୭।୭(ସୁଶାନ୍ତ କୁମାର ଜେନା):** ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବର୍ତ୍ତମାନ ସରକାର କେବଳ ଚାଉଳ ଓ କିରୋସିନ ଯୋଗାଇ ଦେଉଛନ୍ତି। ମାତ୍ର ରିଟେଲର ପଏଣ୍ଟରେ ଓଜନରେ ଠକେଇ କରାଯାଉଥିବା ଜିଲା ଯୋଗାଣ କାର୍ଯ୍ୟାଳୟରେ ଜଣେ ସାମାଜିକ କର୍ମୀ ସୋମବାର ଅଭିଯୋଗ କରିଛନ୍ତି। ଜିଲାର ଅଧିକାଂଶ ବ୍ଲକରେ ଥିବା ବିଭିନ୍ନ ଡିଲର ପଏଣ୍ଟରେ ମିଳୁଥିବା ମୁଣ୍ଡ ପିଛା ୫ କିଲୋ ମାଗଣା ଚାଉଳକୁ ବାହାରେ ଓଜନ କଲେ ପ୍ରାୟ ୫୦୦ରୁ ୮୦୦ ଗ୍ରାମ କମ୍ ରହୁଛି। ଫଳରେ ମୁଣ୍ଡ ପିଛା ୨୫ ଟଙ୍କା କାର୍ଡଧାରୀଙ୍କୁ କ୍ଷତି ସହିବାକୁ ପଡୁଛି। ଜୁଲାଇ ମାସରେ ଏକକାଳୀନ ୩ମାସର କୋଟା ବଣ୍ଟନର ବ୍ୟବସ୍ଥା କରାଯାଇଛି। ତେଣୁ ଓଜନରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଦାବି କରାଯାଇଛି। ଅନ୍ୟପକ୍ଷରେ ଏବେ ସବୁ ରିଟେଲର ପଏଣ୍ଟରେ କମ୍ପ୍ୟୁଟର ଚାଳିତ ଓଜନ ଯନ୍ତ୍ର ବ୍ୟବହାର କରାଯାଉଛି। ପ୍ରତିବର୍ଷ ଏହି ଓଜନ ଯନ୍ତ୍ରକୁ ମାପ ଓ ଓଜନ ବିଭାଗ ଯାଞ୍ଚ, ପରୀକ୍ଷା କରିବା ପରେ ପ୍ରମାଣ ପତ୍ର ଦେଇଥାନ୍ତି। ମାତ୍ର କଟକ ସହର ମଧ୍ୟରେ କେତେଜଣ ବ୍ୟକ୍ତି ଜିଲାର ବିଭିନ୍ନ ରିଟେଲର ପଏଣ୍ଟ ବୁଲି ଓଜନ ଯନ୍ତ୍ରରେ କମ୍ କରିବାର କୌଶଳ ଶିଖାଇ ଅର୍ଥ ଆଦାୟ କରୁଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏହି ଅଭିଯୋଗର ତଦନ୍ତ କରିବା ପାଇଁ ସମସ୍ତ ବ୍ଲକ ଓ ସହରାଞ୍ଚଳ ଯୋଗାଣ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି କଟକ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର କହିଛନ୍ତି।

## ଅସହାୟଙ୍କୁ ସହାୟତା ବଣ୍ଟନ

**କଟକ ସଦର,୧୭।୭(ସୁଶାନ୍ତ କୁମାର ଜେନା):** କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗରସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିପଦର ବନ୍ଧୁ ସେବା ସଙ୍ଗଠନ ତରଫରୁ ରବିବାର ବସ୍ତପଡ଼ା ଗ୍ରାମର ଅସହାୟ ଦୃଷ୍ଟିହୀନ ବ୍ୟକ୍ତି ମଙ୍ଗରାଜ କାଣ୍ଡି ଓ ତାଙ୍କ ବୃଦ୍ଧାମାଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଯଶପଡ଼ା ଗ୍ରାମର ଅସହାୟ ବିଧବା ବୃଦ୍ଧା ମଞ୍ଜୁ ଭୋଇଙ୍କ ଘରେ ସଦସ୍ୟମାନେ ପହଞ୍ଚି ରାସନ ସାମଗ୍ରୀ, ଶୁଖିଲା ଖାଦ୍ୟ ପଦାର୍ଥ, ନୂତନ ବସ୍ତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମୀ ଅଦ୍ୱୈତା ନନ୍ଦ, ଭବାନୀ ଶଙ୍କର ରାୟ, ଭୈରବ ଚନ୍ଦ୍ର ସେଠୀ, କୈଳାସ ଦାସ, କ୍ଷୀତିନ୍ଦ୍ର ମିତ୍ର, ବାସନ୍ତୀ ସିହ୍ନ, ଦୀପକ ମଣ୍ଡଳ, ନାରାୟଣ ଦାଶ, ଜଗନ୍ନାଥ ମଲ୍ଲିକ, ବିମଳ ପ୍ରସାଦ ସାହୁ, ଦିଲୀପ ସାହୁ, ଆଲୋକ ମଣ୍ଡଳ, ଜୟନ୍ତୀ ପାତ୍ର, ଅଜୟ ମହାରଣା, ବିମଳ ଗୋସ୍ୱାମୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ରୋଟାରୀ କଟକ ମିଲେନିୟମ ଅଧିଷ୍ଠାନ ଉତ୍ସବ

**କଟକ,୧୭।୭ (କାର୍ତ୍ତିକ ସାହୁ):** ରୋଟାରୀ କ୍ଲବ ଅଫ କଟକ ମିଲେନିୟମର ଅଧିଷ୍ଠାନ ଉତ୍ସବ ହୋଟେଲ ଶୀତଲ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଭବିଷ୍ୟତରେ ମନୁଷ୍ୟ ସମାଜ ଯେଉଁ ଆହ୍ୱାନ ସବୁର ସମ୍ମୁଖୀନ ହେବାକୁ ଯାଉଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଓଲଟପୁର ନିର୍‌ତାର୍‌ର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଦିବ୍ୟାଙ୍ଗମାନଙ୍କ ଚିକିତ୍ସା ଓ ଥଇଥାନ ପାଇଁ ରୋଟାରୀ ସହିତ ମିଶି କାର୍ଯ୍ୟ କରିବାର ପ୍ରତିଶ୍ରୁତି ଦେଇଥିଲେ। ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ର ୨୦୨୪-୨୫ପାଇଁ ନିର୍ବାଚିତ ଡିଷ୍ଟ୍ରିକ୍ଟ ଗଭର୍ନର ଯଜ୍ଞାଶିଷ ମହାପାତ୍ର ଓ ଚଳିତ ବର୍ଷର ଆସିଷ୍ଟାଣ୍ଟ ଗଭର୍ନର ମିରାବାଳା ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅଧିଷ୍ଠାନ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଅଫ କଟକ ମିଲେନିୟମର ପୂର୍ବତନ ସଭାପତି ଡା. ଅନଙ୍ଗ ମୋହନ ଦ୍ୱିବେଦୀ ନୂତନ ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ବିଗତ ବର୍ଷର ସମ୍ପାଦକ ଜ୍ଞାନେନ୍ଦ୍ର ବିଶ୍ୱାଳ ବିବରଣୀ ପାଠ, ନୂତନ ସମ୍ପାଦକ ସୁଧୀର ରଥ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ରୋଟାରୀଆନ ଚନ୍ଦ୍ରପ୍ରଭା ମହାନ୍ତି, ଡ. ନାରାୟଣ ମହାନ୍ତି, ବିଶ୍ୱଜିତ ମହାପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ରୋଟାରିଆନ ଡା. କେ.ସି. ସାହୁ, ଡା.ଜଗନ୍ନାଥ ଦାସ, ଗଣେଶ ପ୍ରସାଦ ସାହୁ, ସମ୍ପିତ ଲେଙ୍କା, ବିଜୟ ଆଚାର୍ଯ୍ୟ, ମନୋଜ କର୍ମାକର, ବିରଞ୍ଚି ନାରାୟଣ ବରାଳ ଓ ସଞ୍ଜୀବ ବୈଶାଖ ପ୍ରମୁଖ ଯୋଗଦେଇଥିଲେ। ନୂତନ ସଭାପତି ଦୀପକ ମହାନ୍ତ ଧନ୍ୟବାଦ ଦେଇଥିଲେ।

# ଖୁଚୁରା ବିକ୍ରେତାଙ୍କୁ ମିଳିନି ୨୮ ମାସର ପାରିଶ୍ରମିକ

**କଟକ,୧୭।୭(କାର୍ତ୍ତିକ ସାହୁ)**


କଟକ ରିଟେଲ ଡିଲର୍ସ ଆସୋସିଏଶନ ପକ୍ଷରୁ ମେୟର ସୁବାସ ଚନ୍ଦ୍ର ସିଂହଙ୍କ ସହ ଆଲୋଚନା କରାଯାଉଛି।

ଖୁଚୁରା ବିକ୍ରେତାମାନେ ଗତ ୨୮ ମାସ ଧରି ବିନା ପାରିଶ୍ରମିକରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ସାମଗ୍ରୀ ବଣ୍ଟନ କରିଛନ୍ତି। ଏହି ୨୮ ମାସର ପାରିଶ୍ରମିକ ଏଯାଏ ମିଳିନାହିଁ। ଉକ୍ତ ପାରିଶ୍ରମିକ ପ୍ରଦାନ ନେଇ କଟକ ରିଟେଲ ଡିଲର୍ସ ଆସୋସିଏଶନ ପକ୍ଷରୁ ସୋମବାର ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂହଙ୍କୁ ଚୌଧୁରୀବଜାରସ୍ଥିତ ବିଜୁ ଭବନ କାର୍ଯ୍ୟାଳୟରେ ଭେଟି ଆଲୋଚନା କରାଯାଇଛି। ୨୮ ମାସର ପାରିଶ୍ରମିକ ତୁରନ୍ତ ପ୍ରଦାନ ସହ ସାମଗ୍ରୀ ପହଞ୍ଚାଇବାରେ ବ୍ୟାପକ ଅନିୟମିତତା, ପରିବହନ ଠିକାଦାରମାନେ ଧାର୍ଯ୍ୟ ଓଜନଠାରୁ କମ୍ ସାମଗ୍ରୀ ପହଞ୍ଚାଇବା ଦ୍ୱାରା ବଣ୍ଟନ ବେଳେ ସର୍ଟେଜ୍ ହେଉଥିବା, ଖୁଚୁରା ବିକ୍ରେତାଙ୍କୁ ୨୫ ଲକ୍ଷ ଟଙ୍କାର ବୀମା ସୁରକ୍ଷା ସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ପ୍ରଦାନ, ସମସ୍ତ ଖୁଚୁରା ବିକ୍ରେତାଙ୍କ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଖୁବଶୀଘ୍ର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମେୟର ପ୍ରତିଶ୍ରୁତି ଦେବା ସହ ଖୁଚୁରା ବିକ୍ରେତାମାନଙ୍କ ସମସ୍ୟା ସମାଧାନ ପାଇଁ ଏକ ମିଳିତ ବୈଠକ ଡାକି ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କଟକ ରିଟେଲ ଡିଲର୍ସ ଆସୋସିଏଶନ୍‌ର କାର୍ଯ୍ୟକାରୀ ସଭାପତି ସୟଦ ଏକ୍ରାମ ହୁସେନ କହିଛନ୍ତି।

ସୂଚନାଯୋଗ୍ୟ, ଚଳିତ ମାସ ପହିଲାରୁ ସିଏମ୍‌ସି ଅଞ୍ଚଳରେ କାର୍ଯ୍ୟରତ ଖୁଚୁରା ବିକ୍ରେତାମାନେ ସମସ୍ୟା ସମାଧାନ ଦାବିରେ ସାମଗ୍ରୀ ଉଠାଣ ବନ୍ଦ କରିଦେଇଥିଲେ। ଜିଲାପାଳଙ୍କ ଅନୁରୋଧ ତଥା ଜିଲା ଯୋଗାଣ ଅଧିକାରୀଙ୍କ ପ୍ରତିଶ୍ରୁତି ଏବଂ ଗରିବ ରାଶନକାର୍ଡଧାରୀଙ୍କ ଆବଶ୍ୟକତାକୁ ବିଚାର କରି ଆସୋସିଏଶନ ଚଳାଇଥିବା ସାମଗ୍ରୀ ବଣ୍ଟନ ବନ୍ଦ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିଲା।

**ମେୟରଙ୍କୁ ଭେଟିଲା ରିଟେଲ ଡିଲର୍ସ ଆସୋସିଏଶନ**

ମାତ୍ର ଜିଲା ଯୋଗାଣ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ବି ପରିବହନ ଠିକାଦାର ପୂର୍ବବତ୍ ସେମାନଙ୍କ କାର୍ଯ୍ୟକଳାପ ଚାଲୁ ରଖି ଖୁଚୁରା ବିକ୍ରେତାମାନଙ୍କୁ ସାମଗ୍ରୀ ଯୋଗାଣରେ ଶୋଷଣ କରିଚାଲିଥିବାରୁ ଆସୋସିଏଶନ୍ ପକ୍ଷରୁ ମେୟରଙ୍କ ନିକଟରେ ଉଦବେଗ ପ୍ରକାଶ କରାଯାଇଛି। ମେୟରଙ୍କୁ ଭେଟିଥିବା ପ୍ରତିନିଧି ମଣ୍ଡଳୀରେ ଆସୋସିଏଶନର ଉପସଭାପତି ତାପସ କୁମାର ମହାନ୍ତି, ସହସମ୍ପାଦକ ବିଜୟ କୁମାର ସାହୁ, ବିନୟ ବୈଶାଖ, ଚନ୍ଦ୍ରମଣି ମହାରଣା, ପ୍ରେମ କୁମାର ସେନ, ଅନ୍ୟାନ୍ୟ କର୍ମକର୍ତ୍ତା ଶାରଦା ପ୍ରସନ୍ନ ମହାନ୍ତି, ପ୍ରଶାନ୍ତ ମୁଦୁଲି, ଗୌରଗୋପାଳ ପଟ୍ଟନାୟକ, ଅଶୋକ ହାଲଦାର, ପ୍ରଶାନ୍ତ ଜେନା, ଲାଲା ଦିଲୀପ କୁମାର ରାୟ ପ୍ରମୁଖ ସାମିଲ ଥିଲେ।

# ରେଳଧାରଣାରେ ରିଲ୍ସ କରି ୨ ଯୁବକ ଗିରଫ

**କଟକ,୧୭।୭(କାର୍ତ୍ତିକ ସାହୁ)**

କଟକ ରେଳଷ୍ଟେଶନ ପରିସରରେ ରେଳଧାରଣା ଉପରେ ବସି ରିଲ୍ସ କରୁଥିବା ୨ ଯୁବକଙ୍କୁ ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ସୋମବାର ଗିରଫ କରିଛି। ସେମାନେ ହେଲେ କଟକ ସହରରେ ରହୁଥିବା ସେକ ସାହିଲ ଓରଫ ସୋନୁ(୨୨) ଓ ସେକ ସୋହେଲ(୧୯)। ସୂଚନା ଅନୁସାରେ, ସୋମବାର ଅପରାହ୍ନ ପ୍ରାୟ ୨.୪୫ ସମୟରେ କର୍ତ୍ତବ୍ୟରତ ଆର୍‌ପିଏଫ୍ କର୍ମଚାରୀମାନେ ଦେଖିବାକୁ ପାଇଲେ ଯେ, ଜଣେ ଯୁବକ ରେଳଧାରଣା ଉପରେ ବସିରହିଛି ଓ ଆଉ ଜଣେ ରିଲ୍ସ କରୁଛି। ଏହି ସମୟରେ ପାରାଦୀପ ପାର୍ଶ୍ୱରୁ ଏକ ମାଲବାହୀ ଟ୍ରେନ୍ ଆସୁଥିବା ଆର୍‌ପିଏଫ୍ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଭିଡିଓ ଶୁଟିଂ ହେଉଥିବା ସ୍ଥାନଠାରୁ ଟ୍ରେନ୍ ପ୍ରାୟ ୬୦୦ରୁ ୭୦୦ ମିଟର ଦୂରତାରେ ଆସୁଥିବା ସେମାନେ ପରିଲକ୍ଷିତ କରିଥିଲେ। ଏଭଳି ବେଆଇନ କାର୍ଯ୍ୟ କରିବାରୁ ନିବୃତ୍ତ ରହିବା ସହ ରେଳଧାରଣାରୁ ହଟିଯିବା ପାଇଁ ଆର୍‌ପିଏଫ୍ କର୍ମଚାରୀମାନେ ଯେତେ କହିଲେବି ସେମାନେ ଶୁଣି ନଥିଲେ। ବରଂ ସେମାନେ ବିଭିନ୍ନ ଷ୍ଟଣ୍ଟ ଦେଇ ଭିଡିଓ ଶୁଟିଂ ଜାରି ରଖିଥିଲେ। ଫଳରେ ଆର୍‌ପିଏଫ୍ ସେମାନଙ୍କୁ ଗିରଫ କରିବା ସହ ରେଳଯାତ୍ରୀମାନେ ଏଭଳି ବିପଦପୂର୍ଣ୍ଣ ଭାବେ ଭିଡିଓ ଶୁଟିଂ ନକରିବାକୁ ଆର୍‌ପିଏଫ୍ ପକ୍ଷରୁ ନିବେଦନ କରାଯାଇଛି।


ଗିରଫ ୨ ଯୁବକ।



ଡ୍ରିମ୍‌ସ ଓ ପଦ୍ମିନୀ କେୟାର ପରିବାର ପକ୍ଷରୁ ଆୟୋଜିତ ପଦ୍ମିନୀ ରଥଙ୍କ ଅଷ୍ଟମ ବାର୍ଷିକ ସ୍ମୃତି ସମାରୋହରେ ଡ. ପ୍ରତିଭା ମହାରଥୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# 'ଜଗତବାସୀଙ୍କ କଲ୍ୟାଣ ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ'

**କଟକ,୧୭।୭(କାର୍ତ୍ତିକ ସାହୁ)**

**ପଦ୍ମିନୀ ରଥଙ୍କ ଅଷ୍ଟମ ବାର୍ଷିକ ସ୍ମୃତି ସମାରୋହ**

ଉଚିତ ସଂସ୍କାର, ସ୍ଥିର ଲକ୍ଷ୍ୟ, ଦୃଢ଼ ଆତ୍ମବିଶ୍ୱାସ, ଏକନିଷ୍ଠ ସାଧନା ପ୍ରତ୍ୟେକ ବ୍ୟକ୍ତି ନିକଟରେ ରହିବା ଆବଶ୍ୟକ। ଜଗତବାସୀଙ୍କ କଲ୍ୟାଣ ବିଧାନ ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ। ଚିନ୍ତାଚେତନା ଓ ସକାରାତ୍ମକ ଦୃଷ୍ଟିଭଙ୍ଗୀ କେବଳ ଲକ୍ଷ୍ୟପ୍ରାପ୍ତି ନୁହେଁ, ସମାଜରେ ବ୍ୟକ୍ତିକୁ ମହାନ୍ କରିଥାଏ ବୋଲି ବିଶିଷ୍ଟ ସାରସ୍ୱତ ସାଧିକା ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷିକା ପ୍ରାଧ୍ୟାପିକା ଡ. ପ୍ରତିଭା ମହାରଥୀ କହିଛନ୍ତି।

ଡ୍ରିମ୍‌ସ ଓ ପଦ୍ମିନୀ କେୟାର ପରିବାର ପକ୍ଷରୁ ଆୟୋଜିତ ପଦ୍ମିନୀ ରଥଙ୍କ ଅଷ୍ଟମ ବାର୍ଷିକ ସ୍ମୃତି ସମାରୋହରେ ମୁଖ୍ୟ ଅତିଥି ଭାବେ ଡ. ମହାରଥୀ ଯୋଗଦେଇ କହିଥିଲେ, ସଂସାରରେ କିଏ କେତେ ବର୍ଷ ବଞ୍ଚିରହିବ ତାହା ବଡ଼ କଥା ନୁହେଁ। ଚିନ୍ତା, ଚେତନାରେ ବିଶ୍ୱ ଭ୍ରାତୃଭାବ, ସମୟର ଠିକ୍ ଉପଯୋଗ ସହ ଦୟା, କ୍ଷମା, ନମ୍ରତା ଓ ପରୋପକାର ଭଳି ମାନବୀୟ ଗୁଣର ଅଧିକାରୀ ହୋଇପାରିଲେ ମୃତ୍ୟୁ ପରେ ବି ମଣିଷ ଅମର ହୋଇଯାଏ। ପଦ୍ମିନୀ ଦେବୀ ସେହିଭଳି ଜଣେ ମହନୀୟା ମହିଳା ଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥି ଡ. ମହାରଥୀ ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସମେତ କର୍ମଯୋଗୀ ଧନେଶ୍ୱର ରଥ ଓ ପଦ୍ମିନୀ ରଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ନିବେଦନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପଦ୍ମିନୀ ରଥଙ୍କ ଜୀବନାଦର୍ଶ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର କହିଥିଲେ। ଧନେଶ୍ୱର ରଥ ଫାଉଣ୍ଡେଶନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ବିପିୟୁଟିର କୁଳପତି ପ୍ରଫେସର ଡ. ଅମୀୟ କୁମାର ରଥ, ଆୟକର ବିଭାଗର ଆୟୁକ୍ତ ସମ୍ମିତ କୁମାର ମିଶ୍ର, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ସହଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ପ୍ରଫେସର ଡା. ଧୀରେନ୍ଦ୍ରନାଥ ମହାରଣା, ପ୍ରଫେସର ଡା. ରଞ୍ଜନ କୁମାର ଦାସ, ପ୍ରଫେସର ଡା. ନିରୁପମା ଚୟନୀ, ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା, ଶିଳ୍ପୋଦ୍ୟୋଗୀ ଭାଲ ଚନ୍ଦ୍ର ମହାନ୍ତି, ଶିଳ୍ପପତି ପଦ୍ମଲୋଚନ ପାତ୍ର, ଡା. ଶକ୍ତିପ୍ରସାଦ ସାହୁ, ପଦ୍ମିନୀ କେୟାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିପ୍ରକାଶ ପରିଜାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାନୁଷ୍ଠାନର ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଡ୍ରିମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉପାଧ୍ୟକ୍ଷ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ବାସଭବନରେ ଗୀତା ଯଜ୍ଞ, ସଂକୀର୍ତ୍ତନ ଓ ଶ୍ରାଦ୍ଧ ଅନୁଷ୍ଠିତ ହୋଇଥିଲା।

# କମରପଦା କେନାଲ ସେତୁର ଗାର୍ଡ ୱାଲ ଭାଙ୍ଗିଲା

**କଟକସଦର,୧୭।୭(ସୁଶାନ୍ତ କୁମାର ଜେନା):** କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତ କମରପଦା ନିକଟରେ ଥିବା ତାଳଦଣ୍ଡା କେନାଲ ପୁରୁଣା ସେତୁର ଗାର୍ଡ ୱାଲ ରବିବାର ରାତିରେ ଭୁଶୁଡ଼ି ପଡ଼ିଥିଲା। ଫଳରେ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହୋଇଛି। ଖବରପାଇ କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଅଶୋକ କୁମାର ସାହୁଙ୍କ ସମେତ ଅନ୍ୟ ଯନ୍ତ୍ରୀମାନେ ସୋମବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଏଠାରେ ଗାର୍ଡ ୱାଲକୁ ମରାମତି କରାଯିବାର ବ୍ୟବସ୍ଥା କରାଯାଉଛି ବୋଲି ଅଧିକ୍ଷଣ ଯନ୍ତ୍ରୀ ସାହୁ କହିଛନ୍ତି। ଏହି ପୁରୁଣା ସେତୁ ନିକଟରେ ଆଉ ଏକ ସ୍ୱଳ୍ପ ଉଚ୍ଚ ନୂଆ ସେତୁ ନିର୍ମାଣ ଚାଲିଛି। ୧୯୯୦ ମସିହାରୁ ପୁରୁଣା ସେତୁ କାମ କରାଯାଇଥିଲା। ମାତ୍ର ସେହି ସମୟରେ ତାଳଦଣ୍ଡା କେନାଲରେ ଡଙ୍ଗା ପାରାଦୀପ ଆଡେ ଯାଉଥିବାରୁ ସେତୁକୁ ଉଚ୍ଚ କରାଯାଇଥିଲା। ମାତ୍ର ଡଙ୍ଗା ଓ ବୋଟ ଚାଲିବା ବନ୍ଦ ହୋଇଯିବା ପରେ ସରକାର ଏଠାରେ ନୂଆ ସେତୁ ନିର୍ମାଣ କରୁଛନ୍ତି।

# ତ୍ୱରିତ ସମାଧାନ ହେଲା ୧୭ ଅଭିଯୋଗ

**କଟକ,୧୭।୭(କାର୍ତ୍ତିକ ସାହୁ)**

ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଯୁଗ୍ମଜନଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୫୧ଟି ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୬ଟି ସାମୂହିକ ଓ ୪୫ଟି ବ୍ୟକ୍ତିଗତ ଅଭିଯୋଗ ରହିଛି। ଜିଲାପାଳ ଡ. ଭବାନୀ ଶଙ୍କର ଚୟନୀ ଆଗତ ୧୭ଟି ଅଭିଯୋଗ ଶୁଣାଣି କରି ଉପସ୍ଥିତ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ତ୍ୱରିତ ସମାଧାନ କରିଥିଲେ। କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ନୂଆଗ୍ରାମର ବାସିନ୍ଦା ଅରୂପା ଭଞ୍ଜଙ୍କୁ ଆର୍ଥିକ ସହାୟତା ୩୦ ହଜାର ଟଙ୍କା, ନରସିଂହପୁର ବ୍ଲକ ଅନ୍ତର୍ଗତ କାକୁଡ଼ିଆ ଗ୍ରାମର ବାସିନ୍ଦା ଗୋପୀନାଥ ବେହେରାଙ୍କୁ ୩ହଜାର ଟଙ୍କା ଓ କର୍କଟ ରୋଗର ଚିକିତ୍ସା ପାଇଁ ଟାଙ୍ଗୀ ବ୍ଲକର ବାସିନ୍ଦା ମଳୟ ଚାତାରଙ୍କୁ ୫ହଜାର ଟଙ୍କା ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଡିସିପି ପିନାକ ମିଶ୍ର, ନିର୍ବାହୀ ଅଧିକାରୀ ଅମ୍ବର କୁମାର କର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମକରନ୍ଦ ବେଉରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ସୁଦାମ ନାୟକ, ଡିଇଓ କୃଷ୍ଣଚନ୍ଦ୍ର ନାୟକ, ଏସିଏଫ କଟକ ବନଖଣ୍ଡ ମନୋରଞ୍ଜନ ସ୍ୱାଇଁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ରଥ, ଜିଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ମୋହନ ଦାସ, ତହସିଲଦାର କଟକ ସଦର ଡ. ମାନସ ରଞ୍ଜନ ଭୋଇ ପ୍ରମୁଖ ସାମିଲ ଥିଲେ।

# ୨ ଦିନରେ ହେବ ଖାସମାହାଲ କିସମ ପରିବର୍ତ୍ତନ

**କଟକ,୧୭।୭ (କାର୍ତ୍ତିକ ସାହୁ)**

**ଆଲୋଚନା ପରେ ଜିଲାପାଳଙ୍କ ପ୍ରତିଶ୍ରୁତି**

କଟକ ସହରରେ ୫୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଖାସମାହାଲ ଜମି ସ୍ଥିତିବାନ କିସମକୁ ପରିବର୍ତ୍ତନ ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଆବେଦନ କରିବାର ୨ଦିନ ମଧ୍ୟରେ କିସମ ପରିବର୍ତ୍ତନ କରାଯିବ। ଏଥିସହ କୌଣସି ବ୍ୟକ୍ତିଙ୍କର ଆବଶ୍ୟକ କାଗଜାତ ଅଭାବ ଥିଲେ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ସୋମବାର ଜିଲାପାଳଙ୍କ ସହ ଆଲୋଚନା ପରେ ନିର୍ଯାସ ବାହାରିଥିବା କଟକ ଜିଲା କଂଗ୍ରେସ ସଭାପତି ମାନସ ରଞ୍ଜନ ଚୌଧୁରୀ ସୂଚନା ଦେଇଛନ୍ତି। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ଜିଲା କଂଗ୍ରେସ ସଭାପତି ଚୌଧୁରୀ ଗତ ଶନିବାର ଏକ ଖବରଦାତା ସମ୍ମିଳନୀରେ ଖାସମାହାଲ ଜମିର କିସମ ପରିବର୍ତ୍ତନ କରିବାରେ ଲୋକେ ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ଆଣିଥିଲେ। ସହରର କେତେକ ଅଞ୍ଚଳରେ ଜମି କିସମ ପାଇଁ ବିଭିନ୍ନ ଅଫିସ୍‌କୁ ଲୋକେ ଦୌଡୁଛନ୍ତି। ଜମି ମାଲିକମାନେ ଆବେଦନ ପରେ ସରକାରୀ ଅଫିସ୍‌କୁ ଦୌଡୁଥିବାବେଳେ ସେମାନଙ୍କ କାର୍ଯ୍ୟ ହୋଇପାରୁନାହିଁ। ଏଭଳି ସମସ୍ୟା ଯୋଗୁ କଟକ ସହରର ୟୁନିଟ ନମ୍ବର ୧୦, ୧୧, ୧୨, ୧୩, ୧୪, ୨୦, ୨୧, ୨୨ର ପ୍ରାୟ ୧୦୦ ଏକର ଜାଗା ଉପରେ ୫୦୦୦ରୁ ଊର୍ଦ୍ଧ୍ୱ କେସ୍‌ରେ ଲୋକେ ନିଜ ଜାଗାର ସ୍ଥିତିବାନ ଷ୍ଟାଟସର ଅଧିକାର ରେକର୍ଡ (ଆର୍‌ଓଆର୍) ପାଇପାରୁନାହାନ୍ତି। ୨୦୦୩ ମସିହାରୁ ଜମି ମାଲିକମାନେ ଆବେଦନ କରିଥିଲେ ବି ଏଯାଏ ସେମାନେ ଆର୍‌ଓଆର୍ ପାଇପାରୁନାହାନ୍ତି। ଖାସମାହଲ କିମସ ଜମିପଟାକୁ ସେମାନେ ସ୍ଥିତିବାନରେ ପରିଣତ କରିବା ପାଇଁ ଆର୍‌ଆଇ, ତହସିଲଦାର, ଉପଜିଲାପାଳ ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଧାଉଁଛନ୍ତି। ମାତ୍ର ସବୁଠି ନିରାଶ ହେବାକୁ ପଡୁଛି। କାମ ନ କରିବାର ଉଦ୍ଦେଶ୍ୟ ରଖି ସମ୍ପୃକ୍ତ କାର୍ଯ୍ୟାଳୟଗୁଡ଼ିକରେ ଗତ ୫୦ ବର୍ଷର ରେକର୍ଡ ମାଗୁଛନ୍ତି। ଫଳରେ କିସମ ପରିବର୍ତ୍ତନ ହୋଇପାରୁନାହିଁ ବୋଲି ସେ କହିଥିଲେ। ଏହାକୁ ନେଇ କଟକ ଜିଲା କଂଗ୍ରେସ ପକ୍ଷରୁ ଘୋର ଉଦ୍‌ବେଗ ପ୍ରକାଶ କରାଯିବା ସହ ପ୍ରଶାସନ ତୁରନ୍ତ ଏହାର ସମାଧାନ କରିବାକୁ ଚୌଧୁରୀ ଦାବି କରିଥିଲେ।

# ସମ୍ବାଦପତ୍ର ବିକ୍ରେତା ସଂଘର ଆର୍ଥିକ ସହାୟତା



**କଟକ,୧୭।୭(କାର୍ତ୍ତିକ ସାହୁ)**

ଖବରକାଗଜ ବିକ୍ରେତା ସନ୍ତୋଷ ମହାନ୍ତିଙ୍କ ଭଉଣୀ ଅସୁସ୍ଥ ଥିବାରୁ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ତାଙ୍କ ଚିକିତ୍ସା ପାଇଁ ୨ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସଂଘର ଉପସଭାପତି ପିତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ମିଡିଆ ସଂଯୋଜକ ପ୍ରଭାସ ପ୍ରଧାନ ଓ କମିଟି ସଭ୍ୟ ମନୋଜ ପାଲ, ହିମାଂଶୁ ମହାପାତ୍ର, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋୟୀ, ଦୁର୍ଗାପ୍ରସାଦ ଛାଟୋଇ ଓ ରଘୁନାଥ ପାଣିଗ୍ରାହୀ ସହାୟତା ପ୍ରଦାନବେଳେ ଉପସ୍ଥିତ ଥିଲେ।

# ପ୍ରଭୁ ଲକ୍ଷେଶ୍ୱରଙ୍କ ପୀଠରେ ଜଳାଭିଷେକ



**ଫୁଲନଖରା,୧୭।୭ (ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ-ଭୁବନେଶ୍ୱର ଜାତୀୟ ରାଜପଥର ଫୁଲନଖରାଠାରେ ଥିବା ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଲକ୍ଷେଶ୍ୱରଙ୍କ ମନ୍ଦିରରେ ସୋମବାର ଭୋର ସକାଳୁ ୩ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଭକ୍ତ ଜଳାଭିଷେକ କରିଛନ୍ତି। ଶ୍ରାବଣ ମାସ ଦ୍ୱିତୀୟ ସୋମବାର ଥିବାରୁ ଶୃଙ୍ଖଳିତ ଭାବେ ଜଳାଭିଷେକ କରାଯିବା ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇ ପାନୀୟ ଜଳ, ବିଶ୍ରାମ ଗୃହ ପ୍ରଭୃତି ଟ୍ରଷ୍ଟ ବୋର୍ଡ ପକ୍ଷରୁ ଦୂର ଦୁରାନ୍ତରୁ ଆସୁଥିବା କାଉଡ଼ିଆ ଭକ୍ତମାନଙ୍କୁ ଯୋଗାଇ ଦିଆଯାଉଛି। ପାହାଳ ଥାନା ପକ୍ଷରୁ ଭକ୍ତମାନଙ୍କ ମଧ୍ୟରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯିବା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଧବଳେଶ୍ୱରଙ୍କ ପୀଠରେ ୪୦ ହଜାର କାଉଡ଼ିଆ

**ଖୁଣ୍ଟୁଣୀ,୧୭।୭(ସଚ୍ଚିଦାନନ୍ଦ ପଣ୍ଡା)**

**ଦ୍ୱିତୀୟ ସୋମବାର**
- ପୋଲିସ ପକ୍ଷରୁ କଡ଼ା ବ୍ୟବସ୍ଥା
- ଅଗଷ୍ଟ ୨୧ରେ ପୁଣି ଜଳ ଲାଗି



ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ କଟକସ୍ଥିତ ମହାନଦୀରେ ଅବସ୍ଥାପିତ ବାବା ଧବଳେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ସମେତ କାଉଡ଼ିଆଙ୍କ ପ୍ରବଳ ଭିଡ଼ ଲାଗିରହିଥିଲା। କାଉଡ଼ିଆଙ୍କ ପାଇଁ ଚଳିତ ମାସର ଏହି ସୋମବାର ଶେଷ ଜଳ ଲାଗି ହୋଇଥିବାରୁ ୪୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ମହାଦେବଙ୍କ ନିକଟରେ ଜଳ ଢାଳିଥିବା କହିଛନ୍ତି ଆଠଗଡ଼ ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା। ଯୋଡ଼ା ଶ୍ରାବଣ ଓ ମଳ ମାସ ଯୋଗୁ ରାଜ୍ୟର କୌଣସି ଶୈବପୀଠରେ ଜଳ ଢାଳିବା ନିଷେଦ୍ଧ। ଧବଳେଶ୍ୱରଙ୍କ ପୀଠରେ ମଧ୍ୟ ଆଜିଠାରୁ ଆସନ୍ତା ଅଗଷ୍ଟ ୨୦ତାରିଖ ଯାଏ ଅର୍ଥାତ ପ୍ରାୟ ୩୪ ଦିନ ପର୍ଯ୍ୟନ୍ତ କାଉଡ଼ିଆଙ୍କ ଜଳ ଢାଳିବାକୁ ବନ୍ଦ କରାଯାଇଛି ବୋଲି ଧବଳେଶ୍ୱର ପୂଜକ ସମାଜ ସେବା ସଭାପତି ବିଷ୍ଣୁଚରଣ ପତ୍ରି କହିଛନ୍ତି। ଏଥିପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ରବିବାର ସକାଳୁ ନୂତନ କଂକ୍ରିଟ ସେତୁ ଦେଇ ହଜାର ହଜାର କାଉଡ଼ିଆଙ୍କ ଭିଡ଼ ଲାଗି ରହିଥିଲା। ରାତିତମାମ ଏହି ଭିଡ଼ ଲାଗିବା ଫଳରେ ପୋଲିସ ପ୍ରଶାସନକୁ ନାକେଦମ ହେବାକୁ ପଡ଼ିଥିଲା। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଧବଳେଶ୍ୱରଙ୍କ ପୂଜକ ସମାଜ ପକ୍ଷରୁ ନୀତି ପାଳିଆ ପ୍ରକାଶ ପତ୍ରି ଓ ଅନ୍ୟ ସହଯୋଗୀ ପୂଜକମାନେ ରାତି ୨ଟାରୁ ମନ୍ଦିର ପହଡ଼ ଖୋଲି ଶ୍ରୀମୁଖ ପଖ୍ୟାଳନ ସହିତ ମଙ୍ଗଳ ଆଳତି ଓ ସ୍ନାନାଦି ସମସ୍ତ ନୀତିକାନ୍ତି ଶେଷ କରିବା ପରେ ସାଢ଼େ ୨ଟାରୁ ସର୍ବସାଧାରଣଙ୍କ ଦର୍ଶନ ଲାଭ କରିବାକୁ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ପ୍ରତ୍ୟେକ କାଉଡ଼ିଆ ଯେପରି ଧାଡ଼ିରେ ଯାଇ ସୁବିଧାରେ ବାହାରେ ମୁଖଶାଳାରେ ଥିବା ପ୍ରଭୁଙ୍କ ଚଳନ୍ତି ପ୍ରତିମାରେ ଜଳ ଢାଳି ସାରି ମନ୍ଦିର ଭିତରେ ଧବଳେଶ୍ୱରଙ୍କ ଦର୍ଶନ କରିପାରିବେ, ସେଥିପାଇଁ ଏସ୍‌ପି ମିହିର କୁମାର ପଣ୍ଡାଙ୍କ ନିର୍ଦ୍ଦେଶରେ ପୋଲିସ ପକ୍ଷରୁ ବ୍ୟାରିକେଟ ବ୍ୟବସ୍ଥା କରାଯାଇଥିଲା। ପୀଠରେ ୪ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଏଥିପାଇଁ ଆଠଗଡ଼ ଉପଜିଲାପାଳ, ଅତିରିକ୍ତ ଦେବୋତ୍ତର ଅଧିକାରୀ ତଥା ତହସିଲଦାର ପ୍ରିୟବ୍ରତ ଦାସ ଓ ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ସହକାରୀ ଜିଲାପାଳ ମାନସ ବେହେରା, ଜିଲା ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣପ୍ରସାଦ ପଟ୍ଟନାୟକ, ପୋଲିସ ମୁଖ୍ୟାଳୟ ଡିଏସପି ଅଶ୍ୱିନୀ କୁମାର ସାହୁ, ସ୍ମୃତିରଞ୍ଜନ କର, ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ପ୍ରମୁଖ ରବିବାର ସୋମବାର ଦୁଇଦିନ ମନ୍ଦିରରେ ଉପସ୍ଥିତ ରହି ଆଇନଶୃଙ୍ଖଳା ପରସ୍ଥିତି ଉପରେ ନଜର ରଖିଥିଲେ। ମୋଟାମୋଟି ଭାବେ କଂକ୍ରିଟ୍ ସେତୁ ଯୋଗୁ ଧବଳେଶ୍ୱରଙ୍କ ଉପରେ ଭକ୍ତଙ୍କ ଭାବ ଦ୍ୱିଗୁଣିତ ବଢିଯାଇଥିବା କେତେଜଣ ଶ୍ରଦ୍ଧାଳୁ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ଜୁଲାଇ , ୨୦୨୩



## ସଂକ୍ଷେପରେ

### ରାମଚଣ୍ଡୀ, ଚନ୍ଦ୍ରଭାଗା ମେରାଇନ ଥାନାରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

କୋଣାର୍କ,୧୭।୭(ଜ୍ୟୋତିରାଜ ମହାନ୍ତି)- କୋଣାର୍କ ନିକଟସ୍ଥ ଚନ୍ଦ୍ରଭାଗା ମେରାଇନ ଥାନାରେ ନୂତନ ଥାନା ଅଧିକାରିଣୀ ଭାବେ ପ୍ରତିମା ସାହୁ ଓ ରାମଚଣ୍ଡୀ ଥାନାରେ ନୂତନ ଥାନା ଅଧିକାରୀ ଭାବେ ସୁରେଶ ପୃଷ୍ଟି ରବିବାର ଅପରାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଚନ୍ଦ୍ରଭାଗା ମେରାଇନ ଥାନାରେ କାର୍ଯ୍ୟରତ ଥାନା ଅଧିକାରୀ ରବୀନ୍ଦ୍ର ସେଠୀ ଖୋର୍ଦ୍ଧା ଜିଲାକୁ ବଦଳି ହୋଇଥିବାବେଳେ ରାମଚଣ୍ଡୀ ଥାନା ଅଧିକାରୀ ନାରାୟଣ ଚନ୍ଦ୍ର ଲେଙ୍କାଙ୍କ ନୟାଗଡ଼ ଜିଲାକୁ ବଦଳି ହୋଇଥିଲା। ପ୍ରତିମା ସାହୁ ପୂର୍ବରୁ ଭୁବନେଶ୍ୱର ଟ୍ରାଫିକ ପୋଲିସ ଭାବେ କାର୍ଯ୍ୟ କରୁଥିବାବେଳେ ସୁରେଶ ପୃଷ୍ଟି ପୁରୀ ହେଡ୍‌କ୍ୱାର୍ଟରଠାରେ କାର୍ଯ୍ୟ କରୁଥିଲେ। ଆଗାମୀ ଦିନରେ ପୋଲିସ ପାଟ୍ରୋଲିଂ, ସାଧାରଣ ଲୋକଙ୍କ ସୁରକ୍ଷା ଓ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିମା ସାହୁ ଓ ସୁରେଶ ପୃଷ୍ଟି ପ୍ରମୁଖ ପ୍ରକାଶ କରିଛନ୍ତି।

### ନିମାପଡ଼ା ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ



ନିମାପଡ଼ା, ୧୭।୭ (ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନାରେ ନୂତନ ଆଇଆଇସି ଭାବେ ବାମଦେବ ସ୍ୱାଇଁ ସୋମବାର ଯୋଗଦାନ କରି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସ୍ୱାଇଁ ପୂର୍ବରୁ କଟକ ଜିଲା କିଶାନନଗର, ଖୁଣ୍ଟୁଣି, ଆଠଗଡ଼, ପୁରୀ ଜିଲା ସିଂହଦ୍ୱାର, ବଳିଆପଣ୍ଡା ଆଦି ଥାନାରେ ଓ ପୁରୀରେ ଟ୍ରାଫିକ ଇନିସପେକ୍ଟର ଭାବେ କାର୍ଯ୍ୟ କରି ପ୍ରଶଂସା ପାଇଛନ୍ତି। ଜଣେ ଦକ୍ଷ, କର୍ତ୍ତବ୍ୟନିଷ୍ଠ ପୋଲିସ ଅଧିକାରୀ ଭାବେ ତାଙ୍କର ଯଥେଷ୍ଟ ଖ୍ୟାତି ରହିଛି। ନିମାପଡ଼ା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଅଧିକ ସୁଧାର ଆଣିବା, ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା, ଅପରାଧ ନିୟନ୍ତ୍ରଣ ଦିଗରେ ଦୃଢ଼ ପଦକ୍ଷେପ ନିଆଯିବା ଦିଗରେ ଦୃଷ୍ଟି ଦେଇ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ସ୍ୱାଇଁ କହିଥିଲେ। ପୋଲିସ ଓ ଜନସାଧାରଣ ଉଭୟ ବନ୍ଧୁ, ବିଭିନ୍ନ କ୍ଷେତ୍ରରେ ଜନସାଧାରଣ ପୋଲିସକୁ ସାହାଯ୍ୟ ସହଯୋଗର ହାତ ବଢାଇବାକୁ ସ୍ୱାଇଁ କହିଛନ୍ତି। ଏହି ଅବସରରେ ଥାନାରେ ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ଓ ନିମାପଡ଼ା ପ୍ରେସକ୍ଲବର ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ ଆଇଆଇସି ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ନିମାପଡ଼ାବାସୀ ନୂତନ ଆଇଆଇସି ସ୍ୱାଇଁଙ୍କଠାରୁ ଉପଯୁକ୍ତ ନ୍ୟାୟ ଓ ପୋଲିସ ସେବା ପାଇବେ ବୋଲି ଦୃଢ଼ ଆସ୍ଥା ପ୍ରକଟ କରିଛନ୍ତି।

### ଗୋସେବକ ମହେଶ୍ୱରଙ୍କ ମୃତ୍ୟୁରେ ଶୋକ

ସାକ୍ଷୀଗୋପାଳ, ୧୭।୭ (ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର)/ (ଭରତ ରାଉତ)- ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ମହାବଳପଡ଼ାସ୍ଥିତ ଶ୍ରୀ ଶ୍ରୀ ଗୋବିନ୍ଦ ଜୀଉ ଗୋଶାଳାର ପରିଚାଳକ ତଥା ଜଣାଶୁଣା ଗୋସେବକ ମହେଶ୍ୱର ପ୍ରଧାନଙ୍କର ସୋମବାର ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ପିପିଲି ଟୋଲ ଗେଟ ନିକଟରେ ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପ୍ରଧାନ ଜଣେ ଭଲ ଗୋସେବକ ଥିଲେ। ଜୈବିକ କୃଷି କରିବା ନିମନ୍ତେ କୃଷକମାନଙ୍କୁ ବୈଦିକ ପାରମ୍ପରିକ ପରାମର୍ଶ ଓ ଜ୍ଞାନକୌଶଳ ପ୍ରଦାନ କରୁଥିଲେ । ଭାରତର ପାରମ୍ପରିକ ମାଟି ହାଣ୍ଡିରେ ରୋଷେଇ କରି ରୋଗ ମୁକ୍ତ ହେବା ନିମନ୍ତେ ସାଧାରଣରେ ସଚେତନତା ସୃଷ୍ଟି କରିବା ସହ ଅନେକ ସମୟରେ ବୃକ୍ଷ ରୋପଣ କରୁଥିଲେ। ଏଥିସହ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଜଣେ ସକ୍ରିୟ ସଭ୍ୟ ଥିଲେ। ସେ ସତ୍ୟବାଦୀ ଥାନା ଅନ୍ତର୍ଗତ ପେଣ୍ଡପଡା ପଞ୍ଚାୟତର ବଡ଼ କାଞ୍ଜିଆ ଗ୍ରାମର ବାସିନ୍ଦା ଅଟନ୍ତି। ଦୁର୍ଘଟଣା ପରେ ତାଙ୍କ ପାର୍ଥିବ ଶରୀର ସତ୍ୟବାଦୀରେ ପହଞ୍ଚିବା ପରେ ସ୍ଥାନୀୟ ଜନସାଧାରଣ, ଗୋପ୍ରେମୀ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ଓ ଭାଜପା କର୍ମକର୍ତ୍ତା ଓ ସଭ୍ୟମାନେ ଶେଷ ଦର୍ଶନ କରିବା ସ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କର ଏହି ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି । ସ୍ୱର୍ଗତ ପ୍ରଧାନଙ୍କ ମୃତ୍ୟୁ ଖବରପାଇ ଭାଜପା ନେତା ଓମ ପ୍ରକାଶ ମିଶ୍ର, ପ୍ରଦୀପ ଶତପଥୀ, ଆରଏସ୍‌ଏସ୍‌ର ସତ୍ୟବାଦୀର ସଭାପତି ବିକ୍ରମ ଦାଶ, ଚିତ୍ତରଞ୍ଜନ ଆଚାର୍ଯ୍ୟ, ରତିକାନ୍ତ ମିଶ୍ର, ରଞ୍ଜନ ବରାଳଙ୍କ ସହ ସଙ୍ଘର ଅନେକ କର୍ମକର୍ତ୍ତା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଜଳ ଲାଗି କଲେ ୩୦ ହଜାର କାଉଡ଼ିଆ

**ଶ୍ରୀଲୋକନାଥ ମନ୍ଦିରରେ ପ୍ରବଳ ଭିଡ଼**

- ଆଜିଠୁ ମଳମାସ ଆରମ୍ଭ
- ୧ ମାସ ଧରି ବନ୍ଦ ରହିବ ଜଳାଭିଷେକ



ଜଳଲାଗି ପାଇଁ ଶ୍ରୀଲୋକନାଥ ମନ୍ଦିର ପରିସରରେ କାଉଡିଆଙ୍କ ଲମ୍ବା ଧାଡ଼ି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ପୁରୀ, ୧୭।୭(ଅଜିତ ମହାନ୍ତି)

ପବିତ୍ର ଶ୍ରାବଣ ମାସର ଦ୍ୱିତୀୟ ସୋମବାର ମହାଦେବଙ୍କୁ ଜଳାଭିଷେକ କରିବା ପାଇଁ ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବପୀଠ ପୁରୀର ଶ୍ରୀଲୋକନାଥ ମନ୍ଦିରରେ ପ୍ରାୟ ୩୦ ହଜାର କାଉଡ଼ିଆ ଜଳଲାଗି କରିଥିବା ସୂଚନା ମିଳିଛି। ଭିଡ଼କୁ ଦୃଷ୍ଟରେ ରଖି ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ ନିର୍ମାଣ ସହ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। କାଉଡିଆମାନେ ବ୍ୟାରିକେଡ ଦେଇ ମନ୍ଦିର ପରିସରକୁ ଯାଇ ପ୍ରଭୁ ଲୋକନାଥଙ୍କୁ ଜଳଲାଗି କରିଥିଲେ। ତେବେ ଜଳ ଲାଗି ପୂର୍ବରୁ ଭକ୍ତମାନେ ଲୋକନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ହୋଇଥିବା କାଉଣ୍ଟରରେ ୨୦ ଟଙ୍କାର ରସିଦ୍ କାଟିଥିଲେ। ରବିବାର ରାତ୍ର ୧୨ଟାରେ ମନ୍ଦିର ଦ୍ୱାର ଖୋଲାଯାଇ ନୀତି ଆରମ୍ଭ ହୋଇଥିଲା। ଠାକୁରଙ୍କ ମଙ୍ଗଳ ଆଳତି, ମଇଲମ, ଅବକାଶ ନୀତି ସରିବା ପରେ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ଭକ୍ତମାନେ ରୋଷଘର ପଛ ଦେଇ ମନ୍ଦିରକୁ ଯାଇ ଲକ୍ଷ୍ମୀଦ୍ୱାର ଠାରେ ଜଳଲାଗି କରି ଫେରିଥିଲେ। ଦିନ ତମାମ ଜଳାଭିଷେକ କାର୍ଯ୍ୟକ୍ରମ ଚାଲିଥିଲା। ଅନ୍ୟ ଭକ୍ତମାନେ ଯେପରି ଠାକୁରଙ୍କ ଦର୍ଶନ କରିପାରିବେ ସେଥିପାଇଁ ମଧ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଥିଲା। ପ୍ରଶାସନ ପକ୍ଷରୁ ପ୍ରାୟ ୨ହଜାର ଭକ୍ତଙ୍କ ପାଇଁ ଶେଡ୍ ନିର୍ମାଣ କରାଯାଇଥିଲା। ଏନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଶ୍ରାବଣ ମାସର ଦ୍ୱିତୀୟ ସୋମବାର ବହୁସଂଖ୍ୟକ ଶ୍ରଦ୍ଧାଳୁ ପ୍ରଭୁ ଶ୍ରୀଲୋକନାଥଙ୍କ ପୀଠକୁ ଆସି ଜଳଲାଗି କରିଛନ୍ତି। ଭକ୍ତଙ୍କ ସୁବିଧା ପାଇଁ ପାନୀୟଜଳ, ଆଲୋକୀକରଣ, ବିଶ୍ରାମାଗାର ଓ ପ୍ରାଥମିକ ଚିକିତ୍ସାକେନ୍ଦ୍ର ଆଦି ବିଭିନ୍ନ ବ୍ୟବସ୍ଥା କରାଯାଇଛି। ଭକ୍ତମାନେ ଭଲରେ ଜଳଲାଗି କରି ଫେରିଛନ୍ତି। ମନ୍ଦିର ବାହାରେ, ପରିସରରେ, ବ୍ୟାରିକେଡ୍ ଓ ଫାଟକଗୁଡ଼ିକ ନିକଟରେ ପର୍ଯ୍ୟାପ୍ତ ସଂଖ୍ୟକ ପୋଲିସ କର୍ମଚାରୀ ମୁତୟନ ରହିଥିଲେ। ଅନ୍ୟପକ୍ଷରେ ମଙ୍ଗଳବାରଠାରୁ ମଳ ମାସ ଆରମ୍ଭ ହେଉଥିବାରୁ ୧ମାସ ଧରି ଜଳାଭିଷେକ ବନ୍ଦ ରହିବ। ମଳ ମାସ ପରେ ପୁଣି ମହାଦେବଙ୍କ ପୀଠରେ ଜଳାଭିଷେକ ଅନୁଷ୍ଠିତ ହେବ।

# ରୋଟାରୀ କ୍ଲବ ପୁରୀ ସାଗର ପକ୍ଷରୁ ଡାକ୍ତର ଦିବସ ପାଳିତ

ପୁରୀ, ୧୭।୭(ଅଜିତ ମହାନ୍ତି): ରୋଟାରୀ କ୍ଲବ ପୁରୀ ସାଗର ପକ୍ଷରୁ ସୋମବାର ଅନ୍ତର୍ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। ପୁରୀ କ୍ଲବ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ରବୀନ୍ଦ୍ର କୁମାର ପଣ୍ଡା ଯୋଗଦେଇ ରୋଗୀ ସେବାକୁ ଭଗବାନଙ୍କ ସେବା ଭଳି ଭାବିବା ଉଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ପୂର୍ବତନ ସଭାପତି ଯୁଧିଷ୍ଠିର ଲେଙ୍କା ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ହରିହର ଖୁଣ୍ଟିଆ ବିବରଣୀ ପାଠ କରିଥିଲେ। ଡାକ୍ତର ସୁନୀଲ ଚକ୍ରବର୍ତ୍ତୀ, ଡାକ୍ତର ହରିବଲ୍ଲଭ ମହାପାତ୍ର, ଡାକ୍ତର ଅବନୀ ପାତ୍ର, ଡାକ୍ତର ପଲ୍ଲବୀ ପ୍ରିୟମ୍ବଦା, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କେଦାରନାଥ ଚୌଧୁରୀ, ଭିନିତ ପଟୱାରୀ ଏବଂ ସୁବାଶିଷ ପୂଜାପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବତନ ଏମ୍‌ପି ରୋଟାରିଆନ୍ ସୁରେନ୍ଦ୍ର ଟାପୁରିଆ ମୁଖ୍ୟ ଅତିଥି ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରୋଟାରିଆନ୍ କେଦାର ମହାପାତ୍ର ଓ ତୁଷାରକାନ୍ତ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଡାକ୍ତର ଆଦର୍ଶ ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରୋଟାରିଆନମାନେ ପରିଚାଳନା କରିଥିବା ବେଳେ ଶେଷରେ ପ୍ରମୋଦ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଡ୍ରଗ୍ସ ବେପାରୀ ସୋମନାଥଙ୍କୁ ଗୁଳିକରି ହତ୍ୟା ଘଟଣା, ଆଉ ୨ ଗିରଫ

**୧୦ରେ ପହଞ୍ଚିଲା ଗିରଫ ସଂଖ୍ୟା**

ଖୋର୍ଦ୍ଧା,୧୭।୭(ପ୍ରଭାତ ପାଣିଗ୍ରାହୀ):

ଡ୍ରଗ୍ସ ବେପାରୀ ସୋମନାଥ ଭୁଜବଳ ଓରଫ ପାକୁ ହତ୍ୟାକାଣ୍ଡ ମାମଲାରେ ଖୋର୍ଦ୍ଧା ଟାଉନ ପୋଲିସ ସୋମବାର ଆଉ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭାଲିଆବାଡିର ଆଶିଷ ପ୍ରଧାନ ଓ ଉପରସାହିର ସଂଗ୍ରାମ ପ୍ରଧାନ ଓରଫ ଚନ୍ଦନ। ଗତ ୧୪ ତାରିଖରେ ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଡ୍ରଗ୍ସ ବେପାରୀ ଭାଲିଆବାଡ଼ି ଅଞ୍ଚଳର ସଞ୍ଜୟ ପ୍ରଧାନ ଓରଫ ସଞ୍ଜୁଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା ପୋଲିସ। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ନେଇ ପୂର୍ବରୁ ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ତେବେ ଗିରଫ ସଂଖ୍ୟା ୧୦ରେ ପହଞ୍ଚିଛି। ଏବେବି ଏହି ଘଟଣାର ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ସୂଚନାଥାଉ କି, ଗତ ଜୁନ୍ ୭ ରାତି ପ୍ରାୟ ସାଢେ ୯ଟାରେ ପାକୁ ସାମନ୍ତରାପୁର ଠେଙ୍ଗାହାଟ ଛକରେ ଛିଡ଼ାହୋଇ ମୋବାଇଲରେ କଥା ହେଉଥିଲା। ଅଭିଯୁକ୍ତମାନେ ପିକ୍‌ଅପ ଓ ବୋଲେରୋରେ ଆସି ସେଠାରେ ପହଞ୍ଚିଥିଲେ। ଏହାପରେ ଅଭିଯୁକ୍ତମାନେ ପାକୁଙ୍କୁ ଗୁଳିମାଡ଼ କରିଥିଲେ। ୪ଟି ଲକ୍ଷ୍ୟଚ୍ୟୁତ ହୋଇଥିବା ବେଳେ ୪ଟି ଗୁଳି ପାକୁଙ୍କ ଡାହାଣ ହାତ ପାପୁଲି, ତଳିପେଟ ଓ ପିଠିରେ ବାଜିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖୋର୍ଦ୍ଧା ପରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଜୁନ୍ ୯ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଛାତ୍ରୀଛାତ୍ରଙ୍କୁ ନେତୃତ୍ୱ ବିକାଶ ଶିକ୍ଷା



ପୁରୀ ମହିଳା ମହାବିଦ୍ୟାଳୟ ପରିସରରେ ବିବେକାନନ୍ଦ ଯୁବଶକ୍ତି ସଙ୍ଗଠନ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଯୋଗ ଶିକ୍ଷା ଦିଆଯାଉଛି। (ଫଟୋ– ଯଜ୍ଞେଶ୍ୱର)

ପୁରୀ, ୧୭।୭(ଅଜିତ ମହାନ୍ତି):

ନରେନ୍ଦ୍ରକୋଣ ନିକଟସ୍ଥ ପୁରୀ ମହିଳା ମହାବିଦ୍ୟାଳୟ ପରିସରରେ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଶ୍ରୀକ୍ଷେତ୍ର ଶାଖା ପକ୍ଷରୁ ନେତୃତ୍ୱ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ସହର ଓ ଆଖାପାଖ ଅଞ୍ଚଳର ୧୨ଟି ମହାବିଦ୍ୟାଳୟର ୮୪ ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। କର୍ମଶାଳାରେ ଭାରତର ସ୍ୱର୍ଣ୍ଣିମ ଐତିହ୍ୟ ଓ ସନାତନ ସଂସ୍କୃତିର ଅବତାରଣା କରିବା ସହ ନିଜ ଜୀବନର ଲକ୍ଷ୍ୟ ନିର୍ଦ୍ଦିଷ୍ଟ କରି ରାଷ୍ଟ୍ର ପୁନର୍ଗଠନରେ ଯୋଗଦାନ କରିବାରେ ଆଗ୍ରହ ସୃଷ୍ଟି କରାଯାଇଥିଲା। ନେତୃତ୍ୱ ବିକାଶ ଉଦ୍ଦେଶ୍ୟରେ ଯୋଗ ଓ ଖେଳ ମାଧ୍ୟମରେ ପିଲାଙ୍କୁ ଏକାଗ୍ରତା ସହଯୋଗ ଏବଂ ସଞ୍ଚାର ଶିକ୍ଷା ଦିଆଯାଇଥିଲା। ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ନେତୃତ୍ୱ କ'ଣ ଓ କିପରି ସମସ୍ତଙ୍କ ମଧ୍ୟରେ ବିକଶିତ ହୋଇପାରିବ ସେ ନେଇ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସୁରଜ ମଲ୍ଲ ଶାହା ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ସୁକାନ୍ତ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ବାସୁଦେବ ଛାଟୋଇ କର୍ମଶାଳାର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିବେକାନନ୍ଦ କେନ୍ଦ୍ର ଓଡ଼ିଶା ପ୍ରାନ୍ତର ସହସଙ୍ଗଠକ କୁମାରୀ କାଞ୍ଚନ ମୋମ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ବଳିଆରସିଂହ ଯୋଗଦେଇ ଉପଯୁକ୍ତ ନେତୃତ୍ୱ ଓ ତା'ର ସାମ୍ପ୍ରତିକ ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ରମାବଲ୍ଲଭ ମହାପାତ୍ର ଯୋଗଦେଇ ନେତୃତ୍ୱ ବିକାଶରେ ଯୋଗର ଆବଶ୍ୟକତା ବିଷୟରେ ପିଲାମାନଙ୍କୁ ବୁଝାଇଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ମନୋଜ କୁମାର ସାମନ୍ତରା ଧନ୍ୟବାଦ ଦେଇଥିଲେ।

### ବାର୍ଷିକ ମହାମାରୀ ଯଜ୍ଞ

ପୁରୀ, ୧୭।୭(ଅଜିତ ମହାନ୍ତି): ମଣିକର୍ଣ୍ଣିକା ସାହିସ୍ଥିତ ବନଦୁର୍ଗା ମନ୍ଦିରରେ ବାର୍ଷିକ ମହାମାରୀ ଯଜ୍ଞ ସମ୍ପନ୍ନ ହୋଇଛି। ତିନିଦିନ ଧରି ଆୟୋଜିତ ଏହି ଯଜ୍ଞ ପୂର୍ଣ୍ଣାହୂତି ସହ ରବିବାର ସମ୍ପନ୍ନ ହୋଇଛି। ଯଜ୍ଞରେ ପଣ୍ଡିତ ଶରତ ଚନ୍ଦ୍ର ଷଡ଼ଙ୍ଗୀ, ପଣ୍ଡିତ ବାସୁଦେବ ମହାପାତ୍ର, ପଣ୍ଡିତ ରାମକୃଷ୍ଣ ମିଶ୍ର, ପଣ୍ଡିତ ଗଦାଧର ଦାସ ଯୋଗଦେଇ ଥିବାବେଳେ କର୍ତ୍ତା ରୂପେ ବସନ୍ତ କୁମାର ପ୍ରତିହାରୀ କାର୍ଯ୍ୟ ସମ୍ପାଦନ କରିଥିଲେ। ଜଗତରୁ ମହାମାରୀ ନିପାତ ଉଦ୍ଦେଶ୍ୟରେ ମଣିକର୍ଣ୍ଣିକା ସାହିବାସିନ୍ଦାଙ୍କ ପକ୍ଷରୁ ଏହି ଯଜ୍ଞ ପ୍ରତିବର୍ଷ କରାଯାଇଥାଏ।

### ଦାୟିତ୍ୱ ଗ୍ରହଣ କଲେ ନୂତନ ଥାନା ଅଧିକାରୀ



ପିପିଲି,୧୭।୭ (ଦୁର୍ଗାମାଧବ ମିଶ୍ର)

ପିପିଲି ଥାନାରେ ନୂତନ ଥାନା ଅଧିକାରୀ ଭାବେ ଦୀପକ ଖଣ୍ଡାୟତରାୟ ସୋମବାର ଯୋଗ ଦେଇଛନ୍ତି। ସେ ନୟାଗଡ଼ ଜିଲାର ବିଭିନ୍ନ ଥାନାରେ ସଫଳତାର ସହ କାର୍ଯ୍ୟ କରି ପୁରୀ ଜିଲାକୁ ବଦଳି ହୋଇ ଆସିବା ପରେ ଏସ୍‌ପି କନୱର ବିଶାଲସିଂଙ୍କ ନିର୍ଦ୍ଦେଶକ୍ରମେ ପିପିଲି ଥାନାରେ ଯୋଗ ଦେଇଛନ୍ତି। ପିପିଲିର ପୂର୍ବତନ ଥାନା ଅଧିକାରୀ ଅଭିମନ୍ୟୁ ନାୟକଙ୍କ ଜଗତ୍‌ସିଂହପୁର ଜିଲାକୁ ବଦଳି ହୋଇଛି। ପିପିଲି ଅଞ୍ଚଳରେ ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ଦେବା ସହିତ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ସ୍ଥାନୀୟ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଦିଗରେ ବିଶେଷ ଗୁରୁତ୍ୱ ଦେବେ ବୋଲି ନୂତନ ଥାନା ଅଧିକାରୀ କହିଛନ୍ତି। ସେ କାର୍ଯ୍ୟରେ ଯୋଗ ଦେବା ପରେ ଥାନା କର୍ମଚାରୀ, ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ବର୍ଷା ଆସିଲେ ଖୋଜାପଡ଼ନ୍ତି ୟୁନୁସ୍ ଅଲ୍ଲୀ

**୫୦ ବର୍ଷ ଧରି ଛତା ମରାମତି କରି ଚଳାଉଛନ୍ତି ପରିବାର**

ଗୋପ, ୧୭।୭(ଭାରତୀ ଭୂଷଣ ଉପାଧ୍ୟାୟ)

ସାଧାରଣତଃ ବର୍ଷାଋତୁ ଆସିଲେ ଲୋକଙ୍କୁ ଛତାର ଆବଶ୍ୟକତା ପଡ଼ିଥାଏ। ସ୍କୁଲ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସବୁ ବର୍ଗର ମଣିଷଙ୍କ ଛତା ହେଉଛି ଖରା, ବର୍ଷା ଦିନର ସାଥି। ବିଶେଷକରି ବର୍ଷାଦିନେ ଛତା ମରାମତିର ଆବଶ୍ୟକତା ପଡ଼ିଥାଏ। ଛତା ମରାମତି ଲାଗି ଗୋପ ବ୍ଲକର ଲୋକେ ୟୁନୁସ୍ ଅଲ୍ଲୀ ଶାହାଙ୍କୁ ଖୋଜିଥାନ୍ତି। ୟୁନୁସ୍ ଗୋପ ବଜାର ଷ୍ଟେଟ ବ୍ୟାଙ୍କ ନିକଟରେ ଦୀର୍ଘବର୍ଷ ଧରି ଛତା ଦୋକାନ କରିଛନ୍ତି। ସେ ଦୀର୍ଘ ୫୦ ବର୍ଷ ଧରି ଛତା ମରାମତି କାମକୁ ଆଦରି ନେଇଛନ୍ତି। ଏବେ କିଛି ବର୍ଷ ହେବ ତାଙ୍କ କାର୍ଯ୍ୟରେ ପୁଅ ଅଜିତ୍ ଉଲ୍ଲୁ ଶାହା ସାହାଯ୍ୟ କରୁଛନ୍ତି।

ପ୍ରକାଶ ଯେ, ୟୁନୁସ୍ ଏବେ ବୟସର ଅପରାହ୍ନର ପାଦଦେଶରେ ପହଞ୍ଚି ଥିବାବେଳେ ଛତା ମରାମତି କରି ପରିବାର ଚଳାଇଥାନ୍ତି। ତାଙ୍କ ବାପା ଛତା ମରାମତି କରୁଥିଲେ। ୟୁନୁସ୍ ବାପାଙ୍କୁ ଏଥିରେ ସାହାଯ୍ୟ କରିବା ସହ ଏହି କାର୍ଯ୍ୟ ଶିଖିଥିଲେ। କେବଳ ବର୍ଷା ଦିନେ ଛତା ମରାମତି କାମ ଅଧିକ ହେଉଥିବାବେଳେ ଅନ୍ୟ ସମୟରେ ସେତେଟା ରୋଜଗାର ହୁଏ ନାହିଁ। ୟୁନୁସ୍ କୁହନ୍ତି, ଏହି କାମକୁ ଛାଡ଼ି ହେବନି। କେବଳ ବଞ୍ଚିବାକୁ ଏହା ଏକ ସଂଘର୍ଷ। ଯଦି କିଛି ସରକାରୀ ସହାୟତା ମିଳେ ତା'ହେଲେ ପରିବାର ଭରଣପୋଷଣ ପାଇଁ ଆଉ କିଛି ଅଧିକ କରିପାରିବି।



ଦୋକାନରେ ୟୁନୁସ୍ ଅଲ୍ଲୀ ଶାହା ଛତା ମରାମତି କରୁଛନ୍ତି ।

# ପୁରୀ ମୁଖ୍ୟ କେନାଲକୁ ଡେଇଁଲେ ନିଶାସକ୍ତ ଯୁବକ

ବାରଙ୍ଗ,୧୭।୭(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ କଣ୍ଟାପାଟଣା ନିକଟ ପୁରୀ ମୁଖ୍ୟ କେନାଲରେ ସୋମବାର ରାତିରେ ଜଣେ ନିଶାସକ୍ତ ଯୁବକଙ୍କ ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଛି। ଗୋଠପୁର ଗ୍ରାମର ଦୀପକ ଜେନା ରାତି ୯ଟାରେ ଘରୁ ବାହାରି କଣ୍ଟାପାଟଣା ଗ୍ରାମ ନିକଟ ରେଳ ବ୍ରିଜ୍ ଉପରୁ ପୁରୀ ମୁଖ୍ୟ କେନାଲକୁ ଡେଇଁ ପଡ଼ିଥିଲେ। ଦୀର୍ଘ ଅଧ ଘଣ୍ଟା ପର୍ଯ୍ୟନ୍ତ କେନାଲର ପ୍ରଖର ସ୍ରୋତରେ କିଛି ବାଟ ଭାସି ଆସିଥିଲେ। ରେଳ ବ୍ରିଜ୍ ତଳେ ଥିବା ସ୍ଥାନୀୟ ଗ୍ରାମର କିଛି ଯୁବକ ଏହା ଦେଖି ତାଙ୍କୁ ପାଣିରୁ ସୁରକ୍ଷିତ ଭାବେ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଦୀପକ କିଛି ଦିନ ହେବ ମାନସିକ ଚାପରେ ରହି ନିଶା ସେବନ କରୁଥିବା ପରିବାର ପକ୍ଷରୁ କୁହାଯାଉଛି ।

# ହିମାଂଶୁଙ୍କୁ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ପୁସ୍ତକ ପୁରସ୍କାର




ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କଠାରୁ ହିମାଂଶୁ ଶେଖର ଫତେସିଂହ ପୁରସ୍କାର ଗ୍ରହଣ କରୁଛନ୍ତି ।

ଖୋର୍ଦ୍ଧା,୧୭।୭(ପ୍ରଭାତ ପାଣିଗ୍ରାହୀ)

ବିଜ୍ଞାନ ଲେଖକ ହିମାଂଶୁ ଶେଖର ଫତେସିଂହଙ୍କୁ ୨୦୨୦ ମସିହା ପାଇଁ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ପୁସ୍ତକ ପୁରସ୍କାର ପ୍ରଦାନ କରାଯାଇଛି। ନିକଟରେ ଭୁବନେଶ୍ୱର ସୂଚନା ଭବନରେ ଆୟୋଜିତ ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରୀ ବିଭାଗର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ମହାକାଶ ବିଜ୍ଞାନ କ୍ଷେତ୍ରରେ ସଂଘଟିତ ୨୨ଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଉପରେ ରଚିତ ପୁସ୍ତକ ମହାକାଶରେ ପୃଥିବୀରେ ପ୍ରଥମ ପାଇଁ ସେ ଏହି ପୁରସ୍କାର ହାସଲ କରିଛନ୍ତି। ପୁରସ୍କାର ସ୍ୱରୂପ ତାଙ୍କୁ ଉପଢୌକନ, ପ୍ରଶସ୍ତି ପତ୍ର, ଅଙ୍ଗ ବସ୍ତ୍ର ସମେତ ୨୫ହଜାର ଟଙ୍କାର ମାନରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରେ କାର୍ଯ୍ୟରତ ୧୫ ଜଣ ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଗୁରୁଜଙ୍ଗ ହାଉସିଂବୋର୍ଡର ବାସିନ୍ଦା ଫତେସିଂହଙ୍କ ଏଯାବତ୍ ୪୦ ଖଣ୍ଡ ବିଜ୍ଞାନ ପୁସ୍ତକ ପ୍ରକାଶିତ ହୋଇଥିବାବେଳେ ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ଶତାଧିକ ବିଜ୍ଞାନ ପ୍ରବନ୍ଧ ପ୍ରକାଶ ପାଇଛି। ସେ ବହୁ ପୁରସ୍କାର ହାସଲ କରିଛନ୍ତି। ସେ ଫେଲୋସିପ୍ ପାଇ ସ୍ୱିଜରଲ୍ୟାଣ୍ଡ, ବେନିନ୍ ଓ ଇଣ୍ଡୋନେସିଆ ପରି ରାଷ୍ଟ୍ରରେ ଆୟୋଜିତ ବିଜ୍ଞାନ ସମ୍ମିଳନୀରେ ଯୋଗଦାନ କରିଛନ୍ତି।

# ନାମାଙ୍କନପତ୍ର ଦାଖଲ କଲେ ୩ ପ୍ରାର୍ଥୀ

**ସୁଜନପୁର ସମିତିସଭ୍ୟ ନିର୍ବାଚନ**

ଡେଲାଙ୍ଗ,୧୭।୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ସୁଜନପୁର ସମିତିସଭ୍ୟ ନିର୍ବାଚନ ପାଇଁ ସୋମବାର ୩ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅଜୟ ରାଉତରାୟଙ୍କ ବିୟୋଗ ଫଳରେ ସମିତିସଭ୍ୟ ପଦବୀ ଖାଲି ପଡ଼ିଛି। ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ପକ୍ଷରୁ ଉପନିର୍ବାଚନ ନିମନ୍ତେ ଗତ ୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜେଡି ପକ୍ଷରୁ ଡେଲାଙ୍ଗ ହାଟ ବଜାରଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ଜିଲାପରିଷଦ ପ୍ରତିନିଧି ଦୀପକ ଛୋଟରାୟ, ଏମ୍‌ପିଙ୍କ ପ୍ରତିନିଧି ମଳୟ ମହାନ୍ତି, ସଞ୍ଜୟ ରାଉତରାୟଙ୍କ ସମେତ ବିଜେଡି ସମର୍ଥିତ ପ୍ରାର୍ଥୀ ସବିତା ରାଉତରାୟ ପ୍ରମୁଖ ସାମିଲ ଥିଲେ। ସେଠାରୁ ମା' ପାଦୁକେଇ ମନ୍ଦିରରେ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଜଗଦଳପୁର ଗ୍ରାମର ବିଜେଡି ସମର୍ଥିତ ପ୍ରାର୍ଥୀ ତଥା ଦିବଂଗତ ସମିତିସଭ୍ୟଙ୍କ ସ୍ତ୍ରୀ ସବିତା ରାଉତରାୟ, ସୁଜନପୁର ଗ୍ରାମର ଭାଜପା ସମର୍ଥିତ ପ୍ରାର୍ଥୀ ଉମାବଲ୍ଲଭ ମଙ୍ଗରାଜ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ନୂଆଗଡ଼ ଗୋଡିସାହି ଗ୍ରାମର ତ୍ରିଲୋଚନ ପରିଡ଼ା ପ୍ରାର୍ଥିପତ୍ର ଦାଖଲ କରିଥିଲେ। ମଣ୍ଡଳ ସଭାପତି ଲଡୁକିଶୋର ରାୟ, ଶ୍ୱେତ ନାୟକ, ସାଉରିଆ ପଞ୍ଚାୟତ ଯୁବସଭାପତି ଲିଳେନ୍ଦ୍ର ଜେନା, ରୋହିତ ଧାଉଡି, ପୂର୍ଣ୍ଣଚନ୍ଦ୍ର ଶତ୍ରୁଶଲ୍ୟ, ଘନିପୁର ପଞ୍ଚାୟତ ପ୍ରଭାରୀ ଉମେଶ ପାଟଶାଣୀ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରାର୍ଥୀଙ୍କ ମନୋନୟନ ପତ୍ର ଯାଞ୍ଚ କରାଯିବା ପରେ ଯୋଗ୍ୟ ପାର୍ଥୀଙ୍କ ନାମ ୧୮ ତାରିଖରେ ପ୍ରକାଶ ପାଇବ। ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଚୂଡାନ୍ତ ପ୍ରାର୍ଥୀ ତାଲିକା ୨୦ ତାରିଖରେ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ତଥା ବିଡିଓ ଲାବଣ୍ୟେନ୍ଦୁ ମହାନ୍ତି ସୂଚନା ଦେଇଛନ୍ତି। ସୁଜନପୁର ପଞ୍ଚାୟତର ୧୪ନଂ. ବୁଥ୍‌ରେ ୫୧୧୭ ଜଣ ଭୋଟର ଯୋଗ୍ୟପ୍ରାର୍ଥୀଙ୍କୁ ମତଦାନ କରିବେ। ସେଥିମଧ୍ୟରୁ ୨୪୨୩ ଜଣ ପୁରୁଷ ଓ ୨୬୯୪ ଜଣ ମହିଳା ଭୋଟର ଅଛନ୍ତି।








ସ୍ୱାଧୀନ ପ୍ରାର୍ଥୀ ତ୍ରିଲୋଚନ ପରିଡ଼ା ଏବଂ ବିଜେଡି ପ୍ରାର୍ଥୀ ସବିତା ରାଉତରାୟ ନାମାଙ୍କନପତ୍ର ଦାଖଲ କରୁଛନ୍ତି । ଭାଜପା ପ୍ରାର୍ଥୀ ଉମାବଲ୍ଲଭ ମଙ୍ଗରାଜ ।

### ୭.୮ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରୁ ସୋମବାର ଜଣେ ନିଶା ବେପାରିଙ୍କୁ ଭରତପୁର ଥାନା ପୋଲିସି ଗିରଫ କରିଛି। ଅଭିଯୁକ୍ତ ହେଲେ କଟକର ଶରତ କୁମାର ପୃଷ୍ଟି। ତାଙ୍କଠାରୁ ୭.୮୦୦ କେଜି ଗଞ୍ଜେଇ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପଚରାଉଚରା ସମୟରେ ଅଭିଯୁକ୍ତ ଜବତ ଗଞ୍ଜେଇଗୁଡିକୁ କନ୍ଧମାଳ ଅଞ୍ଚଳରୁ ସଂଗ୍ରହ କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ତେବେ ଗଞ୍ଜେଇ କାହାକୁ ଦେବାକୁ ଆଣିଥିଲେ ଓ କେବେଠାରୁ ଏପରି ଆପରାଧିକ କାର୍ଯ୍ୟକଳାପ କରୁଆସୁଥିଲେ ତାହାର ତଥ୍ୟ ଜାଣିବାକୁ ପୋଲିସ ଉଦ୍ୟମ ଚଳାଇଛି।

# ଉଠାଦୋକାନୀ ବିବାଦରୁ ମାର୍କେଟ ବିଲ୍ଡିଂ ବନ୍ଦ



ଭୁବନେଶ୍ୱର, ୧୭।୭ (ବନ୍ଦନା ସେଠୀ)

## ସମାଧାନ ପାଇଁ ସମୟ ମାଗିଲା ବିଏମ୍‌ସି

- ୨ଦିନ ପରେ ମେୟର, କମିଶନରଙ୍କ ଘର ଆଗରେ ଧାରଣା ଦେବେ ବ୍ୟବସାୟୀ
- ଗେଟ୍‌ରେ ତାଲା ପକାଇବାକୁ ବିରୋଧ କଲେ ଉଠାଦୋକାନୀ
- ଥଇଥାନ ପରେ ଆମେ ଉଠିବୁ

ତୁଟିଲାନି ବିବାଦ କି ଶୁଣିଲାନି ବିଏମ୍‌ସି। ଫଳରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ୟୁନିଟ-୨ସ୍ଥିତ ମାର୍କେଟ ବିଲ୍ଡିଂକୁ ବନ୍ଦ କଲା ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ୍। ମାର୍କେଟ ବିଲ୍ଡିଂ ଭିତରେ ବସିଥିବା ଉଠାଦୋକାନୀମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରିବା ପାଇଁ ଆସୋସିଏଶନ୍ ଅଡି ବସିଛି। ମାତ୍ର ବିଏମ୍‌ସି ଏନେଇ କୌଣସି ପଦକ୍ଷେପ ନେଉ ନ ଥିବାରୁ ଉଠାଦୋକାନୀଙ୍କ ପ୍ରାଦୁର୍ଭାବ ବଢି ଚାଲିଛି। ତେଣୁ ଆସୋସିଏଶନ୍ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ତେବେ ଏହା ପ୍ରଥମ ଥର ନୁହେଁ ପୂର୍ବରୁ ଦୁଇଦୁଇ ଥର ଉଠାଦୋକାନୀଙ୍କ ଉଚ୍ଛେଦ ଦାବି କରି ମାର୍କେଟ ବିଲ୍ଡିଂକୁ ବନ୍ଦ କରାଯାଇଛି। ପୁଣି ବିଏମ୍‌ସିର ପ୍ରତିଶ୍ରୁତି ପରେ ମାର୍କେଟ ଖୋଲାଯାଏ। ମାତ୍ର ବାରମ୍ବାର ଏଭଳି ଘଟଣାର ପୁନରାବୃତ୍ତି ହେଉଥିବାରୁ ଏଥର ଚରମ ନିଷ୍ପତ୍ତି ନେବାକୁ ଆସୋସିଏଶନ୍ ଅଡି ବସିଛି। ୨ଦିନ ଭିତରେ ବିଏମ୍‌ସି କମିଶନର କିମ୍ବା ମେୟର ସେମାନଙ୍କ ପାଖକୁ ନ ଆସିଲେ ସେମାନଙ୍କ ଘର ଆଗରେ ଧାରଣା ଦିଆଯିବ ବୋଲି ଆସୋସିଏଶନ୍ ପକ୍ଷରୁ ଚରମ ବାଣୀ ଶୁଣାଇ ଦିଆଯାଇଛି। ଅପରପକ୍ଷେ ଆସୋସିଏଶନ୍‌ର ଏଭଳି କାର୍ଯ୍ୟାନୁଷ୍ଠାନକୁ ଉଠାଦୋକାନୀମାନଙ୍କ ଦ୍ୱାରା ବିରୋଧ କରାଯାଇଥିଲା। ସେମାନେ ଚାହିଁଲେ ମାର୍କେଟ ବନ୍ଦ କରି ପାରିବେ ବା ସେମାନଙ୍କ ଦୋକାନ ବନ୍ଦ କରି ପାରିବେ, ମାତ୍ର ମାର୍କେଟର ମୁଖ୍ୟ ଗେଟ୍‌ରେ ତାଲା ପକାଇବା ଅଧିକାର ତାଙ୍କୁ କିଏ ଦେଲା ବୋଲି ପ୍ରଶ୍ନ କରିଛନ୍ତି। ମାର୍କେଟ ଭିତରେ ଏବେ ୨ଶହ ଉଠାଦୋକାନୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୫୦ରୁ ଊର୍ଦ୍ଧ୍ୱ ଦୋକାନୀ ହାଇକୋର୍ଟରୁ ଷ୍ଟେ ଅର୍ଡର ଆଣିଛନ୍ତି। ତେଣୁ ଯେ ପର୍ଯ୍ୟନ୍ତ ତାଙ୍କୁ ଥଇଥାନ ନ କରାଯାଇଚି ସ୍ଥାୟୀ ବ୍ୟବସାୟୀ କିମ୍ବା ବିଏମ୍‌ସି ସେମାନଙ୍କୁ ସେଠାରୁ ଉଠାଇ ପାରିବ ନାହିଁ ବୋଲି ଉଠାଦୋକାନୀଙ୍କ ଓକିଲ ସୁମନ୍ତ କୁମାର ସ୍ୱାଇଁ କହିଛନ୍ତି। ବିଏମ୍‌ସି ସେମାନଙ୍କ ଥଇଥାନ ବ୍ୟବସ୍ଥା କଲେ ସେମାନେ ଆପେ ଆପେ ସେଠାରୁ ଉଠିଯିବେ ବୋଲି ଉଠାଦୋକାନୀମାନେ କହିଛନ୍ତି। ଅପରପକ୍ଷେ କିଛି ବିଏମ୍‌ସି ଅଧିକାରୀ ଉଠାଦୋକାନୀଙ୍କଠାରୁ ମାସିକିଆ ବଟି ନେଇ ସେମାନଙ୍କୁ ବେପାର କରିବାକୁ ଅନୁମତି ଦେଉଛନ୍ତି। ସବୁକିଛି ସଲାସୁତୁରାରେ ଚାଲୁଥିବାବେଳେ କେବଳ ଲୋକଦେଖାଣିଆ ଭାବେ ପୂର୍ବରୁ ଉଚ୍ଛେଦ କରାଯାଇଥିବା ଆସୋସିଏଶନ୍ ଅଭିଯୋଗ କରିଛି। ତେବେ ଉଭୟ ବ୍ୟବସାୟୀଙ୍କ ବିବାଦ ଭିତରେ ସାଧାରଣ ଗ୍ରାହକ ହଇରାଣ ହେଉଥିବା ନଜରକୁ ଆସିଛି। ମାର୍କେଟ ବନ୍ଦ ଖବର ପାଇ ବିଏମ୍‌ସି ମାର୍କେଟ ବିଭାଗ ଡେପୁଟି କମିଶନର ଘଟଣାସ୍ଥଳକୁ ଆସି ସ୍ଥିତି ପରଖିଥିଲେ। ତେବେ ସମାଧାନ ନେଇ ପଚରାଯିବାରୁ ସେ କହିବା ପାଇଁ ଅଥରିଟି ଅଧିକାରୀ ନୁହନ୍ତି କହି ଚାଲି ଯାଇଥିଲେ। ଘଟଣା ସମ୍ପର୍କରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ପୂର୍ବରୁ ଏନେଇ ଦୁଇଗୋଷ୍ଠୀ ସହିତ ଆଲୋଚନା ହୋଇଛି। ଏଥିସହ ଦୁଇ ତିନିଥର ଉଠାଦୋକାନୀଙ୍କୁ ଉଚ୍ଛେଦ ମଧ୍ୟ କରାଯାଇଥିଲା। ମାତ୍ର ପୁଣି ସମାନ ସ୍ଥିତି ଉପୁଜିଛି ଉଠାଦୋକାନୀ ଆଇନର ଆଶ୍ରୟ ନେଉଥିବାରୁ ଏ ସବୁର ସମାଧାନ କରିବା ପାଇଁ କିଛି ସମୟ ଲାଗୁଛି। ତେଣୁ ଦୁଇପକ୍ଷ ଆମକୁ କିଛି ସମୟ ଦେବା ଦରକାର ବୋଲି କମିଶନର କହିଛନ୍ତି। ମାର୍କେଟ ବିଲ୍ଡିଂ ଭୁବନେଶ୍ୱରର ପ୍ରମୁଖ ମାର୍କେଟ ହୋଇଥିବାରୁ ପ୍ରତିଦିନ ଏଠାକୁ ଶହ ଶହ ଲୋକ କିଣାକିଣି କରିବାକୁ ଆସିଥାନ୍ତି। ସୋମବାର ମଧ୍ୟ ଅନେକ ଲୋକ ମାର୍କେଟ ଆସିଥିଲେ। ତେବେ ମାର୍କେଟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଚାଲିଥିବା ବିବାଦ ପାଇଁ ସେମାନଙ୍କୁ ନିରାଶ ହୋଇ ଫେରିବାକୁ ପଡିଥିଲା।

## କ'ଣ କୁହନ୍ତି ଏମାନେ...

### ମାର୍କେଟ ବନ୍ଦ ଅଛି ଜାଣି ବୋଲି ନଥିଲି



"ମାର୍କେଟ ବନ୍ଦ ଅଛି ବୋଲି ଜାଣି ନଥିଲି। ଗାଡ଼କଣରୁ ଆସିଥିଲି ଡ୍ରେସ ଏବଂ ଅନ୍ୟାନ୍ୟ ଜିନିଷ କିଣିବାକୁ ଆସିଥିଲି। ଏହା ସହରର ଅନ୍ୟତମ ପ୍ରମୁଖ ମାର୍କେଟ ହୋଇଥିବାରୁ ପ୍ରତିଦିନ ବହୁ ସଂଖ୍ୟାରେ ଗ୍ରାହକ ଆସିଥାନ୍ତି। ମାତ୍ର ଏବେ ମାର୍କେଟ ବନ୍ଦ ଥିବାରୁ ସେମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। ତେଣୁ ଦୋକାନୀଙ୍କ ମଧ୍ୟରେ ଥିବା ବିବାଦର ଯଥାଶୀଘ୍ର ସମାଧାନ ହେବା ଆବଶ୍ୟକ।

ନୀଳେନ୍ଦ୍ରି ସୁନ୍ଦରାୟ, ଗ୍ରାହକ

### ପିଲାଙ୍କ ପାଇଁ ଡ୍ରେସ୍ କିଣିଥାନ୍ତି



"କୋଣାର୍କରୁ ଭୁବନେଶ୍ୱର ବୁଲିବାକୁ ଆସିଥିଲି। ଏ ମାର୍କେଟରେ ଭଲ ଜିନିଷ ମିଳେ ବୋଲି ଶୁଣିଥିଲି। ତେଣୁ ପିଲାମାନଙ୍କ ପାଇଁ କିଛି କିଣାକିଣି କରିବାକୁ ଆସିଥିଲି। ହେଲେ ମାର୍କେଟ ବନ୍ଦ ଅଛି, କେବେ ଖୋଲିବ ମଧ କେହି କହିପାରୁ ନାହାନ୍ତି। ନିରାଶ ହୋଇ ଫେରିବାକୁ ପଡୁଛି।

ଝିଲ୍ଲି ମଲ୍ଲିକ, ଗ୍ରାହକ

### ଦୁଇଗୋଷ୍ଠୀଙ୍କ ବିବାଦ ପାଇଁ ସାଧାରଣ ଲୋକ ହଇରାଣ



"ଠାକୁରଙ୍କ ପାଇଁ କିଛି ବସ୍ତ୍ର କିଣିବାକୁ ଡୁମୁଡୁମାରୁ ଏଠାକୁ ଆସିଥିଲି। ହେଲେ ମାର୍କେଟ ବନ୍ଦ ଥିବାରୁ ଫେରିକି ଯିବାକୁ ପଡୁଛି। ଦୁଇଗୋଷ୍ଠୀଙ୍କ ବିବାଦ ପାଇଁ ସାଧାରଣ ଲୋକ ହଇରାଣ ହେଉଛନ୍ତି। ତେଣୁ ବିଏମ୍‌ସି ଏହାର ଯଥାଶୀଘ୍ର ସମାଧାନ କରିବା ଦରକାର।

ଅନସୂୟା ଦାସ, ଗ୍ରାହକ

### ପ୍ରଥମ ଅନୁଭୂତି ପୁରା ଖରାପ ରହିଲା



"କଟକ ସିଡିଏରୁ ଆସିଥିଲି। ମୋର ନିଜର ପାର୍ଲର ଅଛି। ତା' ପାଇଁ କିଛି ଜିନିଷ କିଣିବାକୁ ଏଠାକୁ ପ୍ରଥମ କରି ଆସିଥିଲି। ହେଲେ ମୋ ପ୍ରଥମ ଅନୁଭୂତି ହିଁ ପୁରା ଖରାପ ରହିଲା। ପୁଣି ପାର୍ଲର ବନ୍ଦ କରି ଆସିଥିବାବେଳେ ଖାଲି ହାତରେ ଫେରିବାକୁ ପଡୁଛି।

ପୂର୍ଣ୍ଣିମା ପତି, ଗ୍ରାହକ

## ସଂକ୍ଷେପରେ

### ବସ୍ ଧକ୍କାରେ ଗୋଶାଳା ମୁଖ୍ୟ ପରିଚାଳକ ମୃତ

ପିପିଲି,୧୭।୭(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର): ପୁରୀ-ଭୁବନେଶ୍ୱର ୩୧୬ନଂ. ଜାତୀୟ ରାଜପଥର ପିପିଲି ଟୋଲପ୍ଲାଜା ନିକଟରେ ସୋମବାର ଏକ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସତ୍ୟବାଦୀ ଥାନା ଅଧୀନ ଅଳଗୁମ ପଞ୍ଚାୟତ ଚୁରାଳି ଗ୍ରାମର ମହେଶ୍ୱର ପ୍ରଧାନ (୫୮)। ସେ ପଚ୍ଚନାୟିକିଆ ଛକ ନିକଟସ୍ଥ ଗୋଶାଳାର ମୁଖ୍ୟ ପରିଚାଳକ ବୋଲି ଜଣାପଡ଼ିଛି। ଏନେଇ ପୋଲିସ ଏକ ମାମଲା (ନଂ. ୩୩୦/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ସୂଚନା ଅନୁସାରେ, ମହେଶ୍ୱର ଭୁବନେଶ୍ୱରରୁ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ପିପିଲି ଟୋଲପ୍ଲାଜା ନିକଟ ଓରକଳ ଗ୍ରାମ ଛକ ନିକଟରେ ଭୁବନେଶ୍ୱରରୁ ଆସୁଥିବା ଶାରଳା ବସ୍ (ନଂ. ଓଆର୍ ୧୩ ବି ୯୮୮୧) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ବସ୍‌ଚକା ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ପୋଲିସ ତାଙ୍କୁ ଉଦ୍ଧାର କରି ପିପିଲି ଡାକ୍ତରଖାନାକୁ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମହେଶ୍ୱରଙ୍କ ପୁତୁରା ସୁଜିତ ପ୍ରଧାନ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ଘଟଣା ଘଟାଇଥିବା ବସ୍‌କୁ ପୋଲିସ ଜବତ କରିବା ସହ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଥିବା ଏସ୍‌ଆଇ ସନ୍ଦିପ ଦାସ କହିଛନ୍ତି।

### ନନ୍ଦନକାନନରେ ଚିତ୍ରା ହରିଣ ମୃତ

ବାରଙ୍ଗ,୧୭।୭(ଲିଙ୍ଗରାଜ ରାଉତ)- ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ସୋମବାର ୬୯ ନଂ. ଏନ୍‌କ୍ଲୋଜରରେ ରହୁଥିବା ଗୋଟିଏ ଚିତ୍ରା ହରିଣର ମୃତ୍ୟୁ ହୋଇଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ସୂଚନା ମିଳିଛି। ଏହି ହରିଣ ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ୨୫୪କୁ ହ୍ରାସ ପାଇଛି।

### ପୁରୀ ମୁଖ୍ୟ କେନାଲକୁ ଡେଇଁଲେ ନିଶାସକ୍ତ ଯୁବକ

ବାରଙ୍ଗ,୧୭।୭(ଲିଙ୍ଗରାଜ ରାଉତ)- ବାରଙ୍ଗ ଥାନା ଅଧୀନ କଣ୍ଟାପାଟଣା ନିକଟ ପୁରୀ ମୁଖ୍ୟ କେନାଲରେ ସୋମବାର ରାତିରେ ଜଣେ ନିଶାସକ୍ତ ଯୁବକଙ୍କ ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଛି। ଗୋଠପୁର ଗ୍ରାମର ଦୀପକ ଜେନା ରାତି ୯ଟାରେ ଘରୁ ବାହାରି କଣ୍ଟାପାଟଣା ଗ୍ରାମ ନିକଟ ରେଳ ବ୍ରିଜ୍ ଉପରୁ ପୁରୀ ମୁଖ୍ୟ କେନାଲକୁ ଡେଇଁ ପଡ଼ିଥିଲେ। ଦୀର୍ଘ ଅଧ ଘଣ୍ଟା ପର୍ଯ୍ୟନ୍ତ କେନାଲର ପ୍ରଖର ସ୍ରୋତରେ କିଛି ବାଟ ଭାସି ଆସିଥିଲେ। ରେଳ ବ୍ରିଜ୍ ତଳେ ଥିବା ସ୍ଥାନୀୟ ଗ୍ରାମର କିଛି ଯୁବକ ଏହା ଦେଖି ତାଙ୍କୁ ପାଣିରୁ ସୁରକ୍ଷିତ ଭାବେ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଦୀପକ କିଛି ଦିନ ହେବ ମାନସିକ ଚାପରେ ରହି ନିଶା ସେବନ କରୁଥିବା ପରିବାର ପକ୍ଷରୁ କୁହାଯାଉଥିବାବେଳେ କ'ଣ ପାଇଁ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ ତାହା ଜଣାପଡିନାହିଁ।

### ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

କଣାସ,୧୭।୭(ବିଭୂତି ଭୂଷଣ ତ୍ରିପାଠୀ)- କଣାସ ଥାନା ଅଧୀନ ଗଡ଼ବଡ଼ପୁଟ ପଞ୍ଚାୟତ ବାଦଲପୁର ଗ୍ରାମର ବାସୁଦେବ ରାଉତରାୟଙ୍କ ପୁଅ ବୈକୁଣ୍ଠ ରାଉତରାୟ(୨୯)ଙ୍କ ରବିବାର ବେଙ୍ଗାଲୁରୁରେ ମୃତ୍ୟୁ ଘଟିଛି। ସେ ଦୀର୍ଘ ୧୫ବର୍ଷ ହେଲା ଏକ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇ ଆଖି ବୁଜିଛନ୍ତି । କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀଙ୍କ ପ୍ରଚେଷ୍ଟାରେ ସୋମବାର ବୈକୁଣ୍ଠଙ୍କ ମୃତଦେହକୁ ବିମାନ ଯୋଗେ ଗାଁକୁ ଅଣାଯାଇଛି।

### ବଟି ମାଗି ଯୁବକ ଗିରଫ

ବାରଙ୍ଗ,୧୭।୭(ଲିଙ୍ଗରାଜ ରାଉତ)- ଦାଦାବାଟି ମାଗିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ କୃଷ୍ଣଚନ୍ଦ୍ରପୁର ଗ୍ରାମର ମିଟୁ ସାମଲ(୩୩)। ବାରଙ୍ଗ ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଗ୍ରାମର ହରିଶ ଚନ୍ଦ୍ର ବେହେରା ଗ୍ରାମରେ ଏକ ଜମି କିଣି ଗୃହ ନିର୍ମାଣ କାର୍ଯ୍ୟ କରୁଥିଲେ। ଏହି ସମୟରେ ମିଟୁ ତାଙ୍କୁ ୧ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ହେଲେ ହରିଶ ଦେଇ ନ ଥିଲେ। କିନ୍ତୁ ମିଟୁ ବାରମ୍ବାର ଆସି ବଟି ମାଗିବା ସହ ହରିଶଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଗତ ୩ ତାରିଖ ଅପରାହ୍ନରେ ହରିଶ ଏବଂ ତାଙ୍କର ସୁପରଭାଇଜର ଗୃହ ନିର୍ମାଣ କାର୍ଯ୍ୟ ତଦାରଖ କରୁଥିବା ସମୟରେ ମିଟୁ ସେଠାରେ ପହଞ୍ଚି ୧ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ଟଙ୍କା ଦେବାକୁ ମନା କରିବାରୁ ମିଟୁ ଉତ୍‌କ୍ଷିପ୍ତ ହୋଇ ହରିଶଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ୨୪୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୂର୍ବରୁ ମିଟୁଙ୍କ ନାମରେ ବାରଙ୍ଗ ଥାନାରେ ୨ଟି ଆପରାଧିକ ମାମଲା ରହିଥିବା ଥାନା ଅଧିକାରୀ ଆକାଶ ଚନ୍ଦ୍ର ରଣା ସୂଚନା ଦେଇଛନ୍ତି।

### ରାଜ୍ୟ ରଜକ ସମାଜର ସମାବେଶ, କର୍ମକର୍ତ୍ତା ଚୟନ

ପୁରୁଣା ଭୁବନେଶ୍ୱର,୧୭।୭(ସୁବାସ ଚନ୍ଦ୍ର ପ୍ରଧାନ)

ରୂପାଲି ଛକସ୍ଥିତ ଭାରତ ସଞ୍ଚାର ନିଗମ ପାର୍ଶ୍ୱରେ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀଙ୍କ ଆବାହକତ୍ୱରେ ରଜକ ସମାଜର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତିଭାବେ ଅନନ୍ତ ପ୍ରସାଦ ସେଠୀ, କାର୍ଯ୍ୟକାରୀ ସଭାପତି ବଂଶୀଧର ସେଠୀ, ଉପ-ସଭାପତି ମିହିର ରଞ୍ଜନ ସେଠୀ ଓ ନାରାୟଣ ସେଠୀ, ସାଧାରଣ ସମ୍ପାଦକ ରୋହିତ କୁମାର ସେଠୀ, ଯୁଗ୍ମ ସମ୍ପାଦକ ଦେବରାଜ ସେଠୀ, କୋଷାଧ୍ୟକ୍ଷ ରବିନାରାୟଣ ସେଠୀ, ଅଡିଟର ପ୍ରହଲ୍ଲାଦ ସେଠୀ, ସମ୍ପାଦକ ଅମିୟ ଭୂଷଣ ସେଠୀ ଓ ବିଭୂତି ଭୂଷଣ ସେଠୀଙ୍କ ସହିତ ସଭ୍ୟ ୧୧ଜଣ ମନୋନୀତ ହୋଇଛନ୍ତି।

### ଶ୍ରୀଲିଙ୍ଗରାଜଙ୍କ ପୀଠରେ ଜଳଲାଗି କଲେ କାଉଡ଼ିଆ

ପୁରୁଣା ଭୁବନେଶ୍ୱର,୧୭।୭(ସୁବାସ ଚନ୍ଦ୍ର ପ୍ରଧାନ)

ଶ୍ରାବଣ ମାସର ଦ୍ୱିତୀୟ ସୋମବାର ପାଇଁ ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇପଡ଼ିଥିଲା। ଏକାମ୍ର କ୍ଷେତ୍ରର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠରେ କାଉଡ଼ିଆମାନେ ମନ୍ଦିର ପ୍ରଶାସନଠାରୁ ଟିକେଟ କାଟିବା ପରେ ଜଳଲାଗି କରିଥିଲେ। ଭୋର ୩ଟାରୁ ମନ୍ଦିର ଦ୍ୱାର ଫିଟା ଯାଇଥିଲା। ମଙ୍ଗଳ ଆଳତି, ଅବକାଶ କରାଯାଇ ସାହାଣମେଳା ଅବସରରେ ରାତିରୁ ମନ୍ଦିର ସିଂହଦ୍ୱାରରେ ଧାଡ଼ିରେ ଛିଡ଼ା ହୋଇଥିବା କାଉଡ଼ିଆମାନେ ଜଳଲାଗି କରିଥିଲେ। ଶକ୍ତିରେ ସିଧାସଳଖ ଜଳ ଲାଗି ନ କରି ମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗମ୍ଭୁଜାକାର ପାତ୍ରରେ କାଉଡ଼ିଆମାନେ ଜଳଲାଗି କରିଥିଲେ। ମଧ୍ୟାହ୍ନ ସୁଦ୍ଧା ଜଳଲାଗି ସମ୍ପନ୍ନ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ପ୍ରଦୀପ ସେବା ଟ୍ରଷ୍ଟ ପକ୍ଷରୁ କାଉଡିଆଙ୍କୁ ଜଳସେବା, ମନ୍ଦିର ବେଢ଼ା ସଫେଇ କରାଯାଇଥିଲା। ସେହିଭଳି ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ କାଉଡିଆଙ୍କୁ ଜଳସେବା କରାଯାଇଥିବା ନେଇ ସଭାପତି ସଞ୍ଜିତା ମହାନ୍ତି କହିଛନ୍ତି।

## ଜନଜାତିଙ୍କ ଭାଷା, ସଂସ୍କୃତି, ଗବେଷଣା ନେଇ ଆଲୋଚନା

ଭୁବନେଶ୍ୱର,୧୭।୭(ଶର୍ମିଷ୍ଠା ପାଣିଗ୍ରାହୀ)

### ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ପରିଚାଳନା ସଂସଦ ବୈଠକ

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପ୍ରତିଷ୍ଠିତ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ(ଏଟିଏଲ୍‌ସି)ର ୪୪ତମ ପରିଚାଳନା ସଂସଦ ବୈଠକ ସୋମବାର ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ କମିଶନର ରୂପା ରୋଶନ ସାହୁ, ଏଟିଏଲ୍‌ସିର ସଦସ୍ୟ ସଚିବ ଇନ୍ଦ୍ରମଣି ତ୍ରିପାଠୀ, ଜାତୀୟ ଅନୁସୂଚିତ ଜନଜାତି କମିଶନର ନିର୍ଦ୍ଦେଶକ ଡ. ଜୟନ୍ତ ଜନାର୍ଦ୍ଦନ ଶରଦ, ଜନଜାତ ନିର୍ଦ୍ଦେଶକ ଶ୍ରୀକାନ୍ତ ତରାଇଙ୍କ ସମେତ ପରିଚାଳନା ସଂସଦ ସଭ୍ୟା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ସଭ୍ୟ ମେଦିନୀଧର ଜାନୀ, ଗୁଲାବ ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟର ସହନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ଏକାଡେମୀର ପୁନର୍ବିନ୍ୟାସ ସମେତ ୨୦୨୩-୨୪ ଆର୍ଥିକ ବର୍ଷରେ ବଜେଟ ଅନୁମୋଦନ ଉପରେ ଆଲୋଚନା କରାଯାଇ କେତେକ ପ୍ରସ୍ତାବ ସୁପାରିଶ କରାଯାଇଥିଲା। ଜନଜାତିଙ୍କ ଭାଷା, ସଂସ୍କୃତି ସମ୍ପର୍କିତ ଗବେଷଣା ଓ ପ୍ରୟୋଗକୁ ବ୍ୟାପକ କରିବା ନେଇ ଆଲୋଚନା ହୋଇଥିଲା । ଏଥିସହ ଏକାଡେମୀର ଏକ ସ୍ଥାୟୀ କାର୍ଯ୍ୟାଳୟ ସହ ଗବେଷଣା, ପ୍ରଶିକ୍ଷଣ ତଥା ଭାଷା ଲାବରେଟୋରି ପ୍ରତିଷ୍ଠା ଲାଗି ଭୁବନେଶ୍ୱରରେ ୫ ଏକର ଜମି ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବା ପାଇଁ ସୁପାରିଶ କରାଯାଇଥିଲା। ଏହି ଜମିରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ଏକ ରାଜ୍ୟସ୍ତରୀୟ ଜନଜାତି କଳାବ୍ୟାଖାନ କେନ୍ଦ୍ର (ଷ୍ଟେଟ୍ ଅଫ୍ ଆର୍ଟ କମ୍ପ୍ଲେକ୍ସ) ପ୍ରତିଷ୍ଠା ହୋଇପାରିବ । ଏଠାରେ ପ୍ରକାଶନଗୁଡ଼ିକର ଏକ ଡିଜିଟାଲ ଅଭିଲେଖାଗାର ପ୍ରତିଷ୍ଠା ହୋଇପାରିବ। ବିଭାଗ ଅଧିନ ୧୦୦ଟି ବିଦ୍ୟାଳୟରେ ସଂଗ୍ରହାଳୟ ସ୍ଥାପନ ପାଇଁ ଆର୍ଥିକ ଅନୁଦାନ ନିମନ୍ତେ ସରକାରଙ୍କୁ ପ୍ରସ୍ତାବ ଦିଆଯିବା ସହ ଗବେଷକଙ୍କ ପ୍ରୋତ୍ସାହନ ନିମନ୍ତେ ଗବେଷଣା ବୃତ୍ତି ପ୍ରଚଳନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜନଜାତି ସ୍ୱତନ୍ତ୍ରତା ସଂଗ୍ରାମୀ ଓ ମହାପୁରୁଷଙ୍କ ଜୀବନୀ ପ୍ରକାଶନ ଉପରେ ଗବେଷଣା ସହ ପ୍ରାମାଣିକ ପୁସ୍ତିକା ପ୍ରକାଶନ ଉପରେ ଗୁରୁତ୍ୱ ଦିଆଯିବା ପାଇଁ ମଧ୍ୟ ସୁପାରିଶ କରାଯାଇଛି।

## ୨ ଧର୍ମଶାଳାର ସୁରକ୍ଷା ଦାବି

ପୁରୁଣା ଭୁବନେଶ୍ୱର,୧୭।୭(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ୨ ପ୍ରାଚୀନ ଦୁଦୁୱାଲା ଓ ଡାଲମିଆ ଧର୍ମଶାଳା ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନ ପ୍ରଦତ୍ତ ସମ୍ପତ୍ତି। ୧୯୨୦ରେ ତୀର୍ଥଯାତ୍ରୀଙ୍କ ରହଣି ପାଇଁ ଏହି ଧର୍ମଶାଳା ଦ୍ୱୟ ପର୍ଯ୍ୟାୟକ୍ରମେ ନିର୍ମାଣ କରାଯାଇଥିଲା। ଏଠାରେ ଯାତ୍ରୀ ଓ ପଞ୍ଚୁକ ବ୍ରତଧାରୀ ସ୍ୱଳ୍ପ ପଇସାରେ ରହିଥାନ୍ତି। ଗରିବ ବ୍ରାହ୍ମଣଙ୍କ ବ୍ରତୋପନୟନ, ବିବାହ ବ୍ରତ ମଧ କରାଯାଇଥାଏ। ଏହି ଧର୍ମଶାଳାର ସୁରକ୍ଷା ଓ ସଂରକ୍ଷଣ ନେଇ ଏକାମ୍ର ଜନଜାଗରଣ ମଞ୍ଚ ଦାବି କରିଛି। ଅଭିଯୋଗ ଅନୁଯାୟୀ, କିଛିବର୍ଷ ପୂର୍ବରୁ ଧର୍ମଶାଳାଦ୍ୱୟକୁ ଜବରଦଖଲକାରୀ ବେଆଇନ ଭାବେ ଅକ୍ତିଆର କରିଛନ୍ତି। ଏଠାକୁ ଆସୁଥିବା ଯାତ୍ରୀଙ୍କଠାରୁ ମନଇଚ୍ଛା ଟଙ୍କା ଆଦାୟ କରୁଛନ୍ତି। ୧୯୩୦ ଓ ୧୯୬୨ ମସିହା ଜମି ରେକର୍ଡରେ ଦୁଦୁୱାଲା ଧର୍ମଶାଳା ଜମିର ରେକର୍ଡ ଶ୍ରୀଲିଙ୍ଗରାଜ ଖାତାରେ ଥିଲା। ଏହାର ରେକର୍ଡ ପରିବର୍ତ୍ତନ କରାଯାଇ ବିକ୍ରି ଯୋଜନା ହୋଇଛି। ତୁରନ୍ତ ଏହା ଉପରେ ରୋକ୍ ଲଗାଇ ପ୍ରଶାସନ ଧର୍ମଶାଳାଦ୍ୱୟର ସୁରକ୍ଷା ଓ ସଂରକ୍ଷଣ ଦିଗରେ ପଦକ୍ଷେପ ନେବାକୁ ମଞ୍ଚ ପକ୍ଷରୁ ସୋମବାର ବିଏମ୍‌ସି କମିଶନର, ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧକ୍ଷ ତଥା ଜିଲାପାଳ ଏବଂ ମନ୍ଦିର ପ୍ରଶାସନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପତ୍ର ମାଧମରେ ଅଭିଯୋଗ କରାଯାଇଛି। ସମାନ ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ମଞ୍ଚ ପକ୍ଷରୁ ଗତ ୧୦ ତାରିଖରେ ଦିଆଯାଇଛି।



ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ କାଉଡିଆମାନେ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଜଳଲାଗି ପାଇଁ ଧାଡିରେ ରହିଛନ୍ତି। (ଫଟୋ- ମନୋରଞ୍ଜନ)

## ମାଡ୍ରାସ୍ ଓଡ଼ିଆ ସଂଘ ସହ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ଆଲୋଚନା

ଭୁବନେଶ୍ୱର,୧୭।୭(ଶର୍ମିଷ୍ଠା ପାଣିଗ୍ରାହୀ)



ଚେନ୍ନାଇସ୍ଥିତ ମାଡ୍ରାସ ଓଡିଆ ସଂଘର କର୍ମକର୍ତ୍ତାଙ୍କ ସହ ଓଡିଶା ପରିବାର ନିର୍ଦ୍ଦେଶକ ଦିଲୀପ ରାଉତରାଏ ସୋମବାର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପ୍ରବାସୀ ଓଡିଆଙ୍କ ସ୍ୱାର୍ଥରେ ଗଠନ କରାଯାଇଥିବା ଓଡିଶା ପରିବାର ନିର୍ଦ୍ଦେଶାଳୟର ଭୂମିକା ଓ ଆଭିମୁଖ୍ୟ ସମ୍ପର୍କରେ ସେଠାରେ ଥିବା ପ୍ରବାସୀଙ୍କ ସହ ଆଲୋଚନା କରାଯାଇଥିଲା। ଏଥିସହ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏବଂ ବିଭାଗୀୟ ନିର୍ଦ୍ଦେଶକ ରାଉତରାଏ ଚେନ୍ନାଇସ୍ଥିତ ଜଗନ୍ନାଥ ମନ୍ଦିର ଗସ୍ତକରି ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ସେଠାରେ ଥିବା ପ୍ରବାସୀ ଓଡିଆମାନେ ନିଜସ୍ୱ ଉଦ୍ୟମରେ ଉକ୍ତ ଭବ୍ୟ ମନ୍ଦିର ପ୍ରତିଷ୍ଠା କରିଛନ୍ତି। କଳା ଗ୍ରାନାଇଟ ପଥରରେ ନିର୍ମିତ ମନ୍ଦିରର କାରୁକାର୍ଯ୍ୟ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି। ଓଡିଶାର ପୂଜକମାନେ ସେଠାରେ ରହି ପାରମ୍ପରିକ ରୀତିନୀତି ଅନୁଯାୟୀ ଶ୍ରୀଜିଉଙ୍କ ପୂଜାର୍ଚ୍ଚନା କରୁଛନ୍ତି ବୋଲି ରାଉତରାଏ କହିଛନ୍ତି।

## ରାସ୍ତାରେ ପିସିଆର ଭ୍ୟାନ୍‌କୁ ଠେଲିଲା ପୋଲିସ

ଭୁବନେଶ୍ୱର,୧୭।୭ (ସୂର୍ଯ୍ୟକାନ୍ତ ବେହେରା)



ପାଟ୍ରୋଲିଂ ବେଳେ ମଝି ରାସ୍ତାରେ ହଠାତ୍ ଅଚଳ ହୋଇପଡିଲା ପିସିଆର୍ ଭ୍ୟାନ୍। ଡ୍ରାଇଭର ଅନେକ ଚେଷ୍ଟା କରି ବିଫଳ ହେବା ପରେ ଶେଷରେ ବାଧ ହୋଇ ଗାଡିରେ ଥିବା ଅନ୍ୟ ପୋଲିସ କର୍ମଚାରୀମାନେ ଏକାଠି ହୋଇ ଗାଡିକୁ ଠେଲି ଠେଲି ନେଇଥିଲେ। ଏହି ସମୟରେ ପୋଲିସ ସ୍ଥାନୀୟ ଲୋକଙ୍କ ସହଯୋଗ ମଧ୍ୟ ଲୋଡିଥିଲେ। ରବିବାର ରାତିରେ ଜୟଦେବବିହାର ଛକ ରାସ୍ତା ଉପରେ ଏହି ଘଟଣା ଘଟିଥିବାବେଳେ ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କମିଶନରେଟ ପୋଲିସ ଠିକ୍ ଏମିତି ଚାଲୁଥିବା କେହି କମେଣ୍ଟ ଦେଇଥିବାବେଳେ ଆଉ କେତେକେ ପୋଲିସ ବିଭାଗ ପାଖରେ କେହି ମେକାନିକ୍ ନାହାନ୍ତି କି ବୋଲି ପ୍ରଶ୍ନ କରିଛନ୍ତି। ଉଇ କେୟାର, ଉଇ ଡେୟାର ସ୍ଲୋଗାନ ଦେଉଥିବା କମିଶନରେଟ ପୋଲିସ ନିଜ ଯନ୍ତ୍ରପାତି ଓ ଗାଡି ମୋଟର ଟିକେ ନିୟମିତ ଯାଞ୍ଚ କରନ୍ତୁ, ନ ହେଲେ ଦରକାର ବେଳେ ବହୁ ସମସ୍ୟା ସାମ୍ନା କରିବେ। ଏପରି କି ଦୁର୍ବୃତ୍ତମାନେ ବି ଫେରାର ହେବାରେ ସୁଯୋଗ ପାଇବେ ବୋଲି ମତ ପ୍ରକାଶ ପାଇଛି ।

## ୫୧୯୫ ପ୍ରାଥମିକ ସ୍କୁଲର ଭିତ୍ତିଭୂମି ବିକାଶ ହେବ

ଭୁବନେଶ୍ୱର,୧୭।୭ (ଅନୁରାଧା ମହାରଣା)

### ୧୧ତମ 'ମୋ ସ୍କୁଲ' ପରିଚାଳନା ପରିଷଦ ବୈଠକ

ତୋଷାଳୀ ଭବନସ୍ଥିତ 'ମୋ ସ୍କୁଲ ଅଭିଯାନ' କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପରିଚାଳନା ପରିଷଦର ୧୧ତମ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ 'ମୋ ସ୍କୁଲ ଅଭିଯାନ' ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା, ରାଜ୍ୟର ୫୧୯୫ ପ୍ରାଥମିକ ବିଦ୍ୟାଳୟର ଉନ୍ନତୀକରଣ, ରାଜ୍ୟର ସମସ୍ତ ବିଦ୍ୟାଳୟରେ ବ୍ୟାପକ ଚାରାରୋପଣ, ଗୁଣାତ୍ମକ ଶିକ୍ଷା ନେଇ ଆଲୋଚନା ହୋଇଥିଲା। 'ମୋ ସ୍କୁଲ ଅଭିଯାନ'ର ଅଧ୍ୟକ୍ଷା ସୁସ୍ମିତା ବାଗ୍ଚୀ ସଭାପତିତ୍ୱ କରି ସ୍କୁଲଗୁଡ଼ିକରେ ହେଉଥିବା ବିଭିନ୍ନ ପ୍ରକଳ୍ପର ସାମାଜିକ ସମୀକ୍ଷାକୁ ବ୍ୟାପକ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ସାମାଜିକ ସମୀକ୍ଷା ହିଁ ବିଦ୍ୟାଳୟର ପ୍ରକଳ୍ପଗୁଡ଼ିକର ସ୍ୱଚ୍ଛତା ବଜାୟ ରଖିପାରିବ। ସରକାରଙ୍କ ସମୀକ୍ଷା ଅବିରତ ରହିବ ନିଶ୍ଚୟ, କିନ୍ତୁ ସ୍ଥାନୀୟ ଲୋକେ ବିଦ୍ୟାଳୟର ଉନ୍ନତି, ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ନେଇ ଅଧିକ ସଚେତନ ରହିପାରିବେ ବୋଲି ବାଗ୍ଚୀ କହିଥିଲେ। ବୈଠକରେ ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟ ଭିତ୍ତିଭୂମିର କିଭଳି ଉନ୍ନତି କରାଯିବା ନେଇ ଆଲୋଚନା ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୫୧୯୫ ବିଦ୍ୟାଳୟର ଉନ୍ନତ୍ତୀକରଣ କରାଯିବ। ଏଥିପାଇଁ ପୁରାତନ ଛାତ୍ରୀଛାତ୍ର ତଥା ବିଭିନ୍ନ ପ୍ରତିଷ୍ଠାନର ଅନୁଦାନ ସହିତ ସରକାରଙ୍କ ଦୁଇ ଗୁଣ ଆର୍ଥିକ ସହାୟତା ଯୋଡିହୋଇଯିବ। ସମଗ୍ର ଆର୍ଥିକ ଅନୁଦାନରେ ବିଦ୍ୟାଳୟର ଆବଶ୍ୟକତା ଅନୁଯାୟୀ ବିଭିନ୍ନ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ। କେବଳ ଭିତ୍ତିଭୂମି ନୁହଁ, ଗୁଣାତ୍ମକ ଶିକ୍ଷା ପ୍ରତି ମଧ ଧ୍ୟାନ ଦିଆଯିବ। ପ୍ରତି ବିଦ୍ୟାଳୟରେ ପ୍ରଚଳନ ହୋଇଥିବା 'ହାଉସ ସିଷ୍ଟମ'ର କାର୍ଯ୍ୟକାରିତା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ରାଜ୍ୟର ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଉଦ୍ୟାନ ବିଭାଗ ଓ ବନ ବିଭାଗର ମିଳିତ ସହଯୋଗରେ ଏବଂ ପୁରାତନ ଛାତ୍ରୀଛାତ୍ରଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆଲୋଚନା କରାଯାଇଛି । ଆସନ୍ତା ଅଗଷ୍ଟ ୧୫ରୁ ସେପ୍ଟେମ୍ବର ୧୫ ମଧ୍ୟରେ ବିଦ୍ୟାଳୟର ସବୁଜିମା ରକ୍ଷଣାବେକ୍ଷଣ ପାଇଁ ଛାତ୍ରୀଛାତ୍ରଙ୍କୁ ନେଇ ଗଢାଯାଇଥିବା ବିଭିନ୍ନ ହାଉସକୁ ପ୍ରୋତ୍ସାହିତ କରାଯିବ। ଅନ୍ୟପଟେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ପ୍ରଶଂସାପତ୍ର ଦିଆଯିବ। ପରିଷଦର ଉପସଭାପତି ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍ ବିଭିନ୍ନ ବିଦ୍ୟାଳୟରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବା ସହ ଆରମ୍ଭ ହୋଇନଥିବା ପ୍ରକଳ୍ପ ଶୀଘ୍ର ଆରମ୍ଭ କରିବା ପାଇଁ କହିଥିଲେ। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ , 'ମୋ ସ୍କୁଲ ଅଭିଯାନ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ , ଅନୁସୂଚିତ ଜାତି ଓ ଜନଜାତି ବିଭାଗ ନିର୍ଦ୍ଦେଶକ, ବିଭାଗୀୟ ବିତ୍ତ ପରାମର୍ଶଦାତା, ଅତିରିକ୍ତ ସଚିବଙ୍କ ସମେତ ଖୋର୍ଦ୍ଧା, ଢେଙ୍କାନାଳ ଓ ଗଞ୍ଜାମର ଜିଲାପାଳ ବୈଠକରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ନିଶ୍ଚିନ୍ତକୋଇଲି,୧୭।୭(ଅଶୋକ କୁମାର ମହାପାତ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କେଣ୍ଟାଳ ପଞ୍ଚାୟତ କେଣ୍ଟାଳ ଗ୍ରାମର ରଘୁନାଥ ମଲିକଙ୍କ ସ୍ତ୍ରୀ ପ୍ରେମଲତା(୪୬)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ଘରେ ରୋଷେଇ କରୁଥିବା ସମୟରେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପ୍ରେମଲତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଛି। ପୁତ୍ର ମଣ୍ଟୁ ମଲିକ ମୁଖାଗ୍ନି ଦେଇଥିଲେ।

### ମହାନଦୀରେ ବୁଡ଼ି ମହିଳା ମୃତ

ବଡ଼ମ୍ବା,୧୭।୭(ମାୟାଧର ମଲ୍ଲିକ ): ମାଣିଆବନ୍ଧ ଥାନା ଅନ୍ତର୍ଗତ ମୁଗଗହୀର ଗ୍ରାମ ଦେଇ ପ୍ରବାହିତ ମହାନଦୀରେ ବୁଡ଼ିଯିବାରୁ ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ମେଦିନପୁର ସାହିର ଖଲି ସ୍ୱାଇଁଙ୍କ ସ୍ତ୍ରୀ ମିନତି (୬୫)। ସୋମବାର ସକାଳ ପ୍ରାୟ ୯ଟାରେ ମିନତି ଗାଧୋଇବା ପାଇଁ ନିକଟସ୍ଥ ମହାନଦୀକୁ ଯାଇଥିଲେ। ମାତ୍ର ଅସାବଧାନତା ବଶତଃ ଗୋଡ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବଡ଼ମ୍ବା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। ପ୍ରାୟ ଦେଢ଼ ଘଣ୍ଟା ପରେ ମିନତିଙ୍କ ମୃତଦେହ ମିଳିଥିଲା। ଏହି କାର୍ଯ୍ୟରେ ଗ୍ରାମର ଶ୍ରୀକାନ୍ତ ଚୌଧୁରୀ ସହଯୋଗ କରିଥିଲେ। ଖବରପାଇ ବିଧାୟକ ଦେବୀ ପ୍ରସାଦ ମିଶ୍ର, ବ୍ଲକ ଅଧକ୍ଷ ରଘୁପତି ମହାନ୍ତି ଓ ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ମୃତକ ପରିବାରକୁ ସମବେଦନା ଜଣାଇଛନ୍ତି। ମାଣିଆବନ୍ଧ ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା (ନଂ. ୧୯/୨୩) ରୁଜୁ କରିଛି। ଏଥିସହ ବଡ଼ମ୍ବା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଜନସେବା କେନ୍ଦ୍ରରେ ଅଗ୍ନିକାଣ୍ଡ

ନିମାପଡ଼ା,୧୭।୭(ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ଥାନା ଭିଲ୍ଲି ଗ୍ରାମ ପଞ୍ଚାୟତ ଭିଲିଦେଉଳ ଗ୍ରାମ ନିକଟ ଏକ ଜନସେବା କେନ୍ଦ୍ରରେ ଶନିବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଜନସେବା କେନ୍ଦ୍ରର ୨ କମ୍ପ୍ୟୁଟର, ୨ ପ୍ରିଣ୍ଟର, ୨ ଲାପଟପ, ୨ ଇପିଏସ୍, ଲାମିନେଶନ ମେଶିନ, ଟେବୁଲ ଚେୟାର ସମେତ ଦେଢ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ସାମଗ୍ରୀ ପୋଡ଼ି ଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ କେହି ଦୁର୍ବୃତ୍ତ ଝରକା ଭାଙ୍ଗି ପେଟ୍ରୋଲ ପକାଇ ଜନସେବା କେନ୍ଦ୍ରରେ ନିଆଁ ଲଗାଇ ଦେଇଥିବା ଜନସେବା କେନ୍ଦ୍ର ମାଲିକଙ୍କ ଭାଇ ମୁକେଶ ମହାରଣା ରବିବାର ଥାନାରେ ଅଭିଯୋଗ କରିଛନ୍ତି।

# ୫-ଟି କାର୍ଯ୍ୟରେ ଅନିୟମିତତା ଅଭିଯୋଗ: ବିଦ୍ୟାଳୟ ସମ୍ମୁଖରେ ଧାରଣା

**କୁତାମଚଣ୍ଡୀ ବିଦ୍ୟାମନ୍ଦିର**

ରଘୁନାଥପୁର,୧୭।୭(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଧରାଧାରପୁରସ୍ଥିତ କୁତାମଚଣ୍ଡୀ ବିଦ୍ୟାମନ୍ଦିରରେ ୫-ଟି କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ କରି (ପୁରାତନ ଛାତ୍ର)ଆଲୁମ୍ନି ଓ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟାଳୟ ସମ୍ମୁଖରେ ସୋମବାର ପୂର୍ବାହ୍ନରୁ ଧାରଣା ଦିଆଯାଇଛି। ସାମାଜିକ କର୍ମୀ ସରିତ ମହାପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ୪ର୍ଥ ପର୍ଯ୍ୟାୟରେ କୁତାମଚଣ୍ଡୀ ବିଦ୍ୟାମନ୍ଦିରକୁ ୫-ଟି ରୂପାନ୍ତରଣରେ ସାମିଲ କରାଯାଇଛି। ପୂର୍ବରୁ ଏହି ବିଦ୍ୟାମନ୍ଦିରରେ ନିମ୍ନମାନର କାର୍ଯ୍ୟ କରିଥିବା ଠିକାଦାରଙ୍କୁ ଏହି ରୂପାନ୍ତରଣ କାର୍ଯ୍ୟ ସମର୍ପି ଦିଆଯାଇଛି। ଏ ସମ୍ପର୍କରେ ଆଲୁମ୍ନି ଓ ଗ୍ରାମବାସୀଙ୍କୁ ଅନ୍ଧାରରେ ରଖାଯାଇଛି।



ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ପୁରାତନ ଛାତ୍ର ଓ ଗ୍ରାମବାସୀ।

ବିଭିନ୍ନ ସମସ୍ୟା ଘେରରେ ଥିବା ବିଦ୍ୟାଳୟର ବିକାଶ ପାଇଁ ସରକାର ଅନୁଦାନ ଯୋଗାଇ ଦେଇଥିବାବେଳେ କେତେଜଣ କୁଚକ୍ରୀ ଗୋଷ୍ଠୀ ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନାକୁ ସାକାର ରୂପ ଦେବା ପରିବର୍ତ୍ତେ ବିନାଶ ଆଡକୁ ଟାଣି ନେଉଛନ୍ତି ବୋଲି ପ୍ରିୟରଞ୍ଜନ ସାହାଣୀ କହିଛନ୍ତି। ଏହି ରୂପାନ୍ତରଣ କାର୍ଯ୍ୟରେ ନିଯୁକ୍ତ ହୋଇଥିବା ଠିକାଦାରଙ୍କୁ କାର୍ଯ୍ୟରୁ ନିବୃତ୍ତ କରି ଆଲୁମ୍ନି ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ବୈଠକ ଡକାଯାଇ ଉନ୍ନତିମୂଳକ କାର୍ଯ୍ୟ ସମ୍ପାଦନ କରିବାକୁ ଦାବି କରାଯାଇଛି। ଅପରାହ୍ନରେ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଓ ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀ ଧାରଣା ସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ରୂପାନ୍ତରଣ କାର୍ଯ୍ୟ ବ୍ୟୟ ଅଟକଳ ସହ ବିଡିଓ ନିଜେ ଆସିବା ପାଇଁ ଧାରଣାକାରୀ ଅଡିବସିଥିଲେ। ଏହାପରେ ଶିକ୍ଷାଧିକାରୀ ସ୍ୱାଇଁ ବିଡିଓଙ୍କୁ ଫୋନ ଯୋଗେ ଏ ସମ୍ପର୍କରେ ଅବଗତ କରିଥିଲେ। ମାତ୍ର କୌଣସି ନିର୍ଯାସ ନ ବାହାରିବାରୁ ଧାରଣା ଅବ୍ୟାହତ ରହିଛି। ଜ୍ୟୋତିର୍ମୟ ଜେନା, ନିଶିକାନ୍ତ ନାୟକ, ଟହଲି ମଲ୍ଲିକ, ରମାକାନ୍ତ ଜେନା, ଜଗବନ୍ଧୁ ମଲ୍ଲିକ, ଦୁଃଖୀଶ୍ୟାମ ମଲ୍ଲିକ, ଆଲୋକରଞ୍ଜନ ସ୍ୱାଇଁ, ଦୀପକ ସାହାଣୀ, କମଳାକାନ୍ତ ମଲ୍ଲିକ, ଯୁଗଳକିଶୋର ମଲ୍ଲିକ, ଲକ୍ଷ୍ମୀଧର ନାୟକ ପ୍ରମୁଖ ଧାରଣା ସ୍ଥଳରେ ଉପସ୍ଥିତ ଥିଲେ।

## ୬ ବିଦ୍ୟାଳୟର ରୂପାନ୍ତରଣ ପାଇଁ ପ୍ରସ୍ତୁତି

ବାଙ୍କୀ,୧୭।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଡମପଡ଼ା ବ୍ଲକରେ ୫-ଟି ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ୬ଟି ଉଚ୍ଚବିଦ୍ୟାଳୟକୁ ରୂପାନ୍ତରଣ କରାଯିବ। ଏନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡମପଡ଼ା ବ୍ଲକର ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରା, ଏବିଓ ପ୍ରଫୁଲ୍ଲ ବେହେରା, ବିଡିଓ ଶ୍ୟାମଳ ରାୟ, ୩୭ ନଂ. ଜିଲାପରିଷଦ ସଦସ୍ୟା ମିନତୀ ମହାପାତ୍ର ଯୋଗଦେଇ ଉଚ୍ଚବିଦ୍ୟାଳୟଗୁଡ଼ିକରେ ରୂପାନ୍ତରଣ କାର୍ଯ୍ୟକ୍ରମ କିପରି ଠିକ୍ ଭାବେ କାର୍ଯ୍ୟକାରୀ ହେବ ସେ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ରାମଚନ୍ଦ୍ରପୁର ହାଇସ୍କୁଲ, ଭାଗବତ ଗୋସ୍ୱାମୀ ବିଦ୍ୟାପୀଠ ବିଲିପଡା, ବିଏନ୍. ବିଦ୍ୟାପୀଠ ପଦନପୁର, ଇନ୍ଦିରା ପ୍ରିୟଦର୍ଶିନୀ ବିଦ୍ୟାପୀଠ ସାମନ୍ତରାପୁର, ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠ ବାଆଁରା, ବିବୁଧା ବିହାର ହାଇସ୍କୁଲ ପାଥପୁରର ଛାତ୍ରୀଛାତ୍ରମାନେ, ପଞ୍ଚାୟତ ପ୍ରତିନିଧି ଓ ମୋ ସ୍କୁଲ ଅଭିଯାନର କର୍ମକର୍ତ୍ତାମାନେ ଅଂଶ ଗ୍ରହଣ କରିଥିଲେ।

# ଗ୍ରାମାଞ୍ଚଳରେ ଭିତ୍ତିଭୂମି, କ୍ରୀଡ଼ାର ବିକାଶ କରାଯିବ



ସଚେତନତା କର୍ମଶାଳାରେ ବିଧାୟକ ପ୍ରତାପ ଜେନା ଏବଂ ଅନ୍ୟମାନେ।

ନିଶ୍ଚିନ୍ତକୋଇଲି,୧୭।୭
(ଅଶୋକ କୁମାର ମହାପାତ୍ର)

**ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ସମ୍ପର୍କିତ ସଚେତନତା କର୍ମଶାଳା**

ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ୪ ହଜାର କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଏନେଇ ପ୍ରତି ପଞ୍ଚାୟତକୁ ସରକାର ୫୦ ଲକ୍ଷ ଟଙ୍କା ମଞ୍ଜୁର କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ଏହି ଅର୍ଥରେ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ସୋମବାର କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଡାକ ବଙ୍ଗଳାରେ ଆମ ଓଡ଼ିଶା ନବୀନ ଓଡ଼ିଶାର ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ବିଧାୟକ ଜେନା ସଭାପତିତ୍ୱ କରିଥିଲେ। ଏଥିରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଯୋଗଦେଇ ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ଭିତ୍ତିଭୂମିର ବିକାଶ, କ୍ରୀଡ଼ା ସୁବିଧା, ବ୍ୟାଙ୍କିଂ ସେବା ଓ ଡିଜିଟାଲ ସେବାର ବିକାଶ କରାଯିବ। ଏହି ଯୋଜନାରେ ପ୍ରତି ପଞ୍ଚାୟତକୁ ମିଳୁଥିବା ଅନୁଦାନ ଅର୍ଥରେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ପ୍ରୋତ୍ସାହନ, ସଂରକ୍ଷଣ କରିବା, ଅଧିକ ସଂଖ୍ୟାରେ ସମାଗମ ହେଉଥିବା ଉପାସନାସ୍ଥଳ ଗୁଡିକରେ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଇପାରିବ ବୋଲି ଆଲୋଚନା କରାଯାଇଥିଲା। ନୂଆ ଯୋଜନାରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପ ଗୁଡିକର ମୂଲ୍ୟ ଅଢେଇ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କା ମଧ୍ୟରେ ରହିବ। ଆବଶ୍ୟକ ସ୍ଥଳେ ସରକାର ଏହି ସୀମାକୁ ପରିବର୍ତ୍ତନ କରିପାରିବେ। ପଞ୍ଚାୟତୱାରୀ ପ୍ରକଳ୍ପ ତାଲିକା ବ୍ଲକସ୍ତରରେ ପ୍ରସ୍ତାବିତ ହେବାପରେ ଜିଲାପାଳ ଓ ଜିଲା ପରିଷଦ ସଭାପତିଙ୍କ ଦସ୍ତଖତ କରାଯିବ। ଏହାକୁ ଅନୁମୋଦନ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗକୁ ପଠାଯିବ। ପ୍ରକଳ୍ପଗୁଡ଼ିକର ସ୍ୱଚ୍ଛତା ବଜାୟ ରଖିବା ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏକ ୱେବ ଆଧାରିତ ଏମ୍ଆଇଏସ ଏବଂ ଏକ ମୋବାଇଲ ଆପ୍ ବିକଶିତ ହେବ । ପ୍ରତ୍ୟେକ ପ୍ରକଳ୍ପ ଜିଆଇଏସ୍ ଟ୍ୟାଗିଂ କରାଯିବ ବୋଲି ବିଡିଓ ସୂଚନା ଦେଇଥିଲେ। ତେବେ ନୂତନ ଯୋଜନା ପାଇଁ ଲ୍ୟାଣ୍ଡ ଆକ୍ୟୁଜେଶନ ସହ ପ୍ରକଳ୍ପ ହେବାକୁ ଥିବା ସ୍ଥାନ ବିବାଦୀୟ ହୋଇ ନ ଥିବା ବିଧେୟ। ପ୍ରକଳ୍ପପାଇଁ ଜମି ଅଧିଗ୍ରହଣ ଜରୁରୀ ବୋଲି ତହସିଲଦାର ଦିଲୀପ କୁମାର ନାୟକ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରୋଜି ସେଠୀ, ଉପାଧକ୍ଷା ଅଶୋକ ଓଝା, ଗିରିଶ ମହାପାତ୍ର ଓ ବୁହାଳୋ ସରପଞ୍ଚ ରମାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଗୋରେଖନାଥ ପୀଠ: ଜଳଲାଗି ପାଇଁ କାଉଡ଼ିଆଙ୍କ ଭିଡ଼

ରଘୁନାଥପୁର,୧୭।୭(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ପୀଠରେ ହଜାର ହଜାର କାଉଡ଼ିଆ ମାନସିକ ଜଳ ଅର୍ପଣ କରିଛନ୍ତି। ରାତି ୩ଟାରୁ ମଙ୍ଗଳାରତି କାର୍ଯ୍ୟ ସମାପନ ପରେ ପୀଠ ପରିସରରେ କାଉଡ଼ିଆମାନେ ୩ଟି ବ୍ୟାରିକେଡରେ ଆସି ପାଣି ଢାଳିଥିଲେ। ଏଥିପାଇଁ ପୀଠ ପ୍ରଶାସନ ପକ୍ଷରୁ ଷ୍ଟିଲରେ ନିର୍ମିତ ସ୍ୱତନ୍ତ୍ର କୁଣ୍ଡର ବ୍ୟବସ୍ଥା କରାଯାଇଥିଲା। ତାରପୁର ବାଇପାସ ଠାରୁ ଜଇପୁର ଛକ ଦେଇ ତିର୍ତ୍ତୋଲ ପର୍ଯ୍ୟନ୍ତ ୧୫ କିମି ରାସ୍ତାରେ କାଉଡ଼ିଆଙ୍କ ଲମ୍ବା ଗହଳି ଲାଗି ରହିଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ଓ ସ୍ୱେଚ୍ଛାସେବୀଙ୍କୁ ନାକେଦମ ହେବାକୁ ପଡ଼ିଛି। ଟ୍ରାଫିକ ଓ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଫୋର୍ସ ମୁତୟନ କରାଯାଇଥିଲା। ପୀଠ ପ୍ରଶାସନ ପକ୍ଷରୁ କାଉଡ଼ିଆଙ୍କ ରହିବା ପାଇଁ ପୀଠ ପରିସର ଓ ଚତୁଃପାର୍ଶ୍ୱରେ ଟେଣ୍ଟ ଓ ପାଣିଭାର ରଖିବା ପାଇଁ ଷ୍ଟାଣ୍ଡର ବ୍ୟବସ୍ଥା କରାଯାଇଥିଲା। ସେହିପରି ପାନୀୟଜଳ, ଶୌଚାଳୟ, ଫାଷ୍ଟେଡ୍ ସୁବିଧା ଓ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲା। ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା କାର୍ଯ୍ୟ ନିର୍ବାହ କରିଥିବାବେଳେ କିରାଣି ସରୋଜ ସାହାଣୀ, ଉପଦେଷ୍ଟା ପ୍ରଶାନ୍ତ ଭୂୟାଁ, ଗ୍ରାମ କମିଟି ବରିଷ୍ଠ ସଦସ୍ୟ ପ୍ରମୋଦ ମହାନ୍ତି ପ୍ରମୁଖ ଏହି କାର୍ଯ୍ୟ ପରିଚାଳନା କରିଥିଲେ। ଗୋରେଖନାଥ ଯୁବକ ସଂଘ ଓ ବୈଷ୍ଣବ ଜେନା ମେମୋରିଆଲ ଟ୍ରଷ୍ଟର ସଦସ୍ୟମାନେ ସେବା ଯୋଗାଇ ଦେଇଥିଲେ। ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ କାଉଡ଼ିଆମାନଙ୍କ ପାଇଁ ଷ୍ଟଲ ଖୋଲାଯାଇ ଖାଦ୍ୟପେୟର ବ୍ୟବସ୍ଥା ଓ ମନୋରଞ୍ଜନ ପାଇଁ ଭଜନସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## 'ବାଲ୍ୟ ବିବାହ ପ୍ରଥା ବ୍ୟାଧି ଭଳି ମାଡ଼ି ଚାଲିଛି'

ବଡ଼ମ୍ବା(ମାୟାଧର ମଲ୍ଲିକ )/ ମାଣିଆବନ୍ଧ (ଅଖିଳ କୁମାର ସାହୁ)୧୭।୭

ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ପ୍ରଥା ରୋକିବା ନେଇ ସୋମବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୋବେଲ ପୁରସ୍କାର ବିଜେତା ପ୍ରଫେସର କୈଳାସ ସତ୍ୟାର୍ଥୀଙ୍କ ସତ୍ୟାର୍ଥୀ ଫାଉଣ୍ଡେଶନ ଏବଂ ଉତ୍କଳ ସେବକ ସମାଜ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମ ବଡମ୍ବା ବ୍ଲକ ଅନ୍ତର୍ଗତ ଚମ୍ପେଇଦ୍ୱାର ଗଡ଼ାପୋଖରୀ ଉନ୍ନୀତ ମଧ ଇଂଲିଶ୍ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ବଡ଼ମ୍ବା ଓ ତିଗିରିଆ ବ୍ଲକର ସଂଯୋଜକ ଚିନ୍ମୟ କୁମାର ଗୋଛିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା କହିଥିଲେ ଆଜିର ଶିଶୁ କାଲିର ଭବିଷ୍ୟତ। ବିଭିନ୍ନ ବିଦ୍ୟାଳୟର ସର୍ଭେ ତଥ୍ୟକୁ ଆଧାର ଅନୁସାରେ ବିଦ୍ୟାଳୟରେ ପଢୁଥିବା ସମୟରେ ହିଁ ଏକ ପ୍ରତିଶତ ନାବାଳିକା ବିବାହ କରିନେଉଛନ୍ତି। ଆଇନ ଅନୁଯାୟୀ ଏହା ଦଣ୍ଡନୀୟ ଅପରାଧ। ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ପ୍ରଥା ଭଳି କୁତ୍ସିତ କାର୍ଯ୍ୟ ବର୍ତ୍ତମାନ ସମୟରେ ବ୍ୟାଧି ଭଳି ମାଡିଚାଲିଛି। ଏନେଇ ବହୁଳ ସଚେତନତା ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଚମ୍ପେଇଦ୍ୱାର ଉନ୍ନିତ ମଧ ଇଂରାଜୀ ଓ ଉଚ୍ଚ ବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଦିଲୀପ କୁମାର ପଣ୍ଡା ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ବିଛନ୍ଦ କୁମାର ସେଣ, ଶତ୍ରୁଘ୍ନ ବେହେରା, ସତୀଶ କୁମାର ମହାନ୍ତି, ଶାନ୍ତିଲତା ନାୟକ, ଅନିତା ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଶେଷରେ ସମସ୍ତ ଛାତ୍ରୀ ଛାତ୍ର ନିଜ ନିଜ ଘରେ ତଥା ଅଞ୍ଚଳରେ ବାଲ୍ୟବିବାହ ଓ ଶିଶୁ ଶ୍ରମିକ ଭଳି କୁତ୍ସିତ ପ୍ରଥାକୁ ବନ୍ଦ କରିବାକୁ ପ୍ରବର୍ତ୍ତାଇବା ନିମନ୍ତେ ଶପଥପାଠ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକମାନେ।

## 'ବ୍ୟାଙ୍କରୁ ଋଣ ନେଇ ସ୍ୱାବଲମ୍ବୀ ହୁଅନ୍ତୁ ଏସ୍ଏଚ୍‌ଜି ସଦସ୍ୟା'



କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଏସ୍ଏଚ୍‌ଜି ସଦସ୍ୟା ଓ ଅନ୍ୟମାନେ।

ବାଙ୍କୀ,୧୭।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଡମପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ମିଶନ୍ ଶକ୍ତି ପକ୍ଷରୁ ସ୍ୱୟଂସହାୟିକା ଗୋଷ୍ଠୀ(ଏସ୍ଏଚ୍‌ଜି) କିପରି ସୁବିଧାରେ ବିଭିନ୍ନ ବ୍ୟାଙ୍କରୁ ଋଣ ପାଇବା ସହ ଟଙ୍କା ପରିଶୋଧ କରିପାରିବେ, ସେ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ମହିଳା ମିଶନଶକ୍ତି ଅଧୀନରେ ଥିବା ସ୍ୱୟଂସହାୟକ ଗୋଷ୍ଠୀ କିପରି ବ୍ୟାଙ୍କରୁ ଋଣ ନେଇ ସ୍ୱାବଲମ୍ବୀ ହୋଇପାରିବେ, ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଡମପଡ଼ା ବ୍ଲକ ଚେୟାରମ୍ୟାନ୍ ପ୍ରଣବ କିଶୋର ପଟେଲ୍, ୩୭ନମ୍ବର ଜିଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର, ୩୮ନଂ. ଜିଲାପରିଷଦ ସଦସ୍ୟ ଆଶିଷ କୁମାର ସାହୁ , ବାଙ୍କୀ ଏନ୍ଏସି ନଗରପାଳିକା ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, ବିଡିଓ ଶ୍ୟାମଳ କୁମାର ରାୟ, ବ୍ଲକ ଲେବୁଲ୍ ଫେଡେରେଶନ୍ ମୁଖ୍ୟଜ୍ୟୋତ୍ସାରାଣୀ ବେହେରା, ବ୍ଲକ ପ୍ରୋଜେକ୍ଟ କୋର୍ଡିନେଟର ହରିପ୍ରିୟା ସାହୁ, ବିପିସି ସ୍ୱାଗତିକା ପରିଡା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ୫୦ ଜଣ ସଦସ୍ୟ ଯୋଗଦେଇଥିଲେ। ବିପିଏମ୍ ଅକ୍ଷୟ କୁମାର ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନିଶ୍ଚିତତାରେ ନିଶ୍ଚିନ୍ତକୋଇଲି ବସ୍‌ଷ୍ଟାଣ୍ଡ

- ବାରମ୍ବାର ଅଭିଯୋଗ ପରେ ଚିଠି ଲେଖିଲେ ଜିଲାପାଳ
- ପ୍ରତିଶ୍ରୁତିକୁ ୮ ବର୍ଷ ବିତିଲାଣି

ନିଶ୍ଚିନ୍ତକୋଇଲି,୧୭।୭
(ଅଶୋକ କୁମାର ମହାପାତ୍ର)

କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ। ଗମନାଗମନ ଦୃଷ୍ଟିରୁ ୩ ନିର୍ବାଚନ ମଣ୍ଡଳୀ ଲୋକେ ନିଶ୍ଚିନ୍ତକୋଇଲିରୁ କଟକ-ଭୁବନେଶ୍ୱର ଓ କେନ୍ଦ୍ରାପଡା-ପଟ୍ଟାମୁଣ୍ଡାଇ ଆଦି ଅଞ୍ଚଳକୁ ଯାତାୟାତ କରିଥାନ୍ତି। କଟକ-ଚାନ୍ଦବାଲି ରାସ୍ତା ନବୀକରଣ ପରେ ନିଶ୍ଚିନ୍ତକୋଇଲି ବସ୍‌ଷ୍ଟାଣ୍ଡରେ ଥିବା ଯାତ୍ରୀ ଆଶ୍ରୟସ୍ଥଳକୁ ଉଚ୍ଛେଦ କରିଦିଆଯାଇଛି। ବିଶ୍ୱବ୍ୟାଙ୍କ ସହାୟତାରେ ନିର୍ମାଣ ହୋଇଥିବା ଏହି ପ୍ରଶସ୍ତୀକରଣ ରାସ୍ତା କଡ଼ରେ ନୂତନ ବସ୍‌ଷ୍ଟାଣ୍ଡ ସ୍ଥାପନ ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଇତିମଧ୍ୟରେ ୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ନିଶ୍ଚିନ୍ତକୋଇଲିରେ ଏହି ବସ୍‌ଷ୍ଟାଣ୍ଡ ହୋଇପାରିନାହିଁ। ଫଳରେ ଲୋକେ ଖରା, ବର୍ଷାରେ ଗାଡ଼ିକୁ ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। ବସ୍‌ଷ୍ଟାଣ୍ଡ ନ ଥିବାରୁ ଗାଡ଼ିଗୁଡିକ ମଧ୍ୟ ରାସ୍ତା ଉପରେ ଦୀର୍ଘ ସମୟ ଧରି ଠିଆ ହୋଇରହୁଛି।



ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରିଛନ୍ତି।



OFFICE OF THE COLLECTOR & DISTRICT MAGISTRATE, CUTTACK

NO. 3046 / RTA DATE 11/7/2023

To

The Tahasildar,
Nischintakoili,
Cuttack

Sub: Identification of Land for Bus stop at Nischintakoili Market area.

Sir,

I am to inform you that a lot of complain is received regarding a suitable Bus stop at Nischintakoili Market area. At present there is no bus stop for all the buses passing through Nischintakoili. All the buses are parking their vehicles on public road and unloading and boarding the passengers which is causing a lot of traffic congestion and sometimes accidents are being caused due to them.

As such you are requested to identify a suitable place adjacent to main road at Nischintakoili Market area for utilizing as Bus stop for the public. The action may please be taken early and inform to the under signed.

Yours faithfully

Collector & District Magistrate
-cum-Chairman, District Road Safety
Committee, Cuttack

ଜିଲାପାଳଙ୍କ ପକ୍ଷରୁ ତହସିଲଦାରଙ୍କୁ ଦିଆଯାଇଥିବା ଚିଠିର ନକଲ।

ଏଥିଯୋଗୁ ବହୁ ସମୟରେ ଗମନାଗମନ ଓ ଟ୍ରାଫିକ ସମସ୍ୟା ଉପୁଜୁଛି । ହାଟ ପାଳି ଦିନ ଅଧିକ ଭିଡ଼ ରହୁଥିବାରୁ ଯାତୟାତ ଏକ ପ୍ରକାର ଠପ୍ ହୋଇଯାଉଛି। ଏନେଇ ସ୍ଥାନୀୟ ଲୋକେ ଓ ଯାତ୍ରୀ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏବଂ କଟକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ପ୍ରଶାସନର ଚେତା ପଶିଛି। ଗତ ୧୧।୭।୨୩ରେ ଜିଲାପାଳଙ୍କ ପତ୍ର ନଂ.୩୦୪୬ ଅନୁଯାୟୀ, ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ବସ୍‌ଷ୍ଟାଣ୍ଡ ପାଇଁ ଜମି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ ଉକ୍ତ ପତ୍ରରେ ଦର୍ଶାଇଛନ୍ତି, ନିଶ୍ଚିନ୍ତକୋଇଲି ବଜାର ଅଞ୍ଚଳରେ ଜମି ଚିହ୍ନଟ କରି ତୁରନ୍ତ ଅବଗତ କରାଇଲେ ବସଷ୍ଟାଣ୍ଡ ପାଇଁ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ଅପରପକ୍ଷେ ନିଜେ ଜିଲାପାଳ ଉକ୍ତ ପତ୍ରରେ ସ୍ୱୀକାର କରିଛନ୍ତି ଯେ, ବସଷ୍ଟାଣ୍ଡ ନ ଥିବାରୁ ରାସ୍ତା ଉପରେ ବସ୍‌ଗୁଡିକ ରହୁଛି। ଫଳରେ ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣା ମଧ୍ୟ ଘଟୁଛି। ଏନେଇ ଜିଲାପାଳଙ୍କ ପାଖରେ ବହୁ ଅଭିଯୋଗ ପହଞ୍ଚିଛି ବୋଲି ସେଥିରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ତହସିଲଦାର ଦିଲୀପ କୁମାର ନାୟକ କୁହନ୍ତି, ନିଶ୍ଚିନ୍ତକୋଇଲି ବଜାର ଅଞ୍ଚଳରେ ବସ୍‌ଷ୍ଟାଣ୍ଡ ହେବା ପାଇଁ ଆବଶ୍ୟକ ଜମି ନାହିଁ। ଜିଲାପାଳଙ୍କ ପତ୍ର ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେବେ ତହସିଲଦାର ଜମି ନ ଥିବା ଦର୍ଶାଉଥିବାରୁ ଆଗାମୀ ଦିନରେ ନିଶ୍ଚିନ୍ତକୋଇଲି ବଜାରରେ ବସ୍‌ଷ୍ଟାଣ୍ଡ ହେବା ଏକ ପ୍ରକାର ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ସାମାଜିକ କର୍ମୀ ଅମୀୟ ବିଶ୍ୱାଳ କୁହନ୍ତି, ବିଶ୍ୱ ବ୍ୟାଙ୍କ ସହାୟତାରେ କଟକ-ଚାନ୍ଦବାଲି ରାସ୍ତା ପ୍ରଶସ୍ତୀକରଣ ଓ ଦୋହରିକରଣ କରାଯିବା ସମୟରେ ନିଶ୍ଚିନ୍ତକୋଇଲି ବସଷ୍ଟାଣ୍ଡ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଆବଶ୍ୟକ ଜମି ମଧ୍ୟ ଚିହ୍ନଟ କରାଯାଇଥିଲା। କିନ୍ତୁ କେତେଜଣ ବ୍ୟକ୍ତିଙ୍କ ଚାପ ଯୋଗୁ ନିଶ୍ଚିନ୍ତକୋଇଲିରେ ବସ୍‌ଷ୍ଟାଣ୍ଡ ହୋଇପାରି ନ ଥିଲା। ଯାତ୍ରୀ ଦୟାନିଧି ମଲିକ କୁହନ୍ତି, ନିଶ୍ଚିନ୍ତକୋଇଲିରୁ ବହୁ ଯାତ୍ରୀ ଦୈନନ୍ଦିନ କଟକ, ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ଯାଉଛନ୍ତି। ଏବେ ବର୍ଷା ହେଉଥିବାରୁ ବସ୍‌ପାଇଁ ଅପେକ୍ଷା କରିବାକୁ ଆଶ୍ରୟସ୍ଥଳୀ ନାହିଁ। ଏନେଇ ଆମକୁ ବର୍ଷାରେ ଭିଜିବାକୁ ପଡୁଛି। ସରକାର ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ ପଦକ୍ଷେପ ନିଅନ୍ତୁ।

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି ନୀତି

ପୁରୀ, ୧୭।୭ (ଅଜିତ ମହାନ୍ତି): ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି ଅବସରରେ ସୋମବାର ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଦକ୍ଷିଣାୟନ ନୀତି ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ। ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ଓ ଭୋଗମଣ୍ଡପ ପରେ ମଇଲମ ହୋଇ ମହାସ୍ନାନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ଶ୍ରୀବିଗ୍ରହମାନଙ୍କ ଯାତ୍ରାଙ୍ଗୀ ମହାସ୍ନାନ ନୀତି କରାଯାଇଥିଲା। ଘଟୁଆରୀ ଘରୁ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ସେବକ ଘଣ୍ଟ, ଛତା, କାହାଳୀ ପଟୁଆରରେ ମହାପ୍ରଭୁଙ୍କ ସର୍ବାଙ୍ଗ ନୀତି ନିମନ୍ତେ ଚନ୍ଦନ ବିଜେ କରାଇ ସିଂହାସନରେ ରଖିଥିଲେ। ଠାକୁରମାନଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ସମ୍ପନ୍ନ ଓ ନୂଆ ବୋଇରାଣି ଲୁଗା ଲାଗି କରାଯାଇଥିଲା। ଛ' ମୂର୍ତ୍ତି ଅଳଙ୍କାର ଲାଗି କରାଯାଇ ଶ୍ରୀବିଗ୍ରହମାନଙ୍କ ବେଶ ବଢ଼ିଥିଲା। ତଳିଚ୍ଛ, ପ୍ରଧାନୀ ହାତ ପୈଠ ମଧ୍ୟରେ ମଧ୍ୟାହ୍ନ ଧୂପ ଛେକ ଆସିଥିଲା। ପରେ ମହାପ୍ରଭୁଙ୍କ ବାଡ଼ରେ ମୁଦିରସ୍ତ ସେବକ ପ୍ରସାଦ ଲାଗି କରିଥିଲେ। ପ୍ରସାଦ ଲାଗି ପରେ ମଧ୍ୟାହ୍ନ ଧୂପ ପୂଜା ବସି ଟେରା ପଡ଼ିଲା ପରେ ମହାପ୍ରଭୁଙ୍କ ବାଡ଼ରୁ ପୂଜାପଣ୍ଡା, ପତ୍ରିବଡୁ ଏବଂ ସୁଆରବଡୁ ବାହାରକୁ ଆସି ମନ୍ଦିର ମଧ୍ୟରେ ୮ଟି ସ୍ଥାନରେ ଅନ୍ନବଳି ଦେଇଥିଲେ। ଏହାପରେ ଭିତରକୁ ଯାଇ ପୂଜା ସମ୍ପନ୍ନ କରିଥିଲେ। ପାଣି ପଡ଼ିଲା ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ଦ୍ୱାଦଶ ଯାତ୍ରା ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

### ଲଜ୍‌ରୁ ପ୍ରେମୀଯୁଗଳ ଧରାପଡ଼ିଲେ

ନିମାପଡ଼ା,୧୭।୭(ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ପୋଲିସ ପୁରୀ ଗୋପାଳବଲ୍ଲଭ ରୋଡ଼ ଅଞ୍ଚଳର ଏକ ଲଜ୍‌ରେ ଚଢ଼ାଉ କରି ସୋମବାର ପ୍ରେମୀ ଯୁଗଳଙ୍କୁ ଧରିଛି। ପୋଲିସ ଅପହରଣ ଦଫାରେ ୨୪୧/୨୩ରେ ଏକ ମାମଲା ରୁଜୁ କରି ଦୁହିଁଙ୍କୁ ପଚରାଉଚରା କରୁଛି। ଏଥିସହ ସେମାନଙ୍କଠାରୁ ୨ ମୋବାଇଲ ଜବତ କରିଛି। ନିମାପଡ଼ା ଥାନା ଅଞ୍ଚଳର ୧୬ ବର୍ଷୀୟା କଲେଜ ଛାତ୍ରୀ ଓ ଗଞ୍ଜାମର ୨୮ ବର୍ଷୀୟ ଯୁବକଙ୍କ ଡାକ୍ତରୀମାଇନା ପାଇଁ ମଙ୍ଗଳବାର ଡାକ୍ତରଖାନାକୁ ପଠାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ କହିଛନ୍ତି। ନାବାଳିକା କୁଆଡ଼େ ପଳାଇଯାଇଥିବା ତାଙ୍କ ମା' ଗତ ୧୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ନାବାଳିକା ଟଙ୍କା ନେଇ କଲେଜ ଡ୍ରେସ କିଣିବାକୁ କହି ଗତ ୧୩ ତାରିଖରେ ଘରୁ ଯାଇ ଆଉ ଫେରି ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ଫେସବୁକ୍ ଚାର୍ଟିଂ ଜରିଆରେ ଗତ ୨ ମାସ ହେଲା ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିବା ଯୁବକ ଜଣକ ପଚରାଉଚରା ସମୟରେ ପ୍ରକାଶ କରିଛନ୍ତି।

### ୨ ଧର୍ମଶାଳାର ସୁରକ୍ଷା ପାଇଁ ଦାବି

ପୁରୁଣା ଭୁବନେଶ୍ୱର,୧୭।୭(ସୁବାସ ଚନ୍ଦ୍ର ପ୍ରଧାନ): ଏକାମ୍ର କ୍ଷେତ୍ରର ଦୁଦୁୱାଲା ଓ ଡାଲମିଆ ଧର୍ମଶାଳା ପ୍ରାଚୀନ। ଏହା ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନ ପ୍ରଦତ୍ତ ଭୂସମ୍ପତ୍ତି। ୧୯୨୦ରେ ତୀର୍ଥଯାତ୍ରୀମାନଙ୍କ ରହଣୀ ପାଇଁ ଏଠାରେ ଉକ୍ତ ଧର୍ମଶାଳା ପର୍ଯ୍ୟାୟକ୍ରମେ ନିର୍ମାଣ କରାଯାଇଥିଲା। ଏହା ନିଃଶୁଳ୍କ ଥିଲା। ଏଠାରେ କେବଳ ଯାତ୍ରୀ ନୁହନ୍ତି, କୌଣସି ଯାତ୍ରୀ ନିବାସ ନ ଥିବାରୁ ପଞ୍ଚୁକ ଅବସରରେ ବହୁ ପଞ୍ଚୁକ ବ୍ରତଧାରୀ ସ୍ୱଳ୍ପ ପଇସାରେ ରହିଥାନ୍ତି। ଗରିବ ବ୍ରାହ୍ମଣଙ୍କ ବ୍ରତୋପନୟନ, ବିବାହ ବ୍ରତ ମଧ୍ୟ କରାଯାଇଥାଏ। ଏହି ଧର୍ମଶାଳାର ସୁରକ୍ଷା ଓ ସଂରକ୍ଷଣ ନେଇ ଏକାମ୍ର ଜନଜାଗରଣ ମଞ୍ଚ ଦାବି କରିଛି। ମଞ୍ଚ ଅଭିଯୋଗ ଅନୁଯାୟୀ, କିଛିବର୍ଷ ପୂର୍ବରୁ ଧର୍ମଶାଳାଦ୍ୱୟକୁ ଜବରଦଖଲକାରୀ ଅକ୍ତିଆର କରିଛନ୍ତି।

# ରତ୍ନଚିତାରେ ଝଟକିଲେ ମହାପ୍ରଭୁ

ପୁରୀ, ୧୭।୭(ଅଜିତ ମହାନ୍ତି)



ଶ୍ରୀମନ୍ଦିରରେ ସୋମବାର ଚିତାଲାଗି ଅମାବାସ୍ୟା ନୀତି ସମ୍ପନ୍ନ ହୋଇଛି। ପ୍ରାତଃକାଳରେ ମହାପ୍ରଭୁଙ୍କ ଦ୍ୱାରଫିଟା ନୀତି ଓ ମଙ୍ଗଳ ଆରତି ପରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ସକାଳ ଧୂପ, ଭୋଗମଣ୍ଡପ ଓ ଅନ୍ୟାନ୍ୟ ନୀତି ସରିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଦଇତାପତି ସେବକମାନେ ଚିତାଲାଗି ପାଇଁ ଗର୍ଭଗୃହରେ ପ୍ରବେଶ କରିଥିଲେ। ଏହି ନୀତି ପୂର୍ବରୁ ଭଣ୍ଡାରଘରୁ ତିନି ଠାକୁରଙ୍କୁ ଲାଗିହେଉଥିବା ୩ଟି ରତ୍ନ ଚିତା ଓ ପାଟରା ଯୋଗାଇଥିବା ପାଟଫିଟା ଡୋର ଜମା କରାଯାଇଥିଲା। ସକାଳ ଧୂପ ପୂଜା ବସିଥିବା ସମୟରେ ରତ୍ନଚିତା ୩ଟିକୁ ଭଣ୍ଡାର ମେକାପ ଆଣି ବେହେରଣ ନିକଟରେ ଦେଉଳକରଣଙ୍କ ମାର୍ଫତରେ ଦେଇଥିଲେ। ମନ୍ଦିର ବଣିଆ ଚିତା ମାଜି ସଫା କରିବା ପରେ ଏହାକୁ ପାରମ୍ପରିକ ନୀତିରେ ପଞ୍ଚାମୃତ କରାଯାଇଥିଲା। ସକାଳଧୂପ ଓ ଭୋଗ ମଣ୍ଡପ ପରେ ପୁଷ୍ପାଳକ ତିନିବାଡ଼ରୁ ଖୋବାକଣ୍ଠି ଅଳଙ୍କାର ମଇଲମ କରି ପାଳିଆ ମେକାପଙ୍କୁ ପ୍ରଦାନ କରିଥିଲେ। ମଇଲମ ପରେ ଶ୍ରୀଦେବୀ ଭୂଦେବୀଙ୍କୁ ଖଟଶେଯ ଘରେ ବିଜେ କରିଥିଲେ। ପାଳିଆ ଖୁଣ୍ଟିଆ ଡାକ ମାରିବାରୁ ତିନିବାଡ଼ର ବାଡଗ୍ରାହୀ ଦଇତାମାନେ ପତିମହାପାତ୍ର ବେହେରଣ ଦ୍ୱାର ଦେଇ ଗର୍ଭଗୃହକୁ ପ୍ରବେଶ କରିଥିଲେ। ବାଡ଼ଗ୍ରାହୀ ଦଇତାପତି ମହାପାତ୍ର ରତ୍ନସିଂହାସନ ଉପରେ ଦେଶ ପାଇଁ ଉଦ୍ଦିଷ୍ଟ କାଠଘୋଡ଼ା ଉପରେ ଚଢ଼ି ପାଟରା ଦେଇଥିବା ପାଟଡୋରରେ ଉକ୍ତ ଚିତାକୁ ବାନ୍ଧି ଶ୍ରୀଜିଉମାନଙ୍କ ଶ୍ରୀମୁଖରେ ଲାଗି କରାଇଥିଲେ। ଏହି ପାଟଡୋର ଓ ଚିତାକୁ ଶ୍ରୀଜୀଉମାନଙ୍କ ଶ୍ରୀମୁଖରେ ସୁରକ୍ଷିତ ପାଇଁ ଲଗାଇବା ପାଇଁ ସୁଦୁସୁଆର ଦେଇଥିବା ଓଷ ଲଗାଇ ସଂଯୋଗ କରିଥିଲେ। ଶ୍ରୀବଳଭଦ୍ରଙ୍କ ଶ୍ରୀମୁଖରେ ସବୁଜ ରଙ୍ଗର ପାନ୍ନାଚିତା, ଶ୍ରୀଜଗନ୍ନାଥଙ୍କ ଶ୍ରୀମୁଖରେ ଉଜ୍ଜ୍ୱଳ ବ୍ରହ୍ମଜ୍ୟୋତି ଖଚିତ ହୀରାଚିତା ଦେବୀ ସୁଭଦ୍ରାଙ୍କ ଶ୍ରୀମୁଖରେ ମାଣିକ୍ୟ ଖଚିତ ଚିତା ଲଗାଯାଇଥିଲା। ଦଇତାମାନେ ଚିତାଲାଗି ସାରି ଗର୍ଭଗୃହରୁ ଫେରିବା ପରେ ପାଳିଆ ମେକାପ ରତ୍ନସିଂହାସନ ମାଜଣା କରିଥିଲେ। ଏହାପରେ ମହାପ୍ରଭୁଙ୍କ ମହାସ୍ନାନ ହୋଇ ଭୂଦେବୀ ଶ୍ରୀଦେବୀ ରତ୍ନସିଂହାସନରେ ବିଜେ କରିବା ପରେ ବେଶ ବଢିଥିଲା। ମାଳଫୁଲ ଲାଗି ବେଶ ବଢ଼ିବା ପରେ ମହାପ୍ରଭୁଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇଥିଲା। ଏହାପରେ ମୁଦିରସ୍ତ, ପତିମହାପାତ୍ର ଏବଂ ପୂଜାପଣ୍ଡା ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ସୁଭଦ୍ରାଙ୍କୁ ବନ୍ଦାପନା କରିଥିଲେ। ଏହାପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଏହା ବ୍ୟତୀତ ପୁରୀ ସହରରେ ଘରେ ଘରେ ଚିତାଲାଗି ଅମାବାସ୍ୟା ପାଳିତ ହୋଇଛି। ପ୍ରତି ଘରେ ନଡ଼ିଆ ଚାଉଳ ବଟାଯାଇ ମାଟିପଲମରେ ଚିତଉ ପିଠା କରି ଠାକୁରଙ୍କୁ ଅର୍ପଣ କରାଯାଇଥିଲା। ବର୍ଷାଦିନେ ଗେଣ୍ଡା, କୋଚିଆଙ୍କ ଉପଦ୍ରବରୁ ଚାଷବାସ ସମୟରେ ଘରଲୋକଙ୍କୁ ରକ୍ଷା କରିବା ପାଇଁ ମାଟି ମା' ଉଦ୍ଦେଶ୍ୟରେ ଏହି ପର୍ବ ପାଳନ କରାଯାଏ। ବିଲ, ପୋଖରୀ ଓ ବାରିରେ ଅପରାହ୍ନରେ ଚିତଉ ପିଠା ଭୋଗ ଲଗାଇ ସହରବାସୀ ଅର୍ପଣ କରିଥିଲେ।

### ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା ନୀତି





ପୁରୀ: ଶ୍ରାବଣ ଅମାବାସ୍ୟା ତିଥି ସୋମବାର ଅବସରରେ ସାଗର ବିଜେ ନୀତି ପାଇଁ ଅମାବାସ୍ୟା ନାରାୟଣଙ୍କୁ ମହୋଦଧିକୁ ନିଆଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ୬ ବର୍ଷ ପରେ ବି ହେଉନି ଉଚ୍ଛେଦ

## ଜବରଦଖଲରେ ସରକାରୀ ଜମି

ଜଟଣୀ,୧୭।୭(ରବୀନ୍ଦ୍ର ନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ପଦନପୁର ଅଞ୍ଚଳରେ ଥିବା ବହୁ ସରକାରୀ ଜମିକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଅକ୍ତିଆର କରି ରଖିଛନ୍ତି। ଉକ୍ତ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ୨୦୧୬ ନଭେମ୍ବରରେ ସ୍ଥାନୀୟ ତହସିଲ ଓ ଜିଲା ପ୍ରଶାସନ କାର୍ଯ୍ୟାଳୟରେ ସାମାଜିକ କର୍ମୀ ସୁରେଶ କୁମାର ଛୋଟରାୟ ଅଭିଯୋଗ କରିଥିଲେ। ତେବେ ଅଭିଯୋଗକୁ ୬ ବର୍ଷ ବିତିଯାଇଥିଲେ ମଧ୍ୟ ଜବରଦଖଲ ଉଚ୍ଛେଦ ହୋଇପାରିନାହିଁ। ସୋମବାର ବ୍ଲକ ସଭାଗୃହରେ ହୋଇଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ସୁରେଶ ପୁଣି ଉକ୍ତ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ, ଜଟଣୀ ବ୍ଲକ ପଦନପୁର ଅଞ୍ଚଳରେ ବହୁ ମୂଲ୍ୟବାନ୍ ସରକାରୀ ଜମି ରହିଛି। ତେବେ କେତେଜଣ ଅସାଧୁ ଏବଂ ପ୍ରଭାବଶାଳୀ ବ୍ୟକ୍ତି ବହୁ ସରକାରୀ ଜମିକୁ ଅକ୍ତିଆର କରି ରଖିଛନ୍ତି। ପଦନପୁର ମୌଜାରେ ଥିବା ଖାତା ନମ୍ବର ୭୨୨, ୭୨୪ ଏବଂ ପ୍ଲଟ୍ ନମ୍ବର ୯୨୭, ୯୨୯, ୯୩୦, ୯୪୦ ଏବଂ ୯୮୫ ପ୍ଲଟ୍‌ର ଅନାବାଦୀ, ଯାତ୍ରାପଡ଼ିଆ, ଖେଳପଡ଼ିଆ ଏବଂ ଜଳାଶୟ ଆଦି କିସମ ଜମିରୁ ଜବରଦଖଲମୁକ୍ତ ପାଇଁ ୨୦୧୬ରେ ସୁରେଶ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

# ସାକ୍ଷୀଗୋପୀନାଥ ଦେବଙ୍କ ଚିତାଲାଗି

ସାକ୍ଷୀଗୋପାଳ,୧୭।୭(ଭରତ ରାଉତ)

ସାକ୍ଷୀଗୋପୀନାଥ ଦେବଙ୍କ ଚିତାଲାଗି ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ପର୍ବ ପାଳନ ପାଇଁ ଭଣ୍ଡାର ମେକାପ ଠାକୁରଙ୍କ ଭଣ୍ଡାର ଘରୁ ସୁନାଚିତା କାଢିଥିଲେ। ଦ୍ୱିପ୍ରହର ଧୂପ ପରେ ଠାକୁରଙ୍କୁ ନୂତନ ବସ୍ତ୍ର ପରିଧାନ କରାଯିବା ସହ ତୁଳସୀ ଓ ଚନ୍ଦନ ଲାଗି କରାଯାଇଥିଲା। ପୂଜାପଣ୍ଡା ସେବକମାନେ ଠାକୁରଙ୍କୁ ସୁନା ଚିତା ଲାଗି କରାଇଥିଲେ। ସେହିପରି ଗ୍ରାମରେ ଥିବା ମଠ, ମନ୍ଦିରଗୁଡ଼ିକରେ ମଧ୍ୟ ଚିତାଲାଗି ପର୍ବ ପାଳିତ ହୋଇଯାଇଛି। ଓଡ଼ିଆ ମତ ଅନୁଯାୟୀ ଶ୍ରାବଣ ମାସ ଅମାବାସ୍ୟାରେ ନଦୀ, କେନାଲରେ ପାଣି ଆସିବା ସହିତ ଧାନ କ୍ଷେତରେ ପୋକ, ଜୋକ ଓ ଗେଣ୍ଡା ରହିଥାନ୍ତି ସେମାନେ ଫସଲ ନଷ୍ଟ କରି ଦେଇଥାନ୍ତି। ସେଥି ଯୋଗୁ ଚାଷୀ ପରିବାରମାନେ ଚିତଉ ପିଠା କରି ବିଲରେ ପୂଜା କରିବା ସହ ନଦୀରେ ପକାଇ ଗେଣ୍ଡାଙ୍କର ଶରଣ ନେଇଥାନ୍ତି ବୋଲି ଅଗ୍ରଣୀ ଚାଷୀ ଗୋଲକ ପ୍ରଧାନ କହିଛନ୍ତି। ଚିତଉ ପିଠା କରାଯାଇ ପ୍ରଥମେ ଐଶାନ୍ୟ ଓ ଘରର କୂଳ ଦେବତାଙ୍କୁ ଭୋଗ ଲାଗିବା ପରେ ପିଠା ଗେଣ୍ଡାକୁ ପ୍ରଦାନ କରାଯିବାର ପରମ୍ପରା ପ୍ରଥା ଏବେ ବି ବଞ୍ଚି ରହିଛି।



ଶ୍ରାବଣ ଦ୍ୱିତୀୟ ସୋମବାର ଓ ସଂକ୍ରାନ୍ତି ଅବସରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଗହଳି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ଜନସେବା କେନ୍ଦ୍ରରେ ଅଗ୍ନିକାଣ୍ଡ, ଦେଢ଼ ଲକ୍ଷ ଟଙ୍କାର ସାମଗ୍ରୀ ଭସ୍ମୀଭୂତ

ନିମାପଡ଼ା,୧୭।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଭିଲ୍ଲି ଗ୍ରାମ ପଞ୍ଚାୟତପ ଭିଲିଦେଉଳ ଗ୍ରାମ ନିକଟ ଏକ ଜନସେବା କେନ୍ଦ୍ରରେ ଶନିବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ଜନସେବା କେନ୍ଦ୍ରର ୨ଟି କମ୍ପ୍ୟୁଟର, ୨ଟି ପ୍ରିଣ୍ଟର, ୨ ଲାପଟପ, ୨ ଇପିଏସ୍, ଲାମିନେଶନ ମେଶିନ, ଟେବୁଲ ଚେୟାର ସମେତ ଦେଢ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ସାମଗ୍ରୀ, ଆସବାବପତ୍ର ନିଆଁରେ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ କେହି ଦୁର୍ବୃତ୍ତ ଈର୍ଷାନ୍ୱିତ ହୋଇ ସେବାକେନ୍ଦ୍ରର ଝରକା ଭାଙ୍ଗି ପେଟ୍ରୋଲ ପକାଇ ଜନସେବା କେନ୍ଦ୍ରରେ ନିଆଁ ଲଗାଇ ଦେଇଥିବା ଜନସେବା କେନ୍ଦ୍ର ମାଲିକଙ୍କ ଭାଇ ମୁକେଶ ମହାରଣା ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୨୪୬/୨୩ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅଗ୍ନିକାଣ୍ଡ ଘଟାଇଥିବା ଦୁର୍ବୃତ୍ତଙ୍କୁ ଧରି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେବାକେନ୍ଦ୍ରର ମାଲିକ ଓ ଗ୍ରାମବାସୀ ପୋଲିସ ନିକଟରେ ଦାବି କରିଛନ୍ତି।

# ସଫଳତା ପାଇଁ ମନମୋହନଙ୍କୁ ସମ୍ବର୍ଦ୍ଧନା




ପୁରୀ, ୧୭।୭(ଅଜିତ ମହାନ୍ତି)

## ଅନ୍ତର୍ଜାତୀୟ ଟାଏକୋଣ୍ଡୋ ମାଷ୍ଟର କୋର୍ସ

ପୁରୀ ଜିଲାର ଉଦୀୟମାନ ଟାଏକୋଣ୍ଡୋ କ୍ରୀଡ଼ାବିତ୍ ଭାବେ ମନମୋହନ ଭଞ୍ଜ ପରିଚିତ। ଓଡ଼ିଶା ତଥା ପୁରୀ ଜିଲାରୁ ମନମୋହନ ଏକମାତ୍ର ଟାଏକୋଣ୍ଡୋ କ୍ରୀଡ଼ାବିତ୍ ଭାବେ ବିଶ୍ୱ ଟାଏକୋଣ୍ଡୋ ମୁଖ୍ୟାଳୟ ଦକ୍ଷିଣକୋରିଆର ସିଓଲସ୍ଥିତ କୁକିୱନଠାରେ ଜୁଲାଇ ୬ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ମାଷ୍ଟର କୋର୍ସ ଏବଂ ଅନ୍ତର୍ଜାତୀୟ ପୁମ୍ ଓ ଡାନ୍ ବ୍ଲାକବେଲ୍ଟ ପରୀକ୍ଷକ କୋର୍ସରେ ସଫଳତା ହାସଲ କରିଛନ୍ତି। ବର୍ତ୍ତମାନ ସେ ଓଡ଼ିଶା ଟାଏକୋଣ୍ଡୋ ସଂଘ ଓ ପୁରୀ ଜିଲା ସଂଘର ସାଧାରଣ ସମ୍ପାଦକ ରହିଛନ୍ତି। ଏହି କୋର୍ସ କରିବାରେ ଜିଲାର ପ୍ରଥମ କ୍ରୀଡ଼ାବିତ୍ ମନମୋହନ ଓଡ଼ିଶା ପାଇଁ ବଡ଼ ଗର୍ବ ଓ ଗୌରବ ଆଣିଛନ୍ତି। ମନମୋହନଙ୍କ ଏହି ସଫଳତା ପାଇଁ ରାଜ୍ୟର ଟାଏକୋଣ୍ଡୋ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଖୁସି ଆଣିଛି। ସୋମବାର ମନମୋହନ ପୁରୀରେ ପହଞ୍ଚିବା ପରେ ତାଙ୍କୁ କ୍ରୀଡ଼ାପ୍ରେମୀଙ୍କ ସମେତ ବିଭିନ୍ନ ମହଲରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

# ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

କଣାସ,୧୭।୭(ବିଭୂତି ଭୂଷଣ ତ୍ରିପାଠୀ)

## କଣାସ ଥାନା ଅଧିକାରୀଙ୍କ ସହାୟତାରେ ମୃତଦେହ ଗାଁକୁ ଫେରିଲା

କଣାସ ଥାନା ଅଧୀନ ଗଡ଼ବଡ଼ପୁଟ ପଞ୍ଚାୟତ ବାଦଲପୁର ଗ୍ରାମର ବାସୁଦେବ ରାଉତରାୟଙ୍କ ପୁଅ ବୈକୁଣ୍ଠ ରାଉତରାୟ(୨୯)ଙ୍କ ରବିବାର ବେଙ୍ଗାଲୁରୁରେ ମୃତ୍ୟୁ ଘଟିଛି। ସେ ଦୀର୍ଘ ୧୫ବର୍ଷ ହେଲା ଏକ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ି ତାଙ୍କ ମୃତ୍ୟୁ ହୋଇଛି। କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀଙ୍କ ପ୍ରଚେଷ୍ଟାରେ ସୋମବାର ବୈକୁଣ୍ଠଙ୍କ ମୃତଦେହ ଉଡାଜାହାଜ ଯୋଗେ ଗାଁକୁ ଫେରିଛି। ଖବରନେବାରେ ଜଣାପଡ଼ିଛି, ବୈକୁଣ୍ଠ ବେଙ୍ଗାଲୁରୁରେ ଟିପର୍ସ ଆଣ୍ଡ ଟ୍ରିଲରସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀରେ ୱେଲଡିଂ କାର୍ଯ୍ୟ କରୁଥିଲେ। ଶନିବାର କାର୍ଯ୍ୟ କରୁଥିବା ସମୟରେ ହଠାତ୍ ଅସୁସ୍ଥ ହୋଇ ତାଙ୍କର ମୃତ୍ୟୁ ହୋଇଥିଲା। ଆଟିବେଲ୍ ଥାନା ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ବୈକୁଣ୍ଠଙ୍କ ମା'-ବାପାଙ୍କୁ ଏ ବାବଦରେ ଜଣାଇଥିଲେ। ବାପା ବାସୁଦେବ ରାଉତରାୟ କଣାସ ଥାନା ଆଇଆଇସି ରାଜେଶ ତ୍ରିପାଠୀଙ୍କୁ ପୁଅର ମୃତଦେହ ଗାଁକୁ ଫେରାଇ ଆଣିବାକୁ ଅନୁରୋଧ କରିଥିଲେ। ଆଇଆଇସି ତ୍ରିପାଠୀ ବେଙ୍ଗାଲୁରୁର ଆଟିବେଲ୍ ଥାନାର ଅଧିକାରୀଙ୍କ ସହିତ ଯୋଗାଯୋଗ କରି ସେଠାରେ କିଛି ତ୍ରିପାଠୀଙ୍କ ସମ୍ପର୍କୀୟଙ୍କ ସହାୟତାରେ ବୈକୁଣ୍ଠଙ୍କ ମୃତଦେହକୁ ଉଡ଼ାଜାହାଜ ଯୋଗେ ଭୁବନେଶ୍ୱର ଅଣାଯାଇଛି।

# ଅଲାରନାଥଙ୍କୁ ସୁବର୍ଣ୍ଣ ଚିତା ଲାଗି

ବ୍ରହ୍ମଗିରି,୧୭।୭(ସ୍ୱାଧୀନ ଚମ୍ପତିରାୟ)

ଶ୍ରୀଅଲାରନାଥ ଦେବଙ୍କୁ ଲାଗି ହୋଇଛି ସୁବର୍ଣ୍ଣ ଚିତା। ଏହି ତିଥିରେ ଶ୍ରୀଜୀଉଙ୍କୁ ସ୍ୱତନ୍ତ୍ର ଭୋଗ ଚିତଉ ପିଠା ଲାଗି କରାଯାଇଛି। ଶ୍ରୀ ଜୀଉଙ୍କର ଚିତାଲାଗି ବେଶ ଦର୍ଶନ ପାଇଁ ଭକ୍ତମାନଙ୍କର ଭିଡ଼ ଲାଗିରହିଥିଲା। ସୋମବାର ସାଢେ ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ବିଭିନ୍ନ ନୀତି ବଢିବା ପରେ ସାହାଣମେଲା ହୋଇ ସର୍ବସାଧାରଣ ଦର୍ଶନ ହୋଇଥିଲା। ଅନ୍ୟାନ୍ୟ ନୀତି ବଢିବା ପରେ ସକାଳ ଧୂପ ଓ ଦ୍ୱିପ୍ରହର ଧୂପ ହୋଇଥିଲା। ଅପରାହ୍ନ ୩ଟାରେ ଶ୍ରୀଜୀଉଙ୍କୁ ସୁବର୍ଣ୍ଣ ଚିତା ଲାଗି କରାଯିବା ସହିତ ବିଭିନ୍ନ ଆଭୂଷଣରେ ସୁସଜ୍ଜିତ କରାଯାଇଥିଲା। ଶ୍ରୀ ଅଲାରନାଥ ପୀଠରେ ଅନୁଷ୍ଠିତ ହେଉଥିବା ସମସ୍ତ ପର୍ବପର୍ବାଣି ମଧ୍ୟରେ ଚିତାଲାଗି ପର୍ବ ସ୍ୱତନ୍ତ୍ର।



ନିରାକାରପୁର ରେଲୱେ ଷ୍ଟେଶନ ଫୁଟ୍ ଓଭରବ୍ରିଜରେ ବେପରୁଆଭାବେ ଜଣେ ଯୁବକ ସାଇକେଲ ଚଳାଉଛନ୍ତି। (ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)

# ବସ୍ ଧକ୍କାରେ ଗୋଶାଳା ମୁଖ୍ୟ ପରିଚାଳକ ମୃତ

ପିପିଲି,୧୭।୭(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପୁରୀ-ଭୁବନେଶ୍ୱର ୩୧୬ନଂ. ଜାତୀୟ ରାଜପଥର ପିପିଲି ଟୋଲପ୍ଲାଜା ନିକଟରେ ସୋମବାର ମଧ୍ୟାହ୍ନ ସାଢେ ୧୨ଟା ସମୟରେ ଶାରଳା ବସ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସତ୍ୟବାଦୀ ଥାନା ଅଧୀନ ଅଲଗୁମ ପଞ୍ଚାୟତର ଚୁରାଳି ଗ୍ରାମର ମହେଶ୍ୱର ପ୍ରଧାନ(୫୮)। ସେ ପଟ୍ଟନାୟିକିଆ ଛକ ନିକଟ ଗୋଶାଳାର ମୁଖ୍ୟ ପରିଚାଳକ ବୋଲି ଜଣାପଡ଼ିଛି। ଏନେଇ ପୋଲିସ ୩୩୦/୨୩ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ମହେଶ୍ୱର ଭୁବନେଶ୍ୱରରୁ ବାଇକ୍ ଯୋଗେ ଘରକୁ ଯାଉଥିଲେ। ପିପିଲି ଟୋଲପ୍ଲାଜା ନିକଟ ଓରକଳ ଗ୍ରାମ ଛକ ନିକଟରେ




ଭୁବନେଶ୍ୱରରୁ ଆସୁଥିବା ଶାରଳା ବସ୍(ନଂ. ଓଆର୍ ୧୩ ବି ୯୮୮୧) ତାଙ୍କୁ ପଛପଟୁ ପିଟିଥିଲା। ଫଳରେ ସେ ରାସ୍ତା ଉପରକୁ ଛିଟିକି ପଡ଼ିବା ବେଳେ ବସ୍‌ର ଚକା ତାଙ୍କ ମୁଣ୍ଡ ଉପରେ ଚଢିଯାଇଥିଲା। ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ତାଙ୍କୁ



ଆମ୍ବୁଲାନ୍ସ ଯୋଗେ ପିପିଲି ଡାକ୍ତରଖାନା ନେଇଥିବାବେଳେ ସେଠାରେ ଡାକ୍ତର ମହେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମହେଶ୍ୱରଙ୍କ ପୁତୁରା ସୁଜିତ ପ୍ରଧାନଙ୍କ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ଘଟଣା ଘଟାଇଥିବା ବସ୍‌କୁ ପୋଲିସ ଜବତ କରିବା ସହ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଥିବା ଏସ୍‌ଆଇ ସନ୍ଦିପ ଦାସ କହିଛନ୍ତି। ତେବେ ମହେଶ୍ୱର ସୁସଂଗଠକ ଭାବେ ଯୁବକ ଅବସ୍ଥାରୁ ସାକ୍ଷୀଗୋପାଳ ମନ୍ଦିର ଟ୍ରଷ୍ଟି ଦାୟିତ୍ୱ ତୁଲାଇଥିବାବେଳେ ଭାଜପାର ପୁରୀ ଜିଲା ସମ୍ପାଦକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ ସଦସ୍ୟ ହୋଇ ସର୍ବଦା ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ୨୦୧୨ରେ ପଟ୍ଟନାୟିକିଆ ଛକସ୍ଥିତ ଗୋବିନ୍ଦ ଜୀଉ ଗୋଶାଳା ଟ୍ରଷ୍ଟ କରି ଗୋ-ସେବା କରିଆସୁଥିଲେ। ୨୦୨୩ରୁ ପୁରୀ ଜିଲାର ବିଭିନ୍ନ ଗ୍ରାମରେ ପରିବେଶ ସୁରକ୍ଷା ନିମନ୍ତେ ଚାରାରୋପଣ ଓ ଗୋ-ସୁରକ୍ଷା ଅଭିଯାନ ପାଇଁ ସ୍ଥାନୀୟ ଲୋକଙ୍କୁ ପ୍ରେରଣା କରୁଥିଲେ। ମହେଶ୍ୱରଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଖ୍ୟାତନାମା ଭାରତୀୟ-ଆମେରିକୀୟ ବିଜ୍‌ନେସ୍ ଲିଡର ଶାମିନା ସିଂଙ୍କୁ ରାଷ୍ଟ୍ରପତିଙ୍କ ରପ୍ତାନି ପରିଷଦରେ ନିଯୁକ୍ତି ଦେବାକୁ ମନୋନୀତ କରିଛନ୍ତି। ଉକ୍ତ କାଉନ୍‌ସିଲ ଅନ୍ତର୍ଜାତୀୟ ବାଣିଜ୍ୟରେ ପ୍ରମୁଖ ଜାତୀୟ ଉପଦେଷ୍ଟା କମିଟି ଭାବେ କାର୍ଯ୍ୟ କରିଥାଏ। ଶାମିନା ହେଉଛନ୍ତି ମାଷ୍ଟରକାର୍ଡ ସେଣ୍ଟର ଫର ଇନ୍‌କ୍ଲୁସିଭ୍ ଗ୍ରୋଥ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା। ରାଷ୍ଟ୍ରପତିଙ୍କ ରପ୍ତାନି ପରିଷଦର ସମ୍ମାନିତ ନେତାମାନଙ୍କ ଗ୍ରୁପ୍‌ରେ ସ୍ଥାନ ପାଇବାକୁ ଯାଉଥିବା ଶାମିନା କୃତଜ୍ଞତା ଜଣାଇଛନ୍ତି।

## ସଂକ୍ଷେପରେ

### ଦେଶବିରୋଧୀ କାର୍ଯ୍ୟ ପାଇଁ କଶ୍ମୀରର ୩ କର୍ମଚାରୀ ବହିଷ୍କୃତ

**ଶ୍ରୀନଗର, ୧୭।୭(ପି.ଟି.):** ପାକିସ୍ତାନର ଆତଙ୍କବାଦୀ ସଂଗଠନଗୁଡ଼ିକ ପାଇଁ କାର୍ଯ୍ୟ କରିବା, ସେମାନଙ୍କ ପାଇଁ ପାଣ୍ଠି ସଂଗ୍ରହ କରିବା ଏବଂ ସେମାନଙ୍କ ବିଚାରଧାରାର ପ୍ରଚାର କରିବା ଅଭିଯୋଗରେ ୩ ସରକାରୀ କର୍ମଚାରୀଙ୍କୁ ଜମ୍ମୁ-କଶ୍ମୀର ସରକାର ବହିଷ୍କାର କରିଛନ୍ତି। ବହିଷ୍କୃତ କର୍ମଚାରୀମାନେ ହେଲେ କଶ୍ମୀର ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଫହିମ ଅସ୍‌ଲାମ, ପୋଲିସ କନ୍‌ଷ୍ଟେବଲ ଅର୍ସିଦ ଅହମଦ ଥୋକେର ଏବଂ ରାଜସ୍ୱ ଅଧିକାରୀ ମୁରାୱାଥ୍ ହୁସେନ ମୀର୍। ସେମାନେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏବଂ ଆତଙ୍କବାଦୀ ସଂଗଠନଗୁଡ଼ିକ ପାଇଁ କାର୍ଯ୍ୟ କରୁଥିବା ତଦନ୍ତରୁ ଜଣାପଡ଼ିବା ପରେ ସମ୍ବିଧାନର ଧାରା ୩୧୧(୨)(ସି) ଧାରା ଅନୁଯାୟୀ ସେମାନଙ୍କୁ ବହିଷ୍କାର କରାଯାଇଛି।

### ୨୪ ଘଣ୍ଟାରେ ଦ୍ୱିତୀୟ ଥର ପାୱାରଙ୍କୁ ଭେଟିଲେ ଅଜିତ ଗୋଷ୍ଠୀ

**ନୂଆଦିଲ୍ଲୀ, ୧୭।୭:** ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଏବଂ ତାଙ୍କ ଗୋଷ୍ଠୀର ଅନ୍ୟ ଏନ୍‌ସିପି ମନ୍ତ୍ରୀମାନେ ସୋମବାର ପୁଣିଥରେ ଦଳ ଅଧ୍ୟକ୍ଷ ଶରଦ ପାୱାରଙ୍କୁ ଭେଟିଛନ୍ତି। ଏନ୍‌ସିପିରେ ବିଦ୍ରୋହ ପରେ ମୁମ୍ବାଇର ୱାଇ.ବି. ଚଭନ ସେଣ୍ଟରରେ ୨୪ ଘଣ୍ଟା ମଧ୍ୟରେ ପାୱାରଙ୍କ ସହ ଅଜିତ ଗୋଷ୍ଠୀର ଏହା ଦ୍ୱିତୀୟ ସାକ୍ଷାତ୍। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)କୁ ଏକାଠି ରଖିବା ପାଇଁ ସେମାନେ ପାୱାରଙ୍କୁ ପୁଣିଥରେ ନିବେଦନ କରିଥିଲେ। ପାୱାର ସେମାନଙ୍କ କଥା ଶୁଣିଥିଲେ ମଧ୍ୟ କିଛି କହି ନ ଥିଲେ ବୋଲି ବରିଷ୍ଠ ଏନ୍‌ସିପି ନେତା ପ୍ରଫୁଲ ପଟେଲ ଗଣମାଧ୍ୟମକୁ କହିଛନ୍ତି। ୧୮ ତାରିଖରେ ଅଜିତ ଏନ୍‌ଡିଏ ବୈଠକରେ ଯୋଗଦେବାକୁ ଥିବାବେଳେ ଶରଦ ପାୱାର ବିରୋଧୀ ମେଣ୍ଟରେ ଯୋଗଦେଇଛନ୍ତି। ଏନ୍‌ସିପି ସୁପ୍ରିମୋଙ୍କୁ ଏନ୍‌ଡିଏରେ ଯୋଗଦେବା ଲାଗି ବୁଝାଇବାକୁ ଅଜିତ ଓ ଅନ୍ୟ ମନ୍ତ୍ରୀମାନେ ଉଦ୍ୟମ ଚଳାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଏନ୍‌ସିପିର ୫୩ ବିଧାୟକଙ୍କ ମଧ୍ୟରୁ ତାଙ୍କ ପ୍ରତି ୪୦ ଜଣଙ୍କର ସମର୍ଥନ ଥିବା ଅଜିତ ଦାବି କରୁଛନ୍ତି। ସୋମବାର ବୈଠକରେ ଏନ୍‌ସିପି ମନ୍ତ୍ରୀମାନଙ୍କ ସହ ବିଧାୟକମାନେ ମଧ୍ୟ ଉପସ୍ଥିତ ଥିଲେ।

### ୫ ବର୍ଷରେ ୧୩.୫ କୋଟି ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି

#### ନୀତି ଆୟୋଗ ରିପୋର୍ଟ

**ନୂଆଦିଲ୍ଲୀ, ୧୭।୭(ପି.ଟି.):** ୨୦୨୧ ମାର୍ଚ୍ଚରେ ଶେଷ ହେଉଥିବା ୫ ବର୍ଷ ମଧ୍ୟରେ ଭାରତର ୧୩.୫ କୋଟି ଲୋକ ବହୁବିଧ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ନୀତି ଆୟୋଗ ରିପୋର୍ଟରେ କୁହାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବନ ଧାରଣ ମାନରେ ଉନ୍ନତି ହୋଇଥିବା ଜଣାପଡ଼ିଛି। ଉତ୍ତରପ୍ରଦେଶ, ବିହାର ଏବଂ ମଧ୍ୟପ୍ରଦେଶରେ ଦାରିଦ୍ର୍ୟରେ ଦ୍ରୁତ ହ୍ରାସ ଘଟିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୧୫-୧୬ରେ ଭାରତରେ ବହୁବିଧ ଦାରିଦ୍ର୍ୟ ହାର ୨୪.୮୫ ପ୍ରତିଶତ ଥିବାବେଳେ ୨୦୧୯-୨୧ରେ ତାହା ୧୪.୯୬ ପ୍ରତିଶତକୁ ହ୍ରାସ ପାଇଛି। ଅର୍ଥାତ୍ ୫ ବର୍ଷ ମଧ୍ୟରେ ଦାରିଦ୍ର୍ୟ ହାର ୯.୮୯ ପ୍ରତିଶତ କମିଥିବା ଜାତୀୟ ବହୁବିଧ ଦାରିଦ୍ର୍ୟ ସୂଚକାଙ୍କର ଦ୍ୱିତୀୟ ସଂସ୍କରଣରୁ ଜଣାପଡ଼ିଛି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଦ୍ରୁତ ହ୍ରାସ ଘଟୁଛି। ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ୩୨.୫୯ ପ୍ରତିଶତରୁ ୧୯.୨୮ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ସହରାଞ୍ଚଳ ଦାରିଦ୍ର୍ୟ ୮.୬୫ ପ୍ରତିଶତରୁ ୫.୨୭ ପ୍ରତିଶତକୁ କମିଛି।



ଆକ୍ରମଣ ପରେ କ୍ରିମିଆ ବ୍ରିଜ୍‌ର କିଛି ଅଂଶ ନଷ୍ଟ ହୋଇଯାଇଛି।

## କ୍ରିମିଆ ବ୍ରିଜ୍‌ରେ ଡ୍ରୋନ୍ ଆକ୍ରମଣ

### ମା'ବାପା ନିହତ, ଝିଅ ଆହତ

**ମସ୍କୋ, ୧୭।୭:** ରୁଷିଆ ଦଖଲରେ ଥିବା କ୍ରିମିଆ ବ୍ରିଜ୍ ଉପରେ ସୋମବାର ଭୋର୍ ସମୟରେ ଡ୍ରୋନ୍ ଆକ୍ରମଣ ହୋଇଛି। ଏଥିରେ ଉକ୍ତ ବ୍ରିଜ୍ ଦେଇ କାର୍‌ରେ ଯାଉଥିବା ରୁଷିଆର କ୍ରାସ୍‌ନୋଦର ଅଞ୍ଚଳର ଜଣେ ଝିଅ ଆହତ ହୋଇଥିବାବେଳେ ତାଙ୍କ ମା' ଓ ବାପାଙ୍କ ମୃତ୍ୟୁ ଘଟିଛି। ୟୁକ୍ରେନୀୟ ନୌସେନା ଏବଂ ଏସ୍‌ବିୟୁ ସିକ୍ୟୁରିଟି ସର୍ଭିସ୍ ପକ୍ଷରୁ ଏହି ଆକ୍ରମଣ କରାଯାଇଥିବା ରୁଷିଆ କହିଛି। ଆକ୍ରମଣ ପରେ ଜରୁରୀ ସ୍ଥିତି ସୃଷ୍ଟି ହୋଇଥିବାରୁ ସଡ଼କ ଓ ରେଳ ବ୍ରିଜ୍‌ରେ ଯାତାୟାତ ବନ୍ଦ କରାଯାଇଛି। ୨୦୧୪ରେ ମସ୍କୋ କ୍ରିମିଆକୁ ଦଖଲ କରିବା ପରେ ପରିବହନ ଓ ସୈନ୍ୟଙ୍କ ଯାତାୟାତ ସୁବିଧା ପାଇଁ ରୁଷିଆ ଏହି କେର୍ଚ ବ୍ରିଜ୍‌କୁ ନିର୍ମାଣ କରିଥିଲା। ୨୦୨୨ ଅକ୍ଟୋବରରେ ହୋଇଥିବା ଏକ ଶକ୍ତିଶାଳୀ ଟ୍ରକ୍ ବିସ୍ଫୋରଣରେ ବ୍ରିଜ୍ ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ମଧ୍ୟ ମସ୍କୋ ଆକ୍ରମଣ ପାଇଁ ୟୁକ୍ରେନ୍‌କୁ ଦୋଷ ଦେଇଥିଲା, କିନ୍ତୁ କିଭ୍ ଏହି ଅଭିଯୋଗକୁ ଖଣ୍ଡନ କରିଥିଲା।

# ଜବତ ଏତେ, ଲୁଟିଛି କେତେ



**ନୂଆଦିଲ୍ଲୀ, ୧୭।୭**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

## ୨,୩୮୧ କୋଟି ଟଙ୍କାର ଡ୍ରଗ୍ସ ନଷ୍ଟ କରାଇଲେ ଅମିତ ଶାହା



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ତତ୍ତ୍ୱାବଧାନରେ ସୋମବାର ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଦ୍ୱାରା ସାରା ଦେଶରେ ୧,୪୪,୦୦୦ କେ.ଜି. ଡ୍ରଗ୍ସ ନଷ୍ଟ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୨,୩୮୧ କୋଟି ଟଙ୍କା ହେବ। ସଦ୍ୟ କାର୍ଯ୍ୟାନୁଷ୍ଠାନ ସହ ଭାରତରେ ବର୍ଷକ ମଧ୍ୟରେ ନଷ୍ଟ କରାଯାଇଥିବା ମୋଟ ଡ୍ରଗ୍ସର ଓଜନ ପ୍ରାୟ ୧୦ ଲକ୍ଷ କେ.ଜି. ଏବଂ ମୂଲ୍ୟ ୧୨,୦୦୦ କୋଟି ଟଙ୍କା ହେବ। ନୂଆଦିଲ୍ଲୀରେ ଆୟୋଜିତ ଡ୍ରଗ୍ସ ଟ୍ରାଫିକିଂ ଆଣ୍ଡ୍ ନ୍ୟାଶନାଲ ସିକ୍ୟୁରିଟି ଆଞ୍ଚଳିକ ସମ୍ମିଳନୀରେ ସମସ୍ତ ରାଜ୍ୟର ଆଣ୍ଟି-ନାର୍କୋଟିକ୍ସ ଟାସ୍କ ଫୋର୍ସ (ଏଏନ୍‌ଟିଏଫ୍) ସହ ସମନ୍ୱୟ ରଖି ଏହାକୁ ନଷ୍ଟ କରାଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ଜାତୀୟ ରାଜଧାନୀରେ ଏହାକୁ ଭର୍ଚୁଆଲି ନିରୀକ୍ଷଣ କରିଥିଲେ। ଏହି ଅବସରରେ ଶାହା ଡ୍ରଗ୍ସ ସିଣ୍ଡିକେଟ୍‌ଗୁଡ଼ିକ ଉପରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଛନ୍ତି। ଏଥିସହ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ/ଉପରାଜ୍ୟପାଳମାନେ ଅନୁରୂପ ପଦକ୍ଷେପ ନିଅନ୍ତୁ ବୋଲି ଅନୁରୋଧ କରିଛନ୍ତି। ସର୍ବାଧିକ ସଚେତନତା ସୃଷ୍ଟି ହେଉଛି ଏହି ଲଢ଼େଇ ଦିଗରେ ସବୁଠୁ ବଡ଼ ପଦକ୍ଷେପ। ଯୁବପିଢ଼ିଙ୍କଠାରେ ସର୍ବାଧିକ ସଚେତନତା ସୃଷ୍ଟି ନ କରିବା ପର୍ଯ୍ୟନ୍ତ ଆମେ ଲଢ଼େଇରେ ଜିତିବା ନାହିଁ ବୋଲି ଶାହା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଅମଳରେ ଡ୍ରଗ୍ସ ଆତଙ୍କ ବିରୋଧରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସାକରି ଶାହା କହିଛନ୍ତି, ୨୦୦୬ରୁ ୨୦୧୩ ମଧ୍ୟରେ ମୋଟ ୧.୫୨ ଲକ୍ଷ କେ.ଜି. ଡ୍ରଗ୍ସ ଜବତ ହୋଇଥିବାବେଳେ ୧,୨୫୦ ମାମଲା ରୁଜୁ କରାଯାଇଥିଲା। ୨୦୧୪ରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସରକାର କ୍ଷମତାକୁ ଆସିବା ପରଠୁ ୨୦୨୩ ପର୍ଯ୍ୟନ୍ତ ୩.୯୪ ଲକ୍ଷ କେ.ଜି. ଡ୍ରଗ୍ସ ଜବତ ସହ ୩,୭୦୦ ମାମଲା ରୁଜୁ କରାଯାଇଛି। ଅର୍ଥାତ୍ ମାମଲା ରୁଜୁ ଓ ଡ୍ରଗ୍ସ ଜବତ କ୍ଷେତ୍ରରେ ୧୬୦% ଅଭିବୃଦ୍ଧି ଘଟିଛି। ଏଠାରେ ପ୍ରଶ୍ନ ଉଠୁଛି, ଯଦି ଏତେ ପରିମାଣର ଡ୍ରଗ୍ସ ଜବତ ହୋଇଛି ତେବେ ଆଉ କେତେ ନିଶାସାମଗ୍ରୀ ଦେଶର ବିଭିନ୍ନ ଭାଗରେ ମହଜୁଦ ହୋଇରହିଛି, ଯାହାର ଚାଲାଣକାରୀମାନଙ୍କୁ ମୋଦି ସରକାରଙ୍କ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଧରିପାରୁ ନାହିଁ। ପୂର୍ବର କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ଅମଳରେ କମ୍ ଜବତ ହେବାର ତାତ୍ପର୍ଯ୍ୟ ନୁହେଁ ଯେ, ସେତେବେଳର ଧରପଗଡ଼କାରୀ ସଂସ୍ଥାଗୁଡ଼ିକ ଦୁର୍ବଳ ଥିଲେ ଏବଂ ମୋଦି ସରକାର ଆସିବା ପରେ ହଠାତ୍ ସମସ୍ତେ ତତ୍ପର ହୋଇ ଉଠିଲେ। ଶାହାଙ୍କ ବକ୍ତବ୍ୟର ଆଉ ଗୋଟିଏ ଦିଗକୁ ଅନୁଧ୍ୟାନକଲେ ମୋଦିଙ୍କ ଏନ୍‌ଡିଏ ଶାସନରେ ଡ୍ରଗ୍ସ କାରବାର ୧୬୦% ବୃଦ୍ଧି ପାଇଥିବା ବୁଝିବା କଷ୍ଟକର ନୁହେଁ। ଇତିମଧ୍ୟରେ ନୂଆଦିଲ୍ଲୀକୁ ଆଉ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ୨୦୨୩ ଏପ୍ରିଲ ୫ରେ ଭାରତ ୟୁନାଇଟେଡ୍ ନେଶନ୍ସ ଷ୍ଟାଟିଷ୍ଟିକାଲ କମିଶନ୍ ନାର୍କୋଟିକ୍ ଡ୍ରଗ୍ସର ସଦସ୍ୟ ନିର୍ବାଚିତ ହୋଇଛି। ଜାତିସଂଘର ଡ୍ରଗ୍ସ ନିରୋଧୀ ସଂସ୍ଥାରେ ପ୍ରତିନିଧିତ୍ୱ ସୁଯୋଗ ପାଇଥିବା ଭାରତକୁ ନିଷିଦ୍ଧ ନିଶାଦ୍ରବ୍ୟ ଚାଲାଣ ବିରୋଧରେ ଚାଲିଥିବା ବୈଶ୍ୱିକ ଲଢ଼େଇରେ ସାମିଲ ହେବା ପାଇଁ ଏକ ସୁଯୋଗ ମିଳିଯାଇଛି। ତେଣୁ ଆଗାମୀ ଦିନରେ ଉପା ଅମଳଠାରୁ ୧୬୦% କମ୍ ଡ୍ରଗ୍ସ ଜବତ ହେଲେ ମୋଦି ସରକାରଙ୍କ ଶାସନ କାଳରେ ପ୍ରକୃତରେ ଡ୍ରଗ୍ସ ବ୍ୟବହାର ଓ ଚାଲାଣ ହ୍ରାସ ପାଇଛି ବୋଲି ବିବେଚନା କରାଯିବ।

ସୋମବାର ନଷ୍ଟ କରାଯାଇଥିବା ଡ୍ରଗ୍ସ ମଧ୍ୟରେ ଏନ୍‌ସିବି ହାଇଦ୍ରାବାଦ ୟୁନିଟ୍ ପକ୍ଷରୁ ଜବତ କରାଯାଇଥିବା ୬,୫୯୦ କେ.ଜି., ଇନ୍ଦୋର ୟୁନିଟ୍‌ର ୮୨୨ କେ.ଜି. ଓ ଜମ୍ମୁ ୟୁନିଟ୍‌ର ୩୫୬ କେ.ଜି. ରହିଛି। ଏହାବାଦ୍ ବିଭିନ୍ନ ରାଜ୍ୟର ଭିନ୍ନ ଭିନ୍ନ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ମଧ୍ୟ ଏହି ଅଭିଯାନରେ ସାମିଲ ହୋଇଥିଲେ। ମଧ୍ୟପ୍ରଦେଶରେ ୧,୦୩,୮୮୪ (୧.୦୩ ଲକ୍ଷ) କେ.ଜି., ଆସାମରେ ୧,୪୮୬ କେ.ଜି., ଚଣ୍ଡିଗଡ଼ରେ ୨୨୯ କେ.ଜି.ଗୋଆରେ ୨୫ କେ.ଜି., ଗୁଜରାଟରେ ୪,୨୭୭ କେ.ଜି., ହରିୟାଣାରେ ୨,୪୫୮ କେ.ଜି., ଜମ୍ମୁ-କଶ୍ମୀରରେ ୪,୦୬୯ କେ.ଜି., ମହାରାଷ୍ଟ୍ରରେ ୧୫୯ କେ.ଜି., ତ୍ରିପୁରାରେ ୧,୮୦୩ କେ.ଜି. ଓ ମଧ୍ୟପ୍ରଦେଶରେ ୪,୦୪୯ କେ.ଜି. ଡ୍ରଗ୍ସ ଜବତ ହୋଇଥିଲା। ଏନ୍‌ସିବି ଆଞ୍ଚଳିକ ୟୁନିଟ୍ ଓ ରାଜ୍ୟଗୁଡ଼ିକର ଏଏନ୍‌ଟିଏଫ୍ ମିଳିତ ଭାବେ ୮,୭୬,୫୫୪ (୮.୭୬ ଲକ୍ଷ) କିଲୋଗ୍ରାମ୍ ଡ୍ରଗ୍ସ ଜବତ କରିଛନ୍ତି। ଏହି ଜବତ ନିଶାଦ୍ରବ୍ୟର ମୂଲ୍ୟ ପ୍ରାୟ ୯,୫୮୦ କୋଟି ଟଙ୍କା ହେବ, ଯାହାକି ଧାର୍ଯ୍ୟ ଟାର୍ଗେଟଠାରୁ ୧୧ ଗୁଣ ଅଧିକ। ୨୦୨୨ ମେ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୨୦୨୧ ଏପ୍ରିଲ ପରଠୁ ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ୩,୮୦୦ କେ.ଜି.ର ହେରୋଇନ୍ ଜବତ କରିଛନ୍ତି, ଯାହାର ଆନୁମାନିକ ମୂଲ୍ୟ ୨୬,୦୦୦ କୋଟି ଟଙ୍କା।

## ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

### ଇଭିଏମ୍ ସହ ଭିଭିପିଏଟିର ପୁନଃ ଯାଞ୍ଚ ଆବେଦନ

**ନୂଆଦିଲ୍ଲୀ, ୧୭।୭(ପି.ଟି.)**

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍)ରେ ରେକର୍ଡ ହୋଇଥିବା ଭୋଟ୍‌କୁ ଭୋଟର ଭେରିଫାଏବ୍ଲ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ସହ ଭୋଟରମାନଙ୍କ ଦ୍ୱାରା ପୁନଃ ଯାଞ୍ଚ ପାଇଁ ଏକ ଏନ୍‌ଜିଓ ପକ୍ଷରୁ ଦାଏର ପିଟିଶନ ଉପରେ ସୁପ୍ରିମକୋର୍ଟ ସୋମବାର ନିର୍ବାଚନ କମିଶନ (ଇସି)ଙ୍କୁ ଜବାବ ମାଗିଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ ନିର୍ବାଚନ କମିଶନଙ୍କୁ ନୋଟିସ ଜାରି ନ କରି ଏନ୍‌ଜିଓ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପକ୍ଷରୁ ଦାଏର ପିଟିଶନର ଏକ ନକଲ ନିର୍ବାଚନ କମିଶନ୍‌ର ସ୍ଥାୟୀ ପରିଷଦକୁ ପଠାଇବାକୁ କହିଥିଲେ। ଇସିଙ୍କୁ ୩ ସପ୍ତାହ ମଧ୍ୟରେ ଜବାବ ରଖିବାକୁ କୁହାଯାଇଛି। ଏହା ସନ୍ଦେହ ଆଧାରିତ ମାମଲା ବୋଲି ଆମେ ଭାବୁଛୁ। ଏଭଳି କୌଣସି ସମସ୍ୟା ଯଦି ଥାଏ, ତେବେ ସେଗୁଡ଼ିକର ସମାଧାନ ପାଇଁ ଇସିଙ୍କୁ ପଦକ୍ଷେପ ନେବାକୁ ପଡ଼ିବ। ଇସି ପଦକ୍ଷେପ ନେବା ନେଇ ଆମେ ନିଶ୍ଚିତ ବୋଲି ଖଣ୍ଡପୀଠ କହିଛନ୍ତି। ସେଥିପାଇଁ ଇସିଙ୍କୁ ନୋଟିସ ଜାରି ନ କରି ଏନ୍‌ଜିଓ ତରଫରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କୁ କେବଳ ଏନ୍‌ଜିଓ ପିଟିଶନର ନକଲ ଦେବା ପାଇଁ କହିଥିଲେ।



ଉତ୍ତରାଖଣ୍ଡର ହରିଦ୍ୱାରସ୍ଥିତ ଗଙ୍ଗାନଦୀର ହର୍ କୀ ପଉରି ଘାଟରେ ଶ୍ରାବଣର ଦ୍ୱିତୀୟ ସୋମବାର ଭକ୍ତମାନେ ବୁଡ଼ ପକାଉଛନ୍ତି।

## ତାମିଲନାଡୁ ମନ୍ତ୍ରୀଙ୍କ ଘରେ ଇଡି ଚଢ଼ାଉ: ନଗଦ ୬୦ ଲକ୍ଷ ଜବତ

**ଚେନ୍ନାଇ, ୧୭।୭**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ମନିଲଣ୍ଡରିଂ ମାମଲାରେ ଡିଏମ୍‌କେ ନେତା ତଥା ତାମିଲନାଡୁର ଉଚ୍ଚଶିକ୍ଷା ମନ୍ତ୍ରୀ କେ. ପୋନ୍‌ମୁଡ଼ି ଓ ତାଙ୍କ ଏମ୍‌ପି ପୁଅ ଗୌତମ ସିଗାମନିଙ୍କ ଘରେ ଚଢ଼ାଉକରି ୧୦ ଲକ୍ଷ ଟଙ୍କାର ବିଦେଶୀ ମୁଦ୍ରା ସମେତ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଜବତ କରିଛି। ଶାସକ ଡିଏମ୍‌କେ ଏହାକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛି। ପୋନ୍‌ମୁଡ଼ି ୨୦୦୭ରୁ ୨୦୧୧ ଖଣିମନ୍ତ୍ରୀ ଥିବାବେଳେ ହୋଇଥିବା ଅନିୟମିତତାକୁ ନେଇ ମନିଲଣ୍ଡରିଂ ମାମଲା ରୁଜୁ ହୋଇଥିଲା। ଖଣି ଲାଇସେନ୍ସ ସର୍ତ୍ତାବଳୀର ଉଲ୍ଲଂଘନ କରି ମନ୍ତ୍ରୀ ତାଙ୍କ ପୁଅ ଓ ପରିବାରର ଅନ୍ୟ ସଦସ୍ୟଙ୍କ ନାଁରେ ଖଣି ଲାଇସେନ୍ସ କରାଇଥିଲେ। ଏହି ଅନିୟମିତତା ପାଇଁ ରାଜ୍ୟ ରାଜକୋଷରୁ ୨୮ କୋଟି ଟଙ୍କା କ୍ଷତି ହୋଇଥିଲା। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ସୋମବାର ବେଙ୍ଗାଲୁରୁରେ ମିଳିତ ବିରୋଧୀ ଦଳ ବୈଠକରେ ଯୋଗଦେଇଥିବାବେଳେ ତାଙ୍କ ମନ୍ତ୍ରୀଙ୍କ ଘରେ ଇଡି ଚଢ଼ାଉ କରିଛି।

## ଭୋପାଳ-ଦିଲ୍ଲୀ ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ ନିଆଁ

**ନୂଆଦିଲ୍ଲୀ, ୧୭।୭**

ଭୋପାଳରୁ ଦିଲ୍ଲୀ ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଏକ ବଗିରେ ସୋମବାର ସକାଳେ ନିଆଁ ଲାଗିଯାଇଥିଲା। ବଗିରେ ଥିବା ବ୍ୟାଟେରି ବକ୍ସରେ ନିଆଁ ଲାଗିବାରୁ ଚକ ନିକଟରୁ ପ୍ରବଳ ଧୂଆଁ ଉଠୁଥିବା ଦେଖାଯାଇଥିଲା। ତେବେ ସମସ୍ତ ଯାତ୍ରୀଙ୍କୁ ନିରାପଦରେ ଓହ୍ଲାଇ ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ତୁରନ୍ତ ନିଆଁକୁ ଆୟତ୍ତ କରିବା ପରେ ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ଅନୁଧ୍ୟାନ ଆରମ୍ଭ ହୋଇଥିଲା। ଯାନ୍ତ୍ରିକ ପରୀକ୍ଷା ନିରୀକ୍ଷା ପରେ ଟ୍ରେନ୍‌ଟି ଗନ୍ତବ୍ୟ ସ୍ଥଳ ଅଭିମୁଖେ ଛାଡ଼ିଥିଲା। ମଧ୍ୟପ୍ରଦେଶର କୁର୍‌ୱାଇ କେଥୋରା ଷ୍ଟେଶନରେ ସକାଳ ପ୍ରାୟ ୮ଟାରେ ଏଭଳି ଅଗ୍ନି ଦୁର୍ଘଟଣା ଘଟିଛି। ଟ୍ରେନ୍‌ଟି ସକାଳ ୫ଟା ୪୦ରେ ଭୋପାଳ ଷ୍ଟେଶନ ଛାଡ଼ି ଅପରାହ୍ନ ୧ଟା ୧୦ରେ ଦିଲ୍ଲୀର ହଜରତ ନିଜାମୁଦ୍ଦିନ ଷ୍ଟେଶନରେ ପହଞ୍ଚିଥିଲା।



## ଦିଲ୍ଲୀ ଉପରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ରାଜନୈତିକ ବିବାଦରୁ ଊର୍ଦ୍ଧ୍ୱରେ ରହିବାକୁ ହେବ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୭।୭**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କୁ ରାଜନୈତିକ ବିବାଦରୁ ଊର୍ଦ୍ଧ୍ୱରେ ରହିବାକୁ ହେବ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଦିଲ୍ଲୀ ସରକାରଙ୍କର ଏହାର ପ୍ରଶାସନିକ ଅଧିକାରୀଙ୍କ ଉପରେ ଅଧିକ ନିୟନ୍ତ୍ରଣ ରହିବା ନେଇ ସର୍ବୋଚ୍ଚ ଅଦାଲତ ରାୟ ଦେଇଥିବାବେଳେ ଏହାକୁ ଅକାମୀ କରିବା ପାଇଁ କେନ୍ଦ୍ର ସରକାର ବିବାଦୀୟ ଅଧ୍ୟାଦେଶ ଆଣିଥିଲେ। ଏହାକୁ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂରକରିବା ପାଇଁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ଦିଲ୍ଲୀ ବିଦ୍ୟୁତ୍ ନିୟାମକ ଆୟୋଗ (ଡିଇଆର୍‌ସି) ନିଯୁକ୍ତ ନିମନ୍ତେ ଉପରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ଏକାଠି ବସି ସହମତିରେ ପ୍ରାର୍ଥୀ ଦେବା ପାଇଁ ସର୍ବୋଚ୍ଚ ଅଦାଲତ ପ୍ରସ୍ତାବ ଦେଇଥିଲେ। ଉପରାଜ୍ୟପାଳଙ୍କ ଓକିଲ ହରିଶ ସାଲ୍‌ଭେ ଅଦାଲତଙ୍କ ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି। ଡିଇଆର୍‌ସିରେ କେହି ଅଧ୍ୟକ୍ଷ ନ ଥିବା ଆମ୍ ଆଦ୍‌ମୀ ପାର୍ଟି ସରକାରଙ୍କ ଓକିଲ ଅଭିଷେକ ମନୁ ସିଂଘଭି କହିବା ପରେ ଅଦାଲତ ଉପରୋକ୍ତ ପ୍ରସ୍ତାବ ଦେଇଥିଲେ।

ଅଧ୍ୟାଦେଶ ସ୍ଥାନରେ କେନ୍ଦ୍ର ସରକାର ଆଗାମୀ ପାର୍ଲାମେଣ୍ଟ ଅଧିବେଶନରେ ବିଲ୍ ଆଗତ କରିବେ ବୋଲି ସତ୍ୟପାଠ ଦାଖଲ କରିଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ। ଅଧ୍ୟାଦେଶକୁ ଚ୍ୟାଲେଞ୍ଜକରି ଦାଏର ଦ୍ୱିତୀୟ ପିଟିଶନର ଶୁଣାଣି ପରେ ଅଦାଲତ ନୋଟିସ ଜାରି କରିବା ସହ ମାମଲାକୁ ସାମ୍ବିଧାନିକ ପୀଠକୁ ପଠାଇବେ। ଗୁରୁବାର ଏହାର ପରବର୍ତ୍ତୀ ଶୁଣାଣି ହେବ।

## 'ନ୍ୟାୟିକ କାର୍ଯ୍ୟ ଅଟକାଇବା ଗ୍ରହଣୀୟ ନୁହେଁ'

**ନୂଆଦିଲ୍ଲୀ, ୧୭।୭(ପି.ଟି.)**



ଅଦାଲତଗୁଡ଼ିକର ନ୍ୟାୟିକ କାର୍ଯ୍ୟକୁ ଅଟକାଇବା ଗ୍ରହଣୀୟ ନୁହେଁ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଗତ ବର୍ଷକ ମଧ୍ୟରେ ବାର୍ ଆସୋସିଏଶନଗୁଡ଼ିକ ଯେତେବେଳେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି, ସେତେବେଳେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସତ୍ୟପାଠ ଜରିଆରେ ଜଣାଇବା ପାଇଁ ସର୍ବୋଚ୍ଚ ଅଦାଲତ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ (ବିସିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଓକିଲ ଆନ୍ଦୋଳନ ବିରୋଧରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶର ଉଲ୍ଲଂଘନ ହେଉଥିବା ନେଇ ଏନ୍‌ଜିଓ 'କମନ କଜ୍' ପକ୍ଷରୁ ଅଦାଲତ ଅବମାନନା ପିଟିଶନ ଦାଏର ହୋଇଥିଲା। ନ୍ୟାୟିକ ଅଦାଲତର କାର୍ଯ୍ୟକୁ ରୋକାଯାଇ ପାରିବ ନାହିଁ ବୋଲି ଜଷ୍ଟିସ୍ ଏସ୍.କେ. କୌଲ ଏବଂ ସୁଧାଂଶୁ ଧୂଳିଆଙ୍କ ଖଣ୍ଡପୀଠ କହିଛନ୍ତି। ମାତ୍ରାଧିକ ମାମଲା ଯୋଗୁ ଲୋକେ ଜାମିନ ପାଇପାରୁନାହାନ୍ତି ବୋଲି ଖଣ୍ଡପୀଠ କହିଥିଲେ। କାର୍ଯ୍ୟରେ ବାଧା ସୃଷ୍ଟି ହେଲେ ଏହାକୁ ଭରଣା କରିବା ଅଦାଲତ ପାଇଁ କଷ୍ଟକର ହୋଇଥାଏ, ଯାହା ବାସ୍ତବ ସମସ୍ୟା। ବିସିଆଇ ଏଥିପାଇଁ ନିୟମାବଳୀ ପ୍ରଣୟନ କରିଥିବା ଏହାର ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ମନନ କୁମାର ମିଶ୍ରା ଶୀର୍ଷ ଅଦାଲତଙ୍କୁ କହିଥିଲେ। ଏନ୍‌ଜିଓ ପକ୍ଷର ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ, ବିସିଆଇ ନିୟମାବଳୀର ନକଲ ସେମାନେ ପାଇନାହାନ୍ତି। ସୋମବାର ମଧ୍ୟ ଦିଲ୍ଲୀ ହାଇକୋର୍ଟରେ ଓକିଲଙ୍କ ଧର୍ମଘଟ ଚାଲିଛି ବୋଲି ଭୂଷଣ କହିଥିଲେ। ଜଷ୍ଟିସ ଗୌରାଙ୍ଗ କାନ୍ତଙ୍କୁ କାଲକାଟା ହାଇକୋର୍ଟକୁ ବଦଳି କରାଯାଇଥିବାରୁ ଏହାର ପ୍ରତିବାଦରେ ଦିଲ୍ଲୀ ହାଇକୋର୍ଟ ବାର୍ ଆସୋସିଏଶନର ଡାକରାରେ ପ୍ରତୀକାତ୍ମକ ଧର୍ମଘଟ କରାଯାଇଥିଲା। ବିସିଆଇ ଠିଆ ନିୟମାବଳୀ ଉପସ୍ଥାପନ ଲାଗି ଚାହିଁବା ସହ ଅଦାଲତ ଏହାକୁ ଆନୁଷ୍ଠାନିକ ଅନୁମୋଦନ କଲେ ନିୟମାବଳୀ ପ୍ରଣୟନ କରାଯିବ ବୋଲି କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ଜୁଲାଇ, ୨୦୨୩



# ଗୃହିଣୀଙ୍କ ପାଇଁ ଟିପ୍ସ

**ବର୍ଷାଦିନ ଆସିଲା ମାନେ କିପରି ଲୁଗାପଟା ଶୁଖିବ ଏଥିପାଇଁ ସମସ୍ତଙ୍କର ଚିନ୍ତା ପଡ଼ିଯାଏ। କାରଣ ଏହିଦିନରେ ବେଶି ଖରା ପଡ଼େନି । ଫଳରେ କପଡ଼ା ଯେତେ ପବନରେ ପଡ଼ିଲେ ସୁଦ୍ଧା ଏହା ଓଦାଳିଆ ଅନୁଭବ ହୁଏ। ଏହା ସହ ବେଳେବେଳେ କପଡ଼ାରୁ ଦୁର୍ଗନ୍ଧ ମଧ୍ୟ ବାହାରିଥାଏ। ଏବେ ଜାଣିବା ଏହି ଦିନରେ ନିଜର ଲୁଗାପଟା କିପରି ଶୁଖାଇବେ...**



**ଫ୍ୟାନ୍ ତଳେ ଶୁଖାନ୍ତୁ :** ଫ୍ୟାନ୍ ତଳେ ଲୁଗାପଟା ଶୁଖାଇବା ନିୟମକୁ ପ୍ରାୟ ସମସ୍ତେ ପାଳନକରନ୍ତି। ଏହି ଉପାୟଟି ପ୍ରାୟ ଅତି ସାଧାରଣ ଏବଂ ସହଜ। ପ୍ରଥମେ ଓଦା କପଡ଼ାକୁ ଭଲଭାବେ ଚିପୁଡ଼ି ବାଥରୁମ୍ ହ୍ୟାଙ୍ଗରରେ ଟାଙ୍ଗିରଖନ୍ତୁ। ଏଥିରୁ ପାଣି ନିଗିଡ଼ିସାରିଲା ପରେ ଏହାକୁ ସିଲିଂ ଫ୍ୟାନ୍ ତଳେ କିମ୍ବା ଟେବୁଲ ଫ୍ୟାନ୍ ପାଖରେ ଶୁଖାନ୍ତୁ। ଲୁଗାପଟା ଶୁଖାଇଲା ପରେ ଫ୍ୟାନ୍‌କୁ ସ୍ପିଡରେ ଚଲାନ୍ତୁ। କପଡ଼ାରେ ପବନ ବାଜିବା କାରଣରୁ ଏହା ଜଲ୍‌ଦି ଶୁଖିଥାଏ।

**ଟାୱେଲ ବ୍ୟବହାର କରିପାରିବେ:** ଓଦା ଲୁଗାପଟା ଶୁଖାଇବା ଲାଗି ଆପଣ ଟାୱେଲ ବ୍ୟବହାର କରିପାରିବେ। ଏଥିପାଇଁ ପ୍ରଥମେ ଆପଣଙ୍କୁ ଓଦା ଲୁଗାପଟାକୁ ଭଲଭାବେ ଚିପୁଡ଼ି ଦିଅନ୍ତୁ। ଏହାପରେ ଓଦା ହୋଇଥିବା କପଡ଼ାକୁ ଶୁଖିଲା ଟାୱେଲ ଉପରେ ଶୁଖାଇ ଦିଅନ୍ତୁ। ଫଳରେ ଶୁଖିଲା ଟାୱେଲରେ ପାଣି ବାହାରି ଲୁଗାପଟା ଶୁଖିବାକୁ ଲାଗିବ। ଏହି ଉପାୟକୁ ୨ଥର କରି ଲୁଗାପଟାକୁ ଫ୍ୟାନ୍ ତଳେ ଶୁଖାଇବା ଦ୍ୱାରା ଜଲ୍‌ଦି ଶୁଖିଯିବ।

**ନ୍ୟୁଜ୍‌ପେପରର ସହାୟତା ନେଇପାରିବେ:** ଯଦି ଆପଣ ଡାର୍କ ଲୁଗାପଟା ଶୁଖାଇବାକୁ ଚାହୁଁଥାନ୍ତି ତେବେ ଓଦା ଲୁଗାପଟାକୁ ଓଲଟାକରି ନ୍ୟୁଜ୍‌ପେପର ରଖି ଭଲଭାବେ ପ୍ରେସ୍ କରନ୍ତୁ। ଯଦି ଲୁଗାପଟା ନ ଶୁଖୁଛି ଏହି ଉପାୟ ଆଉ ଥରେ ପ୍ରୟୋଗ କରନ୍ତୁ। ଏହାଦ୍ୱାରା ଲୁଗାପଟା ନିଶ୍ଚୟ ଶୁଖିଯିବ। ଏହି ଉପାୟଟିକୁ ଲାଇଟ୍ କଲର ଡ୍ରେସ୍‌ରେ ଆପ୍ଲାଏ କରନ୍ତୁ ନାହିଁ। କାରଣ ଖବରକାଗଜର କାଳି ଆପଣଙ୍କ ଡ୍ରେସ୍ ଉପରେ ଲାଗିଯିବାର ସମ୍ଭାବନା ରହିଛି।

**ପ୍ରେସ୍ ବ୍ୟବହାର କରନ୍ତୁ:** ସବୁ ଚେଷ୍ଟା ଯଦି ଅସଫଳ ହୁଏ, ଏହା ପରେ ଆପଣ ଇଲେକ୍ଟ୍ରିକ୍ ଆଇରନ୍‌ର ସହାୟତା ନେଇପାରିବେ। ପ୍ରଥମେ ଡ୍ରେସ୍‌କୁ ଆଇରନ୍ ବୋର୍ଡ ଉପରେ ପକାଇ ଧୀରେ ଧୀରେ ଆଇରନ୍ ଚଲାନ୍ତୁ। ଏହାଦ୍ୱାରା କପଡ଼ା ଜଲ୍‌ଦି ଶୁଖିଥାଏ ଏବଂ ଏହାକୁ ଆପଣ ପିନ୍ଧି ବାହାରକୁ ଯାଇପାରିବେ।

**ହେୟାର ଡ୍ରାୟର :** ଅସାବଧାନତା କାରଣରୁ ବେଳେବେଳେ ଆମର ଡ୍ରେସ୍ ଆଇରନ୍ କରିବା ସମୟରେ ଖରାପ ହୋଇଯାଏ। ଯଦି ଆପଣଙ୍କ ମନରେ ବି ଏମିତି ଭୟ ରହିଥାଏ ତେବେ ଏହା ବଦଳରେ ଆପଣ ହେୟାର ଡ୍ରାୟରର ସାହାଯ୍ୟ ନେଇପାରିବେ। ଏହାର ଗରମ ପବନ ଯୋଗୁ ଲୁଗାପଟା ଜଲ୍‌ଦି ଶୁଖିଯାଇଥାଏ।

ଫ୍ୟାଶନ

# ମନସୁନ୍ ଫ୍ୟାଶନ

**କେଶକୁ ହାଇପୋନି କିମ୍ବା ବନ୍ ବନାନ୍ତୁ**
ବର୍ଷାଦିନରେ କେଶ ଓଦାହେବା କାରଣରୁ କେଶ ଖରାପ ହେବାର ଆଶଙ୍କା ରହିଥାଏ। ଏମିତିରେ ଯଦି ଆପଣ ଶର୍ଟ ଡ୍ରେସ୍ ପିନ୍ଧୁଛନ୍ତି ତେବେ କେଶକୁ ହାଇ ପୋନିଟେଲ୍ କରି କିମ୍ବା ହାଇପୋନି କରି ନିଜ ଲୁକ୍‌କୁ କମ୍ପ୍ଲିଟ୍ କରିପାରିବେ।

**ୱାଟରପ୍ରୁଫ୍ ମେକ୍‌ଅପ୍ ବ୍ୟବହାର କରନ୍ତୁ:** ବର୍ଷାଦିନରେ ନିଜର ଲୁକ୍‌କୁ ବଜାୟ ରଖିବାକୁ ହେଲେ ୱାଟରପ୍ରୁଫ୍ ମେକ୍‌ଅପ୍‌କୁ ଚୟନ କରିପାରିବେ। ଯଦି ଏହି ଦିନରେ ୱାଟରପ୍ରୁଫ୍ ମେକ୍‌ଅପ୍ ନେଉନାହାନ୍ତି ତେବେ ବର୍ଷା ସହ ଆପଣଙ୍କ ମେକ୍‌ଅପ୍ ମଧ୍ୟ ପାଣିରେ ଧୋଇହୋଇଯିବ।

**ଆରାମଦାୟକ ହେବ ଶର୍ଟ ଡ୍ରେସ୍:** ଏହିଦିନରେ ଶର୍ଟ ଡ୍ରେସ୍,ଶର୍ଟ ସ୍କର୍ଟ ଆଦି ପିନ୍ଧିପାରିବେ। ଏମିତିରେ ଗ୍ରେ ରଙ୍ଗର ପେନ୍‌ସିଲ୍ ସ୍କର୍ଟ ଧଳା ରଙ୍ଗର ଶାର୍ଟକୁ ପେୟାରକରି ପିନ୍ଧିଲେ ଏହା ଆପଣଙ୍କୁ ଭଲ ମାନିବ। ଏହିଦିନେ ମିନି ସ୍କର୍ଟ ଓ ପେନ୍‌ସିଲ୍ ସ୍କର୍ଟ ସବୁବେଳେ ପସନ୍ଦ ଆସୁଥିବା ବେଳେ ଏବେ ଟ୍ରେଞ୍ଚକୋର୍ଟ ଟ୍ରେଣ୍ଡ ଚାଲିଛି।

**ଛତା ଏବଂ ରେନ୍‌କୋର୍ଟ ପିନ୍ଧି ମଧ୍ୟ ଲାଗିବେ ଫ୍ୟାଶନବେଲ:** ଏହିଦିନରେ ବାହାରକୁ ଯିବା ମାତ୍ରେ ରେନ୍‌କୋର୍ଟ ଏବଂ ଛତାର ଆବଶ୍ୟକତା ପଡ଼ିଥାଏ। ଏବେ ଫ୍ଲୋରାଲ ପ୍ରିଣ୍ଟର ଛତା ବଜାରରେ ମିଳୁଛି। ଆପଣ ଏହାକୁ ବ୍ୟବହାର କରିବା ଦ୍ୱାରା ଅଧିକ ଷ୍ଟାଇଲିଶ୍ ଲାଗିବେ। ରେନ୍‌କୋର୍ଟ ମଧ୍ୟ ବଜାରରେ ବିଭିନ୍ନ ଡିଜାଇନ୍‌ର ମିଳୁଛି ଯାହାକୁ ଆପଣ ପିନ୍ଧି ଲାଗିବେ ଆହୁରି ଷ୍ଟାଇଲିଶ୍।

# ସରୋଗେସି ନିଷ୍ପତ୍ତି ନେବା ପୂର୍ବରୁ...



ଡା. ସୁଜାତା କର

ପିତାମାତା ହେବା ପାଇଁ ସବୁ ଦମ୍ପତି ଇଚ୍ଛା କରିଥାଆନ୍ତି। କିନ୍ତୁ ଦମ୍ପତିଙ୍କ ମଧ୍ୟରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟ ହେତୁ ଅନେକଙ୍କ ପାଇଁ ପିତାମାତା ହେବା ଏକ ସ୍ୱପ୍ନ ହୋଇ ରହିଯାଏ। ଟେକ୍ନୋଲୋଜି ଏବଂ ଡାକ୍ତରୀ ବିଜ୍ଞାନର ଅଗ୍ରଗତି ସହ ସନ୍ତାନ ସୁଖରୁ ବଞ୍ଚିତ ଦମ୍ପତିମାନଙ୍କୁ ଏହି ସୁଖ ଦେବା ପାଇଁ ଅନେକ ବିକଳ୍ପ ଆସିଯାଇଛି। ସରୋଗେସି ହେଉଛି ଏହିପରି ପଦ୍ଧତିଗୁଡ଼ିକ ମଧ୍ୟରୁ ଅନ୍ୟତମ।

ସରୋଗେସି ହେଉଛି ଏକ ପ୍ରଜନନ ପ୍ରଣାଳୀ, ଯେଉଁଥିରେ ଜଣେ ମହିଳା ଅନ୍ୟ ଦମ୍ପତିଙ୍କ ସନ୍ତାନଙ୍କୁ ନିଜ ଗର୍ଭାଶୟରେ ରଖିଥାନ୍ତି। ଗର୍ଭବତୀ ଥିବା ମହିଳାଙ୍କୁ ସରୋଗେଟ୍ କୁହାଯାଏ। ସେ ଆଇଭିଏଫ୍ ପ୍ରକ୍ରିୟା ଦ୍ୱାରା ଗର୍ଭବତୀ ହୋଇଥାନ୍ତି। ଯେଉଁ ଦମ୍ପତିଙ୍କ ସନ୍ତାନ ସରୋଗେଟ୍ ବହନ କରନ୍ତି ସେମାନଙ୍କୁ କମିଶନିଂ ଦମ୍ପତି କୁହାଯାଏ ଏବଂ ସେମାନଙ୍କର ଡିମ୍ବାଣୁ ଓ ଶୁକ୍ରାଣୁ ଆଇଭିଏଫ୍ ପ୍ରକ୍ରିୟା ସମୟରେ ବ୍ୟବହର ହୁଏ ଏବଂ ଶେଷରେ ସରୋଗେଟ୍ ଶିଶୁକୁ ଦମ୍ପତିଙ୍କୁ ଫେରାଇଦିଅନ୍ତି। ଯଦି ଆମେ ସରୋଗେସି ସମ୍ବନ୍ଧୀୟ ଚିନ୍ତା ବିଷୟରେ କହିବା, ତେବେ ଲୋକମାନେ ସରୋଗେସି ଆଇନଗତ କି ନୁହେଁ, ଏହାର ମୂଲ୍ୟ କେତେ ଏବଂ ପ୍ରାୟତଃ ସରୋଗେଟ୍ ମା ଶିଶୁକୁ ଫେରାଇବାରେ ସରୋଗେଟ୍‌ଠାରୁ କୌଣସି ସମସ୍ୟା ଆସିବ କି ନାହିଁ ଏହି ବିଷୟରେ ଅଧିକ ଚିନ୍ତା କରିଥାଆନ୍ତି। ପ୍ରକୃତରେ ବହୁ କମ୍ ଲୋକ ସରୋଗେସି ଆବଶ୍ୟକ କରନ୍ତି ଏବଂ କାହାକୁ ସରୋଗେସି ଦରକାର ତାହା କେବଳ ଡାକ୍ତର ହିଁ ସ୍ଥିର କରିପାରିବେ।

ସରୋଗେସି ଗ୍ରହଣ କରିବା ପାଇଁ ବିଭିନ୍ନ ଡାକ୍ତରୀ କାରଣ ରହିଛି ଯଥା- (୧) ଜନ୍ମରୁ କିମ୍ବା କର୍କଟ ରୋଗ କିମ୍ବା ଗର୍ଭଧାରଣ ଜଟିଳତା ହେତୁ ସର୍ଜିକାଲ ଅପସାରଣ କରି ଗର୍ଭାଶୟ ବାହାର କରାଯାଇଥିଲେ, (୨) ଗର୍ଭାଶୟରେ ଅସ୍ୱାଭାବିକ ଆକୃତି, (୩) ବାରମ୍ବାର ଗର୍ଭପାତ, (୪) ବାରମ୍ବାର ଆଇଭିଏଫ୍ ବିଫଳତା, (୫) ମହିଳାମାନଙ୍କଠାରେ ହୃଦ୍‌ଘାତ, କିଡ୍‌ନୀ ବିଫଳତା ଇତ୍ୟାଦି ଭଳି ଗୁରୁତର ରୋଗ ଗର୍ଭାବସ୍ଥାରେ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ। ଯଦିଓ ଗର୍ଭାବସ୍ଥାର ପ୍ରକ୍ରିୟା ସମାନ, ତଥାପି ସେମାନେ ଭିନ୍ନ ହେବାର ମୁଖ୍ୟ କାରଣ ହେଉଛି ସରୋଗେଟ୍ ମା’। ଜଣେ ସାଧାରଣ ମା’ ହେଉଛି ଶିଶୁର ଜେନେଟିକ୍ ମା’ ଯେଉଁଠି ସରୋଗେଟ୍ ମା’ ଶିଶୁ ସହ କୌଣସି ଜେନେଟିକ୍ ସମ୍ପର୍କ ନ ଥାଏ। ବିବାହର ଅବଧି, ସରୋଗେସି ଆବଶ୍ୟକ କରିବା ପାଇଁ ସ୍ୱାସ୍ଥ୍ୟ ଅବସ୍ଥା ଏବଂ ଦମ୍ପତିଙ୍କ ବୟସ ଉପରେ ଆଧାର କଲା ଭଳି ଅନେକ ମାନଦଣ୍ଡ ପୂରଣ କରୁଥିବା ବିବାହିତ ଦମ୍ପତିଙ୍କ ପାଇଁ ଭାରତରେ ସରୋଗେସି ଆଇନଗତ। ଅବଶ୍ୟ ଭାରତରେ ସରୋଗେସି ସମ୍ପୂର୍ଣ୍ଣ ନିଃସ୍ୱାର୍ଥପର। ଏହାର ଅର୍ଥ ହେଉଛି ସେରୋଗେଟ୍‌କୁ ଦମ୍ପତି ଟଙ୍କା ଦେଇପାରିବେ ନାହିଁ। ଏହା ସହ ଏକାକୀ ପିତାମାତା, ସମଲିଙ୍ଗୀ ଦମ୍ପତି, ଛାଡ଼ପତ୍ର କିମ୍ବା ବିଧବା ବ୍ୟକ୍ତି, ଟ୍ରାନ୍ସଜେଣ୍ଡର ବ୍ୟକ୍ତି, ଲିଭ୍-ଇନ୍ ପାର୍ଟନରମାନେ ଭାରତରେ ସରୋଗେସି ଚୟନ କରିପାରିବେ ନାହିଁ।

“ସରୋଗେସି ହେଉଛି ଏକ ପ୍ରଜନନ ପ୍ରଣାଳୀ, ଯେଉଁଥିରେ ଜଣେ ମହିଳା ଅନ୍ୟ ଦମ୍ପତିଙ୍କ ସନ୍ତାନକୁ ନିଜ ଗର୍ଭାଶୟରେ ରଖିଥାନ୍ତି । ଗର୍ଭବତୀ ଥିବା ମହିଳାଙ୍କୁ ସରୋଗେଟ୍ କୁହାଯାଏ। ସେ ଆଇଭିଏଫ୍ ପ୍ରକ୍ରିୟା ଦ୍ୱାରା ଗର୍ଭବତୀ ହୋଇଥାନ୍ତି। ଯେଉଁ ଦମ୍ପତିଙ୍କ ସନ୍ତାନ ସରୋଗେଟ୍ ବହନ କରନ୍ତି ସେମାନଙ୍କୁ କମିଶନିଂ ଦମ୍ପତି କୁହାଯାଏ ଏବଂ ସେମାନଙ୍କ ଡିମ୍ବାଣୁ ଓ ଶୁକ୍ରାଣୁ ଆଇଭିଏଫ୍ ପ୍ରକ୍ରିୟା ସମୟରେ ବ୍ୟବହୃତ ହୁଏ ଓ ଶେଷରେ ସରୋଗେଟ୍ ଶିଶୁକୁ ଦମ୍ପତିଙ୍କୁ ଫେରାଇଦିଅନ୍ତି ।”







ସରୋଗେଟ୍ ମା’ ହେବା ପାଇଁ ମହିଳାମାନେ ୨୧ ରୁ ୪୦ ବର୍ଷ ବୟସ ହେବା ଉଚିତ। ତାଙ୍କର ନିଜର ଏକ ସନ୍ତାନ ହେବା ଉଚିତ ଏବଂ ପିଲାଟିକୁ ଜନ୍ମଦେବା ପାଇଁ ଶାରୀରିକ ଭାବରେ ଫିଟ୍ ହେବା ଉଚିତ। ସରୋଗେସି ଚୟନ କରିବା ପାଇଁ ଦମ୍ପତିଙ୍କ ଅତି କମ୍‌ରେ ୫ ବର୍ଷର ବୈବାହିକ ଜୀବନ ରହିଥିବ ଏବଂ ମହିଳାଙ୍କ ବୟସ ୨୩-୫୦ ବର୍ଷ ବୟସ ମଧ୍ୟରେ ହୋଇଥିବ। କେବଳ ଦମ୍ପତି ଯେଉଁମାନେ ଡାକ୍ତରୀ କାରଣରୁ ସ୍ୱାଭାବିକ ଭାବରେ ଗର୍ଭଧାରଣ କରିବାରେ ଅସମର୍ଥ, ସେମାନେ ହିଁ ସରୋଗେସି କରିପାରିବେ। ଭାରତୀୟ ଆଇନ ଅନୁଯାୟୀ ଭାରତରେ ସରୋଗେସି ପାଇବା ପାଇଁ ବହୁ କଠୋର ନିୟମ ଅଛି। ସରୋଗେସି ଆବଶ୍ୟକ କରୁଥିବା ଦମ୍ପତିଙ୍କୁ ପ୍ରଥମେ ସ୍କ୍ରିନିଂ କରାଯିବା ଆବଶ୍ୟକ ଏବଂ ତା’ ପରେ ସରୋଗେସି ଦରକାର କି ନାହିଁ ଡାକ୍ତରଙ୍କ ଦ୍ୱାରା ପରାମର୍ଶ ଦିଆଯିବା ଆବଶ୍ୟକ। ତା’ ପରେ ସରୋଗେଟ୍ ଆର୍ଟ୍ କିମ୍ବା ଆସିଷ୍ଟାନ୍ ରିପ୍ରଡକ୍ଟିଭ୍ ଟେକ୍‌ନୋଲୋଜି ବ୍ୟାଙ୍କ ଗ୍ରହଣ କରିପାରିବେ। ସରୋଗେସି ପାଇଁ ଆବେଦନ ରାଜ୍ୟ ବୋର୍ଡ ଦ୍ୱାରା ପାସ୍ ହେବା ଆବଶ୍ୟକ। ତା’ ପରେ ସରୋଗେଟ୍‌ର ମଧ୍ୟ ସ୍କ୍ରିନିଂ କରାଯିବା ଆବଶ୍ୟକ ଏବଂ ଏଟିଆର୍ ଦ୍ୱାରା ଆଇନଗତ ଡକ୍ୟୁମେଣ୍ଟେଶନ ମଧ୍ୟ କରାଯିବା ଆବଶ୍ୟକ। ସରୋଗେସି ଚୟନ କରୁଥିବା କୌଣସି ଦମ୍ପତି ଚୁକ୍ତିନାମାକୁ ମନେ ରଖିବା ଉଚିତ।

*ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ,*
*କର କ୍ଲିନିକ୍ ଓ ଆଇଭିଏଫ୍ ସେଣ୍ଟର,*
*ୟୁନିଟ୍-୪, ଏ-୩୨, ଭୁବନେଶ୍ୱର*
*ମୋ: ୯୪୩୮୪୮୮୧୧୧*

ସୌନ୍ଦର୍ଯ୍ୟ

# ବର୍ଷାଦିନେ ନଖର ଯତ୍ନ



**ଏବେ ବର୍ଷାଦିନ ଚାଲିଛି। ଖାସ୍‌କରି ବର୍ଷାଦିନରେ ପାଦ ଓଦାହେବା କାରଣରୁ ନଖଗୁଡ଼ିକରେ ଫଙ୍ଗାଲ ଇନ୍‌ଫେକ୍‌ଶନ ହେବା ଆଶଙ୍କା ରହିଛି। ଯଦି ଏହି ସମସ୍ୟାରୁ ନିଜକୁ ରକ୍ଷା କରିବାକୁ ଚାହାନ୍ତି ତେବେ କିଛି କଥା ଉପରେ ଧ୍ୟାନଦେବାକୁ ପଡ଼ିବ...**

**ପାଦକୁ ରଖନ୍ତୁ ଶୁଖିଲା:** ବର୍ଷାଦିନରେ ଯେତେ ଚେଷ୍ଟାକଲେ ବି ପାଦ ଓଦା ନ କରିବାକୁ ହେଲେ ଏହା ହୋଇଥାଏ। ଏମିତିରେ ଯେତେବେଳେ ବି ପାଦ ଓଦା ହେଉଛି ତାକୁ ଭଲଭାବେ ଶୁଖାନ୍ତୁ। ଯଦି ନଖ ପାଖାପାଖି ପାଣି ଜମାହୋଇ ରହିବ ଏହା ଇନ୍‌ଫେକ୍‌ଶନର କାରଣ ସାଜିଥାଏ। ସେଥିପାଇଁ ବାହାରୁ ଆସି ପାଦକୁ ଭଲଭାବେ ଧୋଇ ତାକୁ ଟାୱେଲ୍‌ରେ ପୋଛି ଶୁଖାଇ ଦିଅନ୍ତୁ।

**ଆଣ୍ଟିସେପ୍‌ଟିକ୍**
ବର୍ଷାଦିନରେ ଆଣ୍ଟିସେପ୍‌ଟିକ୍ ଲିକ୍ୟୁଇଡ୍ ବ୍ୟବହାର କରିବା ନିହାତି ଜରୁରୀ। ଯଦି ଆପଣ ଏପରି ନ କରିବେ ତେବେ ପାଦରେ ଥିବା ବ୍ୟାକ୍ଟେରିଆ ଧୀରେ ଧୀରେ ବଢ଼ିବାକୁ ଲାଗନ୍ତି। ଫଳରେ ଏହି କାରଣରୁ ଫଙ୍ଗାଲ ଇନ୍‌ଫେକ୍‌ଶନ ହେବା ଆଶଙ୍କା ରହିଛି।

**ଟି ବ୍ୟାଗ୍**
ଘରକୁ ଆସିବା ପରେ ପ୍ରତିଦିନ ନଖ ଉଷୁମ ପାଣିରେ ଟି ବ୍ୟାଗ୍ ପକାଇ ସେଥିରେ ପାଦକୁ ୫ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇରଖନ୍ତୁ। ଏପରି କରିବା ଦ୍ୱାରା ପାଦରେ ବ୍ୟାକ୍ଟେରିଆ ଜନ୍ମ ହୁଅନ୍ତି ନାହିଁ।

**ବେକିଂ ସୋଡ଼ା**
ନଖ ଉଷୁମ ପାଣିରେ ୧ ଚାମଚ ବେକିଂ ସୋଡ଼ାରେ ଭିନେଗାର ମିଶାଇ ପାଦକୁ ଏଥିରେ ବୁଡ଼ାନ୍ତୁ। ଏହାଦ୍ୱାରା ଆପଣଙ୍କ ପାଦକୁ ଆରାମ ମିଳିବ ଏବଂ ଇନ୍‌ଫେକ୍‌ଶନର ଭୟ ବି ଏତେଟା ରହିବ ନାହିଁ।

**ଆଣ୍ଟିଫଙ୍ଗାଲ ପାଉଡର**
ପାଦ ଶୁଖିଗଲା ପରେ ସେଥିରେ ଆଣ୍ଟିଫଙ୍ଗାଲ ପାଉଡର ପକାନ୍ତୁ। ଏପରି କରିବା ଦ୍ୱାରା ନଖରେ ଇନ୍‌ଫେକ୍‌ଶନ ଏତେଟା ହୋଇ ନ ଥାଏ।

**ନଖକୁ ରଖନ୍ତୁ ସଫା**
ବର୍ଷାଦିନରେ ନଖକୁ ସବୁବେଳେ ସଫା ରଖନ୍ତୁ। ଯଦି ଆପଣଙ୍କ ନଖ ସଫା ରହିବ ତେବେ ଫଙ୍ଗାଲ ଇନ୍‌ଫେକ୍‌ଶନ ହେବ ନାହିଁ।



ଖାଦ୍ୟରୁଚି

# ମଶ୍‌ରୁମ୍ ଫ୍ରାଏ



**ଆବଶ୍ୟକ ସାମଗ୍ରୀ:** ବଟନ୍ ମଶ୍‌ରୁମ୍-୩୦୦ଗ୍ରାମ୍, କଟା ପିଆଜ ୨-୩ଟି, କଟା ଟମାଟୋ ୨ଟି, ଅଦା ରସୁଣ ପେଷ୍ଟ ୨ ଚାମଚ, ଜୀରା ୧ ଚାମଚ, ଗୋଟା ସୋରିଷ ୧ ଚାମଚ, ମେଥିଦାନା ଅଳ୍ପ ପରିମାଣରେ, ଆବଶ୍ୟକ ଅନୁଯାୟୀ ହଳଦୀଗୁଣ୍ଡ, କଶ୍ମୀରୀ ମିର୍ଚ୍ଚ ପାଉଡ଼ର ୧ ଚାମଚ, ଧନିଆ ପାଉଡର ୧ ଚାମଚ, ଗରମ ମସଲା ୧ ଚତୁର୍ଥାଂଶ, କଟା ହୋଇଥିବା ଧନିଆପତ୍ର ୨ ଚାମଚ, ସ୍ୱାଦ ଅନୁସାରେ ଲୁଣ ଏବଂ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ଟେଷ୍ଟି ମଶ୍‌ରୁମ୍ ଫ୍ରାଏ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ବଟନ୍ ମଶ୍‌ରୁମ୍‌ରେ ଲୁଣ ପକାଇ ଏହାକୁ ଭଲଭାବେ ପାଣିରେ ଧୋଇଦିଅନ୍ତୁ। ଏହାପରେ ଏହି ମଶ୍‌ରୁମ୍‌କୁ କାଟି ଏକ ବାଓ୍ୱେଲ୍‌ରେ ରଖନ୍ତୁ। ଏବେ ପିଆଜ, ଟମାଟୋକୁ ଛୋଟ ଛୋଟ ଆକାରରେ କାଟି ଦିଅନ୍ତୁ। ଏବେ କଡ଼େଇ ଗ୍ୟାସ୍ ଚୁଲା ଉପରେ ବସାନ୍ତୁ। କଡ଼େଇ ତାତିଲା ପରେ ସେଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇଗଲା ପରେ ସେଥିରେ ସୋରିଷ, ମେଥି, ଜିରାକୁ ପକାନ୍ତୁ। ଏସବୁ ଫୁଟିଗଲା ପରେ ଏଥିରେ କଟା ପିଆଜ ପକାନ୍ତୁ। ପିଆଜ ରଙ୍ଗ ହାଲ୍‌କା ଲାଲ୍ ହେବା ପରେ କଟା ହୋଇଥିବା ଟମାଟୋ, ଅଦା-ରସୁଣ ପେଷ୍ଟ ପକାଇ ଭଲଭାବେ କଷନ୍ତୁ। ୧-୨ ମିନିଟ୍ କଷି ହେଲାପରେ ଏଥିରେ କଶ୍ମୀରୀ ମିର୍ଚ୍ଚ ପାଉଡର, ଧନିଆ ପାଉଡର, ଅନ୍ୟ ଶୁଖିଲା ମସଲା ମଧ୍ୟ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଟମାଟୋ ଯେପରି ନରମ ହେବ ଏକଥାକୁ ମଧ୍ୟ ଧ୍ୟାନରଖନ୍ତୁ। ଏବେ ଏଥିରେ କଟାହୋଇଥିବା ମଶ୍‌ରୁମ୍ ପକାଇ ତାକୁ ମସଲା ସହ ଭଲଭାବେ ମିଶାନ୍ତୁ। ଏଥିରେ ଅଳ୍ପ ପାଣି ଦେଇ ଏହାକୁ ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ଢାଙ୍କି ଦିଅନ୍ତୁ। ମଶ୍‌ରୁମ୍ ହୋଇ ଆସିଲା ବେଳକୁ ଏଥିରେ ଗରମ ମସଲା ଏବଂ ଧନିଆଁପତ୍ର ପକାଇ ପରଷନ୍ତୁ। ଏବେ ଏହାକୁ ଆପଣ ରୁଟି, ପରଟା ଏବଂ ଭାତ ସହ ଖାଇପାରିବେ।

# ୱିମ୍ବଲଡନର ମହାରଥୀ


ମାର୍କେଟା ଭୋନ୍ଦ୍ରୋସୋଭା


କାର୍ଲୋସ ଅଲକାରାଜ ଗାର୍ଫିଆ

**ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ ଓପନ ଟେନିସ ଟୁର୍ନାମେଣ୍ଟ ଶେଷ ହୋଇଛି। ଏଥର ଉଭୟ ମହିଳା ଓ ପୁରୁଷ ବିଭାଗରେ ହୋଇଛନ୍ତି ନୂଆ ଚାମ୍ପିୟନ। ମହିଳା ସିଙ୍ଗଲ୍ସରେ ଚେକ୍ ରିପବ୍ଲିକର ମାର୍କେଟା ଭୋନ୍ଦ୍ରୋସୋଭା ବାଜି ମାରିଥିବାବେଳେ ପୁରୁଷରେ ଚମକ ଦେଖାଇଛନ୍ତି ନମ୍ବରୱାନ ଖେଳାଳି କାର୍ଲୋସ ଅଲକାରାଜ ଗାର୍ଫିଆ।**

ବର୍ଷର ୪ଟି ଗ୍ରାଣ୍ଡସ୍ଲାମ ମଧ୍ୟରୁ ସବୁଠାରୁ ସମ୍ମାନଜନକ ବିବେଚିତ ହେଉଥିବା ୱିମ୍ବଲଡନ ଟେନିସ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି। ଏହାର ମହିଳା ବିଭାଗ ଫାଇନାଲରେ ବିସ୍ମୟ ସୃଷ୍ଟି କରି ଅଣସିଡେଡ୍ ଚେକ୍ ରିପବ୍ଲିକର ମାର୍କେଟା ଭୋନ୍ଦ୍ରୋସୋଭା ୬ଷ୍ଠ ସିଡ୍ ଟ୍ୟୁନିସିଆର ଓନ୍ସ ଜାବେରଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ପୁରୁଷ ବିଭାଗରେ ମଧ୍ୟ ଜଣେ ନୂଆ ଚାମ୍ପିୟନଙ୍କୁ ଦେଖିବାକୁ ମିଳିଛି। ୭ ଥର ଚାମ୍ପିୟନ ସର୍ବିଆର ନୋଭାକ୍ ଜୋକୋଭିଚ୍‌ଙ୍କୁ ଏକ ମାରାଥନ୍ ମୁକାବିଲାରେ ୧-୬, ୭-୬ (୮/୬), ୬-୧, ୩-୬, ୬-୪ ସେଟ୍‌ରେ ହରାଇ ସ୍ପେନ୍‌ର କାର୍ଲୋସ ଅଲକାରାଜ ବିଜୟ ମୁକୁଟ ପିନ୍ଧିଛନ୍ତି। ଜୋକୋଭିଚ୍‌ଙ୍କ ବିପକ୍ଷରେ ଅଲ୍‌କାରାଜଙ୍କର ଏହାଥିଲା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଏଥିସହ ସେ ନିଜର ନମ୍ବରୱାନ ର‌୍ୟାଙ୍କିଙ୍ଗ୍‌କୁ ସୁଦୃଢ଼ କରିଛନ୍ତି। ମହିଳା ସିଙ୍ଗଲ୍ସରେ ନମ୍ବର ୱାନ ର‌୍ୟାଙ୍କ୍‌ପ୍ରାପ୍ତ ଇଗା ସ୍ୱିଟେକଙ୍କ ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଥିଲା। ସେହିପରି ଦ୍ୱିତୀୟ ସିଡ୍ ଆରିନା ସାବାଲେଙ୍କା ସେମିଫାଇନାଲରୁ ବିଦାୟ ନେଇଥିଲେ। ଟୁର୍ନାମେଣ୍ଟରେ ବିପର୍ଯ୍ୟୟ ପରେ ବିପର୍ଯ୍ୟୟ ସୃଷ୍ଟି କରିଥିବା ଭୋନ୍ଦ୍ରୋସୋଭା ଫାଇନାଲରେ ମଧ୍ୟ ଜାବେରଙ୍କୁ ଚକ୍‌ମା ଦେଇ ଜଣେ ଅଣ ସିଡେଡ୍ ଖେଳାଳି ମଧ୍ୟ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହୋଇପାରେ ବୋଲି ପ୍ରମାଣିତ କରିଛନ୍ତି।

## ତୃତୀୟ ସ୍ପାନିଶ୍ ଖେଳାଳି

ଜୋକୋଭିଚ୍‌ଙ୍କୁ ହରାଇବା ପରେ ଅଲ୍‌କାରାଜ ଅନେକ ରେକର୍ଡର ଅଧିକାରୀ ହୋଇଥିଲେ। ସେ ତୃତୀୟ ସ୍ପାନିଶ୍ ଖେଳାଳିଭାବେ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ଗୌରବ ଅର୍ଜନ କରିଥିଲେ। ତାଙ୍କ ପୂର୍ବରୁ ମାନୁଏଲ ସାଣ୍ଟାନା ୧୯୬୬ ଓ ରାଫାଲ ନାଡାଲ ୨୦୦୮ ଓ ୨୦୧୦ରେ ୱିମ୍ବଲଡନରେ ବିଜୟ ମୁକୁଟ ପିନ୍ଧିଥିଲେ। ଏହା ବ୍ୟତୀତ ସେ ତୃତୀୟ ସର୍ବକନିଷ୍ଠ ଖେଳାଳିଭାବେ ୱିମ୍ବଲଡନରେ ଟାଇଟଲ ହାସଲ କରିଥିଲେ। ଏହି ତାଲିକାରେ ସେ ବିଜନ ବର୍ଗ ଓ ବୋରିସ ବେକରଙ୍କ ତଳକୁ ସ୍ଥାନ ପାଇଥିଲେ। କେବଳ ସେତିକି ନୁହେଁ, ୪ର୍ଥ ସ୍ପାନିଶ ଖେଳାଳିଭାବେ ସେ ଏକାଧିକ ଏ ୬ ବ ୨ଟି ଗ୍ରାଣ୍ଡସ୍ଲାମ ଜିତିବାର କୃତିତ୍ୱ ଅର୍ଜନ କରିଛନ୍ତି। ୨୧ ବର୍ଷରେ ପଦାର୍ପଣ କରିବା ପୂର୍ବରୁ ମାତ୍ର ୪ ଜଣ ଖେଳାଳି ଏକାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ରେକର୍ଡ କରିଥିଲେ। ଏବେ ୫ମ ଖେଳାଳିଭାବେ ଅଲ୍‌କାରାଜ ଏହି ବିରଳ କ୍ଲବରେ ସାମିଲ ହୋଇଛନ୍ତି। ମ୍ୟାଟ୍ସ ୱିଲାଣ୍ଡର ୨୧ ବର୍ଷରେ ପହଞ୍ଚିବା ପୂର୍ବରୁ ୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବାରୁ ଏହି ତାଲିକାର ଶୀର୍ଷରେ ରହିଛନ୍ତି। ବିଜନ ବର୍ଗ ୩ଟି ଏବଂ ବେକର ଓ ନାଡାଲ ୨ଟି ଲେଖାଏ ଟାଇଟଲ ଜିତିଏଥିରେ ପଛକୁପଛ ରହିଛନ୍ତି। ଆଉ ଏକ ରୋଚକ କଥା ହେଲା ୱିମ୍ବଲଡନର ଗତ ୨୦ ବର୍ଷ ଇତିହାସରେ ପ୍ରଥମଥର ପାଇଁ ରୋଜର ଫେଡେରର, ରାଫାଲ ନାଡାଲ ନୋଭାକ ଜୋକୋଭିଚ୍ ଓ ଆଣ୍ଡି ମୁରେଙ୍କ ବ୍ୟତୀତ ଅନ୍ୟ ଜଣେ କେହି ଖେଳାଳି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ସେ ହେଉଛନ୍ତି ଅଲକାରାଜ।

## ବିଗ୍ ଥ୍ରୀଙ୍କ ସମ୍ମିଶ୍ରଣ

ଅଲ୍‌କାରାଜଙ୍କଠାରୁ ପରାଜିତ ହେବା ଫଳରେ ଜୋକୋଭିଚ୍ ୨୪ତମ ଗ୍ରାଣ୍ଡସ୍ଲାମ ଜିତିବାରେ ସଫଳ ହୋଇପାରି ନ ଥିଲେ। ଫଳରେ ସେ ରୋଜର ଫେଡେରରଙ୍କ ସର୍ବକାଳୀନ ୨୪ ଗ୍ରାଣ୍ଡସ୍ଲାମ ବିଜୟ ରେକର୍ଡର ସମକକ୍ଷ ହୋଇପାରି ନ ଥିଲେ। କେବଳ ସେତିକି ନୁହେଁ, ଫେଡେରର ସର୍ବାଧିକ ୮ ଥର ୱିମ୍ବଲଡନ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଥିବାବେଳେ ଜୋକୋଭିଚ୍ ଏହାର ସମକକ୍ଷ ହେବାରୁ ଅଳ୍ପକେ ବଞ୍ଚିତ ହୋଇଛନ୍ତି। ୨୦୧୩ ଫାଇନାଲରେ ଆଣ୍ଡି ମୁରେଙ୍କଠାରୁ ହାରିବାପରେ ଜୋକୋଭିଚ୍ ସେଣ୍ଟରକୋର୍ଟରେ ୪୫ ମ୍ୟାଚ ବିଜୟର ରେକର୍ଡ କରିଥିଲେ। ଏହି ଧାରା ଏବେ ଭାଙ୍ଗିଛି। ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଫାଇନାଲ ପରେ ଜୋକୋଭିଚ୍ କହିଥିଲେ ଯେ, ମୁଁ ପୂର୍ବରୁ ଅଲ୍‌କାରାଜଙ୍କ ପରି ଖେଳାଳିଙ୍କୁ କେବେ ଭେଟି ନ ଥିଲି। ତାଙ୍କ ଷ୍ଟାଇଲ୍‌ରେ ବିଗ୍ ଥ୍ରୀ (ଜୋକୋଭିଚ୍, ରାଫାଲ ନାଡାଲ, ରୋଜର ଫେଡେରର)ଙ୍କ ଗୁଣର ସମ୍ମିଶ୍ରଣ ରହିଛି।

ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ସୌଭାଗ୍ୟ ପାଇଥିଲେ। ନାଡାଲ, ସାଣ୍ଟାନା ଓ ସର୍ଗି ବ୍ରୁଗୁଏରାଙ୍କ ପଥର ପଥିକ ହୋଇଥିଲେ ଅଲ୍‌କାରାଜ। ୨୦୨୨ରେ ସେ ୟୁଏସ୍ ଓପନ ଟାଇଟଲ ଜିତିଥିବାରୁ ଟୁର୍-ଲେଭଲ ଟାଇଟଲ ଜିତିଥିଲେ।

## ପ୍ରଥମ ଅଣସିଡେଡ

୨୪ ବର୍ଷୀୟ ଭୋନ୍ଦ୍ରୋସୋଭା ମଧ୍ୟ ଜୀବନର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ପଥରେ ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି। ୱିମ୍ବଲଡନରେ ମହିଳା ସିଙ୍ଗଲ୍ସ ଜିତିବାରେ ସେ ହେଉଛନ୍ତି ଓପନ ଯୁଗର ପ୍ରଥମ ଅଣସିଡେଡ ଖେଳାଳି। ଜାନା ନୋଭୋନା ଓ ପେଟ୍ରା କ୍ୱିଟୋଭାଙ୍କ ପରେ ତୃତୀୟ ଚେକ୍ ଖେଳାଳିଭାବେ ସେ ଏଠାରେ ବିଜେତା ଟ୍ରଫି ଧରିବାର ସୌଭାଗ୍ୟ ପାଇଛନ୍ତି। ୱିମ୍ବଲଡନରେ ଚାମ୍ପିୟନ ହେବା ପୂର୍ବରୁ ଭୋନ୍ଦ୍ରୋସୋଭା ମାତ୍ର ୪ଟି ଟୁର୍-ଲେଭଲ ଟାଇଟଲ ଜିତିଥିଲେ। କେବଳ ମାର୍ଟିନା ହିଙ୍ଗିସ ମାତ୍ର ୩ଟି ଟୁର୍-ଲେଭଲ ଟ୍ରଫି ଜିତି ୧୯୯୭ରେ ଟାଇଟଲ ହାସଲ କରିଥିଲେ। ଏହା ବ୍ୟତୀତ ଓପନ ଯୁଗରେ ୫ମ ବାମହାତୀ ମହିଳା ଖେଳାଳିଭାବେ ସେ ୱିମ୍ବଲଡନ ମହିଳା ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ତାଙ୍କ ପୂର୍ବରୁ ଆନ୍ ଜୋନେସ, ମାର୍ଟିନା ନାଭ୍ରାତିଲୋଭା, ପେଟ୍ରା କ୍ୱିଟୋଭା ଓ ଆଞ୍ଜେଲିକ୍ କର୍ବର ବାମ ହାତର କମାଲ ଦେଖାଇଛନ୍ତି। ଟାଇଟଲ ହାସଲ ପଥରେ ଭୋନ୍ଦ୍ରୋସୋଭା ୫ ଜଣ ସିଡେଡ୍ ଖେଳାଳିଙ୍କୁ ପରାସ୍ତ କରି ଏକାଧିକ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ୨୦୧୧ରେ କ୍ୱିଟୋଭାଙ୍କ ପରେ ସେ ଏପରି ସଫଳତା ପାଇବାରେ ପ୍ରଥମ ମହିଳା ଖେଳାଳି। ଓପନ ଯୁଗରେ ଏକ ବଡ଼ ଟୁର୍ନାମେଣ୍ଟ ଟାଇଟଲ ଜିତିବାରେ ସେ ହେଉଛନ୍ତି ୮ମ ଅଣସିଡେଡ ଖେଳାଳି। ଏହାଛଡ଼ା ଓପନ ଯୁଗରେ ୨୪ତମ ମହିଳା ଖେଳାଳିଭାବେ ସେ ୱିମ୍ବଲଡନ ସିଙ୍ଗଲ୍ସ ଟାଇଟଲ ଜିତିବାର ସୌଭାଗ୍ୟ ପାଇଛନ୍ତି। ୱିମ୍ବଲଡନ ଟାଇଟଲ ଜିତିବା ବେଳକୁ ଭୋନ୍ଦ୍ରୋସୋଭାଙ୍କ ର‌୍ୟାଙ୍କିଙ୍ଗ୍ ୪୨ଥିଲା। ତେଣୁ ଓପନ ଯୁଗରେ ସବୁଠାରୁ ନିମ୍ନ ର‌୍ୟାଙ୍କ୍‌ପ୍ରାପ୍ତ ଖେଳାଳିଭାବେ ସେ ଚାମ୍ପିୟନ ହୋଇଛନ୍ତି। ଓଭରଅଲ୍ ୫୯ତମ ମହିଳା ଖେଳାଳିଭାବେ ସେ ଓପନ ଯୁଗରେ ଏକ ଗ୍ରାଣ୍ଡସ୍ଲାମ ଜିତିବାର ରେକର୍ଡ କରିଛନ୍ତି।

**-ପ୍ରସ୍ତୁତି: ତପନ ସ୍ୱାଇଁ**

## ବିଭିନ୍ନ ବିଭାଗ ଚାମ୍ପିୟନ

ପୁରୁଷ ସିଙ୍ଗଲ୍ସ: କାର୍ଲୋସ ଅଲକାରାଜ ଗାର୍ଫିଆ (ସ୍ପେନ୍)
ମହିଳା ସିଙ୍ଗଲ୍ସ: ମାର୍କେଟା ଭୋନ୍ଦ୍ରୋସୋଭା (ଚେକ୍ ରିପବ୍ଲିକ୍)
ପୁରୁଷ ଡବଲ୍ସ: ୱେସଲି କୁଲୋଫ (ଡଚ୍)- ନିଲ ସ୍କୁପ୍‌ସ୍କି (ବ୍ରିଟେନ)
ମହିଳା ଡବଲ୍ସ: ବାର୍ବରା ଷ୍ଟ୍ରାଇକୋଭା (ଚେକ୍)- ହସି ସୁ ୱେଇ (ତାଇୱାନ)
ମିକ୍ସଡ ଡବଲ୍ସ: ମେଟ୍ ପାଭିକ୍ (କ୍ରୋଏସିଆ)- ଲୁଡମିଲା କିଚେନକ୍ (ୟୁକ୍ରେନ)
ବାଳିକା ସିଙ୍ଗଲ୍ସ: କ୍ଲେର୍ଭି ଏନ୍‌ଗୋଉନୋ (ଆମେରିକା)
ବାଳକ ସିଙ୍ଗଲ୍ସ: ହେନରି ସିର୍ଲେ (ୟୁନାଇଟେଡ କିଙ୍ଗ୍‌ଡମ୍)

ଫୁରସତ

# ଶାନ୍ତିଦୂତ ମଣ୍ଡେଲା

## ଅନ୍ତର୍ଜାତୀୟ ନେଲ୍‌ସନ ମଣ୍ଡେଲା ଦିବସ

ନେଲ୍‌ସନ ମଣ୍ଡେଲା ଅନ୍ତର୍ଜାତୀୟ ଦିବସ ଅର୍ଥାତ୍ ମଣ୍ଡେଲା ଦିବସ ହେଉଛି ନେଲ୍‌ସନ ମଣ୍ଡେଲାଙ୍କ ସମ୍ମାନାର୍ଥେ ବାର୍ଷିକ ଅନ୍ତର୍ଜାତୀୟ ଦିନ, ଯାହା ପ୍ରତିବର୍ଷ ୧୮ ଜୁଲାଇ ଶାନ୍ତିଦୂତ ମଣ୍ଡେଲାଙ୍କ ଜନ୍ମଦିନରେ ପାଳନ କରାଯାଇଥାଏ। ମିଳିତ ଜାତିସଂଘ ପକ୍ଷରୁ ନଭେମ୍ବର ୨୦୦୯ ମଣ୍ଡେଲାଙ୍କ ୯୧ତମ ଜନ୍ମଦିନରେ ଏହି ଦିବସ ପାଳନ ଲାଗି ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଥିଲା। ଏହି ଦିବସ ପ୍ରଥମେ ୧୮ ଜୁଲାଇ ୨୦୧୦ରେ ଆୟୋଜିତ ହୋଇଥିଲା। ୨୭ ଏପ୍ରିଲ ୨୦୦୯ରେ ନେଲ୍‌ସନ ମଣ୍ଡେଲା ଫାଉଣ୍ଡେଶନ ଗଠନ କରାଯାଇଥିଲା। ମଣ୍ଡେଲା ଦିବସ ଏକ ସାଧାରଣ ଛୁଟିଭାବରେ ନୁହେଁ, ବରଂ ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲସନ ମଣ୍ଡେଲାଙ୍କ ସମାଜ ସେବା ମାଧ୍ୟମରେ ତାଙ୍କର ମୂଲ୍ୟବୋଧକୁ ସମ୍ମାନିତ କରିବାର ଦିନ ଭାବରେ ଉଦ୍ଦିଷ୍ଟ। ମଣ୍ଡେଲା ଦିବସ ହେଉଛି ଏକ ବିଶ୍ୱସ୍ତରୀୟ ଆହ୍ୱାନ, ଯାହାକି ଏହି ଧାରଣାକୁ ପ୍ରୋତ୍ସାହିତ କରେ ପ୍ରତ୍ୟେକ ବ୍ୟକ୍ତିଙ୍କର ବିଶ୍ୱକୁ ପରିବର୍ତ୍ତନ କରିବାର ଶକ୍ତି ଅଛି। ତେବେ ଏହାର ପ୍ରଭାବକୁ ବ୍ୟାପକ କରିବା ଜରୁରୀ।

ନେଲ୍‌ସନ ମଣ୍ଡେଲା ୬୭ ବର୍ଷ ଧରି ସାମାଜିକ ନ୍ୟାୟ ପାଇଁ ସଂଗ୍ରାମ କରିଥିଲେ। ୨୦୧୪ ରେ ମିଳିତ ଜାତିସଂଘର ସାଧାରଣ ସଭା ନେଲ୍‌ସନ ମଣ୍ଡେଲା ପୁରସ୍କାର ପ୍ରତିଷ୍ଠା କରିଥିଲା। ମାନବିକତାର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ବ୍ୟକ୍ତିବିଶେଷଙ୍କଙ୍କ ସଫଳତାକୁ ସ୍ୱୀକୃତି ଦେବାକୁ ଏହି ପୁରସ୍କାର ଉଦ୍ଦିଷ୍ଟ। ନେଲ୍‌ସନ ୧୮ ଜୁଲାଇ ୧୯୧୮ରେ ଜନ୍ମ ଗ୍ରହଣ କରିଥିଲେ। ୫ ଡିସେମ୍ବର ୨୦୧୩ରେ ତାଙ୍କର ପରଲୋକ ଘଟିଥିଲା। ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରମୁଖ୍ୟ ଭାବେ ୧୯୯୪ରୁ ୧୯୯୯ ପର୍ଯ୍ୟନ୍ତ ସେ କାର୍ଯ୍ୟ କରିଥିଲେ। ସେ ଦକ୍ଷିଣ ଆଫ୍ରିକାର ପ୍ରଥମ ଅଣ ଶ୍ୱେତାଙ୍ଗ ବା କୃଷ୍ଣକାୟ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ଶାସନକାଳ ମଧ୍ୟରେ ରଙ୍ଗଭେଦ, ଦାରିଦ୍ର୍ୟ, ସାମାଜିକ ଅସମାନତାକୁ ଦୂର କରିବାକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଥିଲା। ରାଜନୈତିକ ଭାବେ ସେ ଗଣତାନ୍ତ୍ରିକ ସମାଜବାଦୀ ଚିନ୍ତାଧାରାରେ ବିଶ୍ୱାସ ରଖିଥିଲେ ଏବଂ ଆଫ୍ରିକୀୟ ଜାତୀୟ କଂଗ୍ରେସର ସଭାପତି ଭାବେ ୧୯୯୧ରୁ ୧୯୯୭ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଅନ୍ତର୍ଜାତୀୟ ପଦବୀ ଭାବେ 'ନନ-ଆଲାଇନଡ ମୁଭମେଣ୍ଟ'ର ସାଧାରଣ-ସଚିବ ଭାବେ ୧୯୯୮ରୁ ୧୯୯୯ ପାଇଁ ସେ କାର୍ଯ୍ୟରତ ଥିଲେ।



ଯୋସା ସମ୍ପ୍ରଦାୟର ଥେମ୍ବୁ ରାଜପରିବାରରେ ଜନ୍ମ ଗ୍ରହଣ କରି ମଣ୍ଡେଲା ଫୋର୍ଟ ହାରେ ବିଶ୍ୱବିଦ୍ୟାଳୟ ଓ ୱିଟୱାଟର୍ସରାଣ୍ଡ ବିଶ୍ୱବିଦ୍ୟାଳୟରେ ଆଇନ ଶିକ୍ଷା ଗ୍ରହଣ କରିଥିଲେ। ଜୋହାନ୍ସବର୍ଗରେ ରହିବା ସମୟରେ ଔପନିବେଶ ବିରୋଧୀ ରାଜନୀତିରେ ଅଂଶଗ୍ରହଣ କରି ଆଫ୍ରିକୀୟ ଜାତୀୟ କଂଗ୍ରେସରେ ଯୋଗଦେଇଥିଲେ ଓ ଏହାର ଯୁବ ସଂଘର ପ୍ରତିଷ୍ଠାତା ସଭ୍ୟ ଥିଲେ। ଜଣେ ଓକିଲ ଭାବେ କାର୍ଯ୍ୟ କରୁଥିବା ସମୟରେ ସନ୍ଦେହଜନକ କାର୍ଯ୍ୟକଳାପ ପାଇଁ ଓ ଜାତୀୟ କଂଗ୍ରେସ ନେତା ଭାବେ ୧୯୫୫ରୁ ୧୯୬୧ ଯାଏ ଦେଶଦ୍ରୋହ ମାମଲାରେ ଅଭିଯୁକ୍ତ ହୋଇଥିଲେ ମଧ୍ୟ ଶେଷରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ। ଯଦିଓ ଆନ୍ଦୋଳନ ଆରମ୍ଭରେ ସେ ଅହିଂସା ନୀତିରେ ବିଶ୍ୱାସ ରଖିଥିଲେ; କିନ୍ତୁ ସାଉଥ ଆଫ୍ରିକାନ କମ୍ୟୁନିଷ୍ଟ ପାର୍ଟି ସହ ମିଶି ୧୯୬୧ରେ 'ଉମଖୋନ୍ତୋ ୱେ ସିଜୱେ' ନାମରେ ଏକ ସଶସ୍ତ୍ର ବାହିନୀ ଗଠନ କରି, ସରକାର ବିରୋଧରେ ବହୁ ବୋମାମାଡ଼ର ନେତୃତ୍ୱ ନେଇଥିଲେ। ୧୯୬୨ ମସିହାରେ ଗଣସଂହାର ଓ ଅନ୍ତର୍ଘାତୀ କାର୍ଯ୍ୟପାଇଁ ଦୋଷୀ ସାବ୍ୟସ୍ତ ହୋଇ ରିଭିନିଆ ଶୁଣାଣିରେ ଆଜୀବନ କାରାବାସ ଦଣ୍ଡ ପାଇଥିଲେ। ରଙ୍ଗଭେଦ ନୀତି ବିରୋଧରେ ଲଢ଼ି ସେ ନିଜ ଜୀବନକାଳର ୨୭ ବର୍ଷ କାଳ ରୋବେନ ଦ୍ୱୀପର କାରାଗାର, ପୋଲ୍ସମୁର କାରାଗାର ଓ ଭିକ୍ଟର ଭର୍ଷ୍ଟର କାରାଗାରରେ ବିତାଇଥିଲେ। ତାଙ୍କୁ ମୁକ୍ତ କରିବା ପାଇଁ ଅନ୍ତର୍ଜାତିକ ଚାପ ବଢ଼ିବାରୁ ୧୯୯୦ରେ ମୁକ୍ତି ପାଇଥିଲେ। ସେ ରାଷ୍ଟ୍ରପତି ଥିବା ସମୟରେ ନୂତନ ସମ୍ବିଧାନ ପ୍ରଣୟନ କରିଥିଲେ ଓ ବିତି ଯାଇଥିବା ମାନବଧିକାର ଉଲ୍ଲଙ୍ଘନର ତଦନ୍ତ ପାଇଁ 'ଟ୍ରୁଥ ଏଣ୍ଡ ରିକୋନସିଲିଏଶନ କମିଶନ' ଗଠନ କରିଥିଲେ। ପୂର୍ବ ସରକାରଙ୍କ ଉଦାରବାଦୀ ଅର୍ଥନୈତିକ ନୀତିକୁ ଅନୁସରଣ କରି ଜମି ସୁଧାର ନିୟମକୁ ପ୍ରୋତ୍ସାହନ, ଦାରିଦ୍ର୍ୟ ଦୂରୀକରଣ ଓ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତୀକରଣ ପାଇଁ ଧ୍ୟାନ ଦେଇଥିଲେ। ଅନ୍ତର୍ଜାତୀୟ ସ୍ତରରେ ଲିବ୍ୟା ଓ ସଂଯୁକ୍ତ ରାଜ୍ୟଗୋଷ୍ଠୀର 'ପ୍ୟାନ ଆମ ଫ୍ଲାଇଟ ୧୦୩ ବମ୍ବିଙ୍ଗ ଟ୍ରାଏଲ' ବୁଝାମଣାରେ ମଧ୍ୟସ୍ଥ ଭାବେ ଓ ଲେସୋଥୋରେ ହୋଇଥିବା ସାମରିକ କାର୍ଯ୍ୟାନୁଷ୍ଠାନର ସମାଧାନ କରିଥିଲେ। ରାଷ୍ଟ୍ରପତି ପଦ ପାଇଁ ଦ୍ୱିତୀୟ ବାର ନିର୍ବାଚନ ନ ଲଢ଼ି ନେଲସନ ମଣ୍ଡେଲା ଫାଉଣ୍ଡେଶନ ଦ୍ୱାରା ଦାରିଦ୍ର୍ୟ ତଥା ଏଚଆଇଭି/ଏଡ୍ସ ଦୂରୀକରଣ ପାଇଁ ଅନେକ ସମାଜସେବା କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସାରା ଜୀବନ ସେ ଏକ ବିତର୍କିତ ବ୍ୟକ୍ତିତ୍ୱ ଭାବେ ପରିଚିତ, ଏପରିକି ଉଗ୍ରବାଦୀମାନେ ତାଙ୍କୁ ଆତଙ୍କବାଦୀ ଓ ସାମ୍ୟବାଦର ଚାକର ବୋଲି ଆଖ୍ୟା ଦେଇଥିଲେ। ଏସବୁ ସତ୍ତ୍ୱେ ମଧ୍ୟ ଔପନିବେଶ ବିରୋଧୀ ଆନ୍ଦୋଳନ ରଙ୍ଗଭେଦ ନୀତିର ବିରୋଧ ପାଇଁ ତାଙ୍କୁ ଅନେକ ଅନ୍ତର୍ଜାତୀୟ ପ୍ରତିଷ୍ଠା ମିଳିଛି। ୧୯୯୩ରେ ନୋବେଲ ଶାନ୍ତି ପୁରସ୍କାର, ଯୁକ୍ତରାଷ୍ଟ୍ର ଆମେରିକାର ସର୍ବୋଚ୍ଚ ବେସାମରିକ 'ପ୍ରେସିଡେନସିଆଲ ମେଡାଲ ଅଫ୍ ଫ୍ରିଡମ'', ରୁଷିଆର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଅର୍ଡର ଅଫ୍ ଲେନିନ', ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ସହିତ ୨୫୦ରୁ ଉର୍ଦ୍ଧ୍ୱ ସମ୍ମାନ ଓ ପୁରସ୍କାରରେ ମଣ୍ଡେଲା ସମ୍ମାନିତ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାରେ ମଣ୍ଡେଲା ବହୁ ସମ୍ମାନାସ୍ପଦ ବ୍ୟକ୍ତିତ୍ୱ ଏବଂ ନିଜର ଯୋସା ନାମ 'ମାଦିବା' ବା 'ତାତା', ଯାହାର ଆକ୍ଷରିକ ଅର୍ଥ ପିତା, ସେ 'ଜାତିର ପିତା' ଓ 'ଦକ୍ଷିଣ ଆଫ୍ରିକାର ଗାନ୍ଧୀ' ଭାବେ ପରିଚିତ।

# ପ୍ରେମିକଙ୍କ ସହ ଫଟୋ ଶେୟାରକଲେ ଇଲିଆନା


ଇଲିଆନା ଡି'କ୍ରୁଜ୍

**ମୁମ୍ବାଇ:** ଅଭିନେତ୍ରୀ ଇଲିଆନା ଡି'କ୍ରୁଜ୍ ଖୁବ୍‌ଶୀଘ୍ର ମା' ହେବାକୁ ଯାଉଛନ୍ତି। କିଛିଦିନ ପୂର୍ବରୁ ସେ ତାଙ୍କର ଏହି ଗର୍ଭଧାରଣ ବାବଦରେ ଜଣାଇଥିଲେ। ହେଲେ ସେ ତାଙ୍କ ପିଲାର ବାପାଙ୍କୁ ଲୁଚାଇଥିଲେ। ଏହା ଜାଣିବାକୁ ସମସ୍ତେ ଉତ୍ସାହିତ ଥିଲେ। ଶେଷରେ ସମସ୍ତଙ୍କ ଅପେକ୍ଷାର ଅନ୍ତ ଘଟିଛି। ଇଲିଆନା ତାଙ୍କର ସେହି ମିଷ୍ଟ୍ରି ମ୍ୟାନ୍‌ଙ୍କୁ ସମସ୍ତଙ୍କ ସମ୍ମୁଖକୁ ଆଣିଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ପ୍ରେମିକଙ୍କ ସହ ଡେଟ୍ ନାଇଟ୍‌ର ଏକ ଫଟୋ ଶେୟାର କରିଛନ୍ତି। ଇଲିମାନା ତାଙ୍କ ସହ ବହୁ ଖୁସିଥିବା ଦେଖିବାକୁ ମିଳିଥିଲା। ହେଲେ ଇଲିଆନା ତାଙ୍କ ପ୍ରେମିକଙ୍କ ନାମ ପ୍ରକାଶ କରିନାହାନ୍ତି। ପୂର୍ବରୁ କ୍ୟାଟ୍ରିନାଙ୍କ ଭାଇ ସେବାଷ୍ଟିଆନ ଲୌରେଣ୍ଟଙ୍କୁ ଇଲିଆନା ଡେଟ୍ କରୁଥିବା ଗୁଜବ ଶୁଣିବାକୁ ମିଳିଥିଲା। କିନ୍ତୁ ଏବେ ଅନ୍ୟ ଜଣଙ୍କୁ ଦେଖିବାକୁ ମିଳିଛି। ତେବେ ଇଲିଆନା ୨୦୦୬ରେ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ସେ ଦର୍ଶକଙ୍କୁ ଅନେକ ଫିଲ୍ମ ଭେଟି ଦେଇଛନ୍ତି। ଶେଷଥର ପାଇଁ ତାଙ୍କୁ ୨୦୨୧ରେ ସିନେମା 'ଦି ବିଗ୍ ବୁଲ୍'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ୨ଟି ମୁଭି ରହିଛି। ଏଥିସହ ସେ ମ୍ୟୁଜିକ୍ ଭିଡିଓରେ ମଧ୍ୟ ତାଙ୍କ ଯାଦୁ ଦେଖାଇଛନ୍ତି।




# କେଦାରନାଥରେ ଫଟୋ, ଭିଡିଓ ନିଷେଧ

**ଡେରାଡୁନ୍:** କିଛିଦିନ ଆଗରୁ କେଦାରନାଥ ମନ୍ଦରର ଭିତର ପାର୍ଶ୍ୱର ଫଟୋ ଭାଇରାଲ ହୋଇଥିଲା, ଯାହାକୁ ନେଇ ବିବାଦ ଲାଗିଥିଲା। ଶ୍ରୀ ବଦ୍ରିନାଥ କେଦାରନାଥ ମନ୍ଦିର କମିଟିର ନିଷ୍ପତ୍ତି ଅନୁଯାୟୀ, ମନ୍ଦିର ପରିସରରେ ଫଟୋ ଏବଂ ଭିଡିଓ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ସୋମବାର ଘୋଷଣା ହୋଇଛି। କେହି ଯଦି ଏହି ନିୟମ ଭାଙ୍ଗିବାକୁ ଚେଷ୍ଟା କରନ୍ତି, ତେବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ମନ୍ଦିରର ଅନେକ ସ୍ଥାନରେ ଏହାର ବୋର୍ଡ ଲାଗିଛି। ଯେଉଁଥିରେ ଲେଖାଯାଇଛି, ମୋବାଇଲ ଫୋନ୍ ମନ୍ଦିରକୁ ନିଷେଧ। ଏଠାରେ କୌଣସି ପ୍ରକାର ଭିଡିଓ ଏବଂ ଫଟୋ ଉଠାଇବା ମନା। ଶ୍ରୀବଦ୍ରିନାଥ କେଦାରନାଥ ମନ୍ଦିର କମିଟିର ଅଧ୍ୟକ୍ଷ ଅଜୟ ଅଜେନ୍ଦ୍ର କହିଛନ୍ତି, ଲୋକେ ଏଠାର ଅନେକ ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଛାଡୁଛନ୍ତି, ଯାହାକି ମନ୍ଦିରର ଧାର୍ମିକ ବାତାବରଣ ଉପରେ ଖରାପ ପ୍ରଭାବ ପକାଉଛି। ଏଥିସହ ଅତୀତର ଘଟଣା ପାଇଁ ସେମାନେ ଏଠାରେ ମନ୍ଦିର ପରିସରରେ ମୋବାଇଲ ଫୋନ୍‌କୁ ନିଷେଧ କରିଥିବା କମିଟି ଅଧ୍ୟକ୍ଷ କହିଛନ୍ତି।

# ୯୦ ବର୍ଷରେ ୫ମ ବିବାହ



**ରିୟାଧ:** ଦୁନିଆରେ ଅନେକ ପ୍ରକାର ଲୋକ ଅଛନ୍ତି। ବୃଦ୍ଧ ସମୟରେ ପ୍ରଭୁଙ୍କ ପାଖରେ ସମୟ କାଟିବାକୁ ପସନ୍ଦ କରନ୍ତି। ହେଲେ ଜଣେ ୯୦ ବର୍ଷୀୟ ବ୍ୟକ୍ତି ଏବେ ବି ବିବାହ କରିବା କଥା ଚିନ୍ତା କରୁଛନ୍ତି। ରିପୋର୍ଟ ମୁତାବକ, ସାଉଦି ଆରବର ନାଦିର ବିନ୍ ଦହୈମ ବାହକ ଅଲ ମୁର୍ଶିଦ ଅଲ୍ ଓତାବି ନାମକ ବୃଦ୍ଧ ନିକଟରେ ୫ମ ବିବାହ କରିଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିରେ ସେ ଲୋକଙ୍କ ପାଖରୁ ଶୁଭେଚ୍ଛା ନେଉଥିବା ଦେଖିବାକୁ ମିଳିଛି। ତାଙ୍କ ପାଖରେ ମଧ୍ୟ ତାଙ୍କ ବାପା ଉପସ୍ଥିତ ଥିବା ଜଣାପଡ଼ିଛି। ନାଦିର ନିଜ ୫ମ ବିବାହକୁ ନେଇ ଏକ ସାକ୍ଷାତ୍‌କାରରେ କହିଛନ୍ତି, ସେ ଏହା ପରେ ଆଉ ବିବାହ କରିବାକୁ ଚାହୁଁଛନ୍ତି। ବିବାହ ହିଁ ତାଙ୍କ ସୁସ୍ଥ ରହିବାର ଉପାୟ। ସେ ତାଙ୍କ ହନିମୁନ୍‌କୁ ନେଇ ବହୁତ ଖୁସି ଅଛନ୍ତି ଏବଂ ଆଗକୁ ପିଲା ମଧ୍ୟ ଜନ୍ମ କରିବାକୁ ଚାହାନ୍ତି। ତାଙ୍କର ପୂର୍ବରୁ ୫ ପିଲା ଅଛନ୍ତି। ସେଥିମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଯାଇଛି। ତେବେ ସେ ଅନ୍ୟମାନଙ୍କୁ ବିବାହ କରିବାକୁ ଉପଦେଶ ଦେଉଛନ୍ତି।

## ଆଜି ଏନ୍‌ଡିଏ ବୈଠକ: ୩୮ ଦଳ ଆସିବେ: ନଡ୍ଡା

ନୂଆଦିଲ୍ଲୀ: ବେଙ୍ଗାଲୁରୁରେ ବିରୋଧୀ ମହାମେଳି ଚାଲିଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନୂଆଦିଲ୍ଲୀର ଅଶୋକା ହୋଟେଲରେ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ୩୮ ଦଳ ସାମିଲ ହେବେ ବୋଲି ସୋମବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତିରୁ ନିଜକୁ ବଞ୍ଚାଇବା ପାଇଁ ବେଙ୍ଗାଲୁରୁରେ ବିରୋଧୀଙ୍କ ସ୍ୱାର୍ଥପର ପ୍ରୟାସ ଚାଲିଛି। ମୋଦି ସରକାରଙ୍କ ୯ ବର୍ଷର ଶାସନ କାଳରେ ଏନ୍‌ଡିଏର ପରିସର ବୃଦ୍ଧି ଘଟିଛି। ସରକାରୀ ଯୋଜନା ଓ ନୀତିଗୁଡ଼ିକର ସକାରାତ୍ମକ ପ୍ରଭାବ ସବୁଠି ଦେଖିବାକୁ ମିଳୁଛି।


### ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ସ୍ମୃତି ସ୍ୱରୂପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ବିରୋଧୀଙ୍କ ବେଙ୍ଗାଲୁରୁ ବୈଠକରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍, ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ , ଶିବସେନା ୟୁବିଟି ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ।

# ଏନ୍‌ଡିଏକୁ ଫେରିଲେ ଚିରାଗ


ଚିରାଗ ପାଶ୍ୱାନ

**ନୂଆଦିଲ୍ଲୀ, ୧୭।୭ :** ଏନ୍‌ଡିଏର ଗୁରୁତ୍ୱପୂର୍ଣ୍ଣ ବୈଠକର ଦିନକ ପୂର୍ବରୁ ଲୋକ ଜନଶକ୍ତି ପାର୍ଟି (ରାମବିଳାସ)ର ନେତା ଚିରାଗ ପାଶ୍ୱାନ ଏନ୍‌ଡିଏକୁ ଫେରିଛନ୍ତି। ପାଶ୍ୱାନ ସୋମବାର ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବା ପରେ ଏନ୍‌ଡିଏକୁ ଫେରିବା ନେଇ ନିଷ୍ପତ୍ତି ନେଇଥିବା ନଡ୍ଡା ଘୋଷଣା କରିଛନ୍ତି। ତାଙ୍କୁ ଏନ୍‌ଡିଏ ପରିବାରକୁ ସ୍ୱାଗତ କରାଗଲା ବୋଲି ନଡ୍ଡା ଟୁଇଟ୍ କରିଛନ୍ତି। ଏନ୍‌ଡିଏକୁ ଫେରିବା ପୂର୍ବରୁ ଚିରାଗ ତାଙ୍କ ଦଳ ପାଇଁ ୬ ଲୋକ ସଭା ଆସନ ନିମନ୍ତେ ଭାଜପା ସହ କଥାବାର୍ତ୍ତା ଚଳାଇଥିଲେ। ନୂଆଦିଲ୍ଲୀରେ ଶାହାଙ୍କ ସହ ମେଣ୍ଟ ପ୍ରସଙ୍ଗରେ ସକାରାତ୍ମକ ଆଲୋଚନା ହୋଇଥିବା ଚିରାଗ ବୈଠକ ପରେ ଟୁଇଟ୍ କରିଥିଲେ। ମେଣ୍ଟ ବ୍ୟତୀତ ବିହାର ରାଜନୀତିକୁ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ରାମବିଳାସ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)ର ଦୁଇ ଗୋଷ୍ଠୀକୁ ଏକାଠି କରିବା ପାଇଁ ଉଦ୍ୟମ କରୁଛି। ଏଲ୍‌ଜେପିର ଗୋଟିଏ ଗୋଷ୍ଠୀର ନେତୃତ୍ୱ ପଶୁପତି ପାରସ୍ ନେଉଥିବାବେଳେ ଅନ୍ୟଟିର ନେତୃତ୍ୱ ପୁତୁରା ଚିରାଗ ନେଉଛନ୍ତି।


CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 8637280816, 7894447167, 9338226625

ଲୋନ୍! ଲୋନ୍! ଲୋନ୍!
Global Finance
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
9473748805

TODAY & TOMORROW IN BHUBANESWAR
32 Year's of experience
FULL REFUND ON FAILURE
PERMANENT SOLUTION WITHOUT STONE
BUSINESS? SERVICE? EDUCATION? MARRIAGE?Any Problem In Life / VASTU?
ONLY ONE RELIABLE NAME IN ASTROLOGICAL WORLD
SRABANI DEBNATH
Call On - 9830040240
Bring this paper cutting and get special offer!

**ପାଠକଙ୍କ ପାଇଁ ସୂଚନା :** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୨୧ତମ ଜନ୍ମ ଦିବସ

ସ୍ମୃତି ସ୍ୱରୂପ ବାରିକ
ସମାଜ ସେବୀ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
–:ଶୁଭେଚ୍ଛା ସହ:–
ମାତା: ଜଶୋଦା ଦେହୁରି, ପିତା: ସଞ୍ଜୀବ ବାରିକ, ବନ୍ଧୁ ଓ ପରିଜନ
ଧ-୦୮୪୨


## ମୁହଁ ଖୋଲିଲେ ଚିରଞ୍ଜୀବ

# କଂଗ୍ରେସକୁ ଦୁର୍ବଳ କରିବା ଉଦ୍ୟମ ଚାଲିଛି

ଭୁବନେଶ୍ୱର, ୧୭।୭(ସୁନିତ୍ ମିଶ୍ର): କଂଗ୍ରେସରୁ ବିଧାୟକ ମହମ୍ମଦ ମୋକିମ୍ ଏବଂ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କୁ ନିଲମ୍ବିତ କରାଯିବା ପରେ ଦଳ ଭିତରେ ରାଜନୀତି ଜୋର୍ ଧରିବାରେ ଲାଗିଛି। ମୋକିମ୍ ନିଲମ୍ବନ ଆଦେଶ ପାଇବା ପରେ ନିଜର ପ୍ରତିକ୍ରିୟା ପୂର୍ବରୁ ରଖିସାରିଥିବା ବେଳେ ରାଜ୍ୟ ବାହାରେ ଥିବା ଚିରଞ୍ଜୀବ ସୋମବାର ନିଜ ମତାମତ ରଖିଛନ୍ତି। ପରୋକ୍ଷରେ ତାଙ୍କ ବିରୋଧରେ ଏକ କୁଚକ୍ରୀ ଗୋଷ୍ଠୀ ଷଡ଼ଯନ୍ତ୍ର କରିଥିବା ସେ କହିଛନ୍ତି। ଏହାସହ ଯେଉଁ ଜିଲାରେ କଂଗ୍ରେସ ସୁଦୃଢ଼ ଅଛି ସେଠାରେ ଦଳକୁ ଦୁର୍ବଳ କରିବା ଲାଗି ସେହି କୁଚକ୍ରୀ ଗୋଷ୍ଠୀ ଉଦ୍ୟମ ଚଳାଇଥିବା ଭଳି ଗୁରୁତର ଅଭିଯୋଗ ମଧ୍ୟ ଆଣିଛନ୍ତି। ସିଧାସଳଖ ନ ହେଲେ ବି ସେ ପରୋକ୍ଷରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କୁ ଟାର୍ଗେଟ ମଧ୍ୟ କରିଛନ୍ତି। ତାଙ୍କର ଏବଂ ତାଙ୍କ ପରିବାରକୁ କଂଗ୍ରେସରୁ ଦୂରେଇ ଦଳ ଓଡ଼ିଶାରେ ୯ରୁ ୯୦ ଆସନ ଯଦି ଜିତିଯିବ ଭାବୁଛି ତେବେ ସାଧୁବାଦ ବୋଲି ଚିରଞ୍ଜୀବ କହିଛନ୍ତି।

ଚିରଞ୍ଜୀବ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଦୀର୍ଘ ୨୩ ବର୍ଷ ହେଲା କଂଗ୍ରେସ ରାଜ୍ୟରେ କ୍ଷମତାରେ ନାହିଁ। ଯେଉଁ ଜିଲାରେ କଂଗ୍ରେସ ସବଳ ରହିଛି ସେଠାରେ ସଂଗଠନକୁ ଦୁର୍ବଳ କରିବା ପାଇଁ କୁଚକ୍ରୀ ଗୋଷ୍ଠୀଙ୍କ ଦ୍ୱାରା ଚକ୍ରାନ୍ତ କରାଯାଉଛି। ସେମାନଙ୍କ ଚକ୍ରାନ୍ତରେ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ତେଣୁ କଂଗ୍ରେସକୁ ବଞ୍ଚାଇବା


ଚିରଞ୍ଜୀବ ବିଶ୍ୱାଳ

ପାଇଁ ଦଳର ନେତା, କର୍ମୀ, ଶୁଭେଚ୍ଛୁ ଓ ସମର୍ଥକମାନେ ଏକଜୁଟ ହୁଅନ୍ତୁ। ଏହାସହ ସେ ଆସନ୍ତା ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି। ତେବେ କେଉଁ ଦଳରୁ ଲଢ଼ିବେ ତାହା ସ୍ପଷ୍ଟ କରିନାହାନ୍ତି। ଏବେ ବି ସେ କଂଗ୍ରେସରେ ଅଛନ୍ତି ବୋଲି ଦାବି କରିଛନ୍ତି। ସେ ଆହୁରି କହିଛନ୍ତି, ଦଳ ବିରୋଧୀ କାର୍ଯ୍ୟ କରିଛି ବୋଲି ପିସିସି ସଭାପତି ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ନିକଟରେ ଅଭିଯୋଗ କରିବା ସହିତ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସୁପାରିଶ କରିଥିଲେ। ତାଙ୍କ ସୁପାରିସରେ ଗତ ୧୫ ତାରିଖରେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। କଂଗ୍ରେସର ସେ ଜଣେ ଶୃଙ୍ଖଳିତ କର୍ମୀ। ନିଲମ୍ବନ ଆଦେଶ ତାଙ୍କୁ ଦାରୁଣ ଆଘାତ ଦେଇଛି। ୨୦୧୯ ସାଧାରଣ ନିର୍ବାଚନ ପରଠୁ ପ୍ରତ୍ୟେକ ନିର୍ବାଚନରେ ରାଜ୍ୟରେ କଂଗ୍ରେସର ଭୋଟ ହାର ହ୍ରାସ ପାଇବାରେ ଲାଗିଛି। କଂଗ୍ରେସର ଜଗତ୍‌ସିଂହପୁର ଜିଲାରେ ପ୍ରାୟ ୨ଲକ୍ଷ ଭୋଟ୍ ରହିଛି। କଟକ, କୋରାପୁଟ ଓ ଜଗତସିଂହପୁର ଭଳି ଜିଲାରେ କଂଗ୍ରେସ ସଙ୍ଗଠନର ସ୍ଥିତି ଭଲ ଥିବାବେଳେ ସେଠାରେ ଦଳକୁ ଦୁର୍ବଳ ଓ ଭାଗଭାଗ କରିବାକୁ କୁଚକ୍ରୀ ଗୋଷ୍ଠୀ ପ୍ରୟାସ କରୁଛନ୍ତି। ନିଜ ଛାଇ ଦେଖି ଓ ଗୋଡ଼ତଳେ ମାଟି ନ ଥିବା ଲୋକ ହିଁ ତାଙ୍କ ବିରୋଧରେ ଏଭଳି ଚକ୍ରାନ୍ତ କରିଛନ୍ତି ବୋଲି ସେ କହିଛନ୍ତି। ସୁଯୋଗ ମିଳିଲେ ଏଆଇସିସି କର୍ତ୍ତୃପକ୍ଷଙ୍କ ଆଗରେ ନିଜର ପକ୍ଷ ରଖିବି ବୋଲି ସେ କହିଛନ୍ତି।

# ପ୍ରଦ୍ୟୁମ୍ନ କାର୍ଯ୍ୟକାରୀ ସଭାପତି

## ରାଉରକେଲା ବିଜେଡି ସାଙ୍ଗଠନିକ ଜିଲା ପୁନର୍ଗଠିତ

୮ ଉପସଭାପତି, ୮ ସାଧାରଣ ସମ୍ପାଦକ,୧୪ ସମ୍ପାଦକ ନିଯୁକ୍ତି

ଭୁବନେଶ୍ୱର,୧୭।୭(ଅନିଲଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ରାଜ୍ୟ କାର୍ଯ୍ୟାଳୟ ଏବଂ ରାଉରକେଲା ବିଜେଡି ଜିଲାର କର୍ମକର୍ତ୍ତା ନିଯୁକ୍ତି କରାଯାଇଛି। ବିଜେଡି ପକ୍ଷରୁ ପ୍ରକାଶିତ ପ୍ରେସ ବିଜ୍ଞପ୍ତି ଅନୁଯାୟୀ ରାଉରକେଲା ସାଙ୍ଗଠନିକ ଜିଲା କାର୍ଯ୍ୟକାରୀ ସଭାପତି ଭାବେ ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଏହି ସାଙ୍ଗଠନିକ ଜିଲାରେ ୮ ଜଣ ଉପସଭାପତି , ୮ ଜଣ ସାଧାରଣ ସମ୍ପାଦକ ଏବଂ ୧୪ ସମ୍ପାଦକ, ୮ ଜଣ ଯୁଗ୍ମ ସମ୍ପାଦକ, ୧୪ ଜଣ ଉପଦେଷ୍ଟାଙ୍କୁ ନିଯୁକ୍ତି ଦିଆଯାଇଛି। ଉପସଭାପତି ଭାବେ ନୀହାର ସୁରିନ, ଭିମେଶ ଚୌଧୁରୀ, ରଞ୍ଜିତ କିଷାନ, ସୁଦାମ ଦାସ, ଜୟନ୍ତ ମିଶ୍ର, ଜ୍ୟୋତିରଞ୍ଜନ ମହାନ୍ତି, ଶ୍ରୀଚରଣ ସାମଲ, ପ୍ରଦୀପ ରାଉତରାୟଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ ମୁକୁଲ ଏକ୍କା, ସନ୍ଦୀପ ମିଶ୍ର, ରାଜେନ୍ଦ୍ର କୁଜୁର, ସିବେୟାନ ଆଇଣ୍ଡ, ବିଜୟ ପଟ୍ଟନାୟକ, ଗଣେଶ୍ୱର ରାୟ, ଗୋବିନ୍ଦ ତନ୍ତୀ ଏବଂ ଜ୍ଞାନରଞ୍ଜନ ଜେନାଙ୍କୁ ନିଯୁକ୍ତି ଦିଆଯାଇଛି।


# Classified Everyday
0674-2580101, 2549949



REAL ESTATE
SALE

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି SC Plot 976000 ରେ ବିକ୍ରିହେବ, 9439832956, 9337513276. D-0833

ଭୁବନେଶ୍ୱର ପିତାପଲ୍ଲି ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner-9090963952. D-74885

ଜୟଦେବ ବିହାରରୁ ନନ୍ଦନକାନନ ରୋଡ୍ ରଘୁନାଥପୁରରେ 2/3BHK complet eflat ବିକ୍ରିହେବ। 9776866520. D-74890

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

ଭୁବନେଶ୍ୱର ବାଲିଅନ୍ତାରେ 30ft road, ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9114121344, 7978203723. D-74882

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

C.V. Raman ଛକରୁ 3 Km. ଦୂରରେ BIIT College backside 30 ft. Road ଥାଇ ପ୍ଲଟ୍ ମିଳୁଛି। 7978676652. D-74889




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75011

Newly open SPA positively health benefit with expert. Contact 7749976301. D-74554

Newly opened (one 8 SPA)/ (Salon service) with export therapist. 9938843929. D-75129

Newly open SPA positively health benefits with expert therapist. 9040286886. D-75130

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Relax, Refresh your Body, Mind at Saikrupa Spa with best therapies. 8984068077. D-0725

AFFIDAVIT

By virtue of an affidavit sworn before Notary Public, Bhubaneswar, dated 02.06.2023 I, Shubhranshu Sabat, At/ P.O.- Mahupadar, Via- Sheragada, Dist.- Ganjam, Odisha have changed my surname from Mahapatra to Sabat. Henceforth, I shall be known as Shubhranshu Sabat for all purposes. D-0837

I, Sri Prasanta Kumar Panda, S/o. Ramesh Chandra Panda, At- Plot No. 567/ 2325/ 2547, Kanan Vihar, Ph.-II, P.O.- Patia, P.S.- Chandrasekharpur, Bhubaneswar, Dist.- Khordha, Odisha, Pin- 751031 declare by this affidavit No.- 436480 dated 12.03.2020 that now onwards I shall be known as Prashant Panda for all future purpose. D-0845

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit sworn before the Notary Public, Bhubaneswar, dated 17.07.2023, I, Srijit Mishra, aged about 51 years, S/o- Late Gopinatha Mishra, resident of Flat No.A-041, Cosmopolis, Dumduma, PS: Khandagiri, Bhubaneswar, Dist.- Khurda, Odisha, declare that I have changed my name from Srijeet Misra to Srijit Mishra. Henceforth, I shall be known as Srijit Mishra for all purposes. D-0846

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦରେ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେ କରନ୍ତୁ।
BHIM UPI
ଦେୟ ପେ' ହେବାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ପ୍ରଥମ ପୁଣ୍ୟସ୍ମରଣ

୰ଇଂ. ପ୍ରସନ୍ନ କୁମାର ପଟ୍ଟନାୟକ
N-1, 286, IRC Village, Nayapalli, Bhubaneswar-751015
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆବିର୍ଭାବ– ୨୧।୦୧।୧୯୪୩
ତିରୋଧାନ– ୨୯।୦୭।୨୦୨୨
(ଶ୍ରାବଣମାସ ଶୁକ୍ଳପକ୍ଷ ପ୍ରତିପଦାତିଥି)
ଆଜି ବି ଲାଗୁନି ଆପଣ ଆରପାରିକୁ ଚାଲିଯାଇଛନ୍ତି ବୋଲି। ଆପଣଙ୍କର ଶୂନ୍ୟତା ଆମ ସମସ୍ତଙ୍କ ପାଇଁ ବେଦନାଦାୟକ ଓ ଅପୂରଣୀୟ। ତୁମର ସ୍ନେହ, ଶ୍ରଦ୍ଧା ଆମ୍ଭମାନଙ୍କ ପାଇଁ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ଦେବାଶିଷ, ଦେବସ୍ମିତା, ଆନନ୍ଦ, ଜିତ୍, ରିତ୍ ଓ ସାନିଆ।
ଧ-୦୮୩୮

୧୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ବସନ୍ତ କୁମାରୀ ଦେଇ
ତିରୋଧାନ- ଶ୍ରାବଣ ଶୁକ୍ଳପକ୍ଷ ପ୍ରତିପଦ
ସ୍ୱାମୀ- ୰ଗୋକୁଳାନନ୍ଦ ମହାନ୍ତି
ଗ୍ରାମ- ପରିୟାପାଟପୁର
ଡି-୭, ଗ୍ରୀନ୍ ପାର୍କ, ଭୁବନେଶ୍ୱର
ଆଜିର ଏହି ପୁଣ୍ୟ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଅଣନାତି ଓ ନାତୁଣୀ ମାନେ।
ଭୁବନେଶ୍ୱର-୯୪୩୭୦୧୦୦୮୮
ଧ-୭୪୫୪୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ

୰ଶରତ କୁମାର ମିଶ୍ର
ଜୟପୁର, ସାକ୍ଷୀଗୋପାଳ
ଆବିର୍ଭାବ: ୧୮।୦୪।୧୯୩୨
ତିରୋଧାନ: ୧୯।୦୭।୨୦୨୨
ଚାହୁଁ ଚାହୁଁ ବର୍ଷେ ପୂରିଗଲା। ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମର ତ୍ୟାଗ, ନିଷ୍ଠା, ସାଧୁତା ଏବଂ ସମସ୍ତଙ୍କ ପ୍ରତି ସ୍ନେହ ଶ୍ରଦ୍ଧାଭାବ ଆମ ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକାତୁର: ସ୍ତ୍ରୀ ଏବଂ ପରିବାରବର୍ଗ।
ଧ-୭୩୫୪୭

ଦଶାହ ଉପଲକ୍ଷେ

୰ପ୍ରଭାକର ମିଶ୍ର
ହାକିମପଡ଼ା, ଅନୁଗୋଳ
ଆବିର୍ଭାବ: ଭା. କୃ. ରେଖାପଞ୍ଚମୀ ୧୯୨୭
ତିରୋଧାନ: ଶ୍ରା. କୃ. ସପ୍ତମୀ ୨୦୨୩
ତୁମର ଆଦର୍ଶ, ତ୍ୟାଗ, ପରୋପକାରିତା, ମହନୀୟତା ଓ କର୍ତ୍ତବ୍ୟନିଷ୍ଠା ଆଦି ଆମମାନଙ୍କ ଜୀବନରେ ପାଥେୟ ହୋଇରହୁ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୦୮୭୪


# ଜୟଶଙ୍କରଙ୍କ ସମେତ ୧୧ ନେତା ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ

**ନୂଆଦିଲ୍ଲୀ, ୧୭।୭ :** ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ତୃଣମୂଳ କଂଗ୍ରେସ ନେତା ଡେରେକ୍ ଓ'ବ୍ରାଏନ୍‌ଙ୍କ ସମେତ ୧୧ ଜଣ ନେତା ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭାକୁ ନିର୍ବାଚିତ ହେବାକୁ ଯାଉଛନ୍ତି। ଶାସକ ଭାଜପା ଗୋଟିଏ ଆସନ ଅଧିକ ପାଇବା ସହ ରାଜ୍ୟ ସଭାରେ ଏହାର ଆସନ ସଂଖ୍ୟା ୯୩ ହେବାକୁ ଯାଉଛି। ଜୁଲାଇ ୨୪ରେ ରାଜ୍ୟ ସଭା ଭୋଟ ଥିବାବେଳେ ପଶ୍ଚିମବଙ୍ଗର ୬ ଆସନ, ଗୁଜରାଟର ୩ ଏବଂ ଗୋଆର ଗୋଟିଏ ଆସନ ପାଇଁ ଭୋଟ ହେବ ନାହିଁ। କାରଣ ଏହିସବୁ ଆସନରେ କେହି ବିରୋଧୀ ପ୍ରାର୍ଥୀ ନାହାନ୍ତି। ସୋମବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ଥିଲା। ତୃଣମୂଳ କଂଗ୍ରେସରୁ ୬ ଏବଂ ଭାଜପାରୁ ୫ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବାକୁ ଯାଉଛନ୍ତି। ଏହା ବ୍ୟତୀତ ପଶ୍ଚିମବଙ୍ଗର ଏକ ରାଜ୍ୟ ସଭା ଆସନ ପାଇଁ ଉପନିର୍ବାଚନ ହେଉଥିବାବେଳେ ଉକ୍ତ ଆସନ ମଧ୍ୟ ତୃଣମୂଳ ପ୍ରାର୍ଥୀ ଜିତିବାକୁ ଯାଉଛନ୍ତି। ଜୟଶଙ୍କର ଦ୍ୱିତୀୟ ଥର ପାଇଁ ରାଜ୍ୟ ସଭାକୁ ନିର୍ବାଚିତ ହେବେ। ତାଙ୍କ ବ୍ୟତୀତ ଗୁଜରାଟରୁ ଭାଜପାର ବାବୁଭାଇ ଦେଶାଇ, କେଶରିଦେବ ସିଂ ଝଲା, ପଶ୍ଚିମବଙ୍ଗରୁ ଅନନ୍ତ ମହାରାଜ ଏବଂ ଗୋଆରୁ ସଦାନନ୍ଦ ଶେଟ୍ ତାନାଭାଡେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ। ତୃଣମୂଳ କଂଗ୍ରେସରୁ ନିର୍ଦ୍ୱନ୍ଦ୍ୱରେ ଜିତୁଥିବା ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ଓ'ବ୍ରାଏନ, ସୁଖେନ୍ଦୁ ଶେଖର ରାୟ, ଡୋଲ ସେନ୍, ସାକେତ ଗୋଖଲେ, ସମିରୁଲ ଇସ୍‌ଲାମ ଏବଂ ପ୍ରକାଶ ବାରିକ।

# ବିଧାୟକଙ୍କୁ କନକବର୍ଦ୍ଧନଙ୍କ ଖୋଲା ଚ୍ୟାଲେଞ୍ଜ

-କ'ଣ କରିଛନ୍ତି କହିଦେଲେ ନିଶ କାଟି ଦେବି
-ଖୋଲା ମଞ୍ଚରେ କହିବାକୁ ଆହ୍ୱାନ

ବଲାଙ୍ଗୀର, ୧୭।୭ (ବୀରେନ୍ଦ୍ର କୁମାର ଝାଙ୍କର): ପାଟଣାଗଡ଼ର ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓଙ୍କ ଏକ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଏହା ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ତଥ୍ୟ ମୁତାବକ ଏକ ସଭାରେ କନକ ବର୍ଦ୍ଧନ ପାଟଣାଗଡ଼ ବିଧାୟକଙ୍କ ବିରୋଧରେ ଗର୍ଜୁଛନ୍ତି। ଯଦି ବିଧାୟକଙ୍କ ସତ୍‌ସାହସ ଅଛି ତେବେ ଜନସାଧାରଣଙ୍କ ସମ୍ମୁଖରେ ତାଙ୍କର ରିପୋର୍ଟ କାର୍ଡ ଦିଅନ୍ତୁ। ଭାଜପା କ'ଣ କରିଛି ତାର ରିପୋର୍ଟ କାର୍ଡ ଦିଆଯିବ। ଏଭଳିକି ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧନ କରି ସେ କହିଥିଲେ, ଏକ ଖୋଲାମଞ୍ଚର ଆୟୋଜନ କରନ୍ତୁ ସେଠାରେ ବିଧାୟକ ଆସି ଠିଆ ହୋଇଯିବା ପାଇଁ ଯଦି ରାଜି ହୋଇଯିବେ ତେବେ ସେ ତାଙ୍କର ଅଧାନିଶ କାଟି ବୁଲିବେ। ନଚେତ୍ ବିଧାୟକ ନାଣ୍ଡୁ ହୋଇ ବୁଲିବେ କି ବୋଲି ଖୋଲାଖୋଲି ଚ୍ୟାଲେଞ୍ଜ କରିଛନ୍ତି। କୌଣସି କାମ ନ କରି ଅନ୍ୟଲୋକଙ୍କ କାମକୁ ନିଜର କରି ଦେଖାଇବା ହେଉଛି ଏବର ପାଟଣାଗଡ଼ ବିଧାୟକଙ୍କ କାମ ବୋଲି ସେ କହୁଥିବା ଦେଖାଯାଇଛି। କନକବର୍ଦ୍ଧନଙ୍କ ଉକ୍ତ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଆଲୋଚନାର ବିଷୟ ପାଲଟିଛି। ମାତ୍ର ଏସମ୍ପର୍କରେ ପାଟଣାଗଡ଼ ବିଧାୟକ କିମ୍ବା ତାଙ୍କ ଦଳର କୌଣସି ବ୍ୟକ୍ତି କୌଣସି ପ୍ରତିକ୍ରିୟା ଦେଇ ନ ଥିବା ଜଣାପଡିଛି।

# ମନୁଷ୍ୟକୃତ ବନ୍ୟାର ସମାଧାନ ନ ହେଲେ ବିକ୍ଷୋଭ: ଭାଜପା

ଭୁବନେଶ୍ୱର, ୧୭।୭(ସୁନିତ୍ ମିଶ୍ର): ଗୋଟିଏ ପଟେ ରାଜ୍ୟର ଚାଷୀକୁଳ ବର୍ଷାକୁ ଅନାଇ ବସିଥିବାବେଳେ ଅନ୍ୟପଟେ ସାମାନ୍ୟ ବର୍ଷା ପାଣିରେ ରାଜ୍ୟବାସୀଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ମାତ୍ର କେଇ ଘଣ୍ଟା ବର୍ଷାରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମନୁଷ୍ୟକୃତ ବନ୍ୟା ବିପଦ ମାଡିଆସିଛି। ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଭୁବନେଶ୍ୱର, କଟକ ସମେତ ଅନ୍ୟାନ୍ୟ ସହରାଞ୍ଚଳ ବାସିନ୍ଦା ବର୍ତ୍ତମାନ ପାଣି ଘେରରେ ଅଛନ୍ତି। ନଦୀ ଶୁଖିଲା ପଡ଼ିଛି, କିନ୍ତୁ ମନୁଷ୍ୟକୃତ ବନ୍ୟାରେ ସମଗ୍ର ଓଡ଼ିଶା ବର୍ତ୍ତମାନ ଜଳମଗ୍ନ ହୋଇପଡ଼ିଛି। ବର୍ଷା ଦିନ ପୂର୍ବରୁ ପ୍ରଶାସନ ନଦୀବନ୍ଧର ସୁରକ୍ଷା ତଥା ସହରାଞ୍ଚଳର ପାଣି ନିଷ୍କାସନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରି ନ ଥିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଆଉ ଏଥିପାଇଁ ରାଜ୍ୟ ସରକାର ଦାୟୀ ବୋଲି ଭାଜପା ମୁଖପାତ୍ର ମନୋଜ ମହାପାତ୍ର ଦଳୀୟ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

# ଓଡ଼ିଶା ଏଫ୍‌ସିରେ ରୟ କ୍ରିଷ୍ଣା

**ଭୁବନେଶ୍ୱର, ୧୭।୭**
**(ବିଜୟ ରଣା)**



ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ସୁପରଷ୍ଟାର ରୟ କ୍ରିଷ୍ଣାଙ୍କ ସହ ବର୍ଷକିଆ ଚୁକ୍ତି କରିଥିବା ବିଷୟ ରବିବାର ଘୋଷଣା କରିଛି ଓଡ଼ିଶା ଏଫ୍‌ସି। ଫିଜିର ଏହି ଇଣ୍ଟରନ୍ୟାଶନାଲ ଷ୍ଟ୍ରାଇକର ଗତ ସିଜନରେ ଡୁରାଣ୍ଡ କପ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ। ତାଙ୍କ ନିକଟରେ ପ୍ରଚଣ୍ଡ ଦକ୍ଷତା ଓ ପ୍ରଚୁର ଅଭିଜ୍ଞତା ରହିଛି। ସେ ଆଇଏସ୍ଏଲ୍ ୨୦୨୨-୨୩ ଗୋଲ୍ଡେନ ବୁଟ୍ ବିଜେତା ଡିଏଗୋ ମରିସିଓଙ୍କ ସହିତ ଓଡ଼ିଶା ଏଫ୍‌ସି ଫ୍ରଣ୍ଟ ଲାଇନ୍ ସମ୍ଭାଳିବେ। ଫିଜିରୁ ଆସିଥିବା ରୟ କ୍ରିଷ୍ଣାଙ୍କର ବାଲ୍ୟକାଳରୁ ଖେଳ ପ୍ରତି ବଡ଼ ଝୁଙ୍କ ଥିଲା। ତାଙ୍କ ନିକଟରେ ଅସାଧାରଣ ଦକ୍ଷତା ରହିଥିବାରୁ ସେ ଶୀଘ୍ର ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଜଣେ ପ୍ରଫେସନାଲ ଖେଳାଳି ମଧ୍ୟ ପାଲଟି ଯାଇଥିଲେ। ୨୦୧୩ରେ ସେ ଅକ୍‌ଲାଣ୍ଡ ସିଟି ଏଫ୍‌ସିରେ ଯୋଗ ଦେଇଥିଲେ। ନ୍ୟୁଜିଲାଣ୍ଡର ଏହି କ୍ଲବ ସହ ଥିବା ବେଳେ ରୟ କ୍ରିଷ୍ଣା ସେମାନଙ୍କୁ ଓଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ରେ ଉଲ୍ଲେଖନୀୟ ସଫଳତା ଆଣି ଦେଇଥିଲେ। ସେ ଦଳକୁ ଏକାଧିକ ଟାଇଟଲ ଜିତାଇବାରେ ସହାୟକ ହୋଇଥିଲେ।

# ରାଧାରମଣ, ସନ୍‌ରାଇଜ୍ କ୍ଲବ ବିଜୟୀ

**ଭୁବନେଶ୍ୱର, ୧୭।୭**
**(ତପନ ସ୍ୱାଇଁ)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ର ୨ଟି ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଧାରମଣ ଓ ସନ୍‌ରାଇଜ୍ କ୍ଲବ ବିଜୟ ହାସଲ କରିଛି। ଦିବସର ପ୍ରଥମ ମ୍ୟାଚରେ ସନରାଇଜ୍ କ୍ଲବ ୫-୧ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଅଧିନାୟକ ସେଲୱିନ ଫ୍ରେଜର ମିରାଣ୍ଡା ୧୩ତମ ମିନିଟରେ ପ୍ରଥମ ଗୋଲ ଦେଇଥିଲେ। ୪୫+୨ ମିନିଟରେ ଫିଣ୍ଟୋ ଆଉ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷବେଳକୁ ଦଳକୁ ୨-୦ରେ ଅଗ୍ରଣୀ କରିଥିଲେ। ୫୧ତମ ମିନିଟରେ ରାଇଜିଂ ଷ୍ଟୁଡେଣ୍ଟର ଆନନ୍ଦ ଓରାମ ଗୋଟିଏ ଗୋଲ ପରିଶୋଧ କରି ମ୍ୟାଚରେ ଉଷ୍ମତା ଭରିଥିଲେ। ମାତ୍ର ସନ୍‌ରାଇଜର ସମୀର କେର୍କେଟା ୬୨, ୮୦ ଓ ୯୦+୩ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିବା ସହ ଦଳକୁ ବୃହତ୍ ବ୍ୟବଧାନରେ ବିଜୟୀ କରିଥିଲେ। ଦ୍ୱିତୀୟ ମ୍ୟାଚରେ ରାଧାରମଣ କ୍ଲବ ୧-୦ ଗୋଲରେ ବିଡ଼ାନାସୀ କ୍ଲବକୁ ପରାସ୍ତ କରିଛି। ରାଧାରମଣ ପକ୍ଷରୁ ତୋଫାନ ନାୟକ ୭୩ତମ ମିନିଟରେ ଏକମାତ୍ର ଗୋଲଟି ଦେଇଥିଲେ।



ସନରାଇଜ୍ ଓ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଶ୍ରୀଲଙ୍କାରେ ଯାଜପୁରର ଅୟେସଙ୍କ କମାଲ

**ଯାଜପୁର, ୧୭।୭**
**(ହର୍ଷବର୍ଦ୍ଧନ ବେହେରା)**

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ଦ୍ୱାରା ପରିଚାଳିତ କ୍ରିକେଟ ଏକାଡେମୀ 'କ୍ରିକ୍ କିଙ୍ଗଡ଼ମ' ପକ୍ଷରୁ ୧୭ବର୍ଷରୁ କମ୍ ଚମ୍ପିୟନ ଟ୍ରଫି ଖେଳିବା ପାଇଁ ଯାଜପୁରର ଅୟେସ ପତି ଶ୍ରୀଲଙ୍କା ଗସ୍ତରେ ଯାଇଛନ୍ତି। ସେଠାରେ ସୋମବାର କଲମ୍ବୋଠାରେ ଶ୍ରୀଲଙ୍କା ବିପକ୍ଷରେ ସେ ଦୁଇଟି ଟି୨୦ ମ୍ୟାଚ ଖେଳିଛନ୍ତି। ଏଥିରେ ଅୟେସ ପ୍ରଥମ ମ୍ୟାଚରେ ୧୮ ବଲରେ ୪ ଛକା ସହ ୪୧ ରନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ୩ ଓଭର ବୋଲିଂ କରି ୨୦ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିବା ସହ ବ୍ୟାଟିଂରେ ସେ ୧୮ ଟି ବଲ୍‌ରୁ ୩୦ରନ କରିଥିଲେ। ଉଭୟ ମ୍ୟାଚରେ ଅୟେସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆଇସିସି ମାନ୍ୟତାପ୍ରାପ୍ତ ହୋଇ ନ ଥିଲେ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ କୌଣସି ୧୭ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଦିନରେ ଦୁଇ ଥର ମ୍ୟାନ ଅଫ୍ ଦି ମ୍ୟାଚ ହେବା ଏକ ବିରଳ ଦୃଷ୍ଟାନ୍ତ। ଅୟେସ ହେଉଛନ୍ତି ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ନିୟୁମାର୍କେଟ ସ୍ଥିତ ଜେମ୍ସ ସ୍କୁଲର ପ୍ରତିଷ୍ଠାତା ତଥା ବରିଷ୍ଠ ଖବରଦାତା ଅଭୟ ପତି ଏବଂ ଆଡଭୋକେଟ ଅସ୍ମିତା ପତିଙ୍କ ବଡ଼ପୁଅ। ତାଙ୍କୁ ଏବେ ସମଗ୍ର ଜିଲାରୁ ଶୁଭେଚ୍ଛାର ବାର୍ତ୍ତା ମିଳିବାରେ ଲାଗିଛି। ତାଙ୍କର ଏହି ସଫଳତା ପାଇଁ ସେ କୋଚ୍ ଜାହିର ଶେଖଙ୍କୁ ଧନ୍ୟବାଦ ଦେଇଛନ୍ତି। ଅୟେସ ସେଠାରେ ଆଉ ତିନୋଟି ୫୦ ଓଭର ବିଶିଷ୍ଟ ଏବଂ ଚାରୋଟି ଟି୨୦ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି।



ପୁରସ୍କାର ଗ୍ରହଣ ଅବସରରେ ଅୟେସ ପତି।

# କିଲିମାଞ୍ଜାରୋ ଆରୋହଣ କରି ଫେରିଲେ ଅନିତା



ଭୁବନେଶ୍ୱର ଫେରିବା ପରେ ଅନିତା ସ୍ୱାଇଁଙ୍କୁ ସ୍ୱାଗତ କରାଯାଉଛି।

**ଭୁବନେଶ୍ୱର, ୧୭।୭**
**(ତପନ ସ୍ୱାଇଁ)**

ଓଡ଼ିଶାର ମହିଳା ପର୍ବତାରୋହୀ ଅନିତା ସ୍ୱାଇଁ ମାଉଣ୍ଟ କିଲିମାଞ୍ଜାରୋ ଆରୋହଣ କରି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଫ୍ରିକାର ସର୍ବୋଚ୍ଚ ଶୃଙ୍ଗ (୧୯,୩୪୧ ଫୁଟ)କୁ ସେ ଗତ ୧୩ ତାରିଖରେ ସଫଳତାର ସହ ଆରୋହଣ କରିଥିଲେ। ସୋମବାର ସେ ଭୁବନେଶ୍ୱର ଫେରିବା ପରେ ତାଙ୍କୁ ବିମାନବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ଅନିତାଙ୍କ ମେଣ୍ଟର ତଥା ଏଭରେଷ୍ଟ ଆରୋହୀ ଗଣେଶ ଜେନା, ଆସୋସିଏଶନ ଫର ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଏଏଏସ୍ଏ)ର ପରାମର୍ଶଦାତା ଅଶୋକ ମହାନ୍ତି, ଶକ୍ତିରଞ୍ଜନ ମହାନ୍ତି, ଶିବଶଙ୍କର ପଣ୍ଡା, ଚିନ୍ମୟ ମହାରଣା, ଦେବୀଦତ୍ତ ସାମନ୍ତରାୟ, ଭିଭାରାଣୀ ପାତ୍ର, ସଞ୍ଜୀବ ମଙ୍ଗରାଜ, ରଞ୍ଜିତା ବେହେରା ଏବଂ ତାଙ୍କ ପରିବାର ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ଅନିତା ପୂର୍ବରୁ ମାଉଣ୍ଟ ଫ୍ରେଣ୍ଡଶିପ୍ (ହିମାଚଳ ପ୍ରଦେଶ), ରୁଦୁଗେରା (ଉତ୍ତରାଖଣ୍ଡ), ଶେତିଦତିଆର (ହିମାଚଳ ପ୍ରଦେଶ) ଓ ମାଉଣ୍ଟ ରେନକ (ସିକିମ) ଆରୋହଣ କରିଥିଲେ। ବିଦେଶରେ ଏହା ଥିଲା ତାଙ୍କର ପ୍ରଥମ ପର୍ବତାରୋହଣ।

# ସେମିରେ ଭାରତ 'ଏ'

**ଏସିସି ଏମର୍ଜିଂ କପ୍**

**କଲମ୍ବୋ, ୧୭।୭ (ପି.ଟି.)**

ଏସିସି (ଏସିଆନ କ୍ରିକେଟ କାଉନ୍‌ସିଲ) ପୁରୁଷ ଏମର୍ଜିଂ କପ୍‌ରେ ସାଇ ସୁଦର୍ଶନ ଓ ଅଭିଷେକ ଶର୍ମାଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଭାରତ 'ଏ' ୯ ଉଇକେଟରେ ନେପାଳକୁ ପରାସ୍ତ କରିଛି। ଏଥି ସହିତ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ୩୯.୨ ଓଭରରେ ୧୬୭ ରନ କରି ଅଲଆଉଟ ହୋଇଯାଇଥିଲା। ଭାରତ ତରଫରୁ ନିଶାନ୍ତ ସିନ୍ଧୁ (୪/୧୪), ରାଜବର୍ଦ୍ଧନ ହାଙ୍ଗରଗେକର (୩/୨୫), ହର୍ଷିତ ରାଣା ଓ ମାନବ ସୁତାର (୧/୩୧) ନିୟମିତ ଭାବେ ଉଇକେଟ ପତନ ଘଟାଇଥିଲେ। ସ୍ଥାନୀୟ ଆର୍. ପ୍ରେମାଦାସା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ନେପାଳ ପକ୍ଷରୁ ଟପ୍ ସ୍କୋର ଅଧିନାୟକ ରୋହିତ ପାଉଡେଲ୍ ୮୫ ବଲ୍‌ରୁ ୬୫ ରନ କରିଥିଲେ। ଗୁଲସନ ଝା ୩୦ ବଲ୍‌ରୁ ୩୮ରନ କରିଥିଲେ। ରନ୍ ଚେଜ୍ ବେଳେ ଭାରତର ଆରମ୍ଭ ଜୋର୍‌ଦାର ଥିଲା। ଅଭିଷେକ (୬୯ବଲ୍‌ରୁ ୮୭ରନ) ଓ ସୁଦର୍ଶନ (୫୨ ବଲ୍‌ରୁ ୫୮) ଓପନିଂ ଯୋଡ଼ିରେ ୧୯ ଓଭରରେ ୧୩୯ ରନ ଯୋଗ କରିଥିଲେ। ପାଉଡେଲଙ୍କ ଦ୍ୱାରା ଶର୍ମା ଆଉଟ ହେବାପରେ ଧ୍ରୁବ ଜୁରେଲ ବ୍ୟାଟିଂରେ ଯୋଗ ଦେଇଥିଲେ। ସେ ୧୨ ବଲ୍‌ରୁ ୨୧ ରନ କରିଥିଲେ। ଏଥିରେ ତାଙ୍କର ଦୁଇଟି ଛକା ଓ ଗୋଟିଏ ଚୌକା ସାମିଲ ଥିଲା।

# ଟପ୍-୧୦ରେ ଭୋନ୍ଦ୍ରୋସୋଭା

**ୱିମ୍ବଲଡନ, ୧୭।୭ (ଏ.ପି.):** ୱିମ୍ବଲଡନ ଫାଇନାଲରେ ନୋଭାକ୍ ଜୋକୋଭିଚ୍‌ଙ୍କୁ ହରାଇବା ଦ୍ୱାରା କାର୍ଲୋସ ଅଲ୍‌କାରାଜ ଏଟିପି ର୍ୟାଙ୍କିଙ୍ଗ୍‌ରେ ନମ୍ବର ୱାନ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ ମାର୍କେଟା ଭୋନ୍ଦ୍ରୋସୋଭା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବା ଦ୍ୱାରା ଡବ୍ଲ୍ୟୁଟିଏ ତାଲିକାରେ କ୍ୟାରିୟର ଶ୍ରେଷ୍ଠ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ଓନ୍ସ ଜାବେରଙ୍କୁ ପରାସ୍ତ କରିବା ଦ୍ୱାରା ଚେକ୍ ରିପବ୍ଲିକର ଏହି ୨୪ ବର୍ଷୀୟା ଖେଳାଳି ୪୨ତମ ସ୍ଥାନରୁ ୩୨ ସ୍ଥାନ ଉପରକୁ ଉଠି ପାରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ସେ ସବୁଠାରୁ ନିମ୍ନ ର୍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ଥାଇ ପ୍ରମୁଖ ଗ୍ରାସକୋର୍ଟରେ ମହିଳା ଚାମ୍ପିୟନ ହୋଇପାରିଥିଲେ।

DSPL-151

ODISHA INDIA'S BEST KEPT SECRET
AM/NS INDIA
ODISHA / AM/NS INDIA GYMNASTICS HIGH PERFORMANCE CENTRE

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା
ଜିମ୍ନାଷ୍ଟିକ୍ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରର
ଶୁଭ ଉଦ୍‌ଘାଟନ
୧୮ ଜୁଲାଇ, ୨୦୨୩
କଳିଙ୍ଗ ଷ୍ଟାଡିୟମ୍, ଭୁବନେଶ୍ୱର



"କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ
ଭବିଷ୍ୟତ ପାଇଁ ବଡ଼ ଶକ୍ତି"






ଜିମ୍ନାଷ୍ଟିକ୍ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର

"କ୍ରୀଡ଼ା ଦୃଶ୍ୟପଟର ରୂପାନ୍ତରଣ, କ୍ରୀଡ଼ାବିତଙ୍କ ସଶକ୍ତିକରଣ"

OIPR-29001/13/0049/2324

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୮/୨୦୨୩ Bhubaneswar, Tuesday, July 18/ 2023

# ଭାରତୀୟ କୁସ୍ତି ମହାସଂଘ ନିର୍ବାଚନ ପୁଣି ଘୁଞ୍ଚିଲା

**ଗୁଆହାଟୀ, ୧୭।୭ (ପି.ଟି.)**

ଗୁଆହାଟୀ ହାଇକୋର୍ଟ ଆସାମ ରେସ୍‌ଲିଂ ଆସୋସିଏଶନ (ଏଡବ୍ଲ୍ୟୁଏ) ଦ୍ୱାରା ଦାଖଲ ପିଟିଶନର ପରବର୍ତ୍ତୀ ଶୁଣାଣି ପାଇଁ ଜୁଲାଇ ୨୮ ତାରିଖ ଧାର୍ଯ୍ୟ କରିଛନ୍ତି। ଫଳରେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ନିର୍ବାଚନରେ ପୁଣି ବିଳମ୍ୱ ଘଟିଛି। ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ଜୁଲାଇ ୧୧ରେ କରିବା ଲାଗି ସ୍ଥିର ହୋଇଥିଲା। ମାତ୍ର ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣରୁ ବଞ୍ଚିତ ହୋଇଥିବା ଆସାମ ରେସ୍‌ଲିଂ ଆସୋସିଏଶନ ଏକ ପିଟିଶନ ଦାଖଲ କରିବା ପରେ ଗୁଆହାଟୀ ହାଇକୋର୍ଟ ନିର୍ବାଚନ ଉପରେ ରହିତାଦେଶ ଜାରି କରିଥିଲେ। ସୂଚନାଯୋଗ୍ୟ, ଡବ୍ଲ୍ୟୁଏଫ୍‌ଆଇର ସ୍ୱୀକୃତିପ୍ରାପ୍ତ ସଦସ୍ୟଙ୍କୁ ଭୋଟିଂ ଅଧିକାର ରହିଛି। ୨୦୧୪ ନଭେମ୍ବର ୧୫ରେ କାର୍ଯ୍ୟନିର୍ବାହୀ କମିଟିର ସୁପାରିସ ସତ୍ତ୍ୱେ ଜାତୀୟ ମହାସଂଘ ତାହାକୁ ଗ୍ରହଣ କରୁନାହିଁ। ଏଡବ୍ଲ୍ୟୁଏ ଆଡଭୋକେଟ ଦେବଜିତ ସାଇକିଆ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୮ରେ ହେବ ବୋଲି ସୂଚନା ଦେଇଛନ୍ତି। ସୋମବାର ଡବ୍ଲ୍ୟୁଏଫ୍‌ଆଇ (ଆଡହକ୍ କମିଟି) ଓକିଲ କୋର୍ଟରେ ହାଜର ହୋଇ ନ ଥିଲେ। କ୍ରୀଡ଼ା ମନ୍ତ୍ରଣାଳୟ ପ୍ରତିନିଧି କିନ୍ତୁ ଉପସ୍ଥିତ ଥିଲେ। ସତ୍ୟପାଠ ଦାଖଲ କରିବା ଲାଗି ସେ ଏକ ସପ୍ତାହ ସମୟ ମାଗିଥିଲେ। କୋର୍ଟ ତାଙ୍କୁ ଜୁଲାଇ ୨୬ ସୁଦ୍ଧା ସତ୍ୟପାଠ ଦାଖଲ କାରିବା ଲାଗି କହିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଜୁଲାଇ ୨୮ ତାରିଖ ଧାର୍ଯ୍ୟ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଷ୍ଟିମାକ୍

## ଏସିଆନ ଗେମ୍ସରେ ଫୁଟ୍‌ବଲ ଦଳର ଅଂଶଗ୍ରହଣ ପ୍ରସଙ୍ଗ

**ନୂଆଦିଲ୍ଲୀ, ୧୭।୭ (ପି.ଟି.)**

ଆଗାମୀ ଏସିଆନ ଗେମ୍ସରେ ଭାରତୀୟ ଫୁଟ୍‌ବଲ ଦଳର ଅଂଶଗ୍ରହଣ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡିଛନ୍ତି ଭାରତ ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ୍। ଚାଇନାର ହାଙ୍ଗ୍‌ଝୋଠାରେ ଏସିଆନ ଗେମ୍ସ ସେପ୍ଟେମ୍ବର ୨୩ରୁ ହେବ। ଷ୍ଟିମାକ୍‌ଙ୍କ ତତ୍ତ୍ୱାବଧାନରେ ଏକ ୨୩ ବର୍ଷରୁ କମ୍ ଦଳକୁ ପଠେଇବା ଲାଗି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଯୋଜନା କରିଥିଲା। କିନ୍ତୁ ଏସିଆର ଶ୍ରେଷ୍ଠ ୮ ଦଳ ମଧ୍ୟରେ ରହ ିନ ଥିବାରୁ ଭାରତୀୟ ଦଳ କ୍ରୀଡ଼ା ମନ୍ତ୍ରଣାଳୟର ମାନଦଣ୍ଡ ପୂରଣ କରିପାରି ନ ଥିଲା। ସୋସିଆଲ ମିଡିଆରେ ଷ୍ଟିମାକ୍ ତାଙ୍କର ଏକ ଲମ୍ୱା ପୋଷ୍ଟରେ ଲେଖିଛନ୍ତି, ବର୍ତ୍ତମାନ ପରିପ୍ରେକ୍ଷୀରେ ସେ ୨୦୧୭ର ୧୭ ବର୍ଷରୁ କମ୍ ଦଳର ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛନ୍ତି। ଏହି ଦଳ ୨୩ ବର୍ଷରୁ କମ୍ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଖୁବ୍ ଭଲ ପ୍ରଦର୍ଶନ କରିଥିଲା। ଏହା ଏକ ଦକ୍ଷ ଦଳ ହୋଇଥିଲେ ମଧ୍ୟ ବର୍ତ୍ତମାନ ଏସିଆନ ଗେମ୍ସରେ ଅଂଶଗ୍ରହଣରୁ ବଞ୍ଚିତ ହେବାକୁ ଯାଉଛି। ମୋଦିଙ୍କ ବ୍ୟତୀତ ଷ୍ଟିମାକ୍ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ମଧ୍ୟ ନିବେଦନ କରିଛନ୍ତି। ଏସିଆନ ଗେମ୍ସରେ ଭାଗ ନେବା ଲାଗି ଭାରତୀୟ ଦଳ ପ୍ରକୃତରେ ହକ୍‌ଦାର। ଦଳ ନ ପଠାଇବା ଲାଗି ଯେଉଁ କାରଣ ଦର୍ଶାଯାଇଛି ତାହା ଯଥାର୍ଥ ନୁହେଁ ବୋଲି ସେ କହିଛନ୍ତି।












4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ